# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, October 24/2025 Page 14 | ₹ 7.00 | SAMBALPUR

୫୧ଶ ଭାଗ ୩୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 327 | ମୂଲ୍ୟ ₹୭/-




## ପ୍ରତୀକାଙ୍କ ଆକର୍ଷଣୀୟ ଶତକ

ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଏକ ଆକର୍ଷଣୀୟ ଶତକ ହାସଲ କରିଛନ୍ତି ଭାରତର ପ୍ରତୀକା ରାୱଲ।

୧୪

୦୨

## ତେଜସ୍ୱୀ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ଚେହେରା

ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ ଆର୍‌ଜେଡି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିଛି।





କୋରାପୁଟ-କିରାଣ୍ଡୁଲ ରେଲୱେ ଲାଇନ୍ ମାଲିଗୁଡ଼ା ଓ ଜରଟି ଷ୍ଟେଶନ ମଧ୍ୟରେ ପାହାଡ଼ରୁ ପଥର ଖସି ଟ୍ରାକ୍‌ରେ ପଡ଼ିଛି। **(ଫଟୋ: ଅମିତାଭ ବେହେରା) (ରିପୋର୍ଟ: ପୃଷ୍ଠା-୩)**

# ରୁଷୀୟ ତୈଳ ଉପରେ ଟ୍ରମ୍ପ୍ କଟକଣା

# କ୍ରୁଡ୍ ୫%ରୁ ଅଧିକ ମହଙ୍ଗା



**ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷିଆ ଉପରେ ଚାପ ସୃଷ୍ଟି ଉଦ୍ୟମ ଜାରି ରଖିଛନ୍ତି। ହଙ୍ଗେରିର ବୁଦାପେଷ୍ଟରେ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ସହ ହେବାକୁ ଥିବା ଶାନ୍ତି ଆଲୋଚନା ସ୍ଥଗିତ ହେବା ପରେ ଟ୍ରମ୍ପ୍ ପୁଣି ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରୁଷିଆର ୨ଟି ବଡ଼ ତୈଳ କମ୍ପାନୀ ଉପରେ କଟକଣା ଜାରି କରିଛନ୍ତି। ତାଙ୍କ ଏହି ପଦକ୍ଷେପ ପରେ ଭାରତ ରୁଷିଆଠାରୁ କିଣୁଥିବା ତୈଳ ପରିମାଣ ହ୍ରାସ କରିବା ନେଇ ବିଚାର କରିପାରେ। ଆସନ୍ତା ଡିସେମ୍ବର ସୁଦ୍ଧା ଭାରତ ରୁଷୀୟ ତୈଳ ଆମଦାନୀକୁ ଏକପ୍ରକାର ବନ୍ଦ କରିଦେବ ବୋଲି ଟ୍ରମ୍ପ୍ ଗୁରୁବାର ଆଶାବ୍ୟକ୍ତ କରିଛନ୍ତି। ଏହି ପୃଷ୍ଠଭୂମିରେ ଭୂରାଜନୈତିକ ଅସ୍ଥିରତା ସୃଷ୍ଟି ସାଙ୍ଗକୁ ତୈଳ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କା ଉପୁଜିଛି। ଫଳରେ ବୈଶ୍ୱିକ ତୈଳ ବଜାରରେ କ୍ରୁଡ୍ ମୂଲ୍ୟ ଆକାଶଛୁଆଁ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୫%ରୁ ଅଧିକ ମହଙ୍ଗା ହୋଇଛି। ଏହି କାରଣରୁ ପରିବହନ ଖର୍ଚ୍ଚ ମଧ୍ୟ ବଢ଼ିବ, ଯାହାର ସିଧା ପ୍ରଭାବ ଦରଦାମ୍ ଉପରେ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ୱାଶିଂଟନ୍/ମସ୍କୋ/ନୂଆଦିଲ୍ଲୀ,୨୩।୧୦ (ରଏଟର୍ସ/ଏଏଫ୍‌ପି/ବ୍ଲୁମ୍‌ବର୍ଗ)

ଆର୍ଥିକ ଦୃଷ୍ଟିରୁ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ନିକଟରେ ବିଶ୍ୱ ଅର୍ଥନୀତି ଓ ବଜାରକୁ ପ୍ରଭାବିତ କରିବା ସାମର୍ଥ୍ୟ ରହିଛି, ଯାହାକି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ଘୋଷଣା ପୁଣି ପ୍ରମାଣିତ କରିଛି। ରୁଷିଆ ତୈଳ ବିକ୍ରିକରି ପାଉଥିବା ଲାଭକୁ ଟ୍ରମ୍ପ୍ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ବୋଲି ବିବେଚନା କରନ୍ତି। ଏଥିଯୋଗୁ ସେ ଭାରତ ଓ ଚାଇନା ଉପରେ ରୁଷୀୟ ତୈଳ ଆମଦାନୀ ନ କରିବାକୁ ଚାପ ପକାଇଆସୁଛନ୍ତି। ଏହା ସତ୍ତ୍ୱେ ଚାଇନା ଓ ଭାରତ ରୁଷୀୟ ତୈଳର ଦୁଇ ବୃହତ୍ କ୍ରେତା ରହିଆସିଛନ୍ତି। ଦୀପାବଳି ଶୁଭେଚ୍ଛା ଜଣାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟ୍ରମ୍ପ୍ ଫୋନ୍ କରିବା ସହ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ଉପରେ ମଧ୍ୟ କଥା ହୋଇଥିବା ବୁଧବାର କହିଥିଲେ। ଏପରି କି ଭାରତ ରୁଷିଆଠାରୁ ଆଗକୁ ତୈଳ କିଣିବ ନାହିଁ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ୍ କହିଛନ୍ତି, ପୁଟିନ୍‌ଙ୍କ ସହ ୟୁକ୍ରେନ୍ ଶାନ୍ତି ଆଲୋଚନା ହେବାକୁ ଯାଉନାହିଁ। ତେଣୁ ରୁଷିଆର ୨ ବୃହତ୍ ତୈଳ କମ୍ପାନୀ ରୋସ୍‌ନେଫ୍ଟ ଓ ଲୁକୋଇଲ୍ ଉପରେ କଟକଣା ଜାରି କରାଯାଉଛି। ବିଶ୍ୱ ବଜାରରେ ୫%ରୁ ଊର୍ଦ୍ଧ୍ୱ ତୈଳ ଚାହିଦା ମେଣ୍ଟାଉଥିବା ଏହି ୨ ଅଏଲ୍ ଜାଏଣ୍ଟର ଯୋଗାଣ ଉପରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ୟୁକ୍ରେନ୍ ଯୁଦ୍ଧ ବନ୍ଦ ଲାଗି ଚାପ ସୃଷ୍ଟି ପାଇଁ ଆମେରିକା ସମେତ ୟୁରୋପୀୟ ସଂଘ (ଇୟୁ)ର କେତେକ ସଦସ୍ୟ ରାଷ୍ଟ୍ର ପକ୍ଷରୁ ଅଙ୍କୁଶ ଲଗାଯିବା ପରେ ଅଏଲ୍ ପ୍ରାଇସ୍‌ରେ ଅହେତୁକ ବୃଦ୍ଧି ଘଟିଛି। ଇଣ୍ଟରନ୍ୟାଶନାଲ ବେଞ୍ଚମାର୍କ କଣ୍ଟ୍ରାକ୍ଟ ବ୍ରେଣ୍ଟ ନର୍ଥ ସି କ୍ରୁଡ୍ ମୂଲ୍ୟ ୫.୪% ବଢ଼ିଥିବାବେଳେ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ ୫.୬% ମହଙ୍ଗା ହୋଇଛି। କ୍ରୁଡ୍ ବଜାରରେ ସ୍ପଟ୍ ପ୍ରିମିୟମ୍ ବଡ଼ ଲମ୍ଫ ମାରିଛି। ବ୍ରେଣ୍ଟ ଫ୍ୟୁଚର୍ସ ମଧ୍ୟ ୪-୫% ପର୍ଯ୍ୟନ୍ତ ବଢ଼ିଛି।

ଏହି ନୂଆ କଟକଣାର ବାସ୍ତବ ପ୍ରଭାବ ଆଗକୁ ଆହୁରି ଅନୁଭୂତ ହେବ ବୋଲି ଗ୍ଲୋବାଲ ରିସ୍କ ମ୍ୟାନେଜମେଣ୍ଟ ବିଶ୍ଳେଷକ ଆର୍ନେ ଲୋହମାନ୍ କହିଛନ୍ତି। ଅନ୍ୟପକ୍ଷେ ରୁଷିଆର ବହିର୍ବ୍ୟାପାର ମନ୍ତ୍ରଣାଳୟ ୟୁକ୍ରେନ୍ ଯୁଦ୍ଧ ବନ୍ଦ ସକାଶେ ଚାଲିଥିବା କୂଟନୈତିକ ଉଦ୍ୟମ ପାଇଁ ଆମେରିକୀୟ ଓ ୟୁରୋପୀୟ କଟକଣାକୁ ଏକ ଝଟକା ରୂପେ ଅଭିହିତ କରିଛି। ☞ପୃଷ୍ଠା-୪

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହୋଇପାରନ୍ତି ପରବର୍ତ୍ତୀ ସିଜେଆଇ



ନୂଆଦିଲ୍ଲୀ,୨୩।୧୦(ପି.ଟି.)

ବର୍ତ୍ତମାନ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଥିବା ଜଷ୍ଟିସ୍ ବି.ଆର୍. ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି। ତେଣୁ ପରବର୍ତ୍ତୀ ସିଜେଆଇ ନିଯୁକ୍ତି ନିମନ୍ତେ ସରକାର ଗୁରୁବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜଷ୍ଟିସ୍ ଗବଇଙ୍କୁ ତାଙ୍କ ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବା ଲାଗି ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଶିଁ'ଙ୍କ ଭୟ


# ଓଡ଼ିଶାରେ ୧ଲକ୍ଷ କୋଟି ନିବେଶ କରିବ ବେଦାନ୍ତ

ଭୁବନେଶ୍ୱର,୨୩।୧୦ (ଅନୁରାଧା ମହାରଣା/ସୁନିତ୍ ମିଶ୍ର)

- **ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶାରେ ଜମି ଅଛି, ଲୋକଙ୍କ ସମର୍ଥନ ଦରକାର: ଅଗ୍ରୱାଲ**
- **ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପୁଞ୍ଜିନିବେଶ ଗେମ୍ ଚେଞ୍ଜର ହେବ: ମୁଖ୍ୟମନ୍ତ୍ରୀ**

ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ରାଜ୍ୟ ସରକାର ମଧ୍ୟ ଏହି ନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ଏଥିପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଢେଙ୍କାନାଳରେ ୧ ଲକ୍ଷ କୋଟି ଟଙ୍କା ବେଦାନ୍ତ ପକ୍ଷରୁ ନିବେଶ କରାଯିବ। ୩୦ ଲକ୍ଷ ଟନ୍‌ର ଆଲୁମିନିୟମ ପ୍ଲାଣ୍ଟ ବେଦାନ୍ତ ପକ୍ଷରୁ କରାଯିବ। ଜମି ମିଳିଲେ ୩ରୁ ୪ ମାସ ମଧ୍ୟରେ କାମ ଆରମ୍ଭ ହେବ। ମାସକ ଭିତରେ ମୁଖ୍ୟମନ୍ତ୍ରୀ ଜମି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ୩ରୁ ସାଢେ ୩ ବର୍ଷ ସମୟ ଲାଗିବ। ଏହାଦ୍ୱାରା ୩୦ରୁ ୪୦ ହଜାର ଲୋକ କାମ ପାଇବେ ବୋଲି ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି।

ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଦୀର୍ଘଦିନରୁ ଚର୍ଚ୍ଚାରେ ରହି ଆସିଥିବା ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଥା ଦୋହରାଇ ଅଗ୍ରୱାଲ କହିଛନ୍ତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସବୁ ରାଜ୍ୟ ତାଙ୍କ ପଛରେ ପଡ଼ିଛନ୍ତି। ହେଲେ ତାଙ୍କ ହୃଦୟରେ ଓଡ଼ିଶା ରହିଛି। ଦେଶର ୭ ଲକ୍ଷ ଛାତ୍ରୀଛାତ୍ର ବିଦେଶରେ ପଢୁଛନ୍ତି। ଜମି ଓଡ଼ିଶାରେ ଅଛି, ଏଥିଲାଗି ରାଜ୍ୟବାସୀଙ୍କ ସମର୍ଥନ ଦରକାର। ବିଶ୍ୱବିଦ୍ୟାଳୟ ପୁରୀରେ ହେବ କି କେଉଁଠି ହେବ ତାହା ଓଡ଼ିଶା ଲୋକଙ୍କ ଜନମତ ନେବା ପରେ ସ୍ପଷ୍ଟହେବ ବୋଲି ଅଗ୍ରୱାଲ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବିଶ୍ୱର ମେଟାଲ ଭାଲ୍ୟୁ ଚେନ୍‌ରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ ଏକ ଅତ୍ୟାଧୁନିକ ଫେରୋ ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଥିରେ ବେଦାନ୍ତ ପକ୍ଷରୁ ୨ ହଜାର କୋଟି ଟଙ୍କା ବିନିଯୋଗ ହେବ। ବେଦାନ୍ତ ପକ୍ଷରୁ ଓଡ଼ିଶାରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡ଼ାରେ ଥିବା ଏହାର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ ସେଠାରେ ମଧ୍ୟ ଆଉ ଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା ହେବ। ଏହି ୨ଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ ହେବ। ଏହା ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର ହୋଇପାରିବ। ଏହାଦ୍ୱାରା ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ଆସିବ ଏବଂ ଏମ୍ଏସ୍ଏମ୍ଇ ଶିଳ୍ପରେ ବିପୁଳ ଅଭିବୃଦ୍ଧି ହୋଇପାରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ। ଭିତ୍ତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନୀର ପୁଞ୍ଜି ବିନିଯୋଗ ଜରିଆରେ ଓଡ଼ିଶା ସରକାର ଏହି ☞ପୃଷ୍ଠା-୪

# ନକଲି ନିଯୁକ୍ତି ର୍‍ୟାକେଟ୍‌ର ପର୍ଦ୍ଦାଫାଶ, ୨ ଗିରଫ



### ୬୨ ଲକ୍ଷ ଟଙ୍କା ଜବତ

**୧୮ ଶହ ଆଶାୟୀଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଠକେଇ**

ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶାରେ ଏକ ବଡ଼ ଧରଣର ନକଲି ନିଯୁକ୍ତି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ସମ୍ବଲପୁର ଜିଲା ପୋଲିସ। ସମ୍ବଲପୁର ସହ ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ମିଛ ନିଯୁକ୍ତି ନାମରେ ପ୍ରାୟ ୧୮ ଶହ ଆଶାୟୀଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣେ ମହିଳାଙ୍କ ସହ ୨ଜଣଙ୍କୁ ଗିରଫ କରିଛି ବୁର୍ଲା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର ଅଞ୍ଚଳର ରାହୁଲ ଓରଫ ସମ୍ରାଟ ରାୟ(୩୨) ଓ ବୁର୍ଲା ଥାନା ଅନ୍ତର୍ଗତ ସାତୁପାଲି ଗ୍ରାମର ପଦ୍ମାବତୀ ଓରଫ ପଦ୍ମାଳୟା ତାଣ୍ଡି(୩୪)। ସେମାନଙ୍କ ନିକଟରୁ ନଗଦ ୬୨ଲକ୍ଷ ୧ ହଜାର ଟଙ୍କା, ୨ଟି ମୋବାଇଲ ☞ପୃଷ୍ଠା-୪

# କାର୍ବାଇଡ୍ ବନ୍ଧୁକ ବିସ୍ଫୋରଣ: ୧୫୦ ଆହତ

ଭୋପାଳ,୨୩।୧୦

### ଭୋପାଳରେ ଦୀପାବଳି ଅଘଟଣ



ଅନେକେ ଦୃଷ୍ଟିଶକ୍ତି ହରାଇଲେ

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଦୀପାବଳି ପାଳନ ସମୟରେ ବିପଜ୍ଜନକ କ୍ୟାଲସିୟମ କାର୍ବାଇଡ୍ ଗନ୍‌ର ବ୍ୟବହାରରେ ୧୫୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ରୁ ଅଧିକ ବ୍ୟକ୍ତି ସମ୍ପ୍ରତି ଭୋପାଳର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ୮ରୁ ୧୪ ବର୍ଷର ପିଲା ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ ନିଜର ଦୃଷ୍ଟିଶକ୍ତି ମଧ୍ୟ ହରାଇଛନ୍ତି।

ଚଳିତ ବର୍ଷ ଦୀପାବଳିରେ କ୍ୟାଲସିୟମ କାର୍ବାଇଡ, ପ୍ଲାଷ୍ଟିକ୍ ପାଇପ୍ ଏବଂ ଗ୍ୟାସ୍ ଲାଇଟରରୁ ତିଆରି ଦେଶୀ ବନ୍ଧୁକକୁ ଭୋପାଳର ଲୋକମାନେ ଖୁବ୍ ବ୍ୟବହାର କରିଥିଲେ। ଦୀପାବଳିରେ କାର୍ବାଇଡ୍ ପାଇପ୍ ଗନ୍‌କୁ ବ୍ୟବହାରକରି ଆହତ ହୋଇଥିବା ୬୦ ଜଣ ସମ୍ପ୍ରତି ଭୋପାଳର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଗୁରୁବାର ଭୋପାଳର ମୁଖ୍ୟ ଚିକିତ୍ସା ସ୍ୱାସ୍ଥ୍ୟ ଅଧିକାରୀ (ସିଏମ୍ଏଚ୍ଓ) ମନୀଷ ଶର୍ମା ସୂଚନା ଦେଇଛନ୍ତି। ତେବେ ସେଥିମଧ୍ୟରୁ ଅଧିକାଂଶ ମାମଲାରେ ଜୀବନ ପ୍ରତି କୌଣସି ବିପଦ ନାହିଁ। ଆହତଙ୍କ ମଧ୍ୟରୁ ଅନେକଙ୍କ ଆଖି ଗୁରୁତର କ୍ଷତିଗ୍ରସ୍ତ ହୋଇଛି ଏବଂ ସେମାନେ ଦୃଷ୍ଟିଶକ୍ତି ହରାଇଛନ୍ତି। ସେହିପରି ଆଉ କେତେକଙ୍କର ମୁହଁ ମଧ୍ୟ ପୋଡ଼ିଯାଇଛି ବୋଲି ମନୀଷ କହିଛନ୍ତି। ଚଳିତ ଦୀପାବଳିରେ କ୍ୟାଲସିୟମ ☞ପୃଷ୍ଠା-୪




## ୭୯,୦୦୦ କୋଟିର ପ୍ରତିରକ୍ଷା ସରଞ୍ଜାମ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ସୈନ୍ୟବାହିନୀର ଆକ୍ରମଣ କ୍ଷମତା ବୃଦ୍ଧି ପାଇଁ ନାଗ୍ ମିଶାଇଲ୍, ଆମ୍ଫିବିଅସ୍ ଯୁଦ୍ଧଜାହାଜ, ଇଲେକ୍ଟ୍ରୋନିକ୍ ଇଣ୍ଟେଲିଜେନ୍ସ ଏବଂ ସର୍ଭିଲାନ୍ସ ସିଷ୍ଟମ୍ ସମେତ ୭୯,୦୦୦ କୋଟି ଟଙ୍କା ମୂଲ୍ୟର ଯୁଦ୍ଧାସ୍ତ୍ର ଏବଂ ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁବର ମଞ୍ଜୁରୀ ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୟୁଜିଶନ କାଉନ୍ସିଲ୍ ବୈଠକ ବସି ଉପରୋକ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଅପରେଶନ ସିନ୍ଦୂର ପରେ ଏହା ଦ୍ୱିତୀୟ ବୃହତ୍ ପ୍ରତିରକ୍ଷା କ୍ରୟ ନିଷ୍ପତ୍ତି। ଗତ ଅଗଷ୍ଟ ୫ରେ ୬୭,୦୦୦ କୋଟି ଟଙ୍କାର ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ନୌସେନା ପାଇଁ କିଣାଯିବାକୁ ଥିବା ସାମଗ୍ରୀ ମଧ୍ୟରେ ଲ୍ୟାଣ୍ଡିଂ ପ୍ଲାଟ୍‌ଫର୍ମ ଡକ୍ (ଏଲ୍‌ପିଡି), ୩୦ଏମ୍‌ଏମ୍ ନାଭାଲ ସର୍ଫେସ୍ ଗନ୍, ଅତ୍ୟାଧୁନିକ ହାଲୁକା ଟର୍ପେଡୋ, ଇଲେକ୍ଟ୍ରୋ ଅପ୍ଟିକାଲ ଇନ୍‌ଫ୍ରା-ରେଡ୍ ସର୍ଚ୍ଚ ଆଣ୍ଡ ଟ୍ରାକ୍ ସିଷ୍ଟମ୍ ଏବଂ ୭୬ଏମ୍‌ଏମ୍ ସୁପର ରାପିଡ୍ ଗନ୍ ମାଉଣ୍ଟ ପାଇଁ ଗୋଳାବାରୁଦ।

## ଆମେରିକା ପରରାଷ୍ଟ୍ର ସହକାରୀ ସଚିବ ହେଲେ ପୌଲ୍ କପୁର



ୱାଶିଂଟନ,୨୩।୧୦

ଭାରତୀୟ ବଂଶୋଦ୍ଭବ ଏସ୍. ପୌଲ୍ କପୁର ଆମେରିକାର ପରବର୍ତ୍ତୀ ପରରାଷ୍ଟ୍ର ସହକାରୀ ସଚିବ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ସେ ଦକ୍ଷିଣ ଏବଂ କେନ୍ଦ୍ରୀୟ ଏସିଆ ଦାୟିତ୍ୱରେ ରହିବେ। ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ ସହ ସମ୍ପର୍କ ନିଭାଇବାରେ ସେ ଆମେରିକାର ପ୍ରମୁଖ କୂଟନୈତିକ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଆମେରିକା ସିନେଟ୍ ଚଳିତ ମାସ ଆରମ୍ଭରେ କପୁରଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଥିଲା। କପୁରଙ୍କ ବାପା ଭାରତୀୟ ହୋଇଥିବାବେଳେ ମାଆ ଆମେରିକୀୟ। ସେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ ଓ ଆମେରିକାର ଶିକାଗୋ ୟୁନିଭର୍ସିଟିରୁ ପିଏଚ୍.ଡି କରିଥିଲେ। ୨୦୨୨ରେ ପାକିସ୍ତାନକୁ ଏଫ୍-୧୬ ଲଢୁଆ ବିମାନ କ୍ରୟ ପାଇଁ ୪୫୦ ନିୟୁତ ଡଲାର ମଞ୍ଜୁରୀ ନେଇ ଜୋ ବାଇଡେନ୍ ପ୍ରଶାସନର ନିଷ୍ପତ୍ତି ଉପରେ ସେ ପ୍ରଶ୍ନ ଉଠାଇଥିଲେ।



କିଭ୍‌ରେ ରୁଷୀୟ ସୈନ୍ୟଙ୍କ ଡ୍ରୋନ୍ ଓ ମିଶାଇଲ ଆକ୍ରମଣରେ ବିଧ୍ୱସ୍ତ ଏକ ଆବାସିକ କୋଠା ନିକଟରେ ପୋଷା କୁକୁରକୁ ଧରି ମନଦୁଃଖ କରି ବସିଛନ୍ତି ଜଣେ ୟୁକ୍ରେନୀୟ ମହିଳା। (ଫଟୋ ସୌଜନ୍ୟ: ରଏଟର୍ସ)

## ଦିଲ୍ଲୀରେ ଏନ୍‌କାଉଣ୍ଟର

### ବିହାରର ୪ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ନିହତ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ଦିଲ୍ଲୀ ଏବଂ ବିହାର ପୋଲିସ୍‌ର ମିଳିତ ଟିମ୍‌ର ଏନ୍‌କାଉଣ୍ଟରରେ ବିହାରର ୪ ଜଣ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ନିହତ ହୋଇଛନ୍ତି। ସିଗ୍‌ମା ଗ୍ୟାଙ୍ଗ୍‌ର ଏହି ଗ୍ୟାଙ୍ଗଷ୍ଟରମାନେ ବଟି ଆଦାୟ, ହତ୍ୟା ଆଦି ବହୁ ମାମଲାରେ ସମ୍ପୃକ୍ତ ଥିଲେ। ଦିଲ୍ଲୀର ରୋହିଣୀ ଅଞ୍ଚଳରେ ବୁଧବାର ରାତି ପ୍ରାୟ ୨ଟା ୨୦ ମିନିଟ୍ ସମୟରେ ଏହି ଏନ୍‌କାଉଣ୍ଟର ଘଟିଛି। ମୃତକମାନେ ହେଲେ ରଞ୍ଜନ ପାଠକ(୨୫), ବିମଳେଶ ମାହତୋ ଓରଫ୍ ବିମଳେଶ ସାହନି(୨୫), ମନୀଷ ମାଠକ(୩୩) ଏବଂ ଅମନ୍ ଠାକୁର(୨୧)। ସମସ୍ତଙ୍କ ଘର ସୀତାମାଢ଼ି ଜିଲାରେ ବୋଲି ପୋଲିସ ଯୁଗ୍ମ କମିଶନର (ଅପରାଧ) ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ରଞ୍ଜନ ପାଠକ ଗ୍ୟାଙ୍ଗ୍‌ର କିଙ୍ଗ୍‌ପିନ୍ ହୋଇଥିବାବେଳେ ତାଙ୍କ ସମ୍ପର୍କରେ ସୂଚନା ଦେଲେ ୫୦,୦୦୦ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ପୋଲିସ ଘୋଷଣା କରିଥିଲା। ୮ଟି ଅପରାଧ ମାମଲାରେ ପୋଲିସ ତାଙ୍କୁ ଖୋଜୁଥିଲା। ଦୁର୍ଦ୍ଧର୍ଷ ଅପରାଧୀ ରଞ୍ଜନ ଗତ ୩ ମାସରେ ୪ଟି ବଟି ଆଦାୟ ତଥା ହତ୍ୟା ସମେତ ୫ଟି ମାମଲାରେ ସମ୍ପୃକ୍ତ ଥିଲେ। ବିହାର ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଗତ ୧୩ ତାରିଖରେ ରଞ୍ଜନ ଜଣେ ବ୍ୟକ୍ତିଙ୍କୁ ବଟି ମାଗିବା ସହ ହତ୍ୟା ଧମକ ଦେଇଥିଲେ। ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟମାନେ ମଧ୍ୟ ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ। ଦିଲ୍ଲୀରେ ନିକଟ ଅତୀତରେ ଏହା ସବୁଠୁ ବଡ଼ ଏନ୍‌କାଉଣ୍ଟର ବୋଲି କୁହାଯାଉଛି। ଅପରାଧୀମାନେ ୨୫ରୁ ୩୦ ରାଉଣ୍ଡ ଗୁଳି ଚଳାଇଥିବାବେଳେ ପୋଲିସ ୧୫ରୁ ୨୦ ରାଉଣ୍ଡ ଗୁଳିମାଡ଼ କରିଥିଲା। ଗ୍ୟାଙ୍ଗଷ୍ଟରମାନେ କିଛିଦିନ ହେଲା ରୋହିଣୀ ଅଞ୍ଚଳରେ ରହୁଥିବା ଖବର ପାଇ ପୋଲିସର ମିଳିତ ଟିମ୍ ସେମାନଙ୍କୁ ଠାବ କରିବା ଲାଗି ଅଭିଯାନ ଚଳାଇଥିଲା। ସେମାନେ ଏକ କାର୍‌ରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅନୁସରଣ କରିଥିଲା। ଗ୍ୟାଙ୍ଗଷ୍ଟରମାନେ ଗୁଳି ଚଳାଇବାରୁ ପୋଲିସ ଏହାର ଜବାବ ଦେଇଥିଲା। ଗୁଳିମାଡ଼ରେ ଆହତ ୪ ଗ୍ୟାଙ୍ଗଷ୍ଟରଙ୍କୁ ରୋହିଣୀସ୍ଥିତ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କଠାରୁ ୫ ପିସ୍ତଲ ଜବତ ହୋଇଛି।

# ତେଜସ୍ୱୀ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ଚେହେରା

**ବିହାର ନିର୍ବାଚନ**

**ମୁକେଶ ସହାନି ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ**

**ବିକାଶ ବନାମ ବିନାଶର ଲଢ଼େଇ: ନଡ୍ଡା**

ପାଟନା/ନୂଆଦିଲ୍ଲୀ,୨୩।୧୦

ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ହେବେ। ମହାମେଣ୍ଟ ପକ୍ଷରୁ ଗୁରୁବାର ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି। ଏହି ଘୋଷଣା ସହ ଇଣ୍ଡିଆ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି।

ପାଟନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ନାମ ଘୋଷଣା କରିଛନ୍ତି। ବିରୋଧୀ ମହାମେଣ୍ଟ କ୍ଷମତାକୁ ଆସିଲେ ବିକାଶଶୀଳ ଇନ୍‌ଶାନ ପାର୍ଟି (ଭିଆଇପି) ମୁଖ୍ୟ ମୁକେଶ ସହାନି ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ଗେହଲଟ୍ ସୂଚନା ଦେଇଛନ୍ତି। ତେବେ ମିଳିତ ଖବରଦାତା ସମ୍ମିଳନୀରେ ଲଗାଯାଇଥିବା ବ୍ୟାନରରେ ଇଣ୍ଡିଆ ବ୍ଲକ୍‌ର ଶୀର୍ଷ ନେତାମାନଙ୍କ ଫଟୋ ନ ରହିବା ନେଇ ବିବାଦ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବା ବ୍ୟାନରରେ କେବଳ ତେଜସ୍ୱୀଙ୍କ ଏକ ବଡ଼ ଫଟୋ ରହିଛି, ଯାହାକୁ ନେଇ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଓ ମୁକେଶଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଗେହଲଟ୍, ସିପିଆଇ-ଏମ୍‌ଏଲ୍ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗେହଲଟ୍ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ, ତୁମ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ? ଏନ୍‌ଡିଏ ବିହାରରେ ପ୍ରାୟ ୨ ଦଶନ୍ଧି ଧରି କ୍ଷମତାରେ ରହିଛି। କିନ୍ତୁ ଶାସକ ମେଣ୍ଟ ପୁଣି ସରକାର ଗଢ଼ିଲେ ଏହାର ମଙ୍ଗ କିଏ ଧରିବ ତାକୁ ନେଇ ପ୍ରଥମ ଥର ପାଇଁ ସେମାନେ ଅନିଶ୍ଚିତତା ଭିତରେ ରହିଛନ୍ତି।



ପାଟନାରେ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଯାଦବଙ୍କ ସହ ଅଶୋକ ଗେହଲଟ୍।

ଅନ୍ୟପକ୍ଷେ ଇଣ୍ଡିଆ ବ୍ଲକ୍‌ର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ପାଟନାର ହୋଟେଲ ମୌର୍ଯ୍ୟରେ ତେଜସ୍ୱୀଙ୍କ ନାମ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ଘୋଷଣା କରାଯିବାକୁ ସ୍ଥିର ହୋଇଥିଲା। ଶେଷ ମୁହୂର୍ତ୍ତରେ ମୁକେଶ କହିଥିଲେ, ମୋତେ ଉପମୁଖ୍ୟମନ୍ତ୍ରୀ କରାଅ। ସୂତ୍ରରୁ ଜଣାପଡ଼ିଛି ଯେ, ଭିଆଇପିକୁ ସମ୍ମାନଜନକ ସ୍ଥାନ ନ ମିଳିଲେ ମହାମେଣ୍ଟରେ ମୁକେଶ ସାମିଲ ହେବେ ନାହିଁ ବୋଲି ଅଡ଼ିବସିଥିଲେ। ତାଙ୍କ ଦଳକୁ ସମର୍ଥନ କରୁଥିବା ମାଲ୍ଲାହ ସମ୍ପ୍ରଦାୟର ଭୋଟର ବିହାର ସାରା ରହିଥିବାରୁ ସେ ମୂଲଚାଲ କରି ଉପମୁଖ୍ୟମନ୍ତ୍ରୀ ଆଶାୟୀ କରାଇବା ପାଇଁ ମହାମେଣ୍ଟକୁ ଏକପ୍ରକାର ବାଧ କରିଥିଲେ।

ଇତିମଧ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଔରଙ୍ଗାବାଦ ଓ ହାଜିପୁରରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମହାମେଣ୍ଟକୁ ସମାଲୋଚନା କରିଛନ୍ତି। ବିହାରରେ ବିକାଶ ଓ ବିନାଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। କଂଗ୍ରେସ ଏକ ପରଜୀବୀ ଦଳ ହୋଇଥିବାରୁ ଆର୍‌ଜେଡି ଭଳି ଜୁନିୟର ପାର୍ଟିକୁ ସୁଯୋଗ ଦେଉଛି ବୋଲି ନଡ୍ଡା କହିଛନ୍ତି। ସେହିପରି ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କହିଛନ୍ତି, ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେଲେ ବିହାରକୁ ତାଙ୍କ ବାପା ଲାଲୁ ଯାଦବଙ୍କ ଅମଳର ଜଙ୍ଗଲରାଜ ପୁଣି ଫେରିବ।

## ମା'ବାପା ସମ୍ପତ୍ତି ବିକିଥିଲେ ସାବାଳକ ହେବା ପରେ ରଦ୍ଦ କରିପାରିବେ ପିଲା

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ପିଲା ନାବାଳକ ଥିବାବେଳେ ତାଙ୍କ ସହ ସମ୍ପୃକ୍ତ ସମ୍ପତ୍ତିକୁ କୋର୍ଟଙ୍କ ଅନୁମୋଦନ ବିନା ମା'ବାପା ବିକ୍ରି କରିଥିଲେ, ସେ ସାବାଳକ ହେବା ପରେ ଏହାକୁ ରଦ୍ଦ କରିପାରିବେ। ଏଥିପାଇଁ ଆନୁଷ୍ଠାନିକ ମକଦ୍ଦମା ଦାଏର କରିବା ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗତ ୭ ତାରିଖରେ କେ.ଏସ୍. ଶିବାପ୍ପା ବନାମ୍ ଶ୍ରୀମତୀ କେ. ନୀଲମ୍ମା ମାମଲା ଉପରେ ଉପରୋକ୍ତ ରାୟ ପ୍ରଦାନ କରିବା ଅବସରରେ ସର୍ବୋଚ୍ଚ ଅଦାଲତ କହିଥିଲେ, ନାବାଳକ ସାବାଳକତ୍ୱ ପ୍ରାପ୍ତ ହେବା ପରେ ପୂର୍ବରୁ ହୋଇଥିବା ସମ୍ପତ୍ତି କାରବାରକୁ ସ୍ପଷ୍ଟ ଭାବେ ଅସ୍ୱୀକାର କରିପାରିବେ। ସେମାନେ ଉକ୍ତ ସମ୍ପତ୍ତିକୁ ସ୍ୱାଧୀନ ଭାବେ ବିକ୍ରି କିମ୍ବା ହସ୍ତାନ୍ତର କରିପାରିବେ ବୋଲି ଜଷ୍ଟିସ୍ ପଙ୍କଜ ମିଥାଲ ଏବଂ ପ୍ରସନ୍ନ ବି ଭରାଲେ କହିଛନ୍ତି। ନାବାଳକଙ୍କ ମା'ବାପା ବା ଅଭିଭାବକ ରଦ୍ଦ ହେବାଯୋଗ୍ୟ କୌଣସି କାରବାର କରିଥିଲେ, ସମ୍ପୃକ୍ତ ପିଲାଙ୍କୁ ୧୮ ବର୍ଷ ହେବା ପରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଉକ୍ତ କାରବାରକୁ ରଦ୍ଦ କରାଇପାରିବେ କିମ୍ବା ନିଜର ସ୍ପଷ୍ଟ ଆଚରଣ ଦ୍ୱାରା ତାହାକୁ ଅସ୍ୱୀକାର କରିପାରିବେ ବୋଲି ରାୟରେ କୁହାଯାଇଛି।

## ଆସିଆନ୍ ସମିଟ୍‌ରେ ଭର୍ଚୁଆଲି ଯୋଗଦେବେ ମୋଦି

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ବାର୍ଷିକ ଆସିଆନ୍ ସମିଟ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଲେସିଆ ଯିବେନାହିଁ। ମାଲେସିଆ ପ୍ରଧାନମନ୍ତ୍ରୀ ଅନୱ୍ୱର ଇବ୍ରାହିମ୍‌ଙ୍କ ସହ ଫୋନ୍ ବାର୍ତ୍ତାଳାପ ପରେ ମୋଦି ଭର୍ଚୁଆଲି ଉକ୍ତ ବୈଠକରେ ଯୋଗଦେବେ ବୋଲି କହିଛନ୍ତି। ଆସନ୍ତା ୨୭ରେ କୁଆଲାଲୁମ୍ପୁରରେ ଅନୁଷ୍ଠିତ ହେବାକୁ ଥିବା ୨୦ତମ ପୂର୍ବ ଏସୀୟ ସମିଟ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରଧାନମନ୍ତ୍ରୀଙ୍କ ପ୍ରତିନିଧିତ୍ୱ କରିବେ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ଦକ୍ଷିଣପୂର୍ବ ଏସୀୟ ଦେଶ ସମୂହ(ଆସିଆନ୍) ଉକ୍ତ ଅଞ୍ଚଳରେ ଏକ ପ୍ରଭାବଶାଳୀ ରାଷ୍ଟ୍ରଗୋଷ୍ଠୀ। ଭାରତ ସମେତ ଆମେରିକା, ଚାଇନା, ଜାପାନ ଓ ଅଷ୍ଟ୍ରେଲିଆ ଭଳି ଦେଶ ଏହାର ଡାଇଲଗ୍ ପାର୍ଟନର ଅଛନ୍ତି। ସେହିପରି ପୂର୍ବଏସୀୟ ସମିଟ୍‌ରେ ଭାରତ, ଚାଇନା, ଜାପାନ, କୋରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆମେରିକା ଓ ରୁଷିଆ ରହିଛନ୍ତି। ମାଲେସିଆ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ସେ ବୁଧବାର ରାତିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଥିଲେ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ନେଇ ଆଲୋଚନା କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ସାମ୍ନାସାମ୍ନି ହୋଇ ଅଡୁଆରେ ପଡ଼ିବାକୁ ଚାହୁଁ ନ ଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଆସିଆନ୍ ସମିଟ୍‌ରେ ଯୋଗଦେବାକୁ ଯାଉନାହାନ୍ତି ବୋଲି କଂଗ୍ରେସ କହିଛି। ସୋସିଆଲ ମିଡିଆରେ ଟ୍ରମ୍ପ୍‌ଙ୍କୁ ପ୍ରଶଂସା କରି ବାର୍ତ୍ତା ପୋଷ୍ଟ କରିବା ଅଲଗା କଥା ଏବଂ ଅପରେଶନ ସିନ୍ଦୂରକୁ ବନ୍ଦ କରାଇଥିବା ନେଇ ୫୩ ଥର ଦାବି କରିଥିବା ଏବଂ ରୁଷିଆରୁ ଭାରତ ତୈଳ କିଣା ବନ୍ଦ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ୫ ଥର କହିଥିବା ଟ୍ରମ୍ପ୍‌ଙ୍କୁ ସିଧାସଳଖ ଭେଟିବା ଅଲଗା କଥା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## ହିମାଳୟରେ ହିମହ୍ରଦ: ୧୪ ବର୍ଷରେ ୯% ବିସ୍ତାରିତ

ନୂଆଦିଲ୍ଲୀ, ୨୩।୧୦

ଗତ ୧୪ ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ହିମାଳୟ ଅଞ୍ଚଳର ହିମହ୍ରଦ ଏବଂ ଅନ୍ୟାନ୍ୟ ଜଳାଶୟଗୁଡ଼ିକ ୯.୨୪% ବିସ୍ତାରିତ ହୋଇଛି। ଗୁରୁବାର କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ଙ୍କ ପକ୍ଷରୁ ଜାରି ଏକ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ହିମାଳୟ ଅଞ୍ଚଳରେ ଥିବା ହିମହ୍ରଦ ଏବଂ ଜଳାଶୟଗୁଡ଼ିକର ମୋଟ କ୍ଷେତ୍ରଫଳ ୨୦୧୧ରେ ୫.୩୦ ଲକ୍ଷ ହେକ୍ଟର ଥିବାବେଳେ ୨୦୨୫ରେ ଏହା ବୃଦ୍ଧିପାଇ ୫.୭୯ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଗତ ୧୪ ବର୍ଷ ମଧ୍ୟରେ ହିମାଳୟ ଅଞ୍ଚଳରେ ୧,୪୩୫ଟି ହିମହ୍ରଦ ଏବଂ ଜଳାଶୟର କ୍ଷେତ୍ରଫଳ ବୃଦ୍ଧି ପାଇଥିବାବେଳେ ୧,୦୦୮ଟିର ହ୍ରାସ ପାଇଛି।



ଗୁଗଲ ଆର୍ଥ ଇଞ୍ଜିନ ମାଧ୍ୟମରେ ଉଚ୍ଚ ରିଜୋଲ୍ୟୁଶନ ସେଣ୍ଟିନଲ ସାଟେଲାଇଟ ଦ୍ୱାରା ଏହି ତଥ୍ୟ ହସ୍ତଗତ ହୋଇଥିବା ନେଇ ସିଡବ୍ଲ୍ୟୁସି ନିଜ ରିପୋର୍ଟରେ ଦର୍ଶାଇଛି। ଭାରତରେ ଥିବା ୪୨୮ଟି ହିମହ୍ରଦ ବିସ୍ତାରିତ ହୋଇଥିବା ବେଳେ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଏହାର ସଘନ ତଦାରଖ ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି। ଲଦାଖରେ ଥିବା ୧୩୩, ଜମ୍ମୁ-କଶ୍ମୀରର ୫୦, ହିମାଚଳ ପ୍ରଦେଶର ୧୩, ଉତ୍ତରାଖଣ୍ଡର ୭, ସିକିମର ୪୪ ଏବଂ ଅରୁଣାଚଳ ପ୍ରଦେଶରେ ଥିବା ୧୮୧ଟି ହିମହ୍ରଦ ବିସ୍ତାରିତ ହୋଇଛି।

## ଫୁର୍‌ସତ

## ସବୁଠୁ ମହଙ୍ଗା କୃତ୍ରିମ ଆଖି

**ଖଞ୍ଜିଛନ୍ତି ୨ କ୍ୟାରେଟ୍‌ର ହୀରା**

**ୱାଶିଂଟନ୍:** ଆମେରିକାର ଆଲବାମାରେ ରହୁଥିବା ଅଳଙ୍କାର ବ୍ୟବସାୟୀ ସ୍ଲେଟର୍ ଜୋନ୍ସଙ୍କ ନିକଟରେ ବିଶ୍ୱର ସବୁଠାରୁ ମହଙ୍ଗା କୃତ୍ରିମ ଆଖି ରହିଛି। ସେ ତାଙ୍କ କୃତ୍ରିମ ଆଖିରେ ଏକ ୨ କ୍ୟାରେଟ୍‌ର ହୀରା ଖଞ୍ଜିଛନ୍ତି। ଜୋନ୍ସ ଏକ ଭୟଙ୍କର ରୋଗରେ ପୀଡ଼ିତ ହୋଇଥିଲେ, ଯେଉଁଥିରେ ସେ ତାଙ୍କର ଡାହାଣ ଆଖି ହରାଇଥିଲେ। ଏହାପରେ ସେ କୃତ୍ରିମ ଆଖି ପ୍ରତିରୋପଣ କରିବା ପାଇଁ ଚକ୍ଷୁ ବିଶେଷଜ୍ଞ ଜନ୍ ଲିମ୍‌ଙ୍କ ନିକଟରେ ପହଞ୍ଚିଥିଲେ। ଜଣେ ଅଳଙ୍କାର ଡିଜାଇନର ଭାବେ ତାଙ୍କ ପରିଚୟକୁ ପ୍ରତିଫଳିତ କରିପାରୁଥିବା ଏକ କୃତ୍ରିମ ଆଖି ପ୍ରତିରୋପଣ ପାଇଁ ଜୋନ୍ସ ଚାହୁଁଥିଲେ। ତେଣୁ ସେ ତାଙ୍କ ନୂତନ ଆଖିରେ ଏକ ହୀରା ଖଞ୍ଜିବାକୁ ଲିମ୍‌ଙ୍କୁ ଅନୁରୋଧ କରିଥିଲେ। ଏପରି ହେଲେ ଏହି କୃତ୍ରିମ ଆଖି ସହ ସେ ଖୁବ୍ ସହଜରେ ନିଜ ବ୍ୟବସାୟର ପ୍ରଚାର ପ୍ରସାର ମଧ୍ୟ କରିପାରିବେ ବୋଲି ଜୋନ୍ସ ଲିମ୍‌ଙ୍କୁ କହିଥିଲେ। ଉକ୍ତ କୃତ୍ରିମ ଆଖିର କେନ୍ଦ୍ରରେ ଏକ ୨ କ୍ୟାରେଟ୍‌ର ହୀରା ଖଞ୍ଜିବାକୁ ସେ ଲିମ୍‌ଙ୍କୁ ଅର୍ଡର ଦେଇଥିଲେ।



ଉକ୍ତ କୃତ୍ରିମ ଆଖିକୁ ଲଗାଇବା ପରେ ଜୋନ୍ସ ଲୋକପ୍ରିୟ ହେବାରେ ଲାଗିଛନ୍ତି। ତାଙ୍କ ଆଖିରେ ଯେତେବେଳେ ଆଲୋକ ପଡ଼ିଥାଏ, ସେତେବେଳେ ହୀରା ଯୋଗୁ ତାହା ଚମକିବା ସହ ଝଲସିଥାଏ। ଆଖିରେ ଥିବା ଏହି ହୀରା ଯୋଗୁ ଜୋନ୍ସ ଯେଉଁଠାକୁ ବି ଯାଆନ୍ତି, ସେଠାରେ ଚର୍ଚ୍ଚିତ ହୋଇଯାଆନ୍ତି। ନିଜର ଏହି ଅନନ୍ୟ କୃତ୍ରିମ ଆଖି ସମ୍ପର୍କରେ ଜୋନ୍ସ କହିଛନ୍ତି, ସେ ତାଙ୍କ ପ୍ରକୃତ ଆଖି ହରାଇଥିଲେ ମଧ୍ୟ ଏହି କୃତ୍ରିମ ଆଖି ତାଙ୍କ ଜୀବନରେ ନୂତନ ଆଲୋକ ଆଣିଦେଇଛି। ଚକ୍ଷୁବିଶେଷଜ୍ଞ ଲିମ୍ କହିଛନ୍ତି, ସେ ୬ ସପ୍ତାହର ଶିଶୁଙ୍କଠାରୁ ଆରମ୍ଭ କରି ୧୦୧ ବର୍ଷ ବୟସ୍କ ବୃଦ୍ଧଙ୍କ ପାଇଁ ପ୍ରାୟ ୧୦,୦୦୦ କୃତ୍ରିମ ଆଖି ଡିଜାଇନ୍ କରିଛନ୍ତି। ତେବେ ଜୋନ୍ସଙ୍କ ପାଇଁ ଡିଜାଇନ୍ କରିଥିବା କୃତ୍ରିମ ଆଖି ସବୁଠାରୁ ମହଙ୍ଗା ଏବଂ ଅନନ୍ୟ ବୋଲି ସେ କହିଛନ୍ତି। କିଛି ମାସ ତଳେ ଜୋନ୍ସଙ୍କଠାରେ ଏହି କୃତ୍ରିମ ଆଖି ପ୍ରତିରୋପଣ କରାଯାଇଥିଲେ ମଧ୍ୟ ସେ ଏହାକୁ ସାର୍ବଜନୀନ କରି ନ ଥିଲେ। ତେବେ ନିକଟରେ ଜୋନ୍ସ ନିଜର ଏହି ଅନନ୍ୟ ହୀରା ଥିବା କୃତ୍ରିମ ଆଖିର ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହା ସମ୍ପ୍ରତି ଭାଇରାଲ ହେବାରେ ଲାଗିଛି। ଜୋନ୍ସଙ୍କ ଏପରି କ୍ରିଏଟିଭିଟିକୁ ଅନେକ ୟୁଜର୍ସ ପସନ୍ଦ କରିଛନ୍ତି।

## ଡିସେମ୍ବର ୧୨ରେ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'



କପିଳ ଶର୍ମା

**ମୁମ୍ବାଇ:** ଆସନ୍ତା ଡିସେମ୍ବର ୧୨ରେ ହାସ୍ୟ ଅଭିନେତା କପିଲ ଶର୍ମାଙ୍କର ପରବର୍ତ୍ତୀ ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ରିଲିଜ୍ ହେବ। କପିଲ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଗୁରୁବାର 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଫିଲ୍ମର ଏକ ମୋଶନ ପୋଷ୍ଟର ଶେୟାର କରି ଏହି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରରେ ଫିଲ୍ମର ସମସ୍ତ କଳାକାରଙ୍କୁ ଦେଖିବାକୁ ମିଳିଥିଲା। କ୍ୟାପ୍‌ଶନ୍‌ରେ କପିଲ ଲେଖିଛନ୍ତି, ଆସନ୍ତା ଡିସେମ୍ବର ୧୨ରୁ ୨ ଗୁଣା ଦ୍ୱନ୍ଦ୍ୱ ଏବଂ ୪ ଗୁଣା ମସ୍ତି ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ। ରିଲିଜ୍ ଡେଟ୍ ସାମ୍ନାକୁ ଆସିବା ପରେ ଏହି ଫିଲ୍ମକୁ ନେଇ କପିଲଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଅନୁକଳ୍ପ ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜକ ହେଉଛନ୍ତି ରତନ ଜୈନ ଏବଂ ଗଣେଶ ଜୈନ। ଫିଲ୍ମରେ ଅଭିନେତ୍ରୀ ତୃପ୍ତି ଡିମ୍‌ରୀ ଓ ନୀତାଂଶୀ ଗୋୟଲଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ୨୦୧୫ରେ ରିଲିଜ୍ ହୋଇଥିବା ଫିଲ୍ମର ପ୍ରଥମ ଭାଗ 'କିସ୍ କିସ୍ କୋ ପ୍ୟାର୍ କରୁଁ'କୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଉକ୍ତ ଫିଲ୍ମ ସହ କପିଲ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।




# ଆମେ ଦେଶର ଆଇନଗତ ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିଆସୁଛୁ: ଜିନ୍ଦଲ ଷ୍ଟିଲ୍

ଭୁବନେଶ୍ୱର,୨୩।୧୦

ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍‌ଲାଇନ ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଜିନ୍ଦଲ ଷ୍ଟିଲ୍ ରୋଇଡା-୧ ଆଇରନ ଓର୍ ବ୍ଲକ୍‌ର ଲିଜ୍ ହାସଲ କରିଥିଲା। ଏମ୍‌ଏମ୍‌ଡିଆର୍ ନିୟମ ଅନୁସାରେ ପୂର୍ବତନ ଲିଜ୍‌ଧାରୀ ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍ ନିକଟରେ ଥିବା ସମସ୍ତ ଅଧିକାର, ମଞ୍ଜୁରୀ ଓ ବୈଧାନିକ ଅନୁମତି ଆଇନତଃ ଜିନ୍ଦଲ ଷ୍ଟିଲ୍‌କୁ ସ୍ଥାନାନ୍ତର ହେବା ସହ ମାଇନିଂ ଲିଜ୍ ଚୁକ୍ତି ହେବା ତାରିଖରୁ ଏମ୍‌ଡିପିଏ ଲକ୍ଷ୍ୟ ହାସଲ କରିବା ପାଇଁ ନିରବଚ୍ଛିନ୍ନ ମାଇନିଂ କାର୍ଯ୍ୟ ଜାରି ରଖିବା ନିମନ୍ତେ ଅନୁମତି ଜିନ୍ଦଲ ଷ୍ଟିଲ୍ ଯୋଗ୍ୟତା ହାସଲ କରିଥିଲା।

ପୂର୍ବ ଲିଜ୍‌ଧାରୀଙ୍କୁ ମିଳିଥିବା ଅନୁମତି ଭଳି ନିୟମାବଳୀ ଅନୁପାଳନର ଏକ ଅଂଶ ଭାବେ ବନ ବିଭାଗ ଜିନ୍ଦଲ ଷ୍ଟିଲକୁ ମଧ୍ୟ ଖଣିଜ ପରିବହନ ପାଇଁ କାର୍ଯ୍ୟ ଅନୁମତି ପ୍ରଦାନ କରିଛି। ବନ ବିଭାଗର କାର୍ଯ୍ୟ ଅନୁମତି ଆଧାରରେ ପୂର୍ବ ଲିଜ୍‌ଧାରୀ ଖଣିଜ ପରିବହନ ପାଇଁ ଯେଉଁ ରାସ୍ତା ବ୍ୟବହାର କରୁଥିଲେ, ସେହି ରାସ୍ତା ବ୍ୟବହାରକରି ଜିନ୍ଦଲ ଷ୍ଟିଲ୍ ଗତ ଦୁଇ ମାସ ଧରି ମାଇନିଂ କାର୍ଯ୍ୟ କରିଆସୁଛି।

ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ପରାମର୍ଶ ଅନୁସାରେ ଜିନ୍ଦଲ ଷ୍ଟିଲ ଉକ୍ତ ରାସ୍ତା ପାଇଁ ଫରେଷ୍ଟ ଡାଇଭର୍ସନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପୁରୁଣା ଲିଜ୍‌ଧାରୀଙ୍କଠାରୁ ନୂଆ ଲିଜ୍‌ଧାରୀଙ୍କୁ ଜଙ୍ଗଲ ଜମି ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁଥିରେ କ୍ଷତିପୂରକ ବନୀକରଣ ପ୍ରକ୍ରିୟା ମଧ୍ୟ ଅନ୍ତର୍ଭୁକ୍ତ।

ନିକଟରେ ଜିଲା ବନ ବିଭାଗ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ଅନୁମତିକୁ ରଦ୍ଦ କରାଯିବା, ଆମ ପାଇଁ ଆକସ୍ମିକ ଏବଂ ଅପ୍ରତ୍ୟାଶିତ। ଏହାର ତୁରନ୍ତ ସମାଧାନ ପାଇଁ କମ୍ପାନୀ ପକ୍ଷରୁ ସ୍ଥାନୀୟ ବନ ବିଭାଗ ଅଧିକାରୀ ଏବଂ ଜିଲା ପ୍ରଶାସନ ସହ ଆଲୋଚନା ଜାରି ରହିଛି। ଏକ ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ ସଂସ୍ଥା ଭାବେ କମ୍ପାନୀ ସର୍ବଦା ଆଇନର ଅନୁପାଳନ ପୂର୍ବକ କାର୍ଯ୍ୟ କରିଆସୁଛି ବୋଲି କମ୍ପାନୀର ମୁଖପାତ୍ର ସଞ୍ଜୟ ସାହୁ ଜଣାଇଛନ୍ତି।

# ଡିସେମ୍ବର ୬ରୁ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

**■ ୟୁକେ, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀମାନେ ଯୋଗଦେବେ**

**■ ସବୁ ରାଜ୍ୟର ଶକ୍ତିମନ୍ତ୍ରୀ ମଧ୍ୟ ଯୋଗଦେବେ**

ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୬ ଓ ୭ ତାରିଖରେ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀର ଆୟୋଜନ ହେବ। ଏଥିରେ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ମଧ୍ୟରେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟିବିଆଇର ଷ୍ଟ୍ରେଟେଜିକ୍ କାଉନସେଲର ସନା ମରିନ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀ ପ୍ରମୁଖ ଯୋଗଦେବା ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ଶକ୍ତିମନ୍ତ୍ରୀ ଯୋଗଦେବେ ଏବଂ ଅଧିବେଶନକୁ ସମ୍ବୋଧିତ ମଧ୍ୟ କରିବେ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀ ଭାରତର ଶକ୍ତି କ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ନିମନ୍ତେ ଏକ ସୁନ୍ଦର ପ୍ଲାଟ୍‌ଫର୍ମ ଯୋଗାଇଦେବ। ପରିବେଶ ସହ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ୨ ଦିନିଆ ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ ହେବ। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସିଏମ୍‌ଡି, ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା, ଏମ୍‌ଡି ଗ୍ରୀଡ୍‌କୋ ସତ୍ୟପ୍ରିୟ ରଥ, ଟିବିଆଇ ପକ୍ଷରୁ ବିବେକ ଅଗ୍ରୱାଲ, ନିନାଦ ସାଗର ଓ ପିଏରେ ୱାଲସ୍ (ଆଭାସି) ପ୍ରମୁଖ ଉପସ୍ଥିତ ଥିଲେ।

# କୁମ୍ଭୀର ଆକ୍ରମଣରେ ଯୁବକଙ୍କ ହାତ ଛିଣ୍ଡିଲା

ବଇଣ୍ଡା, ୨୩।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ଝାମ୍ପୁଲି ଗ୍ରାମ ନାଳକୁ ଗୁରୁବାର ଶୌଚ ପାଇଁ ଯାଇଥିବା ସ୍ଥାନୀୟ ଯୁବକ ରଞ୍ଜିତ ପ୍ରଧାନ (୫୦) କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ରଞ୍ଜିତଙ୍କ ଗୋଟିଏ ହାତ ଅଧାରୁ ଛିଣ୍ଡିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ରଞ୍ଜିତ ଛେଳି ଚରାଇବା ପାଇଁ ଯାଇଥିଲେ। ପରେ ଝାମ୍ପୁଲି ନାଳରେ ଶୌଚ ହେଉଥିବା ବେଳେ ହଠାତ୍ ଏକ କୁମ୍ଭୀର ତାଙ୍କ ବାମ ହାତକୁ କାମୁଡ଼ି ଧରିଥିଲା। ଫଳରେ ତାଙ୍କ ହାତ ଅଧାରୁ ଛିଣ୍ଡି ଯାଇଥିଲା। ନାଳ ନିକଟରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ବାମୁର ବନ ବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତୁରନ୍ତ ରଞ୍ଜିତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# କୋରାପୁଟ-କିରାଣ୍ଡୁଲ ରେଳ ଧାରଣାରେ ପଥର ଖସି ରେଳ ଚଳାଚଳ ବନ୍ଦ

କୋରାପୁଟ,୨୩।୧୦ (ଅମିତାଭ ବେହେରା)

କୋରାପୁଟ-କିରାଣ୍ଡୁଲ ରେଳଲାଇନ ମାଲିଗୁଡ଼ା ଷ୍ଟେଶନ ନିକଟ ରେଳ ଧାରଣାରେ ପାହାଡ଼ରୁ ପଥର ଧସି ରେଳ ଚଳାଚଳ ଗୁରୁବାର ଅପରାହ୍ନରେ ବନ୍ଦ ରହିଛି। କୋରାପୁଟ-ଜୟପୁର ରେଳପଥର ମାଲିଗୁଡା-ଜରଟି ଷ୍ଟେଶନ ମଧ୍ୟରେ ୨୧୦ କି.ମି. ନିକଟରେ ପାହାଡ଼ରୁ ପଥର ଧସିଥିଲା। କିରାଣ୍ଡୁଲ ଅଭିମୁଖେ ଯାଉଥିବା ୧ ଭିକେ ପାସେଞ୍ଜର ଟ୍ରେନ୍ ଜରଟି ଷ୍ଟେଶନରେ ଅଟକି ରହିଥିଲା। ସେହିପରି ଜଗଦଲପୁରରୁ କୋରାପୁଟ ଅଭିମୁଖେ ଆସୁଥିବା ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ମାଲିଗୁଡ଼ା ଷ୍ଟେଶନରେ ଅଟକିଥିଲା। କୋରାପୁଟ ଷ୍ଟେଶନରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରେଳ ଧାରଣାରୁ ପଥର ଓ ମାଟି ସଫା କରିଥିଲେ। ଏହା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିବା କୋରାପୁଟ ଷ୍ଟେଶନ ମାଷ୍ଟର ବଳରାମ ମୁଦୁଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବାରମ୍ବାର ଏହି ସ୍ଥାନରେ ପଥର ଧସି ଟ୍ରେନ୍ ଚଳାଚଳରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି।

# ନୂଆପଡ଼ା ଉପନିର୍ବାଚନ ଦାୟିତ୍ୱ ବାଣ୍ଟିଲା ଭାଜପା

ଭୁବନେଶ୍ୱର, ୨୩।୧୦ (ସୁନିତ୍ ମିଶ୍ର)

**■ ୮ ଜୋନ୍ ଦାୟିତ୍ୱରେ ରହିବେ ୮ ମନ୍ତ୍ରୀ**

**■ ନିର୍ବାଚନ ପରିଚାଳନା ଦାୟିତ୍ୱରେ କନକ ବର୍ଦ୍ଧନ, ଜୟନାରାୟଣ**

ନୂଆପଡ଼ା ଉପନିର୍ବାଚନ ନେଇ ଭାଜପା ପକ୍ଷରୁ ବିଭିନ୍ନ ନେତାଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ନିର୍ବାଚନ ପରିଚାଳନା କମିଟି ଦଳ ପକ୍ଷରୁ ଗଠନ କରାଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ବରିଷ୍ଠ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର ରହିଛନ୍ତି। ଉପନିର୍ବାଚନ ନ ସରିବା ଯାଏଁ ଉଭୟେ କନକ ବର୍ଦ୍ଧନ ଏବଂ ଜୟନାରାୟଣ ନୂଆପଡ଼ାରେ ରହି ସବୁ ଦାୟିତ୍ୱ ବୁଝିବେ ବୋଲି ଜଣାପଡ଼ିଛି। ନୂଆପଡ଼ା ଉପନିର୍ବାଚନର ସବୁ ଦାୟିତ୍ୱ ଏକ ପ୍ରକାର ରାଜ୍ୟ ସଭାପତି ନିଜେ ବୁଝୁଥିବା ବେଳେ ତାଙ୍କ ସହ ଦଳର ସବୁ ସାଧାରଣ ସମ୍ପାଦକ ମଧ୍ୟ ରହିଛନ୍ତି। ହେଲେ ନିର୍ବାଚନ ପରିଚାଳନା କମିଟିର ମୁଖ୍ୟ ହିସାବରେ କନକ ବର୍ଦ୍ଧନ ଏବଂ ଜୟନାରାୟଣ ଉପନିର୍ବାଚନର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ମଧ୍ୟ ବୁଝିବେ। ଏହାସହ କ୍ୟାମ୍ପେନ୍ କମିଟିରେ ଭାଜପା ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ବସନ୍ତ ପଣ୍ଡା, ଏମ୍‌ପି ମାଳବିକା ଦେବୀ, ସୁଜିତ୍ କୁମାର, ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଖରିଆର ଏନ୍‌ଏସି ଅଧ୍ୟକ୍ଷ ସୋନାଲି ଜୈନ୍, ମନ୍ତ୍ରୀ ସୁରେଶ ପୂଜାରୀ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ ଏବଂ ମୁକେଶ ମହାଲିଙ୍ଗ ରହିଛନ୍ତି। ଏ ହ । ସ ହ ଦଳ ପକ୍ଷରୁ ୮ଟି ଜୋନ୍ ଦାୟିତ୍ୱ ୮ ଜଣ ମନ୍ତ୍ରୀଙ୍କ ମଧ୍ୟ ବାଣ୍ଟିଦିଆଯାଇଛି। ବଞ୍ଜରୀ ଜୋନ୍‌ର ଦାୟିତ୍ୱ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଦିଆଯାଇଛି। ସୁନାଦେଇ ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗଣେଶୀ ରାମ ସିଂ ଖୁଣ୍ଟିଆ, ପାତାଳେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଜୟଜଂଘା ଜୋନ୍ ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କୋନାଭଇରା ଦାୟିତ୍ୱରେ ବିଭୂତି ଭୂଷଣ ଜେନା, ଯୋଗେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଖରିଆର୍ ରୋଡ୍ ଏନ୍‌ଏସି ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରହିଛନ୍ତି।

DSPL-324

ଓଡ଼ିଶା ସରକାର

## ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫

ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫, ତା ୬ ଡିସେମ୍ବର ୨୦୨୫ ରିଖ ଠାରୁ ତା ୧୭ ଡିସେମ୍ବର ୨୦୨୫ ରିଖ ପର୍ଯ୍ୟନ୍ତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଯାଉଅଛି । ସମସ୍ତ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିକ୍ରେତା ଏବଂ ବ୍ୟବସାୟୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଧାରିତ ଫର୍ମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟରୁ ଡାଉନଲୋଡ କରି ନିମ୍ନରେ ପ୍ରଦତ୍ତ ଇମେଲରେ ପ୍ରେରଣ କରିବେ ଅଥବା ବ୍ୟକ୍ତିଗତ ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର କାର୍ଯ୍ୟାଳୟରେ ପୈଠ କରିପାରିବେ ।

ଦୂରଭାଷ : ୭୯୭୮୭୭୭୨୪୮
ଇ-ମେଲ :- odishastatebookfair@gmail.com
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ https://culture.odisha.gov.in/ ଦେଖନ୍ତୁ

ଷ୍ଟଲ ସଂରକ୍ଷଣ ଶେଷ ତାରିଖ ୨୦-୧୧-୨୦୨୫



OIPR-03029/13/0074/2526

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ୫୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଆଳୁଚାଷ ପାଇଁ ଯୋଜନା

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

ଚଳିତବର୍ଷ ସରକାର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଚାଷଜମିରେ ଆଳୁଚାଷ କରିବା ପାଇଁ ଯୋଜନା କରିଛନ୍ତି। ଆଳୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭର କରିବା ଅଭିଯାନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକସେବା ଭବନଠାରେ ଗୁରୁବାର ଏହି ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାକୁ ଆଳୁରେ ଆତ୍ମନିର୍ଭର କରିବା ଅଭିଯାନରେ ଚଳିତ ବର୍ଷ ଚାଷୀଙ୍କୁ ଆଗୁଆ ବିହନ ଯୋଗାଇଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ପ୍ରାୟ ୩ ଲକ୍ଷ କୁଇଣ୍ଟାଲ ପାଖାପାଖି ଆଳୁ ବିହନ ଆବଶ୍ୟକ ହୋଇଥାଏ। ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ଆଗୁଆ ବିଭାଗ ପକ୍ଷରୁ ତାହା ଯୋଗାଇଦିଆଯିବ। ରାଜ୍ୟର ସବୁ ଜିଲାକୁ ସେମାନଙ୍କ ଆବଶ୍ୟକ ଅନୁଯାୟୀ ବିହନ ପରିମାଣର ତଥ୍ୟ କୃଷି ବିଭାଗକୁ ପ୍ରେରଣ କରିବା ନିମନ୍ତେ କୁହାଯାଇଛି। ନଭେମ୍ବର ପ୍ରଥମ ସପ୍ତାହରୁ ଆଳୁ ବିହନ ଯୋଗାଣ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଆବଶ୍ୟକ ମୁତାବକ ବ୍ଲକ୍ ଅନୁଯାୟୀ ଏହାର ଯୋଗାଣ କରାଯିବ। ଏହାବ୍ୟତୀତ ପ୍ରାୟ ୬ ହଜାର ହେକ୍ଟର ଜମିରେ ୬୦୦ କୁଇଣ୍ଟାଲ ପିଆଜ ଚାଷ, ୧୦୦୦ ହେକ୍ଟର ଜମିରେ ୧୦୦ କୁଇଣ୍ଟାଲ ଲଙ୍କା, ୩୦୦ ହେକ୍ଟର ଜମିରେ ୭୫୦୦ କୁଇଣ୍ଟାଲ ରସୁଣ ବିହନ ଚାଷ ପାଇଁ ଯୋଜନା ରହିଛି। ଯେଉଁଠି ବି ଅଧିକା ବିହନ ଆବଶ୍ୟକ କିମ୍ବା ଅଭାବ ଦେଖାଦେବ କୃଷି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନମ୍ବର ୧୫୫୩୩୩ରେ ଯୋଗାଯୋଗ କିମ୍ବା ନିକଟସ୍ଥ ଉଦ୍ୟାନ କୃଷି ଅଧିକାରୀଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି।






# ଆମେ ଦେଶର ଆଇନଗତ ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିଆସୁଛୁ: ଜିନ୍ଦଲ ଷ୍ଟିଲ୍

**ଭୁବନେଶ୍ୱର,୨୩।୧୦**

ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍‌ଲାଇନ ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଜିନ୍ଦଲ ଷ୍ଟିଲ୍ ରୋଉତା-୧ ଆଇରନ ଓର୍ ବ୍ଲକ୍‌ର ଲିଜ୍ ହାସଲ କରିଥିଲା। ଏମ୍‌ଏମ୍‌ଡିଆର୍ ନିୟମ ଅନୁସାରେ ପୂର୍ବତନ ଲିଜ୍‌ଧାରୀ ମିଉଲିଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍ ନିକଟରେ ଥିବା ସମସ୍ତ ଅଧିକାର, ମଞ୍ଜୁରୀ ଓ ବୈଧାନିକ ଅନୁମତି ଆଇନତଃ ଜିନ୍ଦଲ ଷ୍ଟିଲ୍‌କୁ ସ୍ଥାନାନ୍ତର ହେବା ସହ ମାଇନିଂ ଲିଜ୍ ଚୁକ୍ତି ହେବା ତାରିଖରୁ ଏମ୍‌ଡିପିଏ ଲକ୍ଷ୍ୟ ହାସଲ କରିବା ପାଇଁ ନିରବଚ୍ଛିନ୍ନ ମାଇନିଂ କାର୍ଯ୍ୟ ଜାରି ରଖିବା ନିମନ୍ତେ ଅନୁମତି ଜିନ୍ଦଲ ଷ୍ଟିଲ୍ ଯୋଗ୍ୟତା ହାସଲ କରିଥିଲା। ପୂର୍ବ ଲିଜ୍‌ଧାରୀଙ୍କୁ ମିଳିଥିବା ଅନୁମତି ଭଳି ନିୟମାବଳୀ ଅନୁପାଳନର ଏକ ଅଂଶ ଭାବେ ବନ ବିଭାଗ ଜିନ୍ଦଲ ଷ୍ଟିଲ୍‌କୁ ମଧ୍ୟ ଖଣିଜ ପରିବହନ ପାଇଁ କାର୍ଯ୍ୟ ଅନୁମତି ପ୍ରଦାନ କରିଛି। ବନ ବିଭାଗର କାର୍ଯ୍ୟ ଅନୁମତି ଆଧାରରେ ପୂର୍ବ ଲିଜ୍‌ଧାରୀ ଖଣିଜ ପରିବହନ ପାଇଁ ଯେଉଁ ରାସ୍ତା ବ୍ୟବହାର କରୁଥିଲେ, ସେହି ରାସ୍ତା ବ୍ୟବହାରକରି ଜିନ୍ଦଲ ଷ୍ଟିଲ୍ ଗତ ଦୁଇ ମାସ ଧରି ମାଇନିଂ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ପରାମର୍ଶ ଅନୁସାରେ ଜିନ୍ଦଲ ଷ୍ଟିଲ ଉକ୍ତ ରାସ୍ତା ପାଇଁ ଫରେଷ୍ଟ ଡାଇଭର୍ସନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପୁରୁଣା ଲିଜ୍‌ଧାରୀଙ୍କଠାରୁ ନୂଆ ଲିଜ୍‌ଧାରୀଙ୍କୁ ଜଙ୍ଗଲ ଜମି ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁଥିରେ କ୍ଷତିପୂରକ ବନୀକରଣ ପ୍ରକ୍ରିୟା ମଧ୍ୟ ଅନ୍ତର୍ଭୁକ୍ତ।

ନିକଟରେ ଜିଲା ବନ ବିଭାଗ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ଅନୁମତିକୁ ରଦ୍ଦ କରାଯିବା, ଆମ ପାଇଁ ଆକସ୍ମିକ ଏବଂ ଅପ୍ରତ୍ୟାଶିତ। ଏହାର ତୁରନ୍ତ ସମାଧାନ ପାଇଁ କମ୍ପାନୀ ତରଫରୁ ସ୍ଥାନୀୟ ବନ ବିଭାଗ ଅଧିକାରୀ ଏବଂ ଜିଲା ପ୍ରଶାସନ ସହ ଆଲୋଚନା ଜାରି ରହିଛି। ଏକ ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ ସଂସ୍ଥା ଭାବେ କମ୍ପାନୀ ସର୍ବଦା ଆଇନର ଅନୁପାଳନ ପୂର୍ବକ କାର୍ଯ୍ୟ କରିଆସୁଛି ବୋଲି କମ୍ପାନୀର ମୁଖପାତ୍ର ସଞ୍ଜୟ ସାହୁ ଜଣାଇଛନ୍ତି।

# କୋରାପୁଟ-କିରାଣ୍ଡୁଲ ରେଳ ଧାରଣାରେ ପଥର ଖସି ରେଳ ଚଳାଚଳ ବନ୍ଦ

**କୋରାପୁଟ,୨୩।୧୦ (ଅମିତାଭ ବେହେରା)**

କୋରାପୁଟ-କିରାଣ୍ଡୁଲ ରେଳଲାଇନ ମାଲିଗୁଡ଼ା ଷ୍ଟେସନ ନିକଟ ରେଳ ଧାରଣାରେ ପାହାଡ଼ରୁ ପଥର ଧସି ରେଳ ଚଳାଚଳ ଗୁରୁବାର ଅପରାହ୍ନରେ ବନ୍ଦ ରହିଛି। କୋରାପୁଟ-ଜୟପୁର ରେଳପଥର ମାଲିଗୁଡ଼ା-ଜରତି ଷ୍ଟେସନ ମଧ୍ୟରେ ୨୧୦ କି.ମି. ନିକଟରେ ପାହାଡ଼ରୁ ପଥର ଧସିଲା। କିରାଣ୍ଡୁଲ ଅଭିମୁଖେ ଯାଉଥିବା ୧ ଭିକେ ପାସେଞ୍ଜର ଟ୍ରେନ୍ ଜରତି ଷ୍ଟେସନରେ ଅଟକି ରହିଥିଲା। ସେହିପରି ଜଗଦଲପୁରରୁ କୋରାପୁଟ ଅଭିମୁଖେ ଆସୁଥିବା ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ମାଲିଗୁଡ଼ା ଷ୍ଟେସନରେ ଅଟକିଥିଲା। କୋରାପୁଟ ଷ୍ଟେସନରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରେଳ ଧାରଣାରୁ ପଥର ଓ ମାଟି ସଫା କରିଥିଲେ। ଏହା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିବା କୋରାପୁଟ ଷ୍ଟେଶନ ମାଷ୍ଟର ବଳରାମ ମୁଦୁଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବାରମ୍ବାର ଏହି ସ୍ଥାନରେ ପଥର ଧସି ଟ୍ରେନ୍ ଚଳାଚଳରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି।

# ନୂଆପଡ଼ା ଉପନିର୍ବାଚନ ଦାୟିତ୍ୱ ବାଣ୍ଟିଲା ଭାଜପା

**▪ ୮ ଜୋନ୍ ଦାୟିତ୍ୱରେ ରହିବେ ୮ ମନ୍ତ୍ରୀ**
**▪ ନିର୍ବାଚନ ପରିଚାଳନା ଦାୟିତ୍ୱରେ କନକ ବର୍ଦ୍ଧନ, ଜୟନାରାୟଣ**

**ଭୁବନେଶ୍ୱର, ୨୩।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ନେଇ ଭାଜପା ପକ୍ଷରୁ ବିଭିନ୍ନ ନେତାଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ନିର୍ବାଚନ ପରିଚାଳନା କମିଟି ଦଳ ପକ୍ଷରୁ ଗଠନ କରାଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବରିଷ୍ଠ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର ରହିଛନ୍ତି। ଉପନିର୍ବାଚନ ନ ସରିବା ଯାଏଁ ଉଭୟେ କନକ ବର୍ଦ୍ଧନ ଏବଂ ଜୟନାରାୟଣ ନୂଆପଡ଼ାରେ ରହି ସବୁ ଦାୟିତ୍ୱ ବୁଝିବେ ବୋଲି ଜଣାପଡ଼ିଛି। ନୂଆପଡ଼ା ଉପନିର୍ବାଚନର ସବୁ ଦାୟିତ୍ୱ ଏକ ପ୍ରକାର ରାଜ୍ୟ ସଭାପତି ନିଜେ ବୁଝୁଥିବା ବେଳେ ତାଙ୍କ ସହ ଦଳର ସବୁ ସାଧାରଣ ସମ୍ପାଦକ ମଧ୍ୟ ରହିଛନ୍ତି। ହେଲେ ନିର୍ବାଚନ ପରିଚାଳନା କମିଟିର ମୁଖ୍ୟ ହିସାବରେ କନକ ବର୍ଦ୍ଧନ ଏବଂ ଜୟନାରାୟଣ ଉପନିର୍ବାଚନର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ମଧ୍ୟ ବୁଝିବେ। ଏହାସହ କ୍ୟାମ୍ପେନ୍ କମିଟିରେ ଭାଜପା ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ବସନ୍ତ ପଣ୍ଡା, ଏମ୍‌ପି ମାଳବିକା ଦେବୀ, ସୁଜିତ୍ କୁମାର, ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ଖରିଆର ଏନ୍‌ଏସି ଅଧ୍ୟକ୍ଷ ସୋନାଲି ଜୈନ, ମନ୍ତ୍ରୀ ସୁରେଶ ପୂଜାରୀ, ରବି ନାରାୟଣ ନାୟକ, ନିତ୍ୟାନନ୍ଦ ଗଣ୍ଡ ଏବଂ ମୁକେଶ ମହାଲିଙ୍ଗ ରହିଛନ୍ତି। ଏହାସହ ଦଳ ପକ୍ଷରୁ ୮ଟି ଜୋନ୍ ଦାୟିତ୍ୱ ୮ ଜଣ ମନ୍ତ୍ରୀଙ୍କ ମଧ୍ୟ ବାଣ୍ଟିଦିଆଯାଇଛି। ବଣ୍ଡୋରୀ ଜୋନ୍‌ର ଦାୟିତ୍ୱ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଦିଆଯାଇଛି। ସୁନାବେଡ଼ା ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପାତାଳେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଜୟଙ୍ଗା ଜୋନ୍ ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କୋନାଭଇରା ଦାୟିତ୍ୱରେ ବିଭୂତି ଭୂଷଣ ଜେନା, ଯୋଗେଶ୍ୱର ଜୋନ୍ ଦାୟିତ୍ୱରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଖରିଆର୍ ରୋଡ୍ ଏନ୍‌ଏସି ଦାୟିତ୍ୱରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରହିଛନ୍ତି।

# ଡିସେମ୍ବର ୬ରୁ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

**▪ ୟୁକେ, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀମାନେ ଯୋଗଦେବେ**
**▪ ସବୁ ରାଜ୍ୟର ଶକ୍ତିମନ୍ତ୍ରୀ ମଧ୍ୟ ଯୋଗଦେବେ**

**ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)**

ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୬ ଓ ୭ ତାରିଖରେ ଓଡ଼ିଶାରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀର ଆୟୋଜନ ହେବ। ଏଥିରେ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ମଧ୍ୟରେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟିବିଆଇର ଷ୍ଟ୍ରେଟେଜିକ୍ କାଉନସେଲର ସନା ମରିନ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତିମନ୍ତ୍ରୀ ପ୍ରମୁଖ ଯୋଗଦେବା ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ଶକ୍ତିମନ୍ତ୍ରୀ ଯୋଗଦେବେ ଏବଂ ଅଧିବେଶନକୁ ସମ୍ବୋଧିତ ମଧ୍ୟ କରିବେ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀ ଭାରତର ଶକ୍ତି କ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ନିମନ୍ତେ ଏକ ସୁନ୍ଦର ପ୍ଲାଟ୍‌ଫର୍ମ ଯୋଗାଇଦେବ। ପରିବେଶ ସହ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ୨ ଦିନିଆ ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ ହେବ। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସିଏମ୍‌ଡି, ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା, ଏମ୍‌ଡି ଗ୍ରୀଡ୍‌କୋ ସତ୍ୟପ୍ରିୟ ରଥ, ଟିବିଆଇ ପକ୍ଷରୁ ବିବେକ ଅଗ୍ରୱାଲ, ନିନାଦ ସାଗର ଓ ପିଏରେ ୱାଲସ୍ (ଆଭାସି) ପ୍ରମୁଖ ଉପସ୍ଥିତ ଥିଲେ।

# କୁମ୍ଭୀର ଆକ୍ରମଣରେ ଯୁବକଙ୍କ ହାତ ଛିଣ୍ଡିଲା

**ବଇଣ୍ଡା, ୨୩।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ଝାମ୍ପୁଲି ଗ୍ରାମ ନାଳକୁ ଗୁରୁବାର ଶୌଚ ପାଇଁ ଯାଇଥିବା ସ୍ଥାନୀୟ ଯୁବକ ରଞ୍ଜିତ ପ୍ରଧାନ (୫୦) କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ରଞ୍ଜିତଙ୍କ ଗୋଟିଏ ହାତ ଅଧାରୁ ଛିଣ୍ଡିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ରଞ୍ଜିତ ଛେଳି ଚରାଇବା ପାଇଁ ଯାଇଥିଲେ। ପରେ ଝାମ୍ପୁଲି ନାଳରେ ଶୌଚ ହେଉଥିବା ବେଳେ ହଠାତ୍ ଏକ କୁମ୍ଭୀର ତାଙ୍କ ବାମ ହାତକୁ କାମୁଡ଼ି ଧରିଥିଲା। ଫଳରେ ତାଙ୍କ ହାତ ଅଧାରୁ ଛିଣ୍ଡି ଯାଇଥିଲା। ନାଳ ନିକଟରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ବାମୁର ବନ ବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତୁରନ୍ତ ରଞ୍ଜିତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ବାତ୍ସଲ୍ୟ ସଦନକୁ ମିଳୁନି ଜମି

**ଭୁବନେଶ୍ୱର,୨୩।୧୦ (ରବିନାରାୟଣ ଜେନା)**

## ତ୍ୱରିତ୍ ପଦକ୍ଷେପ ଲାଗି ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ

ପ୍ରତ୍ୟେକ ଶିଶୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ଏବଂ ସବୁ ପ୍ରକାର ସୁରକ୍ଷା ଯୋଗାଇଦେବା ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ(ଏମ୍‌ଡବ୍ଲ୍ୟୁସିଡି) ପକ୍ଷରୁ 'ବାତ୍ସଲ୍ୟ ସଦନ' ଯୋଜନାରେ ଓଡ଼ିଶାକୁ ୨୩ଟି ବାତ୍ସଲ୍ୟ ସଦନ ମଞ୍ଜୁର ହୋଇଛି। ହେଲେ ଏଯାଏ ୧୪ଟି ସଦନ ପାଇଁ ଜମି ମିଳିପାରୁନାହିଁ। ତୁରନ୍ତ ସମ୍ପୃକ୍ତ ଜିଲାରେ ଜମି ଯୋଗାଇ ଦେବା ଲାଗି ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଡ. ଶୁଭା ଶର୍ମା ସମ୍ପୃକ୍ତ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଭର୍ଣ୍ଣିଂ ବଡି ବୈଠକର ସୂଚନା ଅନୁଯାୟୀ, ଓଡ଼ିଶାକୁ ୨୩ଟି ବାତ୍ସଲ୍ୟ ସଦନ ପାଇଁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ୯ଟି ଜିଲାରେ ସଦନ ପାଇଁ ଜମି ପଟ୍ଟା ଯୋଗାଡ଼ ହୋଇସାରିଛି। ସେଥିମଧ୍ୟରେ ବଲାଙ୍ଗୀର, ଗଜପତି, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ନବରଙ୍ଗପୁର ଓ ରାୟଗଡ଼ା ଜିଲା ରହିଛି। ସେହିପରି ୮ଟି ଜିଲାରେ ଜମି ଚିହ୍ନଟ ହୋଇ ଜମି ପଟ୍ଟା ହସ୍ତାନ୍ତର ପ୍ରକ୍ରିୟା ଭିତରେ ରହିଥିବାବେଳେ ଅବଶିଷ୍ଟ ୫ ଜିଲାରେ ଏପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇପାରିନାହିଁ। ଏହାକୁ ନେଇ ପ୍ରମୁଖ ସଚିବ ତୁରନ୍ତ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଥ୍ୟ ଅନୁଯାୟୀ, ଏହି ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ କାର୍ଯ୍ୟକାରୀ ହେବ। କେନ୍ଦ୍ର ୬୦ ପ୍ରତିଶତ ଅର୍ଥ ଦେବାକୁ ରହିଥିବାବେଳେ ରାଜ୍ୟ ୪୦ ପ୍ରତିଶତ ଅର୍ଥ ଯୋଗାଇବ। ଯଦି ସମୟ ଭିତରେ ଯୋଜନା କାର୍ଯ୍ୟକାରୀ ନ ହୁଏ ତେବେ କେନ୍ଦ୍ର ସହାୟତା ମିଳିବାରେ ଅନ୍ତରାୟ ସୃଷ୍ଟି ହୋଇପାରେ। ଏହି ଯୋଜନାକୁ କାର୍ଯ୍ୟକାରୀ ଲାଗି ଯଦି ଅଧିକ ଅର୍ଥର ଆବଶ୍ୟକ ପଡ଼େ ତେବେ ରାଜ୍ୟ ନିଜସ୍ୱ ବଜେଟରୁ ଦେଇପାରିବ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ବାତ୍ସଲ୍ୟ ସଦନ ପାଇଁ ଜମି ଯୋଗାଇବା ଲାଗି ପ୍ରମୁଖ ସଚିବ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।

ସୂଚନାଯୋଗ୍ୟ, ଶିଶୁମାନଙ୍କୁ ସୁରକ୍ଷା ଯୋଗାଇବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବାତ୍ସଲ୍ୟ ଯୋଜନାକୁ ଠିକଣା ଭାବେ କାର୍ଯ୍ୟକାରୀ କରିବା ଲାଗି ୨୦୨୨ରୁ ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ସରକାର ଯେଭଳି ଯୋଜନାର କାର୍ଯ୍ୟକାରୀ କରିବେ ସେନେଇ ମନ୍ତ୍ରଣାଳୟର ଯୁଗ୍ମସଚିବ ଇନ୍ଦ୍ର ମାଲୋ ସ୍ପଷ୍ଟ ଦର୍ଶାଇଛନ୍ତି। ଏଥିରେ ଶିଶୁମାନଙ୍କୁ ସବୁ ପ୍ରକାର ସୁରକ୍ଷା ଯୋଗାଇବା ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଥିବା ମାର୍ଗଦର୍ଶିକାରୁ ଜଣାଯାଇଛି।

# ୫୪୬୪ ଛାତ୍ରାବାସକୁ ଗଲା ୬.୨୪ ଲକ୍ଷ କୁଇଣ୍ଟାଲ ପୋଷଣ ଚାଉଳ

**ଭୁବନେଶ୍ୱର,୨୩।୧୦(ରବିନାରାୟଣ ଜେନା)**

ରାଜ୍ୟରେ ଥିବା ୫୪୬୪ ଛାତ୍ରାବାସ ଲାଗି ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବରରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୬ଲକ୍ଷ ୨୪ହଜାର ୪୨୯କୁଇଣ୍ଟାଲ ପୋଷଣଯୁକ୍ତ ଚାଉଳ ବଣ୍ଟନ କରାଯିବ। ଏନେଇ ତ୍ୱରିତ୍ ପଦକ୍ଷେପ ନେବା ଲାଗି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ସବୁ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ନିଜସ୍ୱ ୪୮୧୬ ଛାତ୍ରାବାସ ଏବଂ ଅନୁଦାନପ୍ରାପ୍ତ ୬୪୮ ଛାତ୍ରାବାସରେ ରହୁଥିବା ୬ଲକ୍ଷ ୯୩ହଜାର ୮୧୦ ଅନ୍ତେବାସୀ(ଛାତ୍ରୀଛାତ୍ର)ଙ୍କ ପାଇଁ ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ ଏହି ପୋଷଣଯୁକ୍ତ ଚାଉଳ ପ୍ରଦାନ କରାଯିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରୀ ଛାତ୍ରାବାସରେ ଏହି ଚାଉଳ ୧ଟଙ୍କାରେ ଦିଆଯିବ ଏବଂ ଅନୁଦାନପ୍ରାପ୍ତ ୬୪୮ ଛାତ୍ରାବାସରେ ରହୁଥିବା ୩୪ହଜାର ୫୧ ଅନ୍ତେବାସୀଙ୍କ ପାଇଁ ବିପିଏଲ୍ ଦରରେ କିଲୋଗ୍ରାମ ପ୍ରତି ୫.୬୫ ଟଙ୍କାରେ ଦେବାକୁ ହେବ। ଜିଲାରେ ଥିବା ଗଚ୍ଛିତ ଚାଉଳକୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଦେବାକୁ ହେବ ବୋଲି ସ୍ୱତନ୍ତ୍ର ସଚିବ ପତ୍ରରେ ଦର୍ଶାଇଛନ୍ତି।

ତଥ୍ୟ ଅନୁଯାୟୀ, ଚାରୋଟି ବିଭାଗରେ ୪୮୧୬ ଛାତ୍ରାବାସ ରହିଛି। ସେଥିମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୪୩୯୦ ଛାତ୍ରାବାସ ରହିଥିବାବେଳେ ୬ଲକ୍ଷ ୧୮ହଜାର ୮୧୨ଜଣ ଅନ୍ତେବାସୀଙ୍କ ପାଇଁ ୫ଲକ୍ଷ ୫୬ହଜାର ୯୩୦ କୁଇଣ୍ଟାଲ ପୋଷଣଯୁକ୍ତ ଚାଉଳ ପ୍ରଦାନ କରାଯିବ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୩୯୮ଟି ଛାତ୍ରାବାସରେ ରହୁଥିବା ୩୯ହଜାର ୫୪୫ ଛାତ୍ରୀଛାତ୍ରଙ୍କ ଲାଗି ୩୫,୫୯୦.୫୦କୁଇଣ୍ଟାଲ ଚାଉଳ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ୨୮ଟି ଛାତ୍ରାବାସରେ ରହୁଥିବା ୧୪୦୨ଜଣ ଛାତ୍ରୀଛାତ୍ରଙ୍କ ଲାଗି ୧,୨୬୧.୮୦ କୁଇଣ୍ଟାଲ ଚାଉଳ ବଣ୍ଟନ ହେବ। ସେହିପରି ସରକାରଙ୍କ ଅନୁଦାନପ୍ରାପ୍ତ ଛାତ୍ରାବାସ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ଥିବା ୧୪୭ ଛାତ୍ରାବାସରେ ୯୯୨୨ ଅନ୍ତେବାସୀଙ୍କ ଲାଗି ୮,୯୨୯.୮୦ କୁଇଣ୍ଟାଲ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗରେ ଥିବା ୨୮୭ ଛାତ୍ରାବାସ ଲାଗି ୧୪,୮୭୬ ଅନ୍ତେବାସୀଙ୍କ ପାଇଁ ୧୩,୩୮୮.୪ କୁଇଣ୍ଟାଲ, ଗଣଶିକ୍ଷା ବିଭାଗ ଅଧୀନରେ ଥିବା ୨ଟି ଅନୁଦାନପ୍ରାପ୍ତ ଛାତ୍ରାବାସ ପାଇଁ ୧୮୦ କୁଇଣ୍ଟାଲ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗରେ ଥିବା ୨୧୨ ଛାତ୍ରାବାସର ୯,୦୫୩ ଅନ୍ତେବାସୀଙ୍କ ପାଇଁ ୮,୧୪୭.୭୦ କୁଇଣ୍ଟାଲ ଚାଉଳ ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ନୂଆପଡ଼ା ସମେତ ସମସ୍ତ ଜିଲାରେ ଛାତ୍ରାବାସକୁ କେତେ ଚାଉଳ ଯୋଗାଣ କରାଗଲା ତା'ର ତଥ୍ୟ ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ ସ୍ୱତନ୍ତ୍ର ସଚିବ ପତ୍ରରେ ଦର୍ଶାଇଛନ୍ତି।

# ୫୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଆଳୁଚାଷ ପାଇଁ ଯୋଜନା

**ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)**

ଚଳିତବର୍ଷ ସରକାର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଚାଷଜମିରେ ଆଳୁଚାଷ କରିବା ପାଇଁ ଯୋଜନା କରିଛନ୍ତି। ଆଳୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭର କରିବା ଅଭିଯାନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକସେବା ଭବନଠାରେ ଗୁରୁବାର ଏହି ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାକୁ ଆଳୁରେ ଆତ୍ମନିର୍ଭର କରିବା ଅଭିଯାନରେ ଚଳିତ ବର୍ଷ ଚାଷୀଙ୍କୁ ଆଗୁଆ ବିହନ ଯୋଗାଇଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ପ୍ରାୟ ୩ ଲକ୍ଷ କୁଇଣ୍ଟାଲ ପାଖାପାଖି ଆଳୁ ବିହନ ଆବଶ୍ୟକ ହୋଇଥାଏ। ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ଆଗୁଆ ବିଭାଗ ପକ୍ଷରୁ ତାହା ଯୋଗାଇଦିଆଯିବ। ରାଜ୍ୟର ସବୁ ଜିଲାକୁ ସେମାନଙ୍କ ଆବଶ୍ୟକ ଅନୁଯାୟୀ ବିହନ ପରିମାଣର ତଥ୍ୟ କୃଷି ବିଭାଗକୁ ପ୍ରେରଣ କରିବା ନିମନ୍ତେ କୁହାଯାଇଛି। ନଭେମ୍ବର ପ୍ରଥମ ସପ୍ତାହରୁ ଆଳୁ ବିହନ ଯୋଗାଣ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଆବଶ୍ୟକ ମୁତାବକ ବ୍ଲକ୍ ଅନୁଯାୟୀ ଏହାର ଯୋଗାଣ କରାଯିବ। ଏହାବ୍ୟତୀତ ପ୍ରାୟ ୬ ହଜାର ହେକ୍ଟର ଜମିରେ ୬୦୦ କୁଇଣ୍ଟାଲ ପିଆଜ ଚାଷ, ୧୦୦୦ ହେକ୍ଟର ଜମିରେ ୧୦୦ କୁଇଣ୍ଟାଲ ଲଙ୍କା, ୩୦୦ ହେକ୍ଟର ଜମିରେ ୭୫୦୦ କୁଇଣ୍ଟାଲ ରସୁଣ ବିହନ ଚାଷ ପାଇଁ ଯୋଜନା ରହିଛି। ଯେଉଁଠି ବି ଅଧିକା ବିହନ ଆବଶ୍ୟକ କିମ୍ବା ଅଭାବ ଦେଖାଦେବ କୃଷି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନମ୍ବର ୧୫୫୩୩୩ରେ ଯୋଗାଯୋଗ କିମ୍ବା ନିକଟସ୍ଥ ଉଦ୍ୟାନ କୃଷି ଅଧିକାରୀଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି।



ଭୁବନେଶ୍ୱରସ୍ଥିତ ଭଗବତୀ ଭବନରେ ଗୁରୁବାର ଆୟୋଜିତ ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ଭଗୀରଥ, ସିପିଆଇର ପ୍ରତିଷ୍ଠାତା ସମ୍ପାଦକ ତଥା ସ୍ୱାଧୀନତା ସଂଗ୍ରାମୀ ଭଗବତୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ବିକ୍ରମଙ୍କ ଗିରଫ ପରେ ଅଡୁଆରେ ଗଞ୍ଜାମ ବିଜେଡି

**ବ୍ରହ୍ମପୁର,୨୩।୧୦(ଅଶୋକ କୁମାର ସାହୁ)**

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ବୁଧବାର ଗଞ୍ଜାମ ବିଜେଡିର ମଙ୍ଗ ଧରିଥିବା ଜିଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଜେଲ୍ ପଠାଇଛି। ଗଞ୍ଜାମରେ ବିଜେଡି ଦୀର୍ଘଦିନ ପରେ ଜଣେ ଯୁବ ନେତାଙ୍କ ଉପରେ ଭରସା କରି ବିକ୍ରମଙ୍କୁ ଜିଲା ଦାୟିତ୍ୱ ଦେଇଥିଲା। ବର୍ତ୍ତମାନ ତାଙ୍କ ଗିରଫଦାରି ପରେ ଗଞ୍ଜାମ ବିଜେଡିରେ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ଦେଖିବାକୁ ଗଲେ ପୂର୍ବରୁ ବିଜେଡି ବହୁ ବିଶୃଙ୍ଖଳିତ ନେତାଙ୍କୁ ନିଲମ୍ବନ କରିଥିବା ନଜିର ରହିଛି। ବିକ୍ରମଙ୍କ ଉପରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିକ୍ରମଙ୍କ ମାମଲା ଅଦାଲତ ବିଚାର କରିବେ। ତେବେ ସୋସିଆଲ ମିଡିଆରେ ଏହି ଘଟଣା ଯେଭଳି ଭାଇରାଲ ହେବାରେ ଲାଗିଛି, ତାହା ବିକ୍ରମଙ୍କ ରାଜନୈତିକ କ୍ୟାରିୟରରେ ଦାଗ ଲଗାଇପାରେ ବୋଲି କୁହାଯାଉଛି।

୨୦୨୪ ନିର୍ବାଚନ ପୂର୍ବରୁ ଗଞ୍ଜାମ ଜିଲାର ଗୋପାଳପୁର ନିର୍ବାଚନମଣ୍ଡଳୀରୁ ବିଧାୟକ ନିର୍ବାଚିତ ହୋଇ ଆସୁଥିବା ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି ବହିଷ୍କାର କରିବା ପରେ ଦଳର ମୁଖିଆ ସେଠାକାର ଦାୟିତ୍ୱ ବିକ୍ରମଙ୍କ ହାତରେ ନ୍ୟସ୍ତ କରିଥିଲେ। ପରେ ସେଠାରୁ ଟିକେଟ ପାଇ ବିକ୍ରମ ପରାସ୍ତ ହୋଇଥିଲେ। କେବଳ ବିକ୍ରମ ନୁହନ୍ତି, ଜିଲାର ଅନେକ ଟାଣୁଆ ନେତା ନିର୍ବାଚନରେ ହାରିଥିଲେ। ଅବିଭକ୍ତ ଗଞ୍ଜାମ ଜିଲାର ୨ ସଂସଦୀୟ କ୍ଷେତ୍ର ଓ ୧୪ ବିଧାନସଭା ଆସନ ମଧ୍ୟରୁ ୧୧ ଆସନକୁ ଭାଜପା ଦଖଲ କରିଥିଲା। ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କମ୍ ଭୋଟରେ ବିଜୟୀ ହୋଇଥିଲେ। ତୃଣମୂଳସ୍ତର ଅର୍ଥାତ୍ ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦଗୁଡ଼ିକରେ ବିଜେଡିର ପ୍ରଭାବ ଥିଲେ ମଧ୍ୟ ଏଭଳି ପରବର୍ତ୍ତନ ବିଜେଡିକୁ ଶକ୍ତ ଧକ୍କା ଦେଇଥିଲା। ନବୀନଙ୍କୁ ପଛରେ ରଖି ବିଜେଡିର ସବୁକଥା ବୁଝୁଥିବା ଭି.କେ.ପାଣ୍ଡିଆନଙ୍କ ଯୋଗୁ ଦଳ ପରାଜୟ ଭୋଗିଲା ବୋଲି ସେତେବେଳେ ସାଧାରଣରେ ଚର୍ଚ୍ଚା ହୋଇଥିଲା। ଫଳରେ ଧୀରେ ଧୀରେ ଦଳୀୟ ନେତୃବୃନ୍ଦଙ୍କ ମଧ୍ୟରେ ଅସନ୍ତୋଷ ମୁଣ୍ଡ ଟେକିଥିଲା। ଜିଲା ମୁଖିଆଙ୍କୁ ପରିବର୍ତ୍ତନ କଲେ ଦଳ ପୁଣି ମୁଖ୍ୟସ୍ରୋତକୁ ଫେରିବ ବୋଲି ଚିନ୍ତା କରାଯାଇ ଜିଲା ସଭାପତିମାନଙ୍କୁ ପରିବର୍ତ୍ତନ କରାଗଲା। ସେହି ଅନୁସାରେ ଦୀର୍ଘଦିନ ଧରି ଗଞ୍ଜାମ ଜିଲା ବିଜେଡି ସଭାପତି ରହିଥିବା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ହଟାଇ ଦଳ ଯୁବନେତା ବିକ୍ରମଙ୍କୁ ଭରସା କଲା। ତାଙ୍କୁ ଗତ ଅଗଷ୍ଟରେ ଜିଲା ବିଜେଡି ସଭାପତି ଦାୟିତ୍ୱ ଦିଆଗଲା। ତାଙ୍କ ନେତୃତ୍ୱରେ ସାରା ଜିଲାରେ ଅନେକ ସଭାସମିତି ଓ ବିଭିନ୍ନ ସମୟରେ ଭାଜପା ସରକାର ବିରୋଧରେ ପ୍ରତିବାଦର ସ୍ୱର ଉଠିଥିବା ଦେଖାଯାଇଥିଲା। ବ୍ରହ୍ମପୁରର ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ କହିଛନ୍ତି, ଆଗକୁ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନରେ ମଧ୍ୟ ବିକ୍ରମଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

ଗଞ୍ଜାମ ବିଜେଡି ବିକ୍ରମଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଥିବା ଉପରଲିଖିତ ଆଲୋଚନାରୁ ବୁଝିହେଉଛି। ଏଭଳି ସ୍ଥିତିରେ ବିକ୍ରମଙ୍କ ଗିରଫଦାରୀକୁ ବିଜେଡି ସହଜରେ ହଜମ କରିପାରୁନି। ଏ ସଂକ୍ରାନ୍ତରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ଆଈ ମା' କାହାଣୀ କହୁଛି। ବିକ୍ରମ ପଣ୍ଡାଙ୍କ ଉପରେ ଦଳ ମୁଖ୍ୟଙ୍କ ଭରସା ରହିଛି। ତାହା ନ ହେଲେ ତାଙ୍କ ପଛରେ ରାଜ୍ୟ ନେତୃତ୍ୱ ଠିଆ ହୋଇ ନ ଥାନ୍ତା। ଉଦ୍ଦେଶ୍ୟମୂଳକ ଭାବେ ବିକ୍ରମଙ୍କୁ ଗିରଫ କରାଯାଇଛି। ବିଜେଡି ବର୍ତ୍ତମାନ ଠିକ୍ ଅଛି। ଦଳର ଭବିଷ୍ୟତ ଠିକ୍ ରହିବ। ଜିଲା କମିଟିକୁ ନେଇ ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ତାହା ଦଳୀୟ ମୁଖ୍ୟ ବିଚାର କରି ପଦକ୍ଷେପ ନେବେ ବୋଲି ତୁମ୍ବନାଥ କହିଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ନାଗାର୍ଜୁନ ବେଶ ପ୍ରଦର୍ଶନ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଟିମ୍ ଟାଲି ପକ୍ଷରୁ ଟାକ୍ସ ଆଣ୍ଡ ଆକାଉଣ୍ଟିଂ ଟାଇଟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ମେଫେୟାର୍ କନ୍‌ଭେନ୍‌ଶନ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଜନତା ଅଧିକାରର ବେକାରୀ ମୁକ୍ତ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭାଷା ଆନ୍ଦୋଳନ ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ବାଦିକ ସଂଘ ସଭାଗୃହ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସଦାଶିବ ହାଇସ୍କୁଲ, ଲକ୍ଷ୍ମଣନାଥ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଖଇରା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ଜନସମାବେଶ, ସ୍ଥାନ: ଶାଳବନ୍ଦ ପଡ଼ିଆ, ନୀଳଗିରି, ସମୟ: ଅପରାହ୍ନ ୪ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ପଞ୍ଚମ ଦିବସ, ସ୍ଥାନ: ପୋଡ଼ାଶୁଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ମ୍ୟାଜିକ ଶୋ' ଏବଂ ରେକର୍ଡ ଡ୍ୟାନ୍ସ, ସ୍ଥାନ: ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗଣ୍ଡିବେଡ, ଖଇରା, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୪ର୍ଥ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ତପନେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ତପନେଶ୍ୱର ନୋଡାଲ ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଧାମନଗର ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ଅଡାଳପଙ୍କ କାଳୀପୂଜା ମଣ୍ଡପ, ବନ୍ତ, ସମୟ: ରାତି ୮ଟା।

**କେନ୍ଦୁଝର**
- ଜିଲାସ୍ତରୀୟ ଡିସଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସ୍ ପୋଲିସ ହାଇସ୍କୁଲ, କେନ୍ଦୁଝର, ସମୟ: ସକାଳ ୯ଟା।
- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରଶେଖର କପ୍ ଫୁଟବଲ ମହାକୁମ୍ଭ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।
- କାଳୀପୂଜା ଉପଲକ୍ଷେ ପାଟଣା ବଣିକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ହାଟ ତୋଟା, ସମୟ: ସନ୍ଧ୍ୟା ୭ଟା।
- ଧିଙ୍ଗୁଆନ ମହୋତ୍ସବ, ସ୍ଥାନ: କୁଣ୍ଡଳା ଧିଙ୍ଗୁଆନ ପେଣ୍ଡାଲ, ସାହାରପଡ଼ା, ସମୟ: ରାତି ୮ଟା।

**ମୟୂରଭଞ୍ଜ**
- ପଶୁଦା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି–୨୦୨୫, ସ୍ଥାନ:ସରକାରୀ କିଷାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାନ ବେଲାକୁଟି, ଗୋପବନ୍ଧୁ ନଗର ସମୟ:ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଦାନ୍ତିଆମୁହାଁ କ୍ଲଷ୍ଟର, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ:ଉଦଳା ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ,ସ୍ଥାନ:ନିଚୁଆପଦା, ମୋରଡ଼ା,ସମୟ:ଅପରାହ୍ନ ୩ଟା।
- ଗୋରୁ ଖୁଣ୍ଟା କାର୍ଯ୍ୟକ୍ରମ, ସ୍ଥାନ: ହଳଦୀପାଳ ସମାଇଡ଼ିହି, ମୋରଡ଼ା, ସମୟ:ଅପରାହ୍ନ ୪ଟା।

**ଗଞ୍ଜାମ**
- ଶ୍ରୀ ମଦଭାଗବତ ପାରାୟଣର ଶୁଭଅଧିବାସ, ସ୍ଥାନ: ବୁଗୁଡ଼ା କଦମ୍ବମଠ, ସମୟ: ସକାଳ ୭ ଟା।
- ରାଜନୀତି ବିଜ୍ଞାନ ବିଭାଗର ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

**ଗଜପତି**
- ସର୍ଦ୍ଦାର ବଲ୍ଲଭ ଭାଇପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ସମୟ: ସକାଳ ୮ଟା ୪୫।

**ଅନୁଗୋଳ**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଗଡ଼ିଆ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀପୂଜା ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ଜରାସିଙ୍ଗା, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଅନୁଗୋଳ ପୌରପରିଷଦ ଟାଉନ ହଲ୍, ସମୟ: ଅପରାହ୍ନ ୫ଟା।

**ରାୟଗଡ଼ା**
- ମହାଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡ଼ିଆ, ମୁନିଗୁଡା, ସମୟ: ସକାଳ ୮ଟା ୩୦।
- ୱାକ ଫର୍ ଡିସଲେକ୍ସିଆ (ଲର୍ନିଂ ଡିଜାବିଲିଟି) ରାଲି, ସ୍ଥାନ: ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚାନ୍ଦିଲି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ, ସ୍ଥାନ: ଜେକେପୁର ଦଶହରା ପଡିଆ, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଡାବୁଗାଁ ବ୍ଲକ ବାଇଗାଁସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଠକେଇରୁ ବଞ୍ଚିବାକୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜାତୀୟସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦିଶା ବୈଠକ, ସ୍ଥାନ: ସଦ୍‌ଭାବନା, ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ସମ୍ବଲପୁର କରଣ ସମାଜ ଆୟୋଜନରେ ଚିତ୍ରଗୁପ୍ତ ପୂଜାର୍ଚ୍ଚନାର ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ, ସମୟ: ସକାଳ ୭ଟା ୪୫।
- ଶିକ୍ଷା ବିକାଶ ସମିତି ପକ୍ଷରୁ ଶିଶୁ ବଜାର କାର୍ଯ୍ୟକ୍ରମ, ସ୍ଥାନ : ଗୋଡଭଗା ଘୁଡୁକାଟିକିରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ସକାଳ ୯ଟା।
- ଧନକଉଡା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା, ସ୍ଥାନ : ଗୋଶାଳା ସ୍ଥିତ ଆରଏମ୍‌ସି ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଚିତ୍ରଗୁପ୍ତ କଲ୍ୟାଣ ସଂଘ ଆୟୋଜନରେ ଚିତ୍ରଗୁପ୍ତ ଦେବଙ୍କ ପୂଜାର କଳସ ବିସର୍ଜନ କାର୍ଯ୍ୟକ୍ରମ , ସ୍ଥାନ : ମହାନ୍ତିପଡା ଛକ, ସମୟ : ଅପରାହ୍ନ ୩ଟା।
- ପ୍ରତିଷ୍ଠା ପରିବାରର ପ୍ରସ୍ତୁତି ବୈଠକ, ସ୍ଥାନ: ବୁର୍ଲା ସ୍ଥିତ ପ୍ରତିଷ୍ଠା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ୍ ଟିନ ଓ ମାଷ୍ଟର ଟିନ୍–୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

**ବଲାଙ୍ଗୀର**
- ବଲାଙ୍ଗୀର ଦିନ୍ ଉପଲକ୍ଷେ ହୁଳହୁଳି ଓ ଶଙ୍ଖ ଫୁଙ୍କା ପ୍ରତିଯୋଗିତା, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।

**ରାଉରକେଲା**
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରାଉରକେଲା ଆମ୍ବାଗାନ ମାର୍କେଟ, ସମୟ: ସକାଳ ୮ଟା।
- ନକ୍ ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କେଲିଙ୍ଗା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭେଣ୍ଟିଲେଟର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା ସିଡବ୍ଲୁଏସ୍ ହସ୍ପିଟାଲ, ସମୟ: ପୂର୍ବାହ୍ନ ୧୦ଟା ୪୫।
- କେନ୍ଦ୍ରୀୟ ଛଟ୍ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିଟି ସୁପରମାର୍କେଟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ରୋଟାରି କ୍ଲବ ଅର୍ବାନ ପକ୍ଷରୁ ବିଶ୍ୱ ପୋଲିଓ ଦିବସ, ସ୍ଥାନ: ଗର୍ଜନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳା, ସ୍ଥାନ: ସେକ୍ଟର–୧୪ ଡିପିଏସ୍ ସ୍କୁଲ, ସମୟ: ଅପରାହ୍ନ ୪ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ କାଳୀପୂଜା ମେଳଣ, ସ୍ଥାନ: ବାଲୁଘାଟ, ସମୟ: ସନ୍ଧ୍ୟା ୬ଟା।
- ଓଡିଶା ଭାଷା ବିକାଶ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଅରବିନ୍ଦ ସ୍କୁଲ ପକ୍ଷରୁ ପାଠଚକ୍ର କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ବିଶ୍ୱ ପୋଲିଓ ଦିବସ ଉପଲକ୍ଷେ ରୋଟାରୀ କ୍ଲବ ଓ ରାଉରକେଲା ନର୍ସିଂ କଲେଜ ପକ୍ଷରୁ ରାଲି ଓ ପଥପ୍ରାନ୍ତ ନାଟକ, ସ୍ଥାନ: ହସ୍ପିଟାଲ ଛକ, ସମୟ: ସକାଳ ୯ଟା।
- ବଡ଼ଗାଁ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରୁଭି, ସ୍ଥାନ: ସାହାଜବାହାଲ ନୋଡାଲ ହାଇସ୍କୁଲ,ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟିଆମୁରା ଗ୍ରାମରେ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟନୀ ଉତ୍ସବ, ସ୍ଥାନ: କଣ୍ଟିଆମୁରା ଖେଳ ପଡିଆ,ସମୟ: ପୂର୍ବାହ୍ନ ୧୧ଟା୩୦।
- ବ୍ୟାଙ୍କ ଜମା ସୁରକ୍ଷା ସମ୍ବନ୍ଧୀୟ ସଚେତନା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ମା' ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୬ଟା।
- ମା' ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ଗୋବିନ୍ଦପାଲି, ବରଗଡ଼, ସମୟ: ସକାଳ ୭ଟା।
- ୨୭ତମ ଲକ୍ଷ୍ମୀ ପୂଜା,ସ୍ଥାନ:ବଣିକ ସଂଘ, ଗାଇସିଲେଟ, ସମୟ:ପୂର୍ବାହ୍ନ ୮ଟା।

**କଳାହାଣ୍ଡି**
- ଶିକ୍ଷା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମର ଜୁଗୁଲା ଡଙ୍ଗରସ୍ଥିତ ପୂଜା ମଣ୍ଡପ, ସମୟ: ରାତି ୮ଟା।

**ବୌଦ୍ଧ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଦେବଗଡ଼**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ତିଳେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ଭୀମଭୋଇଙ୍କ ପୀଠରେ ପବିତ୍ର ମାଘମେଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସୋନପୁର ବ୍ଲକ ଖଲିଆପାଲି ସ୍ଥିତ ମାତା ମଠ ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଡୁଙ୍ଗୁରିପାଲି ସୁଲେଇ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକ ପଞ୍ଚୁକ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ବୀର ସୁରେନ୍ଦ୍ର ସାଏ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ମହିଳା ମହାବିଦ୍ୟାଳୟରେ ଏକଦିବସୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ମହାବିଦ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସୁକାନ୍ତି ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ ଉତ୍କର୍ଷ–୨୦୨୫, ସ୍ଥାନ: ସୋନପୁର ବ୍ଲକର ଧୋବାବାହାଲି, ସମୟ: ସନ୍ଧ୍ୟା ୫ଟା ୩୦।

**ନୂଆପଡ଼ା**
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୮ଟା।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ରାତି ୯ଟା।
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ରାତି ୧୦ଟା ୧୫।

**ପ୍ରଥମ ପୃଷ୍ଠାରୁ...**

## ରୁଷୀୟ ତୈଳ ଉପରେ...

ଏଥିସହ ୱାଶିଂଟନ୍ କୂଟନୀତିକୁ ଛାଡ଼ି ଯୁଦ୍ଧ ଭଳି କାର୍ଯ୍ୟ କରିବା ଦୁର୍ଭାଗ୍ୟଜନକ ବୋଲି କହିଛି। ଏହା ଉପରେ ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପର ସର୍ବବୃହତ୍ ସ୍ଥଳଯୁଦ୍ଧରେ ରୁଷିଆର ପାଣ୍ଠି ଯୋଗାଣ ସାମର୍ଥ୍ୟକୁ ଟାର୍ଗେଟ କରାଯାଇଛି। ଆବଶ୍ୟକ ହେଲେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଆମ ସହ ସାମିଲ ହୋଇ ଅନୁରୂପ କଟକଣା ଜାରିକରିବା ଦିଗରେ ଆମେ ସେମାନଙ୍କୁ ପ୍ରୋତ୍ସାହିତ କରିବ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନୂଆ କଟକଣାକୁ ସମର୍ଥନ ଜଣାଇ ଆମେରିକାକୁ ଧନ୍ୟବାଦ ଦେଇଛନ୍ତି। ମସ୍କୋ ଉପରେ ଆହୁରି କଠୋର କଟକଣା ଜାରି ସହ ଅଧିକ ଚାପ ପକାଯିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ ଭାରତୀୟ ଅଏଲ୍ ରିଫାଇନରମାନେ ମଧ୍ୟ ରୁଷୀୟ କ୍ରୁଡ୍ ଆମଦାନୀକୁ ସୀମିତ କରିବା ଦିଗରେ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ୟୁଏସ୍ ଟ୍ରେଜେରି ତୈଳ କମ୍ପାନୀଗୁଡ଼ିକୁ ନଭେମ୍ବର ୨୧ ସୁଦ୍ଧା ରୁଷୀୟ ତୈଳ ଉତ୍ପାଦନକାରୀଙ୍କ ସହ କାରବାର ଶେଷ କରିବାକୁ ମହଲତ ଦେଇଥିବାବେଳେ ଏନେଇ ଭାରତ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

କେନ୍ଦ୍ର ପତ୍ର ଲେଖିଥିବା ଜଣାପଡ଼ିଛି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି, ବଦଳି ଓ ପଦୋନ୍ନତି ସଂକ୍ରାନ୍ତ ପ୍ରକ୍ରିୟା ଦସ୍ତାବିଜ୍ ଅନୁଯାୟୀ, ସୁପ୍ରିମକୋର୍ଟର ସର୍ବବରିଷ୍ଠ ବିଚାରପତିଙ୍କୁ ସିଜେଆଇ ନିଯୁକ୍ତି ପାଇଁ ଉପଯୁକ୍ତ ବିବେଚନା କରାଯିବା ଉଚିତ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଉପଯୁକ୍ତ ସମୟରେ ବିଦାୟୀ ସିଜେଆଇଙ୍କଠାରୁ ତାଙ୍କ ଉତ୍ତରାଧିକାରୀ ନିଯୁକ୍ତି ସମ୍ପର୍କିତ ସୁପାରିସ ଲୋଡ଼ିଥାନ୍ତି। ସାଧାରଣତଃ ସିଜେଆଇ ୬୫ ବର୍ଷରେ ପଦାର୍ପଣ କରିବାର ମାସେ ପୂର୍ବରୁ ଏଭଳି ପତ୍ର ଲେଖାଯାଇଥାଏ। ସିଜେଆଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ବର୍ତ୍ତମାନ ବରିଷ୍ଠତମ ଏବଂ ସେ ଭାରତୀୟ ନ୍ୟାୟପାଳିକାର ମୁଖ୍ୟ ହେବାକୁ ଯାଉଛନ୍ତି। ସେ ସିଜେଆଇ ନିଯୁକ୍ତ ହେବା ପରେ ନଭେମ୍ବର ୨୪ରେ ଦାୟିତ୍ୱ ଗ୍ରହଣ କରି ୨୦୨୭ ଫେବୃଆରୀ ୯ ପର୍ଯ୍ୟନ୍ତ ପାଖାପାଖି ୧୫ ମାସ ଏହି ପଦବୀରେ ରହିବେ।

## ନକଲି ନିଯୁକ୍ତି...

ଫୋନ୍, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଆଦି ବିଭିନ୍ନ କାଗଜପତ୍ର, କେତେଜଣ ବ୍ୟକ୍ତିଙ୍କ ଫଟୋ, ପଦ୍ମାବତୀଙ୍କ ନାମରେ ଥିବା ଏକ ଟାଟା ଏସ୍‌ସିଇ(ଓଡି–୧୫–ଏସି–୪୯୧୫) ଗାଡ଼ି ଓ ରାହୁଲଙ୍କ ନାମରେ ଥିବା ଏକ କାର୍(ଓଡି–୧୫–ଜି–୪୬୭୧)କୁ ପୋଲିସ ଜବତ କରିଛି। ଗୁରୁବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ଏ ନେଇ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁଙ୍କ ସୂଚନା ଅନୁସାରେ ଗୁରୁବାର ସକାଳେ ଏଭଳି ଠକେଇର ଶିକାର ଚିପିଲିମା କର୍ଡୋଲାର ପଦ୍ମଲୋଚନ ଗର୍ଡିଆ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ତାଙ୍କ ଏତଲାରେ ରାହୁଲ ଓ ପଦ୍ମାଳୟାଙ୍କ ସହ ମିଶି ଭୁବନେଶ୍ୱରର ସୌମ୍ୟ ସାହୁ ଆର୍‌ଏମ୍‌ଏଏକ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥା ଖୋଲି ଅନେକ ଆଶାୟୀଙ୍କୁ ଚାକିରି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ଟଙ୍କା ଠକେଇ କରିଥିବା ଦର୍ଶାଇଥିଲେ। ବିଶେଷକରି ରାହୁଲ ଓ ପଦ୍ମାବତୀ ତାଙ୍କ ଭଳି ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ରେ ଝାଡୁଦାର ଓ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ଅଧିକାରପ୍ରାପ୍ତ ଆର୍‌ଏମ୍‌ଏଏକ୍ସ କମ୍ପାନୀ ଜରିଆରେ ସମ୍ବଲପୁର, ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାର ବହୁ ଆଶାୟୀ ଯୁବତୀଯୁବକଙ୍କୁ ଦୈନିକ ୪ ଶହ ଟଙ୍କାର ଠିକା କର୍ମଚାରୀଭାବେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇ ପ୍ରତ୍ୟେକଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ସେମାନେ ବିଭିନ୍ନ ସ୍ଥାନ ବିଶେଷକରି ଗ୍ରାମାଞ୍ଚଳରେ ବୈଠକମାନ ଆୟୋଜନକରି ପ୍ରତ୍ୟେକ ଆଶାୟୀଙ୍କଠାରୁ ୧୨ହଜାର ଟଙ୍କା ଲେଖାଏ ଆଦାୟକରି ସେମାନଙ୍କୁ ଦୈନିକ ୪ଶହ ଟଙ୍କାର ଠିକା ଝାଡୁଦାର ଓ ସଫେଇ କର୍ମଚାରୀ ଭାବେ ମିଛ ନିଯୁକ୍ତି ମଧ୍ୟ ଦେଇଥିଲେ। ଏପରିକି ପ୍ରାଥମିକସ୍ତରରେ ସେମାନେ କେତେଜଣଙ୍କୁ ଚାକିରି ବାବଦକୁ ଦୈନିକ ୪ଶହ ଟଙ୍କା ଲେଖାଏ ପ୍ରଦାନକରି ଆସ୍ଥାଭାଜନ ହୋଇଥିଲେ। ମାତ୍ର କାହାରିକୁ ନିଯୁକ୍ତିପତ୍ର ଦେଇ ନ ଥିଲେ। ତେବେ ପଦ୍ମଲୋଚନ ତାଙ୍କ ନିଯୁକ୍ତପତ୍ର ମାଗିବାରୁ ଅଭିଯୁକ୍ତମାନେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଏଥିରେ ସନ୍ଦେହ ହେବାରୁ ସେ ଏସ୍‌ଏମ୍‌ସି ଅଫିସକୁ ଯାଇ ସେଠାରେ ଆର୍‌ଏମ୍‌ଏଏକ୍ସ ସଂସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ମାତ୍ର ଏସ୍‌ଏମ୍‌ସି ଦ୍ୱାରା ଏଭଳି କୌଣସି ସଂସ୍ଥାକୁ ଅଧିକୃତ କରାଯାଇ ନ ଥିବା କର୍ତ୍ତୃପକ୍ଷ କହିବାରୁ ସେ ବୁର୍ଲା ଥାନାରେ ଏନେଇ ଗୁରୁବାର ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଏକ ମାମଲା(ନଂ. ୪୬୪/୨୫)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଉଭୟଙ୍କୁ ବୁର୍ଲା ପୋଲିସ ଚିପିଲିମା ଅଞ୍ଚଳରୁ ଗିରଫ କରିଥିଲା। ପରେ ଅଧିକ ତଦନ୍ତ କରିବାରୁ ବିଶେଷକରି ଗ୍ରାମାଞ୍ଚଳର ବେକାର ଯୁବତୀଯୁବକମାନଙ୍କୁ ଜାଲରେ ଫସାଇ ଚାକିରି ପ୍ରଲୋଭନରେ ଟଙ୍କା ଠିକି ନେଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ବୁଧବାର ମଧ୍ୟ ଅନୁରୂପଭାବେ ଚିପିଲିମା ନିକଟରେ ଏକ ବୈଠକ ଡାକି ବେକାର ଯୁବତୀଯୁବକଙ୍କୁ ପ୍ରଲୋଭିତ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଆର୍‌ଏମ୍‌ଏଏକ୍ସ ସଂସ୍ଥା ମଧ୍ୟ ଏକ ଜାଲ୍ ସଂସ୍ଥା ଜଣାପଡ଼ିଥିଲା ବୋଲି ଏସ୍‌ପି ଭାମୁ କହିଛନ୍ତି। ଗୁରୁବାର ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନାରତ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ।

## ଓଡ଼ିଶାରେ ୧ଲକ୍ଷ...

ଲକ୍ଷ୍ୟ ହାସଲ କରିବେ। ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ ହବ୍ ହେବା ପାଇଁ ଓଡ଼ିଶା ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଉଦ୍ୟମ ଦ୍ୱାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ଆସିବ ନାହିଁ, ଯୁବବର୍ଗଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହ ଜନସାଧାରଣଙ୍କୁ ସଶକ୍ତ କରିବ। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ। ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜିନିବେଶ ଏକ ଗେମ୍ ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ବେଦାନ୍ତର ଶିଳ୍ପ ପ୍ରକଳ୍ପଗୁଡିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ବାଇଡ୍ ବନ୍ଧୁକ...

କାର୍ବାଇଡ୍ ଗନ୍‌ର ବ୍ୟବହାର କରି ଭୋପାଳ ସହରରେ ୧୫୦ରୁ ଅଧିକ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ସାମାନ୍ୟ ଆହତ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକ ଉପଚାର ପରେ ଘରକୁ ପଠାଇଦିଆଯାଇଛି ବୋଲି ସେ କହିଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, କ୍ୟାଲସିୟମ କାର୍ବାଇଡ୍ ଗନ୍‌କୁ ବ୍ୟବହାର କରିବା ଅତ୍ୟନ୍ତ ବିପଜ୍ଜନକ। କାର୍ବାଇଡ୍ ପାଣିର ସଂସ୍ପର୍ଶରେ ଆସି ଏସିଟିଲିନ ଗ୍ୟାସ୍ ପ୍ରସ୍ତୁତ କରିଥାଏ ଏବଂ ବିସ୍ଫୋରଣ ହୋଇଥାଏ। ବିସ୍ଫୋରଣରେ ପ୍ଲାଷ୍ଟିକ୍ ପାଇପ୍‌ର ଛୋଟ ଖଣ୍ଡଗୁଡ଼ିକ ଶରୀରରେ ପ୍ରବେଶ କରିଥାଏ ଯାହା ଆଖି, ମୁହଁ ଏବଂ ଚର୍ମ ପାଇଁ କ୍ଷତିକାରକ। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ଦୀପାବଳି ପୂର୍ବରୁ ଗତ ୧୮ ତାରିଖରେ କାର୍ବାଇଡ୍ ଗନ୍‌ର ବିକ୍ରି ଉପରେ ରୋକ୍ ଲଗାଇବାକୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ କାର୍ବାଇଡ୍ ଗନ୍‌ର ବିକ୍ରି ଜାରି ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ତାରା ମଣିଷମରା**
**ଦୁଇ ତାରା କତରା ଘୋରା,**
**ତିନି ତାରା ଘରେ ପଶ**
**ଚାରି ତାରା ନାହିଁ ଦୋଷ ।**

ପ୍ରାଚୀନ କାଳରେ ଏହି ଅନ୍ଧବିଶ୍ୱାସ ଥିଲା ଯେ, ସନ୍ଧ୍ୟା ଆକାଶରେ ଉଇଁ ଆସୁଥିବା ପ୍ରଥମ ତାରାକୁ ଯିଏ ଦେଖିବ ତା' ପ୍ରତି ମୃତ୍ୟୁ ଭଳି ବିପଦ ଦେଖାଦେବ। ଦ୍ୱିତୀୟ ତାରା ଦେଖିଲେ ଆତଙ୍କ ଉପୁଜିବ, ତୃତୀୟ ତାରା ଦେଖିବା ମାତ୍ରେ ଘରେ ଲୁଚି ରହିବାକୁ ହେବ। ତେବେ ଚତୁର୍ଥ ତାରା ଦେଖିଲେ ଦୋଷମୁକ୍ତ। ତେଣିକି ଆଉ ଯେତେ ତାରା ଆଖିରେ ପଡିବ ଆଉ କିଛି ମନ୍ଦ ଫଳ ସୃଷ୍ଟି ହେବାର ଆଶଙ୍କା ନ ଥିବା ନେଇ ଏଠାରେ ଉଲ୍ଲେଖ କରାଯାଇଛି।

**ଏତେ ଦିନ ଯାଏ ଥିଲୁ ବସି**
**ଆଷାଢ଼ ମାସରେ ପାରୁଛୁ ଘଷି ।**

ସମୟ ଅନୁସାରେ ସମୟୋପଯୋଗୀ କାର୍ଯ୍ୟ କରାଯାଏ। ବର୍ଷା ଦିନେ ଖରା ଅଭାବ ଯୋଗୁ ଘଷି ପାରିବାରେ ନାନା ସମସ୍ୟା ଦେଖାଦିଏ। ବୁଦ୍ଧିହୀନ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କାର୍ଯ୍ୟସିଦ୍ଧି ସହ ହସଖୁସିରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ଯାତ୍ରା ସମୟରେ ବାହାର ଲୋକଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ସାମୂହିକ ଆଲୋଚନା, ଆନୁଷ୍ଠାନିକ କାମ, ମଜା ମଉଜର ପରିସରରୁ ଖୁସି ହୋଇପାରନ୍ତି।

**ବୃଷ** – ଆଜି ବନ୍ଧୁଙ୍କ ଆନୁଗତ୍ୟପୂର୍ଣ୍ଣ କଥାରେ ମନ ଖୁସି ହୋଇଯିବ। ଯାତ୍ରା କାଳରେ ଅଜଣା ଲୋକଙ୍କୁ ମନେଇବାରେ ସଫଳ ହେବେ। ରବିଙ୍କ ଦୁର୍ବଳତାରୁ ପାରିବାରିକ କ୍ଷେତ୍ର ସକାଶେ କୌଣସି ଅପୂର୍ଣ୍ଣତା ମନଦୁଃଖର କାରଣ ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟର କାନକୁହା କଥା ଶୁଣି ପଦାଧିକାରୀ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି।

**ମିଥୁନ** – ଆକସ୍ମିକଭାବରେ ନିକଟ ସମ୍ପର୍କୀୟଙ୍କ ସହ ଆଲୋଚନାରେ ଭାଗ ନେଇପାରନ୍ତି। ସତର୍କତା ଅଭାବରୁ ଅର୍ଥ କିମ୍ବା କୌଣସି ଜିନିଷ ହରାଇ ବ୍ୟସ୍ତତା ଅନୁଭବ କରିବେ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବାରେ ସଫଳତା ପାଇବେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରରେ ସହାୟକ ହେବାର ସୂଚନା ରହିଛି।

**କର୍କଟ** – ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବାରୁ କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ ହେବେ। ସମ୍ପର୍କୀୟଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିପାରନ୍ତି। ପରିବାରର ବ୍ୟୟ ଅଟକଳ କରିବେ ଏବଂ ବାଣିଜ୍ୟରେ ଉଚ୍ଚ ଫଳ ପ୍ରାପ୍ତି ହେବେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ** – ନିଜ କାମ ପଛକୁ ପକାଇ ଅନ୍ୟମାନଙ୍କ କାମକୁ ପ୍ରାଧାନ୍ୟ ଦେବାରୁ ସମାଲୋଚିତ ହେବେ। ଅଧିକାଂଶ ସମୟ ଆପଣଙ୍କ ଅନୁପସ୍ଥିତିଜନିତ ବନ୍ଧୁମାନେ ଅଭିଯୋଗ କରିପାରନ୍ତି। ବନ୍ଧୁ ରାଗ ଶୁଖାଇବାକୁ ଯାଇ ଠିକଣା ସମୟରେ ପ୍ରତିଶୋଧ ନେଇପାରନ୍ତି। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ। ଏହା ସାଙ୍ଗକୁ ଆତ୍ମୀୟମାନଙ୍କ କଟାଘା'ରେ ଚୂନଛିଟା ଦେଲା ଭଳି କଥା ମନକୁ ବେଶି ବାଧିବ। ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ। ଆବଶ୍ୟକତା ପୂରଣ କରିବାକୁ ଯାଇ ମୋଟା ଅଙ୍କର ଅର୍ଥ ଧାରକରଜ କରିବାକୁ ପଡ଼ିପାରେ।

**ତୁଳା** – ଆଜିର ଯାତ୍ରା, ସ୍ଥଗିତ କାମ, ପାଇବାକୁ ଥିବା ଅର୍ଥ ଯଥା ସମୟରେ ପାଇ ମନ ଖୁସି ହୋଇଯିବ। ନିଜ ଲୋକଙ୍କ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହେବେ। ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କାର୍ଯ୍ୟ ହାସଲ କରିବାକୁ ପଛାଇବେ ନାହିଁ।

**ବିଛା** – ଆଜି ଦିନସାରା ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ ଦୂରେଇଯିବା ସମସ୍ୟା ସୃଷ୍ଟି କରିବ। ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ସ୍ଥଗିତ କାମ ପାଇଁ କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡ଼ିପାରେ।

**ଧନୁ** – ଆକସ୍ମିକ ଦୂରଯାତ୍ରା ପ୍ରସ୍ତୁତିକରି ଶେଷରେ ସ୍ଥଗିତ ରଖିବାକୁ ବାଧ୍ୟ ହେବେ। ପରିବାରରୁ ଅପ୍ରୀତିକର ଖବର ପାଇ ସକାଳୁ ମନଟା ବିଗିଡ଼ିଯାଇପାରେ। ବନ୍ଧୁମାନଙ୍କ ମାଧ୍ୟମରେ ନୂତନ ବସ୍ତ୍ରଭୂଷଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ ଲାଭର ସୂଚନା ରହିଛି। ବ୍ୟବସାୟ, ପରିବହନ ଧିମା ଗତିରେ ଚାଲିବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମକର** – ବନ୍ଧୁଙ୍କ ସହ ବିତର୍କ କିମ୍ବା ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହ ଲାଗିପାରେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବା ସୂଚନା ରହିଛି। ଖଳଲୋକଙ୍କ ଦ୍ୱାରା କୌଣସି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ। ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଅକ୍ଷୁଣ୍ଣ ରହିବ।

**କୁମ୍ଭ** – ଦୂରାଗତ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନଙ୍କ ପରିବର୍ତ୍ତିତ ଆଚରଣ ଆପଣଙ୍କୁ ସ୍ତମ୍ଭୀଭୂତ କରିଦେଇପାରେ।

**ମୀନ** – ଆଜି ଆପଣଙ୍କ ମନ ଭିତରେ ଯାହା ଥାଉନା କାହିଁକି ଉପର ମନରେ ହସିଲେ କଥା କହିବେ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁ ଭଲ ରହିବା ସାଙ୍ଗକୁ ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ଆକସ୍ମିକ ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

ଆଜି ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, କାର୍ତ୍ତିକ ଶୁକ୍ଳ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର–ଅନୁରାଧା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୮ ଗତେ, ଘ.୦୬।୩୩ ମଧ୍ୟେ, ଘ.୦୭।୧୯ ଗତେ, ଘ.୦୮। ୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୦ ମଧ୍ୟେ ରାହୁକାଳ।

# ସମୁଦ୍ରକୂଳ ସୁରକ୍ଷା ପାଇଁ ସାମୂହିକ ସହଭାଗିତା ଲୋଡ଼ା




ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଣ୍ଡାହର ଗ୍ରାମର ସମୁଦ୍ରକୂଳରେ ଗୁରୁବାର ବାଲୁକା ଗୁଳ୍ମ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ସ୍ଥାନୀୟ ଅଞ୍ଚଳବାସୀ। (ବାମ) ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

## ତଣ୍ଡାହରରେ ବାଲୁକା ଗୁଳ୍ମ ରୋପଣ

କୋଣାର୍କ/ଅସ୍ତରଙ୍ଗ,୨୩।୧୦ (ଜ୍ୟୋତିରାଜ ମହାନ୍ତି/ଶୁଭଦର୍ଶନ ମିଶ୍ର)

ଦିନକୁ ଦିନ ଓଡ଼ିଶାର ପ୍ରାୟ ଅର୍ଦ୍ଧାଧିକ ଉପକୂଳ ଅଞ୍ଚଳ ବେଳାଭୂମି ଅବକ୍ଷୟ ଆଡ଼କୁ ମୁହାଁଇବା ଚିନ୍ତାର ବିଷୟ ପାଲଟିଛି। ତେଣୁ ବେଳାଭୂମି ସଂରକ୍ଷଣର ଆବଶ୍ୟକତା ଏବଂ ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହଭାଗିତା ଜରୁରୀ ହୋଇପଡ଼ିଛି। ବାଲୁକା ଗୁଳ୍ମ ଓ ଉପକୂଳ ଉଦ୍ଭିଦ ସଂରକ୍ଷଣ ହିଁ ପ୍ରାକୃତିକ ପ୍ରତିରକ୍ଷା ରୂପେ ବେଳାଭୂମିକୁ ସୁରକ୍ଷା ଦେଇପାରିବ ବୋଲି ଗୁରୁବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଣ୍ଡାହର ଗ୍ରାମର ସମୁଦ୍ରକୂଳରେ ବାଲୁକା ଗୁଳ୍ମ ରୋପଣ କାର୍ଯ୍ୟକ୍ରମ ଓ ସଚେତନତା ସଭାରେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି। ଉପକୂଳ ସମୁଦାୟଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରି ସରକାରଙ୍କ ଉପରେ ନିର୍ଭରଶୀଳ ନ ହୋଇ ନିଜ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜ ସ୍ତରରେ ଉଦ୍ୟମ ଆରମ୍ଭ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହିତ ଏହି ପ୍ରୟାସକୁ ସାରା ଦେଶ ପାଇଁ ଏକ ମଡେଲ ଭାବେ ସଫଳ କରିବା ପାଇଁ ଗ୍ରାମବାସୀଙ୍କ ସହଭାଗିତା ଆବଶ୍ୟକ ବୋଲି ତଥାଗତ ମତ ଦେଇଥିଲେ।

ସଭାରେ ଅନ୍ୟତମ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ପୁରୀ ଏମ୍‌ପି ପ୍ରତିନିଧି ଦିବାକର ଛାଟୋଇ, ଗିଲେରିଓ ମୁଖ୍ୟ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର, ନଗର ସରପଞ୍ଚ ବିଜୟ କୁମାର ଖଣ୍ଡୁଆଳ ଏବଂ ସବୁଜ ଶାଖାର ବରିଷ୍ଠ ସଭ୍ୟ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଦ୍ୟାଶା କହିଲେ ଯେ, ମହିଳାମାନଙ୍କ ବିନା ଏଭଳି ଜଳବାୟୁ ମୁକାବିଲା ଉଦ୍ୟମ ସଫଳ ହୋଇପାରିବ ନାହିଁ। ମା'ମାନଙ୍କ ସହଭାଗିତା ଭିତ୍ତିରେ ଏହି ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ସେ ଆହ୍ୱାନ ଦେଇଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ପରିବେଶକର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ନେତୃତ୍ୱରେ ବାଲୁକା ଗୁଳ୍ମ ପୁନରୁଦ୍ଧାର ଓ ସଂରକ୍ଷଣ ଅଭିଯାନ ଜାରି ରହିଛି। ଓଡ଼ିଶାର ସୁନାମିପ୍ରବଣ ଜଗତ୍‌ସିଂହପୁରର ରାମତାରା, ଶିଆଳି ହେଉ ଅବା ପୁରୀ ଜିଲା ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳର ବିଭିନ୍ନ ବେଳାଭୂମି ଅବକ୍ଷୟପ୍ରବଣ ଅଞ୍ଚଳରେ ବିଚିତ୍ରାନନ୍ଦ ଗୁଡୁକଙ୍କ ଗୁଳ୍ମ ରୋପଣ କାର୍ଯ୍ୟ ଜାରି ରଖିଛନ୍ତି। ବେଳାଭୂମି ଅବକ୍ଷୟକୁ ରୋକି ସମୁଦ୍ରକୂଳକୁ ସୁଦୃଢ଼ କରିବା ଏହି ଅଭିଯାନର ଲକ୍ଷ୍ୟ। ଏହି ପରିବେଶ ସୁରକ୍ଷା ଅଭିଯାନକୁ ଲୋକଙ୍କ ମଧ୍ୟରେ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଗୁରୁବାର ସମୁଦ୍ରକୂଳରେ ସାମୂହିକ ବାଲୁକା ଗୁଳ୍ମ ଚାରା ରୋପଣ କରାଯାଇଥିଲା, ଯେଉଁଥିରେ ଶତାଧିକ ସ୍ଥାନୀୟ ମହିଳା ସମୁଦାୟ, ବୁଦ୍ଧିଜୀବୀ ଓ ପରିବେଶପ୍ରେମୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗ୍ରାମର ବେଙ୍ଗଲତା ରାଉତ, ଛବିଲତା କାଳିଆ ଓ ରବି ଭୂୟାଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ପରିବେଶକର୍ମୀ ବିଚି କାଳିଆ ପରିଚାଳନା କରିଥିବାବେଳେ ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ, ଜ୍ଞାନ ରଞ୍ଜନ ବିଶ୍ୱାଳ, ନୀହାର ରଞ୍ଜନ ମହାରଣା, ପ୍ରଭାକର ବିଶ୍ୱାଳ, ବାବୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ଫଳ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୧୦(ସୁଚିସ୍ମିତା ସାହୁ)

ସ୍କୁଲ ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ଫଳ ଦିଆଯିବ। ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଯେଉଁ ପିଲାମାନେ ବିଦ୍ୟାଳୟରେ ଅଣ୍ଡା ଖାଉନାହାନ୍ତି କିମ୍ବା ନିରାମିଷ ଖାଉଥିବା ପିଲାଙ୍କୁ ଅଣ୍ଡା ମୂଳରେ ଫଳ ଖାଇବାକୁ ଦିଆଯିବ। ଏନେଇ ପୁଣି ଥରେ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ପିଏମ୍ ପୋଷଣ ଷ୍ଟେଟ୍ ନୋଡାଲ ଅଫିସର ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହକୁ ୩ ଥର ଅର୍ଥାତ୍ ଅଣ୍ଡା ଦିଆଯାଉଥିବା ଦିନ ଫଳ ଦିଆଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସାଧାରଣ ସମସ୍ୟାକୁ ଏଡାଇବାକୁ ପଡ଼ିବ। ସେଥିପାଇଁ ଚିଠିରେ ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି।

ରାଜ୍ୟ ସମସ୍ତ ଶିଶୁବାଟିକାଠାରୁ ଦଶମ ପର୍ଯ୍ୟନ୍ତ ପିଲାଙ୍କୁ ଏହି ସୁବିଧା ମିଳିବ। ରାଜ୍ୟରେ ସ୍କୁଲ ପିଲାଙ୍କୁ କୁପୋଷଣଠାରୁ ଦୂରେଇ ରଖି ସେମାନଙ୍କୁ ଉପଯୁକ୍ତ ପୋଷଣ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସ୍କୁଲକୁ ପିଲାମାନେ ଆସୁ ନ ଥିବାରୁ ମଧ୍ୟାହ୍ନ ଭୋଜନ ମାଧ୍ୟମରେ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଖାଦ୍ୟ ସାରଣୀ ମଧ୍ୟାହ୍ନ ଭୋଜନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମଧ୍ୟାହ୍ନ ଭୋଜନରେ ଆମିଷ ଖାଉ ନ ଥିବା ପିଲାଙ୍କ ପାଇଁ ଅଣ୍ଡା ବଦଳରେ ଫଳ ଦେବାକୁ ରାଜ୍ୟ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିବାବେଳେ ଏହା ଯେପରି ଶତପ୍ରତିଶତ କାର୍ଯ୍ୟକାରୀ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।

## ଅପରାଧ

## ଡକାୟତି ଗ୍ୟାଙ୍ଗ୍‌ର ୨ ଗିରଫ

ବାଲେଶ୍ୱର, ୨୩।୧୦(ବାଞ୍ଛାନିଧି ଦେ): ବାଲେଶ୍ୱର ଖନ୍ତାପଡ଼ା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଡକାୟତି ଗ୍ୟାଙ୍ଗର ୨ ଯୁବକଙ୍କୁ ଗୁରୁବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ଶ୍ରୀଜଙ୍ଗ ଗ୍ରାମର ଦୀପକ ମଲିକ (୨୪) ଓ ସନ୍ଦୀପ କୁମାର ମଲିକ (୨୧)। ସେମାନଙ୍କଠାରୁ ୩ଟି ଲୁହା ରଡ୍, ଗୋଟିଏ ଭୁଜାଲି, ଗୋଟିଏ ଠେଙ୍ଗା ଓ ଗୋଟିଏ ଟର୍ଚ୍ଚ ଲାଇଟ୍ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୧୭/୨୫) ରୁଜୁ କରି ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଲାଞ୍ଚ ନେବା ମାମଲା ପୂର୍ବତନ କନିଷ୍ଠ କିରାଣିଙ୍କୁ ୪ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୩।୧୦(ସତ୍ୟଜିତ ରାଉତ): ଯାଜପୁର ରୋଡ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଅଫିସ୍‌ର ପୂର୍ବତନ କନିଷ୍ଠ କିରାଣି( ଚାକିରିରୁ ବହିଷ୍କୃତ) ଶରତ କୁମାର ରାଉତ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ଏହି ମାମଲାରେ ରାୟ ପ୍ରକାଶ କରି ଶରତଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୫ ହଜାର ଟଙ୍କା ଜରିମାନା ଦେବାକୁ ମଧ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଏହି ମାମଲାର ଅଭିଯୋଗକାରୀ ହେଲେ ଯାଜପୁର ଶାଳପଡ଼ାର ଶୁଭାଶିଷ ରାୟ। ସେ ଡ୍ରଗ୍ସ ଲାଇସେନ୍ସ ପାଇଁ ଯାଜପୁର ରୋଡ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଅଫିସରେ ଆବେଦନ କରିଥିଲେ। ଏହି ଲାଇସେନ୍ସ କରାଇଦେବାକୁ ଶରତ ତାଙ୍କୁ ୬ ହଜାର ଟଙ୍କା ମାଗିଥିଲେ। ଏନେଇ ଶୁଭାଶିଷ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୧୫ ଜୁଲାଇ ୧୪ରେ ଭୁବନେଶ୍ୱରସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଅଫିସରେ ଶୁଭାଶିଷଙ୍କଠାରୁ ଶରତ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ମାମଲା (ନଂ.୩୨/୨୦୧୫) ରୁଜୁ କରାଯାଇ ଶରତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ତଥା ବର୍ତ୍ତମାନର କଟକ ଭିଜିଲାନ୍ସ ଡିଭିଜନ୍‌ରେ ଡିଏସ୍‌ପି ଥିବା ସୁଶୀଲ ଏକ୍କା ମାମଲାର ତଦନ୍ତ କରୁଥିବା ବେଳେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ସୌମିତ୍ର ଘୋଷ ମିଳିତ ଭାବେ ମାମଲା ପରିଚାଳନା କରୁଥିଲେ। ତେବେ ଦଣ୍ଡ ଭୋଗିବାକୁ ଶରତଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୫,୪୦୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

### ଭୁବନେଶ୍ୱର, କଟକରୁ ବରଗଡ଼କୁ ଚାଲାଣ

ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)




ଗିରଫ ଅଭିଯୁକ୍ତଙ୍କ ସହିତ ଜବତ କଫ୍ ସିରପ ଏବଂ ବ୍ୟବହୃତ ଗାଡ଼ି।

ବରଗଡ଼ ଜିଲା ଅବକାରୀ ବିଭାଗ ଗୁରୁବାର ସହର ଉପକଣ୍ଠ ବରଗଡ଼-ବଲାଙ୍ଗୀର ରାସ୍ତାର ଏକାମ୍ର ଛକରେ ଚଢ଼ାଉ କରି କଫ ସିରପ୍ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ(ନଂ-ଓଡି୧୭ଏଫ୍ ୦୮୨୪)କୁ ଜବତ କରିଛି। ସେଥିରୁ ୫୪୦୦ ବୋତଲ କଫ ସିରପ୍‌କୁ ଜବତ ହୋଇଛି। ଏହା ସହିତ ଅନ୍ୟ ଏକ ବ୍ୟବହୃତ ବାଇକ୍(ନଂ-ଓଡି୧୭ଏଇ ୯୨୦୨) ଜବତ ହୋଇଛି। ଏହି ଘଟଣାରେ ବରଗଡ଼ ନୂଆପଡ଼ାର ଜମିଦେବ ବାଗ(୩୯) ଏବଂ ଏକାମ୍ର ଛକର ଆଶିଷ ଅଗ୍ରୱାଲଙ୍କୁ ଗିରଫ କରାଯାଇଛି। ଏହି କାରବାରରେ ଆହୁରି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ସୁବନ କୁମାର ନାଏକ କହିଛନ୍ତି, ଜବତ ହୋଇଥିବା କଫ୍ ସିରପ୍ ଭୁବନେଶ୍ୱର, କଟକରୁ ବରଗଡ଼କୁ ଚାଲାଣ ହେଉଥିବା ନେଇ ବୁଧବାର ମଧ୍ୟରାତ୍ରିରୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଅବକାରୀ ବିଭାଗର ଏକ ଟିମ୍ ଏକାମ୍ର ଛକରେ ବିଭିନ୍ନ ଗାଡ଼ି ଯାଞ୍ଚ କରୁଥିଲେ ଏବଂ ଯାଞ୍ଚ ସମୟରେ ଜବତ ହୋଇଥିବା କଫ ସିରପ୍ ବୋଝେଇ ପିକଅପ୍ ଭ୍ୟାନ ଏବଂ ସେହି ଗାଡ଼ିକୁ ଏସ୍କର୍ଟ କରୁଥିବା ବାଇକ୍‌କୁ ଜବତ କରାଯାଇଥିଲା। ଜବତ କଫ ସିରପ ବରଗଡ଼ ସହରସ୍ଥିତ ବିଶିପଡ଼ା, ତୋରା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଚାଲାଣ ହୋଇଥାନ୍ତା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଅବକାରୀ ଅଧୀକ୍ଷକ କହିଛନ୍ତି। ଏହା ସହିତ ଗିରଫ ୨ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପିକଅପ୍ ଭ୍ୟାନ ଏବଂ ଅନ୍ୟଜଣେ ବାଇକ୍ ଡ୍ରାଇଭର ହୋଇଥିବାରୁ ଉଭୟ ଗାଡ଼ିର ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରକୁ ଅଣାଯିବ ଏବଂ ଏହି କାରବାରରେ ଯେଉଁମାନେ ସମ୍ପୃକ୍ତ ରହିଥିବେ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଭୁବନେଶ୍ୱର, କଟକ ଜିଲାରୁ ଜବତ କଫ୍ ସିରପ୍ ଆସିଥିବା ଜଣାପଡ଼ିବା ପରେ ସେହି ଅଞ୍ଚଳର ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ସେ ନେଇ ସୂଚିତ କରାଯାଇଥିବା ଅବକାରୀ ଅଧୀକ୍ଷକ ନାଏକ କହିଛନ୍ତି।

ତେବେ ଜିଲାରେ ଏଭଳି ପରିମାଣରେ କଫ୍ ସିରପ୍ ପୂର୍ବରୁ ପୋଲିସ ଅନେକଥର ଜବତ କରିଛି। ଗତ ୬ତାରିଖରେ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୫୦୦ ବୋତଲ କଫ୍ ସିରପ ଜବତ ସହିତ ୧୫ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ୫ ଦେଶୀ ବନ୍ଧୁକ ମଧ୍ୟ ଜବତ ହୋଇଥିଲା। ସେହିପରି ଗତ ୧୦ ତାରିଖରେ ପାଇକମାଳ ଥାନା ପୋଲିସ ୨୫୯୮ ଭାଏଲ ନିଶା ଇଞ୍ଜେକ୍ସନ ଜବତ ସହିତ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ହେଲେ ଏଭଳି କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କାହା ସାହସରେ ଅଭିଯୁକ୍ତମାନେ ଜିଲାକୁ କଫ୍ ସିରପ ଚାଲାଣ କରିବାକୁ ଡରୁ ନାହାନ୍ତି, ତାହା ଉଭୟ ପୋଲିସ, ଅବକାରୀ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି। କିନ୍ତୁ ପୋଲିସ କିମ୍ବା ଅବକାରୀ ବିଭାଗ ଏହି କାରବାରର ମୂଳକୁ ପହଞ୍ଚି ପାରୁ ନଥିବାବେଳେ କିଙ୍ଗପିନ କିମ୍ବା ଫେରାର୍ ଅଭିଯୁକ୍ତଙ୍କୁ ଧରିବାରେ ମଧ୍ୟ ସକ୍ଷମ ହୋଇ ପାରୁ ନାହାନ୍ତି।

## ଜୟପୁର ଫାର୍ମ ହାଉସ୍ ମାଲିକ ଗିରଫ

### ପୀତବାସ ପଣ୍ଡା ହତ୍ୟା ଘଟଣା

- ଆତ୍ମସମର୍ପଣ କଲେ ସୁଦର୍ଶନ ଜେନା
- ବିକ୍ରମଙ୍କ ସମେତ ୩ ଜଣଙ୍କ ଜାମିନ ଆବେଦନ

ବ୍ରହ୍ମପୁର,୨୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)



ସୁନୀଲ ହୋତା

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ଜୟପୁରର ଫାର୍ମ ହାଉସ୍ ମାଲିକ ସୁନୀଲ ହୋତା(୫୨)। ପୀତବାସଙ୍କୁ ଗୁଳି କରି ହତ୍ୟା କରିବା ପରେ ଜୟପୁର ଚାଲି ଯାଇଥିବା କୁରୁପତି ଭୂୟାଁ ଓ ଉମା ବିଷୋୟୀଙ୍କୁ ଫାର୍ମ ହାଉସ ମାଲିକ ସୁନୀଲ ଆଶ୍ରୟ ଦେଇଥିଲେ। ସୁନୀଲଙ୍କୁ କୋର୍ଟ ଚାଲାଣ ପରେ ଗୁରୁବାର ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ସେହିପରି ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ସୁଦର୍ଶନ ଜେନା ଗୁରୁବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସହଯୋଗୀ ସୁଦର୍ଶନ ପୀତବାସଙ୍କ ହତ୍ୟା ପଛରେ ଟଙ୍କା ଖର୍ଚ୍ଚ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚାଲିଛି ।

ପୀତବାସ ହତ୍ୟା ଘଟଣାରେ ବୁଧବାର ବିକ୍ରମଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ, ବ୍ରହ୍ମପୁର ମହାନଗର ନିଗମର ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇଙ୍କ ସମେତ ମୋଟ ୧୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ବିକ୍ରମ, ମଳୟ ଓ ମଦନ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ପାଇଁ ଆବେଦନ କରିଛନ୍ତି । ପର୍ଯ୍ୟାୟକ୍ରମେ ଅନ୍ୟ ଅଭିଯୁକ୍ତମାନେ ମଧ ଜାମିନ ଆବେଦନ କରିବେ ବୋଲି ସୂଚନା ମିଳିଛି ।

## କଲରାପତରିଆ ବାଘଛାଲ ଜବତ, ୨ ଗିରଫ

### ଶିମିଳିପାଳରୁ ବାଘ ମରାଯାଇଥିବା ସନ୍ଦେହ

କେନ୍ଦୁଝର,୨୩।୧୦ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)



ଜବତ ବାଘଛାଲ ଓ ୨ ଅଭିଯୁକ୍ତ।

କେନ୍ଦୁଝର ବନ ବିଭାଗ, ପୋଲିସର ମିଳିତ ଟିମ୍ ଗୁରୁବାର କଲରାପତରିଆ ବାଘଛାଲ ଜବତ କରିଛି। ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ରବୀନ୍ଦ୍ର ଟୁଡୁ (୪୦) ଓ ଟାଉନ ଥାନା ଅନ୍ତର୍ଗତ ଜୁଡ଼ିଆ ମୁଣ୍ଡାସାହିର ମନୁଆ ହେମ୍ବ୍ରମ(୪୬)। ଉଭୟ ସମ୍ପର୍କରେ ଶଳା, ଭିଣୋଇ ହୋଇଥିବା ବେଳେ ମୁଣ୍ଡାସାହିରେ ରହୁଥିଲେ। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଘଟଣାରେ ଅଧିକ ତଦନ୍ତ ଚାଲିଥିବା କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି।

କେନ୍ଦୁଝର ପୋଲିସ ସାଇବର ସେଲ୍ ସୂଚନା ଆଧାରରେ ଗତ ୨୦ ତାରିଖରେ ବନ ବିଭାଗ ଓ ପୋଲିସର ଏକ ଟିମ୍ ପାଟଣା ବ୍ଲକ୍ ଅସନବଣୀ ଗ୍ରାମରେ ଚଢ଼ାଉ କରିଥିଲା। ଗ୍ରାମର ରବୀନ୍ଦ୍ରଙ୍କ ଘରୁ କଲରାପତରିଆ ବାଘଛାଲ ଜବତ କରିଥିଲା। ତାଙ୍କୁ ପଚରାଉଚରା ସମୟରେ ତାଙ୍କ ଶାଳା ମନୁଆ ବନ୍ୟପ୍ରାଣୀ ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବସାୟ କରୁଥିବା ବନ ବିଭାଗ ଜାଣିଥିଲା। ପରେ ଟିମ୍ ଟାଉନ ଥାନା ଜୁଡ଼ିଆଘାଟି ମୁଣ୍ଡାସାହିରେ ଚଢ଼ାଉକରି ମନୁଆଙ୍କୁ ଗିରଫ କରିଥିଲା। କେନ୍ଦୁଝର ଟାଉନ ଅଞ୍ଚଳରେ ରହୁଥିବା ସେ ପ୍ରଥମ ବ୍ୟକ୍ତି ବନ୍ୟପ୍ରାଣୀ ଅଙ୍ଗ କାରବାରରେ ଜଡ଼ିତ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସେମାନଙ୍କ ମୋବାଇଲ ଫୋନ୍ ଯାଞ୍ଚରୁ ବହୁ ଭିଡିଓ ମିଳିଛି। ସେଥିରୁ ସେମାନେ ହାତୀଦାନ୍ତ ତସ୍କରୀ ଓ ବନ୍ୟପ୍ରାଣୀ ଅଙ୍ଗ ବ୍ୟବସାୟରେ ସମ୍ପୃକ୍ତି ଥିବା ଜଣାପଡ଼ିଛି। କଲରାପତରିଆ ବାଘର ବୟସ ୧୦ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ କରଞ୍ଜିଆ ଡିଭିଜନ ଶିମିଳିପାଳ ଜଙ୍ଗଲରୁ କଲରାପତରିଆ ବାଘଟିକୁ ମରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି ଏବଂ କଲରାପତରିଆ ବାଘ କେଉଁ ଜଙ୍ଗଲରେ ମରାଯାଇଛି। ତାହାର ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ ଦାସ ସୂଚନା ଦେଇଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ, ୨୦୨୪-୨୫ର ଓଆର୍ କେସ୍ ନମ୍ବର ୧୬ କେ ଅନୁଯାୟୀ ଏକ ମାମଲା ରୁଜୁହୋଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ତଦନ୍ତ ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜମିବାଡ଼ି ଗଣ୍ଡଗୋଳରୁ କରୁଣ ପରିଣତି ବଡ଼ଭାଇଙ୍କୁ ଠେଙ୍ଗାରେ ପିଟି ହତ୍ୟା

ଜଳେଶ୍ୱର,୨୩।୧୦(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ବରଡ଼ିହା ପଞ୍ଚାୟତ ବଣକାଟି ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳରୁ କରୁଣ ପରିଣତି ଦେଖିବାକୁ ମିଳିଛି। ବଡ଼ଭାଇଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ସାନଭାଇ। ଏନେଇ ବଡ଼ଭାଇଙ୍କ ସ୍ତ୍ରୀ ରେବତୀ ସିଂ ରାଇବଣିଆ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୧୧୧/୨୫) ରୁଜୁ ହୋଇଛି। ମୃତକ ହେଲେ ଖୁଦିରାମ ସିଂ (୪୫)। ପୋଲିସ ସାନଭାଇ ଅଭିରାମ ସିଂ (୪୦)ଙ୍କୁ ଗିରଫ କରିଛି। ଦୀର୍ଘଦିନ ଧରି ଦୁଇ ଭାଇ ମଧ୍ୟରେ ଜମିବାଡ଼ି ନେଇ ଗଣ୍ଡଗୋଳ ହୋଇଆସୁଥିଲା। ଅଭିରାମ ଶ୍ୱଶୁର ଘରେ ରହି କାର୍ଯ୍ୟ କରନ୍ତି। ସୋମବାର ବଡ଼ଭାଇ ଖୁଦିରାମ ତାଙ୍କ ଶ୍ୱଶୁର ଘର ଗୋପାଳପ୍ରସାଦ ଗ୍ରାମକୁ ଶାଶୁଙ୍କ ଶୁଦ୍ଧିକ୍ରିୟା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିରାମ ଘରେ ହୋଇଥିବା ବାଡ଼କୁ ଓପାଡ଼ି ଦେଇଥିଲେ। ଶ୍ୱଶୁର ଘରୁ ସନ୍ଧ୍ୟାରେ ଘରକୁ ଫେରିବା ପରେ ଦୁଇ ଭାଇ ଖୁଦିରାମ ଓ ଅଭିରାମଙ୍କ ମଧ୍ୟରେ ମାରପିଟ ହୋଇଥିଲା। ସାନଭାଇଙ୍କ ଠେଙ୍ଗାମାଡ଼ରେ ବଡ଼ ଭାଇ ଗୁରୁତର ହୋଇପଡ଼ିଥିଲେ। ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଭଡ଼ାଘରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

### ସ୍ୱାମୀଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ଅନୁଗୋଳ, ୨୩।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ତୁରଙ୍ଗସ୍ଥିତ ଏକ ଭଡ଼ା ଘରୁ ଗୁରୁବାର ପୋଲିସ ଶିମିଳିପଡ଼ାର ବାଦଲ ଭଞ୍ଜଙ୍କ ଝିଅ ମୀନାକ୍ଷୀ (୨୪)ଙ୍କ ରକ୍ତାକ୍ତ ମୃତଦେହ ଜବତ କରିଛି। ମୀନାକ୍ଷୀଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମହିଳାଙ୍କ ସ୍ୱାମୀ ରାଜକିଶୋରପଡ଼ାର ସିଦ୍ଧାନ୍ତ ସାହୁଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଶିମିଳିପଡ଼ାର ମୀନାକ୍ଷୀ ୬ ବର୍ଷ ତଳେ ରାଜକିଶୋରପଡ଼ାର ସିଦ୍ଧାନ୍ତଙ୍କୁ ପ୍ରେମ କରୁଥିଲେ। ବିବାହ ପାଇଁ ସିଦ୍ଧାନ୍ତଙ୍କ ଘର ଲୋକେ ରାଜି ନ ହେବାରୁ ଦୁହେଁ ମନ୍ଦିରରେ ବିବାହ କରି ତୁରଙ୍ଗ ଅଞ୍ଚଳରେ ଭଡ଼ା ଘରେ ରହୁଥିଲେ। କିଛି ମାସ ପରେ ଶାଶୁଘର ଲୋକଙ୍କ ସହ ବୁଝାମଣା ହେବାରୁ ମୀନାକ୍ଷୀ ରାଜକିଶୋରପଡ଼ାକୁ ଯିବାଆସିବା କରୁଥିଲେ। ବିବାହର ୨ ବର୍ଷ ପରେ ଶାଶୁ ଓ ନଣନ୍ଦ ମୀନାକ୍ଷୀଙ୍କୁ ଯୌତୁକ ନିର୍ଯାତନା ଦେଉଥିଲେ। ଏପରି କି ବିଭିନ୍ନ ସମୟରେ ଯୌତୁକ ଦାବି କରିବା ସହ ସିଦ୍ଧାନ୍ତ ମୀନାକ୍ଷୀଙ୍କୁ ମାରପିଟ କରୁଥିଲା। ଏହାକୁ ନେଇ ଅନେକଥର ଉଭୟ ପରିବାର ମଧ୍ୟରେ ଆପୋଶ ଆଲୋଚନା ହୋଇଥିଲା। ଗତ ବୁଧବାର ମୀନାକ୍ଷୀଙ୍କ ମା' ସକାଳେ ଫୋନ ଯୋଗେ ଝିଅ ସହ କଥା ହୋଇଥିଲେ। ହେଲେ କିଛି ସମୟ ପରେ ଆଉ ମୀନାକ୍ଷୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ସିଦ୍ଧାନ୍ତଙ୍କ ଫୋନ ମଧ୍ୟ ସୁଇଚ ଅଫ୍ ଥିଲା। ସନ୍ଦେହ ହେବାରୁ ମୀନାକ୍ଷୀଙ୍କ ପରିବାର ଲୋକେ ଗୁରୁବାର ତୁରଙ୍ଗସ୍ଥିତ ଭଡ଼ାଘରେ ପହଞ୍ଚି ସେଠାରେ ଝିଅଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅ ମୀନାକ୍ଷୀଙ୍କୁ ଜ୍ୱାଇଁ ହତ୍ୟା କରିଥିବା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। କୌଣସି ଶକ୍ତ ଅସ୍ତ୍ରରେ ମୀନାକ୍ଷୀଙ୍କ ମୁଣ୍ଡକୁ ଆଘାତ କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ସ୍ୱାମୀ ସିଦ୍ଧାନ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

> ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣିକା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍ଭାସିତ କରିଦେଇପାରେ। -ଶ୍ରୀମା

# ଶି'ଙ୍କ ଭୟ



ବ୍ରହ୍ମ ଚେଲାନି

ଚାଇନାର ରାଷ୍ଟ୍ରପତି ଭାବେ ଶି' ଜିନ୍‌ପିଙ୍ଗ ୧୩ ବର୍ଷ କ୍ଷମତାରେ ରହିଲେଣି। ଏହା ମଧ୍ୟରେ ସେ ଚାଇନାରେ ସବୁ ସ୍ତର ଯଥା କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି), ଦେଶର ବ୍ୟବସ୍ଥାଗତ ସଂସ୍ଥା ଏବଂ ସେନା ଉପରେ ତାଙ୍କ ନିୟନ୍ତ୍ରଣ ଦୃଢ଼ କରିପାରିଛନ୍ତି। ଏହାସହ ସମାଜର ପ୍ରତ୍ୟେକ ବିଷୟ ଉପରେ ଭର୍ଚ୍ଚୁଆଲି ନିରୀକ୍ଷଣ ପ୍ରକ୍ରିୟାକୁ ବିସ୍ତାର କରିଛନ୍ତି। ହେଲେ ପୂର୍ବଭଳି ନିକଟରେ ସେନାର ୯ ଜଣ ଶୀର୍ଷ ଜେନେରାଲଙ୍କୁ ତଡ଼ିଦେବା ପଦକ୍ଷେପରୁ ଜଣାପଡୁଛି ଯେ ସେ ଏବେ ମଧ୍ୟ ସବୁଠି ଶତ୍ରୁ ରହିଛନ୍ତି ବୋଲି ଭାବୁଛନ୍ତି। ୨୦୧୨ରେ ଶିକ୍ଷମତାକୁ ଆସିବା ପରେ ସିପିସି ଏବଂ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ମଧ୍ୟରେ ଦୁର୍ନୀତି ବନ୍ଦ କରିବା ପାଇଁ ପଦକ୍ଷେପ ନେଇଥିଲେ। ଏହି ଅଭିଯାନ ପ୍ରାରମ୍ଭରେ ଲୋକପ୍ରିୟ ହୋଇଥିଲା କାରଣ ଚାଇନାର ଏକ-ଦଳୀୟ ବ୍ୟବସ୍ଥା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବାବେଳେ କ୍ଷମତାର ଦୁରୁପଯୋଗ ହେଉଥିଲା। କିନ୍ତୁ ପ୍ରବର୍ତ୍ତନ ଚୟନାତ୍ମକ ଥିଲା, ଯାହା କେବଳ ଅଧିକ ସ୍ୱଚ୍ଛ କିମ୍ବା ପ୍ରଭାବୀ ବ୍ୟବସ୍ଥା ଗଢ଼ିବା ପାଇଁ ଉଦ୍ଦିଷ୍ଟ ନ ଥିଲା, ବରଂ ଶି'ଙ୍କ ହାତରେ କ୍ଷମତା କେନ୍ଦ୍ରୀଭୂତ କରିବା ସକାଶେ ଉଦ୍ଦିଷ୍ଟ ଥିଲା ବୋଲି ସଙ୍ଗେ ସଙ୍ଗେ ସ୍ପଷ୍ଟ ହୋଇଗଲା। ଶି'ଙ୍କ ଚାଇନାରେ, ବିକାଶ ନେତାଙ୍କ ବ୍ୟକ୍ତିଗତ ବିଶ୍ୱାସ ହାସଲ କରିବା ତୁଳନାରେ ପ୍ରତିଯୋଗିତା କିମ୍ବା ସ୍ୱଚ୍ଛତା ଉପରେ କମ୍ ନିର୍ଭର କରେ। କିନ୍ତୁ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କେବଳ ସମର୍ଥକଙ୍କ ସଂଖ୍ୟା ବୃଦ୍ଧି କରିବା ପରେ ବି ଶି' ନିୟମିତ ଭାବେ ଶୀର୍ଷ ସେନା କମାଣ୍ଡରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ବରଖାସ୍ତ କରିବାରେ ଲାଗିଛନ୍ତି। ଆମେରିକାର ଅଫିସ ଅଫ୍ ଦି ଡାଇରେକ୍ଟର ଅଫ୍ ନ୍ୟାଶନାଲ ଇଣ୍ଟେଲିଜେନ୍ସ ଅନୁଯାୟୀ, ଶି'ଙ୍କ ଶାସନରେ ଦୁର୍ନୀତି ପାଇଁ ସବୁ ସରକାରୀ ସ୍ତରରେ ପାଖାପାଖି ୫୦ ଲକ୍ଷ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅନେକେ କୌଣସି ସ୍ପଷ୍ଟୀକରଣ ନ ଦେଇ ଅଦୃଶ୍ୟ ହୋଇଥିବା ବିଷୟ କହିବାର ପ୍ରୟୋଜନ ନାହିଁ।

ଶି'ଙ୍କ ଶାସନ ଦାବି କରେ ଯେ, ନିକଟରେ ଜେନେରାଲ ହ୍ୱିଡଙ୍ଗ, ଜଣେ ପଲିଟବ୍ୟୁରୋ ସଦସ୍ୟ, କେନ୍ଦ୍ରୀୟ ସେନା ଆୟୋଗର ଉପାଧ୍ୟକ୍ଷ ଏବଂ ଚାଇନାର ସେନା ପଦାନୁକ୍ରମର ତୃତୀୟ ଶୀର୍ଷ ପଦବୀର ବ୍ୟକ୍ତିତ୍ୱଙ୍କ ସମେତ ଅନ୍ୟ ସେନା ଅଧିକାରୀଙ୍କୁ କର୍ତ୍ତବ୍ୟ ସମ୍ପର୍କିତ ଅପରାଧ ଓ ଅନୁଶାସନାତ୍ମକ ଉଲ୍ଲଂଘନକୁ ନେଇ ତଡ଼ି ଦିଆଯାଇଛି। କିନ୍ତୁ ଏହା ସ୍ୱୀକାର କରାଯାଏ ଯେ, ଶି 'ତାଙ୍କ କ୍ଷମତାର ମୁଠା ଟାଣ କରିବା ପାଇଁ ବିରୋଧୀଙ୍କୁ ସଫା କରିବା ଲାଗି ପଦକ୍ଷେପ ନେଉଛନ୍ତି। ଶି'ଙ୍କ ଭୟ ପଛରେ କିଛି କାରଣ ରହିଛି। ଅଧିକାରୀଙ୍କୁ ବିଦା କରିବା ପାଇଁ ନିଆଯାଉଥିବା ପ୍ରତ୍ୟେକ ନୂଆ ପଦକ୍ଷେପ ଚାଇନାର ପ୍ରତିଷ୍ଠିତ ବର୍ଗଙ୍କ ମଧ୍ୟରେ ଅବିଶ୍ୱାସ ବଢ଼ାଇବା ସହ ବିପଦର ଆଶଙ୍କା ସମର୍ଥକଙ୍କୁ ଶତ୍ରୁରେ ପରିଣତ କରୁଛି। ମାଓ ଜେଦଙ୍ଗଠାରୁ ଆରମ୍ଭ କରି ଜୋଶେଫ ଷ୍ଟାଲିନଙ୍କ ପର୍ଯ୍ୟନ୍ତ,



ସ୍ପଷ୍ଟ ପ୍ରମାଣ କରେ ଯେ, ଏକକ ବ୍ୟକ୍ତିକୈନ୍ଦ୍ରିକ ଶାସନ ଅବିଶ୍ୱାସ ବା ସନ୍ଦେହ ସୃଷ୍ଟି କରିଛି। କିନ୍ତୁ ଏବେ ଶି' ମଧ୍ୟ ଶତ୍ରୁ ଓ ମିତ୍ରଙ୍କ ମଧ୍ୟରେ ପ୍ରଭେଦ ଚିହ୍ନଟ କରିବାରେ ଅକ୍ଷମ ହୋଇଛନ୍ତି। ୭୨ ବର୍ଷ ବୟସରେ, ସେ ତାଙ୍କ ପଦବୀରେ ଏତେ ଅସୁରକ୍ଷିତ ରହିଛନ୍ତି ଯେ ଏପରି କି ମାଓଙ୍କ ଭଳି, ସେ ଜଣେ ଉତ୍ତରାଧିକାରୀ ବାଛିବାକୁ ମନା କରିଦେଇଛନ୍ତି। ଜଣେ ଉତ୍ତରାଧିକାରୀ ତାଙ୍କ ପତନର କାରଣ ହୋଇପାରେ ବୋଲି ସେ ଭୟ କରୁଛନ୍ତି।

ଏହା ଚାଇନା ପାଇଁ ଶୁଭ ଲକ୍ଷଣ ନୁହେଁ। ବିଶେଷକରି ନେତୃତ୍ୱ ପରିବର୍ତ୍ତନ କରିବା ସକାଶେ ମନା କରି ଶି' ବିପଦ ବଢ଼ାଉଛନ୍ତି, ଯାହା ହୁଏତ ରାଜନୈତିକ ଅସ୍ଥିରତା ସୃଷ୍ଟି କରି ତାଙ୍କ ଶାସନର ଅନ୍ତ ଘଟାଇବ। ବିଚାରଗତ ଅନୁକୂଳତା ବଦଳରେ ଶି' ବ୍ୟକ୍ତିଗତ ବିଶ୍ୱସନୀୟତାକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ଅତୀତରେ ସମ୍ମିଳିତ ନେତୃତ୍ୱକୁ ଆଧାର କରି ବ୍ୟବସ୍ଥାରେ ପ୍ରତିଷ୍ଠିତ ହୋଇଥିବା ସଂସ୍ଥାଗତ ଏକତା ଦୁର୍ବଳ ହୋଇଯାଉଛି। ଏହାସହ ମନଇଚ୍ଛା ଅଧିକାରୀମାନଙ୍କୁ ଚାକିରିରୁ ବାହାର କରିଦେବା ଏବଂ ଅଭିଯୁକ୍ତ କରିବା ଦ୍ୱାରା ଚାଇନା ସରକାର ଏବେ ପ୍ରତିଯୋଗିତା ଓ ପ୍ରତିବଦ୍ଧତା ବଦଳରେ କ୍ଷମତାଶାଳୀ ବ୍ୟକ୍ତିଙ୍କ ଅଧିକ ପ୍ରଶଂସା କରୁଛି ଓ ଚିନ୍ତାରେ ରହୁଛି।

ଶି'ଙ୍କ ଅସ୍ଥିର ମନୋଭାବ ପାଇଁ ବିଶେଷକରି ଚାଇନାର ସେନାକୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ବର୍ଷେ ଦୁଇ ବର୍ଷ ହେବ, ଟେକ୍‌ନୋଲୋଜି ଆଧାରିତ ଯୁଦ୍ଧରେ ବିଜୟୀ ହେବା ପାଇଁ ପିଏଲ୍ଏ ନିଜକୁ ଏକ ଆଧୁନିକ ଶକ୍ତି ହେବା ଲାଗି ବ୍ୟାପକ ବ୍ୟବସ୍ଥାଗତ ପୁନର୍ଗଠନ କରିଛି। କନ୍ତୁ ଶି' ଅଧିକାରୀମାନଙ୍କୁ ବାହାର କରିଦେବା ଦ୍ୱାରା ମିଲିଟାରି ଯୋଜନା ଓ ନେତୃତ୍ୱରେ ବାଧା ସୃଷ୍ଟି ହୋଇଛି ; ଯାହା ପୁନର୍ଗଠନ ପଦକ୍ଷେପକୁ ଦୁର୍ବଳ କରିଦେଇଛି। ଉଦାହରଣ ସ୍ୱରୂପ, ୨୦୨୩ରେ ଚାଇନାର ଆଣବିକ ଅସ୍ତ୍ରଶସ୍ତ୍ର ଓ ପାରମ୍ପରିକ କ୍ଷେପଣାସ୍ତ୍ରର ଦେଖାରଖା କରୁଥିବା ପିଏଲ୍ଏର ରକେଟ୍ ଫୋର୍ସର ଶୀର୍ଷ ଅଧିକାରୀଙ୍କୁ ବାହାର କରିଦେବା ସମ୍ଭବତଃ ଚାଇନାର ରଣନୀତିକ ପ୍ରତିରୋଧ କ୍ଷମତା ପ୍ରତି ବିପଦ ସୃଷ୍ଟି କରିପାରେ। ଅଭିଜ୍ଞ କମାଣ୍ଡରଙ୍କ ଜାଗାରେ ଅନଭିଜ୍ଞ ସମର୍ଥକଙ୍କୁ ନିଯୁକ୍ତ କରିବା ହୁଏତ ଶି'ଙ୍କ ରାଜନୈତିକ ଅସ୍ତିତ୍ୱକୁ ନିଶ୍ଚିତ କରିପାରେ। ଚାଇନାର ନେତୃବର୍ଗ ସେମାନଙ୍କ ନିଜ କ୍ଷମତାକୁ ସୁରକ୍ଷିତ ରଖିବା ପାଇଁ ବହୁସମୟରେ ସେନାକୁ ବ୍ୟବହାର କରିପାରନ୍ତି, ହେଲେ ଜାତୀୟ ସୁରକ୍ଷା ପାଇଁ ଏହା କୌଣସି କାମରେ ଆସିବ ନାହିଁ। ରାଜନୈତିକ ଅସ୍ତିତ୍ୱକୁ ନେଇ ସେନାର ଶୀର୍ଷ ଅଧିକାରୀମାନେ ଚିନ୍ତାରେ ରହୁଥିବାବେଳେ ଏହା ବିଶେଷକରି ନୈତିକ ତଥା ଯୁଦ୍ଧଗତ ପ୍ରସ୍ତୁତିକୁ ପ୍ରଭାବିତ କରୁଛି। ପିଏଲ୍ଏ ଉପରେ ରାଜନୈତିକ ପ୍ରତିବନ୍ଧକ ଲଗାଇ ଆମେରିକା ଓ ଭାରତ ଭଳି ପ୍ରମୁଖ ବିରୋଧୀଙ୍କ ବିରୋଧରେ ଶି' ଯୁଦ୍ଧ ଜିତି ପାରିବେ କି? ସେ ଖୋଲାଖୋଲି ଭାବେ ଯୁଦ୍ଧ ନ କରି ଗୁପ୍ତରେ ବଳ ପ୍ରୟୋଗକରି ତାଙ୍କ ବିସ୍ତାରବାଦୀ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛନ୍ତି। କିନ୍ତୁ ମତିଭ୍ରମ ଘଟିଥିବା ଜଣେ ନେତାଙ୍କ ଚାରିପାଖରେ ଥିବା ଚାଟୁକାରୀମାନେ ତାଙ୍କୁ ବିରୋଧ କରିବାକୁ ଅନିଚ୍ଛୁକ କିମ୍ବା ଅକ୍ଷମ ହୋଇଥାନ୍ତି। ଫଳରେ ସେ ସବୁବେଳେ ଭୁଲ୍ ରଣନୀତିକ ଅବଗଣନା କରନ୍ତି। ସ୍ମରଣଯୋଗ୍ୟ ଯେ, ନାଜି ଆକ୍ରମଣ ପରିପ୍ରେକ୍ଷୀରେ ଷ୍ଟାଲିନ ରେଡ୍ ଆର୍ମିର ନେତୃତ୍ୱକୁ ଭାଙ୍ଗିଦେବା ଦ୍ୱାରା ବିନାଶକାରୀ ପରିଣାମ ସାମ୍ନାକୁ ଆସିଥିଲା।

ଚାଇନାର ଉତ୍ଥାନକୁ ନେଇ ସବୁ ପ୍ରକାର ପ୍ରଦର୍ଶନ ହେଉଥିଲେ ମଧ୍ୟ ଦେଶ ବ୍ୟବସ୍ଥାଗତ ସମସ୍ୟାର ସମ୍ମୁଖୀନ ହେଉଛି । ଏହାର ଅର୍ଥ ବ୍ୟବସ୍ଥା ମାନ୍ଦା ପଡ଼ିଯାଇଛି, ଯୁବ ବେରୋଜଗାରୀ ବୃଦ୍ଧି ପାଉଛି। ଏହା ସହ ବୟସ୍କଙ୍କ ସଂଖ୍ୟା ବଢୁଥିବାବେଳେ ଜନସଂଖ୍ୟା ହ୍ରାସ ପାଉଛି। ଜନ ଅସନ୍ତୋଷକୁ ଦମନ କରାଯାଉଛି। ଯଦି ଶି'ଙ୍କ ନେତୃତ୍ୱ ପ୍ରତି କୌଣସି ସମ୍ଭାବ୍ୟ ଆହ୍ୱାନ ଆସୁଛି ତେବେ ଅଧିକାରୀଙ୍କୁ ପଦବୀରୁ ବାହାର କରି କିମ୍ବା ଅଭିଯୁକ୍ତ କରି ତାହାକୁ ରୋକି ଦିଆଯାଉଛି। ଶେଷରେ, ଶି' ଭୟ ମଧ୍ୟରେ ଶାସନ କରିବା ପାଇଁ ଯୋଗ୍ୟ ବୋଲି ମନେ ହେଉଛି। କିନ୍ତୁ ଭୟକୁ ନେଇ କ୍ଷମତାର ଦୀର୍ଘ ସ୍ଥାୟିତ୍ୱ ଆସିବ ନାହିଁ। ବିଶ୍ୱାସଘାତକତାର ଭୟ ଘାରିଥିବା ଜଣେ ନେତା ଅନ୍ୟମାନଙ୍କୁ ଆଜ୍ଞାକାରୀ ହେବାକୁ ବାଧ୍ୟ କରିପାରନ୍ତି, ହେଲେ ତାହା ପ୍ରକୃତ କୃତଜ୍ଞତା ନୁହେଁ। ଆଜ୍ଞାକାରିତା କେବଳ କ୍ଷମତାର ଏକ ଦୁର୍ବଳ ବିକଳ୍ପ ହେବା ସହ ଭଙ୍ଗୁରତାର ଉତ୍ସ ହୋଇପାରେ। କାରଣ ଏଥିରେ ସୃଜନଶୀଳତା, ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗର ସୁଯୋଗ ନ ଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଶି' ତାଙ୍କ ହାତରେ ଅଧିକ କ୍ଷମତା ଠୁଳ କରିବାକୁ ଚାହୁଁଛନ୍ତି। ଫଳରେ ତାଙ୍କ ଶାସନ ଅଧିକ ବିପଦମୁଖୀ ହେବାରେ ଲାଗିଛି। ଏକମତ ହେଉ ନ ଥିବା ଅଧିକାରୀଙ୍କୁ ବାହାର କରିବାରେ ମାଓଙ୍କ ପଦକ୍ଷେପ ଅରାଜକତା ଓ ରାଷ୍ଟ୍ରୀୟ କ୍ଷତିକୁ ଶେଷ କରିଥିଲା। ହେଲେ ଶି'ଙ୍କ ପଦ୍ଧତି ଅଧିକ ଉନ୍ନତ ଲାଗୁଥିଲେ ବି ଏହା ପଛର ସିଦ୍ଧାନ୍ତ ପ୍ରାୟ ସମାନ ଏବଂ ପରିଣାମ ବି ସେହିଭଳି ହୋଇପାରେ।

**ପ୍ରଫେସର, ଏମରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍,**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# 'ଗଛ'ରେ ଜମିଦାରି ଅଧିକାର



ଅଜୟ କୁମାର ବେହେରା

ଦିନଥିଲା ଏ ରାଜ୍ୟରେ ଜମିଦାରି ଶାସନ ଥିଲା। ସେତେବେଳେ ପ୍ରଜା କେହି ସ୍ଥିତିବାନ ନ ଥିଲେ, ଥିଲେ ହାକିମ ସ୍ୱତ୍ୱ ପ୍ରଜା । ବୋଲହାକ ପାଇଁ ଥିଲେ ପ୍ରଜା। ପୂର୍ବେ ଯେତେବେଳେ ଲିପିବଦ୍ଧ ପ୍ରମାଣ ଆବଶ୍ୟକ ପଡ଼ିଲା, ସେତେବେଳେ ଟିପା ପାଉତି ଚଳିଲା। ଟିପା ପାଉତି ଏକ ତାଳପତ୍ର ଓ ଲେଖନୀ ଲୁହାର ସମ୍ବନ୍ଧି ମାତ୍ର, ଯାହାକୁ ଟିପା ଦେବା ଓ ଟିପାନେବା ଦୁଇ ଜଣ ଜାଣିବା ସମ୍ଭବ ଥିଲା । ପୁଣି ପାଉତି ଅର୍ଥ ପାଇଥିବା ପ୍ରମାଣକୁ କେବଳ ଜମିଦାରଙ୍କ ମନୋଜ୍ଞ ଉପରେ ନିର୍ଭର କରୁଥିଲା। ବେଳେ ବେଳେ ଟିପା ତାଳପତ୍ର ଲେଖା ହଜିଗଲେ ବା ଥାଇ ମୂଳ ଖାତା ବା ଟିପା ପୋଥିରେ ନ ଥିଲେ ବେଡ଼ି କୋରଡ଼ା ଉଚ୍ଛେଦ ସ୍ତରକୁ ପ୍ରଜାଟି ଆସୁଥିଲା। ବ୍ରିଟିଶ ପ୍ରଶାସନ ଏପରି ହୁକୁମ ଜାହିର କଲେ ଜହିଁରେ ଜମିଦାରଙ୍କର ପାଉତିରେ ତାରିଖ ନିଶ୍ଚେ ରହିବା ସହିତ ତାଙ୍କର ଏକ ଖାତା କାଗଜ ବାହାରିବା ପରେ ଲେଖା ପାଉତି ହାସଲ ବେଳେ ଲେଖା ରଖାଭଲା ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ ସାହୁକାରମାନେ ମହାଜନି କରଜ ଲଗାନ୍ତି। ଅଭାବୀମାନେ ବାଧ୍ୟ ହୋଇ ଖାଦ୍ୟ ସମସ୍ୟା ବିବାହାଦି ବଡ଼ ଖର୍ଚ୍ଚ ପାଇଁ ସେହି ସାହୁକାର ମହାଜନଙ୍କ ଦ୍ୱାରସ୍ଥ ହୁଅନ୍ତି। କେତେ ଖୋସାମଦ କାକୁତି ମିନତି ଦୌଡ଼ିବା ପରେ ମହାଜନି କରଦ ହୁଅନ୍ତି। ତାଙ୍କର କପଟ ଆତ୍ମୀୟତାର ଫାଶ ପଡ଼େ। ଖାଲି ଫାଶ ପଡ଼େ ନାହିଁ ହୁକ୍ ଅଙ୍କୁଶ ଲଗାଇ ଦିଅନ୍ତି। ଫାଶ ହେଲା କରଜ ଯେତେ ନେବେ ତା'ର ଦୁଇଗୁଣ, ତିନିଗୁଣ ଅର୍ଥ ପ୍ରାପ୍ତିର ସମ୍ମତି ଦସ୍ତଖତ ନେବେ। ସମୟ ଧାର୍ଯ୍ୟ କରିବ ହିଁ ହୁକ୍ ଅଙ୍କୁଶ, ଏହା କଣ୍ଟ ନେଲାପରି ବ୍ୟବସ୍ଥା। ମିଆଦ ପୂରିବାର କିଛି ପୂର୍ବରୁ ବାରମ୍ବାର ତାଗିଦ ନ ହେଲେ ନାଲିଶ ଓ କୋରକ ବ୍ୟବସ୍ଥା ଏବଂ ଏଥିରେ ମୂଲ୍ୟବାନ ସମ୍ପତ୍ତି ତଥା ଦ୍ରବ୍ୟ ଲୋକେ ହରାଉଥିଲେ। ଏମିତିକି ଦୁଧିଆଳୀ ଗାଈ, ହୃଷ୍ଟପୁଷ୍ଟ ବଳଦ ନିଲାମରେ ହରାଇବାକୁ ପଡୁଥିଲା। କେହି କେହି ମହାଜନ ଚାଷଜମିରେ ବର୍ଷ ବର୍ଷ ମୂଲିଆ କାମ କରିବାକୁ ବାଧ୍ୟ ହେଉଥିଲେ। ଭାରତ ସ୍ୱାଧୀନତା ପରେ ଜମିଦାରି ଯାଇଛି, ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ଶାସନରେ ଗ୍ରାମ୍ୟ ମହାଜନି ବୃତ୍ତି ବିଲୁପ୍ତ ହୋଇଛି, ମାତ୍ର ସରକାରଙ୍କ ସବୁ କାନୁନରେ ଏକ କାନୁନ ପୂର୍ବ ପରି ରହିଛି। କାହାରି ବାଡ଼ି ଜମିରେ ବା ତୋଟା ବଗିଚାରେ କିଛି ବଡ଼ ଗଛ କଟାଗଲେ ତାହାର ଅନୁମତି ଜଙ୍ଗଲ ବିଭାଗରୁ ଆଣିବାକୁ ପଡ଼ିବ। ରାସ୍ତାରେ କାଠ କରତ କଳକୁ ନେବାକୁ ହେଲେ ଅନୁମତି ଦରକାର। ଚିରୋଟ କାଠ ଟିମ୍ବର ଏବେ ବି ରାସ୍ତାରେ ଏହି ଜଙ୍ଗଲ ବିଭାଗ ଧରୁଛି। କରତକଳ ପୂର୍ବପରି ଆଉ ଦେଖିବାକୁ ମିଳୁନି। ଏପରି ଉତ୍ପାତ ପୂର୍ବପରି ଅଛି।

ତେବେ ସରକାରୀ ଜଙ୍ଗଲରେ ଗଛ କିଏ ହାଣିଲା, ଏବେ ନିର୍ମାଣକୁ ଯିଏ କାଠ ଆଣିଲେ ସେ ହଇରାଣ ହେଉଛନ୍ତି। ଅନେକଙ୍କ ଗୃହରେ କଳାଧନ ଯୋଗୁ ସରକାରୀ କୋପ ରହିବା ବହୁ କ୍ଷେତ୍ରରେ ଧରାଗଲେ, ଘର କାଠ, ଆସବାବପତ୍ରର କ୍ରୟ କ୍ୟାଶ ମେମୋ ଖୋଜା ଚାଲିଲାଣି। ପ୍ରକୃତ ନିରାପଦ ସ୍ୱାଧୀନ ଭାରତରେ ଆଂଶିକ କାନୁନ ସଂସ୍କାର ହେବା ଜଣାପଡୁଛି। ଜାନୁଆରୀରୁ ଏପ୍ରିଲ ଯାଏ ରାସ୍ତରେ ଶଗଡ଼ ଶଗଡ଼ ଛଣ ଗାଡ଼ି ଚାଲୁଥିଲା। ଲୋକେ ନଡ଼ାଛପର ଘର କରୁଥିବାରୁ ଏହାର ଏପରି ଚାହିଦା ତତ୍କାଳ ଥିଲା। ଅନେକ ଗୋପାଳକ ଏପରି ଛଣ କିଣି ବର୍ଷକ ଗାଈବଳଦ ଖାଇବାକୁ ରଖୁଥିଲେ। କିନ୍ତୁ ୧୯୯୯ ପରଠାରୁ କୋଠାଘର ହୋଇଗଲା। ଏବେ ସେହି ଧାନ ଜମି ଅଛି, ମାତ୍ର ଛଣ ନଡ଼ା ହେଉଛି କ'ଣ? କେହି ଖୋଜ କରିଛନ୍ତି କି?

ଜାଳେଣି କାଠ, ଗଛର ପତ୍ର ପ୍ରତ୍ୟେକଙ୍କ ଗୃହରେ ଆବଶ୍ୟକ ଥିଲା, ଗୋରୁ ପାଳନରୁ ପ୍ରାପ୍ତ ଗୋବର ଶୁଷ୍କ ଘଷି, ଗୁଣ୍ଡା ଏପରି ଜାଳେଣିରେ ବ୍ୟବହୃତ ହେଉଥିଲା ଓ ପରେ ପାଉଁଶ ଖତ ହୋଇ ଧାନ ବିଲକୁ ଯାଉଥିଲା। କିନ୍ତୁ ଜାଳେଣି ଗ୍ୟାସ ଆସିବା ପରଠାରୁ ଜାଳେଣି କାଠ ସମସ୍ୟା କଟି ପତ୍ର ଘଷି ଆଦି ଆଉ ଦରକାର ପଡ଼ିଲା ନାହିଁ। ଫଳରେ କେହି ଗଛ ଲଗାଇବା ଗୋରୁ ପାଳିବା ପ୍ରତି ଆଉ ନଜର ଦେଉନାହାନ୍ତି।

ଜମିଦାରି ପ୍ରଶାସନରେ ହେଲେ ଲୋକେ ଗଛ ଲଗାଉଥିଲେ। ଗଛରୁ ଫଳ ଫୁଲ ସେମାନେ ନିଅନ୍ତୁ ପଛେ । ବର୍ତ୍ତମାନ ସରକାର ଗଛ ଲଗାଇବା ଯୋଜନା କରୁଛନ୍ତି ମାତ୍ର ରାସ୍ତାକଡ଼ ବଡ଼ ବଡ଼ ଗଛ ଜଙ୍ଗଲ ଆଗ ହାଣି ଦେଉଛନ୍ତି। ଭାବନ୍ତୁ ସେ ଜମିଦାର ଓ ଏ ଜମିଦାର ମଧ୍ୟରେ ଫରକ କେଉଁଠି।

**ଅରୁଣୋଦୟ ମାର୍କେଟ, କଟକ**
**ମୋ: ୯୪୩୭୦୩୧୨୫୩**

## ଏଇ ଭାରତରେ

କାଶ୍ମୀରର ଡାଲ୍ ହ୍ରଦ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସ୍ଥଳ ହୋଇଥିବାରୁ ବ୍ୟାପକ ଭାବେ ପ୍ଲାଷ୍ଟିକ ବ୍ୟବହାର ହ୍ରଦର ପାରିପାର୍ଶ୍ୱିକ ପରିବେଶକୁ ପ୍ରଦୂଷିତ କରୁଛି। ଏଭଳି ସ୍ଥିତିରେ ଏହାକୁ ସ୍ୱଚ୍ଛ କରିବା ଲାଗି ୧୪ ବର୍ଷ ବୟସ୍କା ଜନ୍ନତ ପଟ୍‌ଲୋ ହ୍ରଦରୁ ପ୍ଲାଷ୍ଟିକ ସଫା କରୁଛନ୍ତି। ଜନ୍ନତ ଶ୍ରୀନଗରର ଲିଣ୍ଟନ ହଲ୍ ପବ୍ଲିକ ସ୍କୁଲରେ ୭ମ ଶ୍ରେଣୀରେ ପଢୁଛନ୍ତି। ରବିବାର ସେ ହ୍ରଦ ସଫା କରିବାକୁ ଯାଉଛନ୍ତି ଏବଂ ନିଜେ ବୋଟ୍ ଚଲାଇ ହ୍ରଦରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏହି କାର୍ଯ୍ୟ ସେ ୫ ବର୍ଷ ବୟସରୁ ଆରମ୍ଭ କରିଛନ୍ତି। ଜନ୍ନତଙ୍କ ପିତା ତାରିକ ଅହମ୍ମଦ ପଟ୍‌ଲୋ ଜଣେ ସାମାଜିକକର୍ମୀ। ସେ ଡାଲ୍ ହ୍ରଦରେ ବୋଟ୍ ଚଲାଇ ଦୈନିକ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ ହ୍ରଦକୁ ସଫା କରନ୍ତି। ତାଙ୍କର ଏହି କାର୍ଯ୍ୟରେ ପ୍ରଭାବିତ ହୋଇ ମାତ୍ର ୫ ବର୍ଷ ବୟସରୁ ଜନ୍ନତ ପିତାଙ୍କ ସହ ଛୁଟିଦିନରେ ହ୍ରଦ ସଫା କରିବାକୁ ଯାଉଥିଲେ। ଏବେ ଜନ୍ନତ ହ୍ରଦ ସଫା କରିବା ଲାଗି 'ଡାଲ୍ ଲେକ୍ ଫର୍ ସନ୍‌ଡେ' ବା 'ରବିବାର ପାଇଁ ଡାଲ୍ ହ୍ରଦ' ଅଭିଯାନ ଚଲାଇଛନ୍ତି ଓ ତାରିକ ତାଙ୍କ ସହ ଯୋଗ ଦେଉଛନ୍ତି। ଜନ୍ନତଙ୍କ ଏହି କାର୍ଯ୍ୟକୁ ଦେଶସାରା ପ୍ରଶଂସା କରାଯାଉଛି। ଏପରିକି ହାଇଦ୍ରାବାଦର ଏକ ସ୍କୁଲର ୩ ଶ୍ରେଣୀ ପାଠ୍ୟକ୍ରମରେ ତାଙ୍କ ସମ୍ପର୍କରେ 'ଜନ୍ନତସ୍ ଝିଲ' ବା 'ସ୍ୱର୍ଗର ହ୍ରଦ' ବିଷୟ ସ୍ଥାନ ପାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୪ ଅକ୍ଟୋବର ୧୯୭୬

- ଜାପାନ ବଦଳରେ ଭାରତ ଜାତିସଂଘ ନିରାପତ୍ତା ପରିଷଦର ସଭ୍ୟ ରୂପେ ନିର୍ବାଚିତ ହୋଇଛି।
- ହୁଆ କୁଓ ଫେଙ୍ଗ ଚାଇନା କମ୍ୟୁନିଷ୍ଟ ପାର୍ଟିର ଚେୟାରମ୍ୟାନ୍ ମନୋନୀତ ହେବା ପରେ ଦେଶର ନେତୃତ୍ୱରେ ବ୍ୟାପକ ପରିବର୍ତ୍ତନ କ୍ରମେ ଉପ ପ୍ରଧାନମନ୍ତ୍ରୀ ଲି ସିଏନ୍-ନିଏନ୍‌ଙ୍କୁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 5 | | | | |
| 7 | 6 | 2 | | | | | 3 | |
| 4 | | | | 1 | | 2 | | |
| | | 8 | | | 5 | 6 | | |
| | 1 | | | | | 3 | | |
| | 3 | | | 8 | | | | |
| | | | | | | | 8 | |
| | | | 8 | 9 | 2 | | | 1 |
| | | | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 5 | 1 | 7 | 9 | 6 | 2 | 4 |
| 7 | 2 | 9 | 3 | 6 | 4 | 5 | 8 | 1 |
| 1 | 6 | 4 | 5 | 2 | 8 | 3 | 9 | 7 |
| 5 | 9 | 6 | 4 | 3 | 2 | 7 | 1 | 8 |
| 2 | 1 | 7 | 9 | 8 | 6 | 4 | 5 | 3 |
| 4 | 8 | 3 | 7 | 1 | 5 | 9 | 6 | 2 |
| 6 | 7 | 1 | 2 | 9 | 3 | 8 | 4 | 5 |
| 9 | 4 | 2 | 8 | 5 | 7 | 1 | 3 | 6 |
| 3 | 5 | 8 | 6 | 4 | 1 | 2 | 7 | 9 |

ଗତକାଲିର ଉତ୍ତର

# ଭଙ୍ଗାଯାଏ ଗଢ଼ିବା ପାଇଁ



ଡ. ଦ୍ୱିତୀଚନ୍ଦ୍ର ସାହୁ

ଲୋକେ ସବୁ ଯାତନା ସହିପାରନ୍ତି କିପରି? ଜୀବନ ବାରମ୍ବାର ତାଡ଼ନା ଦେଲା ପରେ ବି ସ୍ଥିର ରହିପାରନ୍ତି କିପରି ମଣିଷ। ସମୟ, ପରିସ୍ଥିତି ବିଶେଷକରି ମଣିଷମାନେ ଅନ୍ୟକୁ ଯନ୍ତ୍ରଣା ଦିଅନ୍ତି। ସେଥିରେ ଲୋକେ ଅବିଚଳିତ ହୋଇ ଚୁପଚାପ୍ ରହନ୍ତି। ପ୍ରତିବାଦ କରନ୍ତି ନାହିଁ । ବରଂ ସମୟ ହାତରେ ଛାଡ଼ିଦିଅନ୍ତି । ଏସବୁ ଶୁଣି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଭାଇ! ଏକା ନିଃଶ୍ୱାସରେ ପଚାରିଲା ଜଣେ ବନ୍ଧୁ। ମୁଁ ଚୁପ୍ ରହି ଚାଲିଲି। ବନ୍ଧୁ ପୁଣି କହିଲା -ଜୀବନ ତୋ ପ୍ରତି ଏତେ ଅତ୍ୟାଚାର କରୁଛି, ତୁ କେମିତି ଭାଙ୍ଗିପଡୁନୁ? ଏତେ ସହଜରେ ଜିଇପାରୁ? ଏତେ ଶକ୍ତି କେଉଁଠୁ ପାଉଛୁ? ତା'ର ସରଳ ମନ୍ତ୍ର କ'ଣ? ଏଥର ବନ୍ଧୁକୁ ଭିଡିନେଇ ଗଛ ମୂଳେ ଥିବା ପଥର ଉପରେ ବସେଇଲି ଓ କହିଲି।

ଜୀବନ ଏକ ନାଟକମଞ୍ଚ। ଏଠି ପ୍ରତ୍ୟେକ ଚରିତ୍ର ଆସେ, ଅଭିନୟ କରେ ଓ ଶେଷରେ ପରଦା ପଡ଼େ। ଯେପରି ଫୁଲ ଫୁଟିବା ସହିତ ଶୁଖିବାର ଯାତ୍ରା ଆରମ୍ଭ ହୁଏ। ସେପରି ଭଙ୍ଗାଯାଏ ଗଢିବା ପାଇଁ। ପ୍ରକୃତି ଆମକୁ ଏହି ନିୟମ ନିତି ନୂଆ ଭାବେ ଦେଖାଏ। ମାଟି ହେଉଛି ସୃଷ୍ଟିର ଗର୍ଭ, ଯେଉଁଠାରୁ ଗଛ ଜନ୍ମନିଏ। ଗଛ ବୃଦ୍ଧି ପାଏ, ଫୁଲ ଫୁଟେ, ଫଳ ହୁଏ ଏବଂ ଶେଷରେ ପତ୍ରଝଡ଼ା ଦିଏ । ଏହି ପତନ ହିଁ ନୂଆ ଜୀବନର ମୂଳ। ପୁରୁଣା ପତ୍ର ମାଟିହୋଇ ନୂଆ ଚାରାକୁ ପୋଷଣ ଦିଏ। ଏହା ହେଉଛି ସୃଷ୍ଟି ଓ ବିନାଶର ଅଦୃଶ୍ୟ ସମତା। ମନୁଷ୍ୟ ଜୀବନ ମଧ୍ୟ ଏହି ନିୟମରେ ବନ୍ଧା। ଶିଶୁ ହୋଇ ଗଢ଼ିଉଠୁଥିବା ଶରୀର ଦିନେ ବୃଦ୍ଧାବସ୍ଥାରେ ପଦାର୍ପଣ କରେ। ଯେପରି ଦିନ ଓ ରାତି, ଜନ୍ମ ଓ ମୃତ୍ୟୁ, ସୃଷ୍ଟି ଓ ବିନାଶ। ସେମାନେ ଗୋଟିଏ ଦେହର ଦୁଇ ଅଙ୍ଗ। ଗୋଟିଏ ଜନ୍ମ ଓ ଆରଟି ମୃତ୍ୟୁ। ଯେପରି ମେଘ ଭାଙ୍ଗି ବର୍ଷା ହୁଏ ଓ ପୃଥିବୀକୁ ସିଞ୍ଚି ନୂଆ ପ୍ରାଣ ଦିଏ। ସେପରି ଜୀବନର ପୁରୁଣା ଅଂଶ ଭାଙ୍ଗି ନୂଆ ସଂସାରକୁ ଜନ୍ମ ଦିଏ। ଅର୍ଥାତ୍ ଯାହା ଶେଷ ହେଲା, ତାହା ପୁଣି ନୂଆରୂପ ନେଇ ଫେରି ଆସେ। ପ୍ରକୃତିର ନିୟମ ଏତିକି ଆମକୁ ଶିଖାଏ ବହୁତ। ଭାଙ୍ଗିବାରେ ଭୟ କରିବାର କିଛିନାହିଁ। କାରଣ ଏହି ଭାଙ୍ଗିବାରେ ନୂଆଗଢ଼ାର ଅଙ୍କୁର ଲୁକ୍କାୟିତ ହୋଇ ରହିଛି। ଜଣେ ମୃତ୍ତିକାର ଯେପରି ମାଟିକୁ ଭାଙ୍ଗିଗଢ଼ି ଏକ ସୁନ୍ଦର ମୂର୍ତ୍ତି ତିଆରି କରେ, ସେପରି ସମୟ ଓ କିଛି ମଣିଷ ମଧ୍ୟ ଆମ ଜୀବନକୁ ଭାଙ୍ଗିଗଢ଼ି ନୂଆ ଅଭିଜ୍ଞତା ଦିଅନ୍ତି। ଆମକୁ ସଙ୍କେତ ଦିଅନ୍ତି। ଜୀବନର ଭଲମନ୍ଦକୁ ପରଖିବାକୁ ସୁଯୋଗ ଦିଅନ୍ତି। ନିଜ ଭିତରେ ଥିବା ମନ୍ଦଗୁଡିକୁ ଛାଡିବାକୁ ଅବସର ମିଳେ। ଭଲକୁ ଧରି ଆଗକୁ ବଢିବାକୁ ବଳ ଗୋଟାଏ। ଭାଙ୍ଗିବା ଶେଷ ନୁହେଁ, ଏହା ଏକ ନୂଆ ଆରମ୍ଭର ପ୍ରସ୍ତାବନା। ଜୀବନ ଗୋଟିଏ ମାଟିହାଣ୍ଡି। ଯାହାକୁ ସମୟ ତା' ଦେହରେ ଆକାର ଦେଇ ଗଢ଼େ। ହାଣ୍ଡି ହେବା ପୂର୍ବରୁ ସେ ମାଟିହୋଇ ଆଘାତ ସହେ। ମାଡ଼ଖାଏ। ଅଗ୍ନିସ୍ପର୍ଶର ଜ୍ୱାଳା ସହେ। କିନ୍ତୁ ସେଇ ଆଘାତ ଓ ତାପ ତାକୁ ଦୃଢ଼କରେ। ଯଦି ସେ ଭାଙ୍ଗିବାର ଭୟ କରିଥାନ୍ତା, ତେବେ କେବେ ହାଣ୍ଡିହୋଇ ନ ଥାନ୍ତା। ମଣିଷର ଜୀବନ ମଧ୍ୟ ସେପରି। ପ୍ରତ୍ୟେକ ଆଘାତ, ପ୍ରତ୍ୟେକ ଭାଙ୍ଗିବା ତାକୁ ମଜଭୁତ କରେ। ଜୀବନର ଚକ୍କିରେ ଗୋଟିଏ



ନୂଆଗଢ଼ା କୌଶଳକୁ କରାୟତ୍ତ କରେ। ଅନେକ ସମୟ ଆମେ ଭାବୁ କାହିଁକି ମୋ ଠାରେ ହିଁ ଏମିତି ହେଲା? ଅନ୍ୟମାନଙ୍କ କ୍ଷେତ୍ରରେ କାହିଁକି ନୁହେଁ ।

ଫଳନ୍ତି ଗଛକୁ ହିଁ ଫଳଟିଏ ପାଇବାର ଲୋଭରେ ଟେକାଟି ଫୋପଡ଼ା ଯାଏ । ସବୁଜ ଗହଳ ଥାଇ ସୁଦ୍ଧା ଫଳ ନ ଥିବା ଗଛକୁ କେହି ଟେକାମାରନ୍ତିନି। ସେହି ଭାଙ୍ଗିବା ମଧ୍ୟରେ ହିଁ ଆମେ ଆପଣା ଶକ୍ତିକୁ ଚିହ୍ନିପାରିଥାଉ। ଭାଙ୍ଗିବା ନିଜେ ଗଢିଉଠିବାର ପ୍ରଥମ ଆଲୋକ। ଯେଉଁ ହୃଦୟ ଭାଙ୍ଗିଛି, ସେ ଅଧିକ ଅନୁଭବୀ। ଯେଉଁ ଆତ୍ମା ଯନ୍ତ୍ରଣା ସହିଛି, ସେ ଅଧିକ ମାନବିକ। ଭାଙ୍ଗିବା ଆମକୁ ଶିଖାଏ ନିର୍ବାପିତ ଆଶାକୁ ଆଉଥରେ ଜଳାଇବାର ଥିବା ଶକ୍ତିକୁ। ଜୀବନ ଏମିତି ଗୋଟିଏ ଯାତ୍ରା, ଯେଉଁଠାରେ ଭାଙ୍ଗିବା, ଝୁଣ୍ଟିବା, ହାରିବା ଓ ଯନ୍ତ୍ରଣା ଭୋଗିବା ଗୋଟିଏ ଗୋଟିଏ ଅଂଶବିଶେଷ। ପ୍ରତ୍ୟେକ ସଫଳ ଲୋକଙ୍କ ପଛରେ ଅନେକ ବିଫଳତା ଲୁଚିଛି। ସେମାନେ ବିଭିନ୍ନ କାରଣରୁ ଖଣ୍ଡ ଖଣ୍ଡ ହୋଇଛନ୍ତି। ଅଥଚ ଛିଣ୍ଡି ନାହାନ୍ତି । ବରଂ ଭାଙ୍ଗି ବି ପୁନଶ୍ଚ ସୁନ୍ଦର ହୋଇ ଗଢିଉଠିଛନ୍ତି। ଭାଙ୍ଗିବା ହେଉଛି ସହିଷ୍ଣୁତା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ଏକ ପରୀକ୍ଷା। ଯେତେବେଳେ ଜୀବନକୁ ଭାଙ୍ଗିଦେବାକୁ ଚେଷ୍ଟାକରେ, ସେତେ ବେଳେ ମନେ ରଖ ତୁମକୁ ଭାଙ୍ଗିବାକୁ ପ୍ରୟାସ କରାଯାଏନି, ଗଢିଉଠିବାକୁ ହିଁ ଭରପୂର ସୁଯୋଗ ଦିଆହୁଏ।

କୌଣସି ମଣିଷ ଜନ୍ମରୁ ସଫଳ ନୁହେଁ। ସେ ବିଫଳତାର ଆଘାତରେ ଜୀବନ ଶିଖେ। ପଡ଼ିଲେ ଉଠିବା, ହାରିଲେ ଲଢ଼ିବା ହେଉଛି ଜୀବନର ସତ୍ୟଶିକ୍ଷା। ଲୁହାକୁ ଅଗ୍ନିରେ ତତାଇଲେ ଇସ୍ପାତ ହୁଏ । କଷ୍ଟ ଓ ବିଫଳତା ମଣିଷକୁ ଶକ୍ତିଶାଳୀ କରେ। ଝଡ଼ ପରେ ନୂଆ ଗଛ କଅଁଳେ । ମେଘ ପରେ ଆସେ ଇନ୍ଦ୍ରଧନୁ। ଭାଙ୍ଗିବା ଜୀବନର ଅବିଭାଜ୍ୟ ଅଂଶ। ଭାଙ୍ଗିଲେ ମନ ଛିଣ୍ଡିବା ନୁହେଁ, ଅପେକ୍ଷା ରଖିବା ଉଚିତ। ଏହି ଭାଙ୍ଗିବା ମୋ ଗଢିଉଠିବାର ଆରମ୍ଭ। ଭାଙ୍ଗିବା ମାନେ ନଷ୍ଟ ହେବା ନୁହେଁ, ଏହା ହେଉଛି ଆପଣାକୁ ପୁନଃ ସଂରଚନା କରିବାର ଅବସର। କିଛି ବ୍ୟକ୍ତି, ସମୟ ଓ ପରିସ୍ଥିତି ଆମକୁ ପଛକୁ ଠେଲିଦିଏ, ସେତେବେଳେ ଜୀବନ ଆମକୁ ଅଧିକ ଶକ୍ତିଶାଳୀ ହେବାର ପ୍ରସ୍ତୁତି ଦିଏ। ଆହୁରି ଝାଡିଝୁଡି ଶକ୍ତି ଗୋଟାଇ ଆଗକୁ ମାଡିଚାଲେ । ତା'ର ବେଗ ଓ ତୀବ୍ରତା ଏତେ ଥାଏ ଯେ ସେହି ତଥାକଥିତ ଅପଶକ୍ତିମାନଙ୍କୁ ଅନେକ ପଛରେ ଛାଡିଦିଏ। ଛୁଇଁବାକୁ ଚେଷ୍ଟା କଲେ ବି ଛୁଇଁବା ସମ୍ଭବପର ହୋଇ ପାରେନା। ଜୀବନରେ କେହି ଏମିତି ନାହାନ୍ତି ଯେ ସେ ସଦା ସଫଳ ହୋଇଛନ୍ତି। ଜୀବନ ଆଘାତ ବିନା ସୁନ୍ଦର ହୋଇପାରେନା। କୁତ୍ସାରଟନା, ମିଥ୍ୟାରୋପ, ଅପଳାପ ଇତ୍ୟାଦି ଈର୍ଷାଳୁ ଓ ବିଫଳକାରୀଙ୍କ ପ୍ରିୟ ଅସ୍ତ୍ର । ସତ୍ୟ, ନ୍ୟାୟ, ନୀତିବାନ, ପରିଶ୍ରମ, ଅଧ୍ୟବସାୟ ଓ ସାଧୁତା ନିକଟରେ ସେ ଅସ୍ତ୍ର ସବୁବେଳେ ଫୁସୁକିଯାଏ। ବ୍ୟର୍ଥ ଉଦ୍ୟମ ଅପର ଗୋଷ୍ଠୀଙ୍କ ବାରମ୍ବାର ହୃତ୍‌ସ୍ପନ୍ଦନ ବଢ଼ାଇଥାଏ। ଯାହା ପ୍ରତି ଏସବୁ ହୁଏ ସେ ନିଜକୁ ହୃଦ୍‌ବୋଧ କରିବାକୁ ହେବ ତା'ର ବିକାଶ ହେଉଛି ଏବଂ କିଛି ଲୋକ ତାକୁ ଅନୁସରଣ କରୁଛନ୍ତି। ଭଲ ହେଉ କି ଖରାପ ଜୀବନରେ ଅନୁଗାମୀ ତିଆରି କରିବା କଷ୍ଟ। ଏତେ ସବୁ ଶୁଣିବା ପରେ ବନ୍ଧୁ ଆଖି ଛଳଛଳ କଲା ଓ କୋଳେଇ ଧରିକହିଲା - ସବୁ ସତ! କିନ୍ତୁ ଏତିକି କରିବା ଭାରି କଷ୍ଟରେ! ଯିଏ କରିପାରିଲା ସିଏ ବଢ଼ିଲା।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ:୯୪୩୭୯୦୯୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ଦାୟିତ୍ୱହୀନ ମନ୍ତବ୍ୟ

ମହାଶୟ,

ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କ ପ୍ରତି ଅତି ଅନ୍ୟାୟ ଘଟଣା ଯୋଗୁ ସାରା ଓଡ଼ିଶାବାସୀ ଚିନ୍ତିତ ଓ ମର୍ମାହତ। ଏଥିରେ ସମସ୍ତ ପଶ୍ଚିମବଙ୍ଗର ଜନତା ମଧ୍ୟ ଦୁଃଖିତ। ବହୁ ଉଚ୍ଚ ଆଶା ନେଇ ଡାକ୍ତରୀ ପାଠ ଅଧ୍ୟୟନ ପାଇଁ କୋଲକାତା ଯାଇଥିଲେ ଓଡ଼ିଆ ଛାତ୍ରୀ। ସମସ୍ତ ଆଶା ଭରସା ମଉଳିଗଲା ପଶ୍ଚିମବଙ୍ଗ ସରକାରଙ୍କ ପାଇଁ। ବିଭିନ୍ନ ଗଣମାଧ୍ୟମରେ ପଶ୍ଚିମବଙ୍ଗର ସମ୍ମାନ ହାନି ହେଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦାୟିତ୍ୱହୀନ ମନ୍ତବ୍ୟ (ଏତେ ରାତିରେ ଡାକ୍ତରୀ ଛାତ୍ରୀ ବାହାରକୁ କାହିଁକି ବାହାରି ଥିଲେ) ପାଇଁ ସାରା ଓଡ଼ିଶାବାସୀ ମ୍ରିୟମାଣ। ଆଜିଠାରୁ କୌଣସି ମହିଳାଙ୍କ ବିଳମ୍ବିତ ରାତିରେ ବାହାରିବା ବନ୍ଦ କରାଯାଇପାରିବ କି? ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ରାଜ୍ୟର ସମସ୍ତ ଆଇନ ଶୃଙ୍ଖଳାକୁ ବିପଦଗାମୀ କରିବା ସହ ଅରାଜକତାର ପାହାଡ଼ ଦଣ୍ଡାୟମାନ କରାଇବ। ଓଡ଼ିଶାବାସୀ ମମତାଙ୍କଠାରୁ ଏଭଳି ବ୍ୟବହାର ଆଶା କରୁନାହାନ୍ତି।

**-ଆଦିକନ୍ଦ ସାହୁ, ଏକମାଣିଆ, ଆଳି, କେନ୍ଦ୍ରାପଡ଼ା**

## ଚିରନ୍ତନୀ

କଲି ତାକୁ ଉପହାସ ବିଚାରିଲି ଛଳନା
ସ୍ୱର୍ଗର ନୁହେ ତାହା ମର୍ତ୍ତ୍ୟର ବାସନା
ଅଙ୍ଗେ ନିଭାଇଥିଲି ଇଙ୍ଗିତ ଯେତେ ମୁଁ
ଚାଖିଥିଲା ଯେତେ ରସ ପୀରତିର ରସନା ।
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟବହାର ଉପରେ ଗୁରୁତ୍ୱ

**ସୋନପୁର, ୨୩।୧୦ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ଟାଉନ ହଲ ପରିସରରେ ଗୁରୁବାର ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାଇବର ସୁରକ୍ଷା ପାଇଁ ଆବଶ୍ୟକ ସାବଧାନତା ବିଷୟରେ ଆଇଜି ଆଲୋଚନା କରିଥିଲେ। ଓଟିପି, ପିନ୍ ଓ ବ୍ୟାଙ୍କିଙ୍ଗ୍ ପାସୱାର୍ଡ କେବେବି କାହାକୁ ସେୟାର ନ କରିବା, ସନ୍ଦେହଜନକ ଲିଙ୍କ୍ ଉପରେ କ୍ଲିକ୍ ନ କରିବା, କ୍ଲିକ୍ କରିବା ପୂର୍ବରୁ ଭାବିବା, ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ଅଭ୍ୟାସ, ସୋସିଆଲ ମିଡିଆରେ ସତର୍କତା ଓ ସୁରକ୍ଷିତ ଅନଲାଇନ ଶପିଂ ଉପରେ ବୁଝାଇଥିଲେ। ସାଇବର ସୁରକ୍ଷା ପାଇଁ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟବହାର ଉପରେ ଆଇଜି ଲାଲ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଯୋଗଦାନ କରି ଏଆଇ ଯୁଗରେ ସାଇବର କ୍ରାଇମ୍ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ତାଙ୍କ ନିଜର ଫେସବୁକ୍ ହ୍ୟାକ୍ ହୋଇଥିଲା। ଏଥିପ୍ରତି ସତର୍କ ରହିବାକୁ ଜିଲାପାଳ କହିଥିଲେ। ଏସ୍‌ପି ନାରାୟଣ ନାୟକ ଏଥିରେ ଅଧ୍ୟକ୍ଷତା କରି ଏହି ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୧୭ତାରିଖ ପର୍ଯ୍ୟନ୍ତ ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ଜାରି ରହିବ ବୋଲି ଏସ୍‌ପି କହିଥିଲେ। ଅଜଣା ଭିଡିଓ କଲ୍ ଓ ହ୍ୱାଟ୍ସଅପ କଲ ପ୍ରତି ସତର୍କ ରହିବା ଓ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ ନେଇ ଏସ୍‌ପି ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ କେ ହରିପ୍ରସାଦ, ବ୍ୟାଙ୍କ୍ ଅଫ ବରୋଦା ସୋନପୁର ଶାଖାର ପରିଚାଳକ ଅକ୍ଷୟ କବାର ଓ ସାଇବର ବିଶେଷଜ୍ଞ ଆଶିଷ କୁମାର ଅଗ୍ରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଡିଜିଟାଲ ଯୁଗରେ ସମସ୍ତେ ଶିକ୍ଷିତ ହେବା ଓ ସ୍ମାର୍ଟ ହେବା ନେଇ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲାର ସମସ୍ତ ପୋଲିସ ଅଧିକାରୀ, ବିଭିନ୍ନ କଲେଜ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି ସାଇବର ସୁରକ୍ଷାର ମୂଳମନ୍ତ୍ର ସମ୍ପର୍କରେ ସଚେତନ ହୋଇଥିଲେ।



ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥିମାନେ।

**ସୁବର୍ଣ୍ଣପୁରରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ**

# 'ଡାକ୍ତର ଜନାର୍ଦ୍ଦନ ପୂଜାରୀ ଯୋଗଜନ୍ମା ଥିଲେ'

**ସମ୍ବଲପୁର, ୨୩।୧୦ (ବି.ଶଙ୍କର)**

ସମ୍ବଲପୁର ବାଲିବନ୍ଧାସ୍ଥିତ ଡାକ୍ତର ଜନର୍ଦ୍ଧନ ପୂଜାରୀ ଉଦ୍ୟାନରେ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଜୟନ୍ତୀ ଗୁରୁବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ତଥା ସମ୍ବଲପୁର ଗ୍ରନ୍ଥାଗାର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଯୋଗଜନ୍ମାମାନେ ସମାଜକୁ ସଠିକ୍ ମାର୍ଗ ଦେଖାଇବା ପାଇଁ ପାରୁ ପର୍ଯ୍ୟନ୍ତ ଉଦ୍ୟମ କରିଛନ୍ତି। ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଯିବା ଏବଂ ସେମାନଙ୍କୁ ଅନୁସରଣ କରିବା ଉପରେ ସମାଜର ମଙ୍ଗଳ ସାଧନା ନିର୍ଭର କରୁଛି । ଏହିକ୍ରମରେ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଯୋଗଜନ୍ମା ଭାବେ ଜନ୍ମଗ୍ରହଣ କରି ବହୁ ସୁଗୁଣର ଅଧିକାରୀ ହୋଇ ସମାଜକୁ ଆଲୋକ ଦେଖାଇଛନ୍ତି। ତାଙ୍କ ଜୀବନକୁ ବିରଳ ଆଦର୍ଶ ମଣି ସମ୍ବଲପୁର ପବ୍ଲିକ ଲାଇବ୍ରେରି ତାଙ୍କ ଉପରେ ଏକ ପୁସ୍ତକ ପ୍ରକାଶନର ନିଷ୍ପତ୍ତି ଗ୍ରହଣ କରିଛି। ଏହି ପୁସ୍ତକ ସମସ୍ତଙ୍କ ପାଇଁ ପଥ ପ୍ରଦର୍ଶକ ହେବ ଓ ଡା. ପୂଜାରୀଙ୍କ ଜୀବନର ଆଦର୍ଶ ଅନୁକରଣୀୟ ହେବ ବୋଲି ଆଶା କରାଯାଉଛି। ବରିଷ୍ଠ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା କହିଥିଲେ, ବାଲ୍ୟକାଳରେ ଗ୍ରୀଷ୍ମ ଦିନରେ ମହାନଦୀ ଶଯ୍ୟାରେ ଉତ୍ତପ୍ତ ପ୍ରସ୍ତର ଉପରେ ବସି ଧ୍ୟାନମଗ୍ନ ହେବା ଓ ନଦୀ ଆରପାରିରୁ ଚିରା ଦଦରା ଶାଢ଼ୀ ପିନ୍ଧି କାଠ କେଇଖଣ୍ଡ ବିକିବାକୁ ଆସୁଥିବା ମହିଳାମାନଙ୍କୁ ଦେଖି ଜଣେ ସାଧୁ ହେବାକୁ ଡାକ୍ତର ପୂଜାରୀ ଇଚ୍ଛା କରିଥିଲେ। ବାଲ୍ୟାବସ୍ଥାରେ ଜାପାନ ଯାଇ ଧର୍ମ ଅଧ୍ୟୟନ ପାଇଁ ଆଗଭର ହୋଇଥିଲେ। ମାତ୍ର ପରିବାରର ଇଚ୍ଛା ତଥା ପରିସ୍ଥିତି ତାଙ୍କୁ ସେପରି ହେବାକୁ ଦେଲାନାହିଁ। ତେଣୁ ସେ ଗୃହସ୍ଥ ଜୀବନରେ ମଧ୍ୟ ଜଣେ ସାଧୁ ଥିଲେ। ଭଗବତ ସେବା, ମାନବ ସେବାକୁ ଜୀବନର ବ୍ରତ କରିଥିଲେ। ଗୀତା ଗୁଡ଼ି ସତ୍‌ସଙ୍ଗ ଆଶ୍ରମର ପରିଚାଳନା କମିଟି ତତ୍ତ୍ୱାବଧାନରେ ଗୀତା ଗୁଡ଼ିଠାରେ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟକ୍ରମ ହୋଇଥିଲା । ଏଥିପୂର୍ବରୁ ଅତିଥିମାନେ ସ୍ଥାନୀୟ ଗୀତା ଗୁଡ଼ି ସ୍ଥିତ ସତ୍‌ସଙ୍ଗ ଆଶ୍ରମ ଏବଂ ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରରେ ଥିବା ଜନାର୍ଦ୍ଦନ ପୂଜାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


ଗୁରୁବାର ବାଲିବନ୍ଧାସ୍ଥିତ ଡାକ୍ତର ଜନର୍ଦ୍ଧନ ପୂଜାରୀ ଉଦ୍ୟାନରେ ଅତିଥି ଓ ଆୟୋଜକମାନେ ମାଲ୍ୟାର୍ପଣ କରୁଛନ୍ତି।

# ସାମାଜିକ ଗଣମାଧ୍ୟମ ଜରିଆରେ ସତ୍ୟ ଲୋକଲୋଚନକୁ ଆଣିବ ବିଜେଡି


ବୈଠକରେ ଉପସ୍ଥିତ ପୂର୍ବତନ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

**ବୌଦ୍ଧ, ୨୩।୧୦ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା କଲ୍ୟାଣ ମଣ୍ଡପରେ ଗୁରୁବାର କଣ୍ଟାମାଳ ବିଜେଡି ପକ୍ଷରୁ ସାମାଜିକ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରେମରାଜ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଅମାତ, ପୂର୍ବତନ ବିଧାୟକ ମହୀଧର ରଣା, ସାମାଜିକ ଗଣମାଧ୍ୟମ ଜିଲା ସଂଯୋଜକ ଅବକାଶ ସାହୁ, ଯୁବନେତା ଭାଗୀରଥି ମଲିକ, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ସରପଞ୍ଚ ସଂଘ ସଭାପତି ଶାର୍ଦ୍ଦୁଳ ନାଗ, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର କୁମାର ସାହୁ, ଛାତ୍ର ନେତା ଉଦିତ ପ୍ରତାପ ଭୋଇ, ମମତା ରଣା, ଅଜିତ କ୍ଷେତୀ ପ୍ରମୁଖ ଯୋଗଦେଇ ଭାଜପା ସରକାର କେବଳ ରଙ୍ଗ ମାରୁଛି ଓ ମିଥ୍ୟା ପ୍ରଚାର କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ବିଜୁ ଜନତା ଦଳ ଲୋକଙ୍କ ସମସ୍ୟା, ସରକାରଙ୍କ ଦୋଷ ଦୁର୍ବଳତା ତଥା ମିଛକୁ ସାମାଜିକ ଗଣମାଧ୍ୟମ ଜରିଆରେ ସାମ୍ନାକୁ ଆଣିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ସନ୍ତୋଷ ଦନ୍ତା, ଘନଶ୍ୟାମ ଦନ୍ତା, ଶତ୍ରୁଘ୍ନ ଶତପଥୀ, ଶୈଳେନ୍ଦ୍ର ବାରିକ, ଶାନ୍ତନୁ ମିଶ୍ର, ଚୈତନ୍ୟ ରଣା, ଆଦିବାସୀ ନେତା ପିତାମ୍ବର ଭୋଇ, ଲୋଚନ ରଣା, ବିରୁପାକ୍ଷ ପ୍ରଧାନଙ୍କ ସମେତ ବହୁ ପ୍ରତିନିଧି ଯୋଗ ଦେଇଥିଲେ।

# ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ, ଭଜନ ସନ୍ଧ୍ୟା

**ସମ୍ବଲପୁର, ୨୩।୧୦ (ପ୍ରମୋଦ ବହିଦାର)**

ସମ୍ବଲପୁର ମହାନ୍ତିପଡା ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ଗୁରୁବାର ଶ୍ରୀଶ୍ରୀ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳେ ମହାନଦୀ ବାଲିବନ୍ଧା ଘାଟରୁ ଏକ କଳସ ଶୋଭାଯାତ୍ରା ବାହାରି ମହାନ୍ତିପଡ଼ାସ୍ଥିତ ମନ୍ଦିରରେ କଳସ ସ୍ଥାପନା ପୂର୍ବକ ପୂଜନୋତ୍ସବର ଶୁଭାରମ୍ଭ ହୋଇଥିଲା। ଗୁରୁବାର ଅନୁଷ୍ଠିତ ପୂଜାରେ ବିକାଶ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଭାଗ୍ୟସ୍ୱିନୀ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନ ୧ଟାରେ ଚିତ୍ରଗୁପ୍ତଙ୍କ ନିକଟରେ ଅନ୍ନଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଏକ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଦୁଇ ବର୍ଷ ପରେ ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ଚିତ୍ରଗୁପ୍ତ ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା।


ମହାନ୍ତିପଡ଼ାସ୍ଥିତ ମନ୍ଦିରରେ ଶ୍ରୀଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁ।

# ଗିରିଗୋବର୍ଦ୍ଧନ ପୂଜା, ନାମଯଜ୍ଞ ସମ୍ପନ୍ନ

**ଘଣ୍ଟାପଡ଼ା, ୨୩।୧୦ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ତେନ୍ତୁଲିଖୁଣ୍ଟି ଗ୍ରାମ ନିକଟ ପାହାଡ଼ରେ ଗିରି ଗୋବର୍ଦ୍ଧନ ପୂଜା ଓ ନାମଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି। କୁନାସିଲା କେନ୍ଦ୍ରର ଆଞ୍ଚଳିକ ମଗଧା ଯାଦବ ଗୋପାଳନ ସମାଜ ପକ୍ଷରୁ ଆୟୋଜିତ ଗିରିଗୋବର୍ଦ୍ଧନ ପୂଜା ଓ ନାମଯଜ୍ଞ ପାଇଁ ମଙ୍ଗଳବାର କଳସ ଯାତ୍ରା ଓ ଅଧିବାସ ହୋଇଥିଲା। ବୁଧବାର ପୂଜା ଓ ନାମଯଜ୍ଞ ହୋଇଥିବା ବେଳେ ଗୁରୁବାର ପୂର୍ଣ୍ଣାହୁତି ହୋଇଛି। ଏଥିରେ ପୁରୋହିତ ଦିଲୀପ ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ତ୍ରିନାଥ ମାହାର ଓ ସ୍ତ୍ରୀ କାମିନୀ ମାହାର ଏବଂ ଧନୁର୍ଦ୍ଧର ମାହାର ଓ ସ୍ତ୍ରୀ ଗୁପ୍ତେଶ୍ୱରୀ ମାହାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି କେନ୍ଦ୍ରର ସଭାପତି ଲିଙ୍ଗରାଜ ସେଲମା, ସମ୍ପାଦକ ଷଡ଼ାନନ କାଲସେ, ସଦସ୍ୟ ଦଇତାରି ମାହାର, ବସୁଦେବ ମାହାର, ରମେଶ ପୋଢ, ରୋହିତ ନାଗ, ଶେଷଦେବ ମାହାର, ଦଶମୁ ବଗର୍ତ୍ତୀ, ସାଏବ ନାଗ, ଭୂଜନ ବାଘ, ଗୌରାଙ୍ଗ ଚିରଗୁଣି, ସମ୍ପତି ବାଘ, ନିଳାମ୍ବର ପୋଢ ପ୍ରମୁଖ ସହଯୋଗ କରିଥିଲେ।


ପାହାଡ଼ରେ ଗିରି ଗୋବର୍ଦ୍ଧନ ପୂଜା କରାଯାଉଛି।

# କୁତମେଣ୍ଡା ଜଙ୍ଗଲରୁ ଗଳିତ ମୃତଦେହ ଜବତ

**ଉଲୁଣ୍ଡା, ୨୩।୧୦ (ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ କୁତମେଣ୍ଡା ଜଙ୍ଗଲରୁ ଗୁରୁବାର ଅପରାହ୍ନରେ ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ସୂଚନା ଅନୁସାରେ ଗୁରୁବାର ଜଙ୍ଗଲକୁ କେତେକ ମହିଳା କାଠ ଆଣିବା ପାଇଁ ଯାଇଥିବାବେଳେ ମୃତଦେହ ପଡ଼ିଥିବା ଦେଖିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ମୃତଦେହ ନିକଟରୁ ୫୦୫ ନାମକ ଏକ ବିଷ ବୋତଲ, ଗୋଟିଏ ହଳ ଚପଲ ଏବଂ ନଗଦ ଶହେ ଟଙ୍କା ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲାପରେ ବିଷ ପିଇ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତେବେ ପଚିସଡି ଯାଇଥିବାରୁ ମଅତଦେହ ଚିହ୍ନଟ ହୋଇପାରିନାହିଁ। ପୋଲିସ ମୃତଦେହ ଜବତ କରି ମ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ୭୨ ଘଣ୍ଟା ମୃତଦେହ ଚିହ୍ନଟ ପାଇଁ ଫ୍ରିଜରରେ ରଖାଯିବ ଏବଂ ପରେ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ଲିଙ୍ଗରାଜ ସେଠୀ ସୂଚନା ଦେଇଛନ୍ତି।

# ଓଲଟିଲା ବାଲି ବୋଝେଇ ହାଇୱା


ଓଲଟି ପଡ଼ିଥିବା ବାଲି ବୋଝେଇ ହାଇୱା।

**ବିନିକା, ୨୩।୧୦ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସୋନପୁର ଜାତୀୟ ରାଜପଥ ୧୨୬ ପାପକ୍ଷୟ ଛକ ବୁଲାଣି ରାସ୍ତା ଉପରେ ଗୁରୁବାର ଏକ ବାଲି ବୋଝେଇ ହାଇୱା ଓଲଟି ପଡ଼ିଥିଲା। ସନ୍ଧ୍ୟାରେ ଅଙ୍ଗନଦୀରୁ ବାଲି ନେଇ ଦ୍ରୁତ ଗତିରେ ଆସୁଥିବା ଓଡି୧୫ଡବ୍ଲ୍ୟୁ ୯୯୪୪ ଆସୁଥିବାବେଳେ ଭାରସାମ୍ୟ ହରାଇ ସୋଲାର ଲାଇଟ ଖମ୍ବକୁ ଧକ୍କାଦେଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ହାଇୱା ଡ୍ରାଇଭର ତ୍ରିଲୋଚନ ପଣ୍ଡା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗାଡି କାଚଭାଙ୍ଗି ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାସ୍ତାସାରା ବାଲି ପଡିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
No.O-1051
e_Mail : eerw_kuchinda@yahoo.com
1st Corrigendum to Bid identification No. Tender online 04 / RWD / Kuchinda / 2025-26
Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26
The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersorissa.gov.in
Sd./- Superintending Engineer
R.W. Division, Kuchinda
OIPR-25151/11/0034/2526

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ସତ୍ୟମେବ ଜୟତେ

ଫର୍ମ ନଂ. ଏସ୍‌ଟିକେ-୬
ସର୍ବସାଧାରଣ ବିଜ୍ଞପ୍ତି
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]
ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | କେକିଟିଏଲ୍ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ କି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।
ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0436/2526

Notice under Order- 5, Rule - 20, C.P.C
In the Court of Civil Judge ( Senior Division)
Commercial Court, Rourkela,
Civil Suit No. 101/179 Of 2020-2025

Bank of Baroda, Power House Road Branch .... Plaintiff
versus
M/s. Khemka & Co. and another .... Defendants

To,
1. **M/s. Khemka & Co.** a proprietary concern owned by its sole proprietor Mrs. Anita Khemka (Defendant No. 2), At Ramiya Bhawan, Near Mangal Bhawan, Main Road, Rourkela, PO – Rourkela - 769001, PS – Plantsite, Munsif – Panposh, Dist.- Sundargarh, Odisha and also at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Dist.- Sundargarh, Odisha.
2. **Mrs. Anita Khemka,** aged about 46 years, Wife of Sri Ashok Khemka, at present residing at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Munsif : Panposh, Dist.- Sundargarh, Odisha.

Whereas Bank of Baroda, Power House Road Branch has instituted a suit against you for realisation of **Rs. 6,61,589/- (Rupees Six Lakh Sixty One Thousand Five Hundred Eighty Nine) only** + Pendentilite and future interest @ 9.25% per annum with monthly rests, and cost of the suit.

You are hereby summoned to appear in this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **14th day of November 2025 at 10.30 A.M.** to answer the claim and you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power of not as evidence in support of your defence or claim for set off or counter claim you shall enter such documents in a list to be annexed to the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this day of 10th day of October 2025.
Civil Judge (Senior Division),
Commercial Court, Rourkela

OFFICE OF THE
SUPERINTENDING ENGINEER, P.H. DIVISION, KORAPUT
No. C-1306
Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com
GOVERNMENT OF ODISHA
"e" Procurement Notice
e-Procurement Notice for 2025-26
Bid Identification No. SE, P.H. KPT-6 of 2025-26 Dt.16.10.2025
1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput
Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Chiranjibi Mahali)
Superintending Engineer
P.H. Division, Koraput
OIPR-13008/11/0021/2526

GOVERNMENT OF ODISHA
No. C-1307
OFFICE OF THE SUPERINTENDING ENGINEER, P.H. DIVISION, CUTTACK
e-mail ID: eephctcii@gmail.com, sephdctc521@gmail.com
e-procurement Notice for Bid Identification No. SEPH-DIVISION, CTC-28 of 2025-26
1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com
Further details can be seen from e-procurement portal https://www.tendersodisha.gov.in.
Sd./- I/C Superintending Engineer
P.H. Division, Cuttack
OIPR-13225/11/0039/2526

GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-12/2025-26
No.B-631 Dated : 22.10.2025

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0006/2526

## ସଂକ୍ଷେପରେ

### କଣ୍ଟାବାଞ୍ଜିରୁ ୯ ଦାଦନ ଶ୍ରମିକ ଉଦ୍ଧାର, ୨ ସର୍ଦ୍ଦାର ଗିରଫ

**କଣ୍ଟାବାଞ୍ଜି, ୨୩।୧୦(ଗୁରୁ ଦୟାଲ ହଂସ)**

ଗୁରୁବାର କଣ୍ଟାବାଞ୍ଜି ପୋଲିସ ସ୍ଥାନୀୟ ଅଞ୍ଚଳରେ ଚଢାଉ କରି ୯ ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୭ ଜଣ ପୁରୁଷ ଓ ୨ ଜଣ ମହିଳା ଶ୍ରମିକ ଥିବା ଜଣାଯାଇଛି । ଏହି ଘଟଣାରେ ୨ ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଏକ ବୋଲେରୋ ଯୋଗେ ଦାଦନ ଶ୍ରମିକମାନେ ସ୍ଥାନୀୟ ଷ୍ଟେଶନକୁ ଆସୁଥିବା ଖବର ପାଇ ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ କଣ୍ଟାବାଞ୍ଜି ସହରର କଦଳିପଡା ନିକଟରେ କାବୁ କରିଥିଲା। ବୋଲେରୋରେ ଥିବା ଦାଦନ ଶ୍ରମିକମାନଙ୍କୁ ଥାନାକୁ ଆଣି ସମସ୍ତଙ୍କ କାଗଜପତ୍ର ଯାଞ୍ଚ କଲା ପରେ ସେମାନେ ବେଆଇନ ଭାବେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯିବା ପାଇଁ ଆସୁଥିଲେ। କଣ୍ଟାବାଞ୍ଜି ପୋଲିସ ଏଥିରେ ସମ୍ପୃକ୍ତ ଥିବା ଦାଦନ ସର୍ଦ୍ଦାର ଅନ୍ତ ବାଗ ଓ ସହଯୋଗୀ ଶଙ୍କର୍ଷଣ ବିଶିଙ୍କୁ ଗିରଫ କରି ଏକ ମାମଲା (ନଂ ୩୯୧/୨୫) ରୁଜୁ କରି କୋର୍ଟ ଚାଲାଣ କରିଛି । ଉଦ୍ଧାର ଦାଦନ ଶ୍ରମିକମାନେ ମୁରିବାହାଲ ବ୍ଲକ ଅଞ୍ଚଳର । ଗିରଫ ଦୁଇ ସର୍ଦ୍ଦାର ମୁରିବାହାଲ ବ୍ଲକ ଗୁଡିଘାଟ ଓ ଚଲକିର ବୋଲି ଜଣାପଡିଛି। ଶ୍ରମିକମାନଙ୍କ କାଗଜପତ୍ର ଯାଞ୍ଚ କରି ପୋଲିସ ସେମାନଙ୍କୁ ତାଙ୍କ ଘରେ ଛାଡିବାର ବ୍ୟବସ୍ଥା କରିଛି। ଦୁଇ ଜଣ ସର୍ଦ୍ଦାରଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ହୀରାପୁର ନାଏବ ସରପଞ୍ଚଙ୍କ ବିରୋଧରେ ପଡ଼ିଲା ଅନାସ୍ଥା ଭୋଟ

**ଲୋଇସିଂହା, ୨୩।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତର ସ୍ୱତନ୍ତ୍ର ବୈଠକ ବସି ନାଏବ ସରପଞ୍ଚ ମିଥିଳା ବେହେରାଙ୍କ ବିରୋଧରେ ଅଣାଯାଇଥିବା ଅନସ୍ଥା ଭୋଟ ହୋଇଥିଲା। ସରପଞ୍ଚ ରମାକାନ୍ତ ବିଶ୍ୱାଳଙ୍କ ସମେତ ୯ ଜଣ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେଇଥିଲେ। ନାଏବ ସରପଞ୍ଚ ବେହେରା ଏବଂ ତାଙ୍କ ୨ଜଣ ସମର୍ଥକ ଅନୁପସ୍ଥିତ ରହିଥିଲେ । ନାଏବ ସରପଞ୍ଚ ଅନସ୍ଥା ସପକ୍ଷରେ ୯ ଜଣ ସଭ୍ୟାସଭ୍ୟ ମତଦାନ କରିଥିବା ବେଳେ ଜଣେ ବିପକ୍ଷରେ ମତଦାନ କରିଥିବା ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରିଥିବା ଲୋଇସିଂହା ତହସିଲଦାର ଟିକେନ୍ଦୁ ପୁଟା କହିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଜିପିଓ କିଶୋର ମାନସିଂ, ପଞ୍ଚାୟତର ପିଇଓ ଯୋଗ ଦେଇଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଲୋଇସିଂହା ଥାନା ଏସଆଇ ମନୋଜ ମୁଣ୍ଡାଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା । ଅକ୍ଟୋବର ୨୦୨୪ରେ ନାଏବ ସରପଞ୍ଚ ବେହେରାଙ୍କ ବିରୋଧରେ ୱାର୍ଡ ସଭ୍ୟାସଭ୍ୟମାନେ ଜିଲା ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ଏନେଇ ନାଏବ ସରପଞ୍ଚ ବେହେରା କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ କୋର୍ଟର ଅନ୍ତରୀଣ ନିର୍ଦ୍ଦେଶ କ୍ରମେ ଅନସ୍ଥା ସ୍ଥଗିତ ରହିଥିଲା। ତେବେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଅନସ୍ଥା ଭୋଟ ଅନୁଷ୍ଠିତ ହୋଇଥିବା ଜିପିଓ ମାନସିଂ ପ୍ରକାଶ କରିଛନ୍ତି।

# ଅକ୍ଷମତାର ବିପଦ ହ୍ରାସ କରିବା ଅଭିଯାନର ମୂଳଲକ୍ଷ୍ୟ

**ବଲାଙ୍ଗୀର, ୨୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମ ଓ କୁଷ୍ଠରୋଗ ଚିହ୍ନଟ ଅଭିଯାନ ସମ୍ପର୍କିତ ଏକ ବୈଠକ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଭେଷଜ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରମେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୧୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲାର ୧୩ଟି ବ୍ଲକରେ ଚିହ୍ନଟ ଅଭିଯାନ ଆୟୋଜନ କରାଯିବ। ପ୍ରାରମ୍ଭିକ ଚିହ୍ନଟକୁ ପ୍ରୋତ୍ସାହିତ କରି ରୋଗର ଅଗ୍ରଗତିକୁ ରୋକିବା ଏବଂ ଅକ୍ଷମତାର



ବୈଠକରେ ଉପସ୍ଥିତ ଅଧିକାରୀ।

ବିପଦକୁ ହ୍ରାସ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ ବୋଲି କୁହାଯାଇଥିଲା। କୁଷ୍ଠରୋଗ, ଏହାର ଲକ୍ଷଣ ଏବଂ ଆଗୁଆ ରୋଗ ଚିହ୍ନଟ ତଥା ଚିକିତ୍ସାର ଗୁରୁତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଅଭିଯାନର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଏହି ଅଭିଯାନରେ ଘର ଘର ବୁଲି ରୋଗୀ ଚିହ୍ନଟ ତଥା ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ, ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିକ୍ଷାଗତ କାର୍ଯ୍ୟକ୍ରମ, ମାଗଣା ସ୍କ୍ରିନିଂ ଏବଂ ଡାଇଗ୍ନୋଷ୍ଟିକ୍ ସେବା ପ୍ରଦାନ କରୁଥିବା ଭ୍ରାମ୍ୟମାଣ ଚିକିତ୍ସା ଅନ୍ତର୍ଭୁକ୍ତ କରାଯିବ ବୋଲି କହିଥିଲେ। ଅଭିଯାନରେ ୨୦୧୧ଟି ରୋଗ ଚିହ୍ନଟ ଦଳ, ୪୫୫

**କୁଷ୍ଠରୋଗ ନିରାକରଣ, ଚିହ୍ନଟ ଅଭିଯାନ ବୈଠକ**

ଜଣ ସ୍ୱାସ୍ଥ୍ୟ କର୍ମୀ, ୩୮ଜଣ ପିଏଚଇଓ, ବିପିଏମ, ବିଡିଏମ, ୧୫୭ ଜଣ ସେକ୍ଟର ମେଡିକାଲ ଅଫିସର ସାମିଲ ହେବେ। ସମସ୍ତଙ୍କ ସହଯୋଗରେ ଏହି ଅଭିଯାନକୁ ସଫଳ କରାଯିବ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍ଓ (ଲେପ୍ରୋସି) ଡା. ସୁଧା ବାର୍ଲା, ଡା. ଜୟଶ୍ରୀ ମହାରଣା, ଡା. ତୁଷାରକାନ୍ତ ଠାକୁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଓ ଡିପିଏମ୍ ଯୋଗଦାନ କରିଥିଲେ।

# ଟ୍ରାକ୍ଟର ଇଞ୍ଜିନ ଚୋରି

**ଲୋଇସିଂହା, ୨୩।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାହାଜଛାପର ଗ୍ରାମରୁ ବୁଧବାର ରାତିରେ ଏକ ଟ୍ରାକ୍ଟର ଇଞ୍ଜିନ (ନଂ ଓଡି୦୩ ଏବି ୯୬୪୦) ଚୋରି ହୋଇଥିବା ନେଇ ଗୁରୁବାର ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଖରିଫ ଧାନ ଅମଳ ସମୟ ହୋଇଥିବାରୁ ଧାନ କାଟିବା ପାଇଁ ବଲାଙ୍ଗୀର ସଦର ଥାନା ହରିପାଲି ଗ୍ରାମର ଜମିଦାର ପଧାନ ସାହାଜଛାପର ଗ୍ରାମର ସମ୍ପର୍କୀୟ ଚୂଡାମଣି ବେହେରାଙ୍କ ନିକଟକୁ ଟ୍ରାକ୍ଟର, ଟ୍ରଲି ଓ ଧାନକଟା ମେସିନ ଆଦି ପଠାଇଥିଲେ । ବୁଧବାର କାମ ସାରି ଚୂଡାମଣିଙ୍କ ଘର ଆଗରେ ଟ୍ରାକ୍ଟର ଇଞ୍ଜିନ ଟ୍ରଲି ଓ ଧାନକଟା ମେସିନ ରଖିଥିଲେ । ହେଲେ ଗୁରୁବାର ସକାଳେ କେବଳ ଟ୍ରାକ୍ଟର ଇଞ୍ଜିନ ନଥିବା ଚୂଡାମଣି ଦେଖିବାକୁ ପାଇ ଟ୍ରାକ୍ଟର ମାଲିକଙ୍କୁ ଖବର ଦେଇଥିଲେ। ଏ ନେଇ ଜମିଦାର ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି ।

# ‘ପାଉଁଶରୁ ଫୁଲ’ ଶ୍ରେଷ୍ଠ ନାଟକ




ପୁରସ୍କୃତ ନାଟକ ‘ପାଉଁଶରୁ ଫୁଲ’ର ଏକ ଦୃଶ୍ୟ।

**ବଲାଙ୍ଗୀର, ୨୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ ନାଟକ ପ୍ରତିଯୋଗିତାରେ ‘ପାଉଁଶରୁ ଫୁଲ’ ନାଟକ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା। ‘ମାନବ ଜାତିର ହିତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା’ ବିଷୟ ଉପରେ ସ୍କୁଲ ଛାତ୍ରୀଛାତ୍ରମାନେ ବହୁ ବିଜ୍ଞାନଧର୍ମୀ ନାଟକ ପରିବେଷଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟକାର ନୀଳାଞ୍ଚଳ ଚିର୍ଗୁନ ଓ ମିର୍ଦ୍ଧାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ସରୋଜ ନାୟକ ଯୋଗ ଦେଇଥିଲେ। ବିଜ୍ଞାନ ନିରୀକ୍ଷକ ନବଘନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାର ଆଭିମୁଖ୍ୟ ଓ ପ୍ରତିଯୋଗିତାର ନିୟମାବଳୀ ଉପରେ ସୂଚନା ଦେଇଥିଲେ। ଏହି ପ୍ରତିଯୋଗିତାରେ ଅଏଁଲାଚୁଆଁ ହାଇସ୍କୁଲର ନାଟକ ‘ପାଉଁଶରୁ ଫୁଲ’ ପ୍ରଥମ ସ୍ଥାନ ଅଧିକାର କରିଥିଲା। ବୁବେଲ ହାଇସ୍କୁଲର ନାଟକ ‘କୃଷକର ସପନ ଚାଷରେ ପରିବର୍ତ୍ତନ’ ଦ୍ୱିତୀୟ ସ୍ଥାନ ଓ ଲୋଇସିଂହା ବ୍ଲକ

**ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ**

ଝାରମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟର ନାଟକ ‘ସ୍ମାର୍ଟ ଏଗ୍ରିକଲଚର’ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ଅଭିନେତା ଭାବେ ଶ୍ରୀକୃଷ୍ଣ ପଟେଲ ଓ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ଶର୍ମିଷ୍ଠା ହୋତାଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନ କିଭଳି ଜୀବନକୁ ସହଜ ଓ ସୁନ୍ଦର କରିବା ସହ ମାନବତାର ରକ୍ଷକ ଭାବେ ଠିଆ ହୋଇଛି ସେ ଉପରେ କହିଥିଲେ। ଏଡିଇଓ ରୀନା କୁମାରୀ ବେହେରା, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ସଭାରେ ମଞ୍ଚାସୀନ ଥିଲେ। ବିଜ୍ଞାନ ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଜୟକୃଷ୍ଣ ନାଏକ ଧନ୍ୟବାଦ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ନାଟକ ‘ପାଉଁଶରୁ ଫୁଲ’ ଆସନ୍ତା ୨୫ ତାରିଖରେ ବୌଦ୍ଧ ଜିଲା ଟାଉନ ହଲଠାରେ ଆୟୋଜିତ ହେବାକୁ ଥିବା ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ମଞ୍ଚସ୍ଥ ହେବ।

# ୨୫ରୁ ବଲାଙ୍ଗୀରରେ ଓଡ଼ିଶା ରାଜ୍ୟ ବାର୍ଷିକ ଦନ୍ତ ସମ୍ମିଳନୀ




ଓଡିଶା ରାଜ୍ୟ ବାର୍ଷିକ ଦନ୍ତ ସମ୍ମିଳନୀ ସମ୍ପର୍କରେ ଖବରଦାତା ସମ୍ମିଳନୀ କରି ସୂଚନା ଦିଆଯାଉଛି।

**ବଲାଙ୍ଗୀର, ୨୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରଠାରେ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ୪୧ତମ ଓଡିଶା ରାଜ୍ୟ ବାର୍ଷିକ ଦନ୍ତ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ସମଗ୍ର ରାଜ୍ୟର ୩ ଶହରୁ ଊର୍ଦ୍ଧ୍ୱ ଦନ୍ତ ଚିକିତ୍ସକ ଏବଂ ବିଶେଷଜ୍ଞ ଯୋଗଦାନ କରିବେ। ଇଣ୍ଡିଆନ ଡେଣ୍ଟାଲ ଆସୋସିଏଶନ ରୟାଲ ବ୍ରାଞ୍ଚ ବଲାଙ୍ଗୀର ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ସମ୍ପର୍କରେ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଥିଲା। ୨୫ ତାରିଖ ଦିନ ହେବାକୁ ଥିବା ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଦନ୍ତ ଚିକିତ୍ସା କ୍ଷେତ୍ରରେ ନୂଆ ଚିକିତ୍ସା ପ୍ରଣାଳୀ, ଔଷଧ, ଲୋକଙ୍କ ଦନ୍ତ ସମସ୍ୟାର ବିଭିନ୍ନ ଦିଗ ଉପରେ ଏହି ସମ୍ମିଳନୀରେ ବିଶଦ ଆଲୋଚନା କରାଯିବ। ଓଡିଶା ରାଜ୍ୟ ଦନ୍ତ ଚିକିତ୍ସକମାନଙ୍କ ସମ୍ମିଳନୀରେ ଜାତୀୟ ସ୍ତରରୁ ବହୁ ସ୍ୱନାମଧନ୍ୟ ବିଶେଷଜ୍ଞ, ଗବେଷକ ଏବଂ ପ୍ରଫେସର ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା। ଦନ୍ତ ସମ୍ମିଳନୀର ସାଙ୍ଗଠନିକ ଅଧ୍ୟକ୍ଷ ତଥା ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ଆକାଶ ଜୈନ କହିଥିଲେ, ପ୍ରଥମର ଥର ପାଇଁ ବଲାଙ୍ଗୀରରେ ଓଡିଶା ରାଜ୍ୟ ଦନ୍ତ ସମ୍ମିଳନୀ ଆୟୋଜନ ହେବ। ଏହା ଗୌରବର ବିଷୟ। ଏଥିରେ ବଲାଙ୍ଗୀରବାସୀ ବିଶେଷ ସହଯୋଗ କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ଦନ୍ତ ଓ ମୁଖ ସମସ୍ୟା ତଥା ଏହାର ସମାଧାନ ଦିଗରେ ଏଭଳି ସମ୍ମିଳନୀ ବେଶ ଗୁରୁତ୍ୱପୂର୍ଣ୍ଣ। ଏହା ଉଭୟ ଡାକ୍ତର ଏବଂ ଲୋକଙ୍କ ପାଇଁ ସହାୟକ ହେବ ବୋଲି ସେ କହିଥିଲେ। ଏହି ଦୁଇଦିନିଆ ସମ୍ମିଳନୀକୁ ସଫଳ କରିବା ଦିଗରେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ଡା ପଞ୍ଚଜନ୍ୟ ପଣ୍ଡା, ସାଙ୍ଗଠନିକ ସହ ଅଧ୍ୟକ୍ଷ ଡା. ଅଭିଷେକ ନାୟକ, ଡା. ଗୀତା ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଡା. ଯଶବୀର ମେହେର, ଡା. ଶ୍ରେୟସ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### କରଣ ସମାଜର ବାର୍ଷିକ ଚିତ୍ରଗୁପ୍ତ ପୂଜା

**ଟିଟିଲାଗଡ଼, ୨୩।୧୦(ଶରତ ମିଶ୍ର)**

କରଣ ସମାଜ, ଟିଟିଲାଗଡ ପକ୍ଷରୁ ସହର ଉପକଣ୍ଠସ୍ଥ ସତୀଘାଟ ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପ ପରିସରରେ ୧୮ତମ ବାର୍ଷିକ ଚିତ୍ରଗୁପ୍ତ ପୂଜା ତଥା ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧ୍ୟକ୍ଷା ମମତା ଜୈନ ମୁଖ୍ୟଅତିଥି ତଥା ସଞ୍ଜୀବ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମାଜର ସଭାପତି ଦୟାସାଗର ପଟ୍ଟନାୟକ, ଉପସଭାପତି ସୁଭାଷ ବହିଦାର, ସାଧାରଣ ସମ୍ପାଦକ ସେବା ନିବୃତ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଶଙ୍କର୍ଷଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ମାଠିଆ ଭଙ୍ଗା, ମ୍ୟୁଜିକ ଚେୟାର ଆଦି ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମାଜର ଆଇନ ପରାମର୍ଶଦାତା ମହେଶ ମହାନ୍ତି, ପ୍ରଦୀପ ମହାନ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ସୀତାରାମ ପଟ୍ଟନାୟକ, ଚକ୍ରପାଣି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଲୋଇସିଂହା ଷ୍ଟାଡିୟମ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ

**ଲୋଇସିଂହା, ୨୩।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ଏବଂ ଆଥଲେଟିକ୍ ଆସୋସିଏଶନର ସଦସ୍ୟ ଯୋଗଦାନ କରିଥିଲେ। ଏଥର ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। କୋରାପୁଟ, ଝାରସୁଗୁଡା, ସମ୍ବଲପୁର, ବରଗଡ, କଳାହାଣ୍ଡି, ବୌଦ୍ଧ, ଭୁବନେଶ୍ୱର, ବଲାଙ୍ଗୀର ଓ ଆୟୋଜକ ଲୋଇସିଂହା ଏଥିରେ ଭାଗ ନେବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ସଇଁତଲା, ୨୩।୧୦(ରାଖାଲ ପ୍ରସାଦ ଶତପଥୀ)**

ଗୁରୁବାର ସଇଁତଲା ସହର ଦେଇ ଯାଇଥିବା ଜାତୀୟ ରାଜପଥ-୨୬ରେ ସଡକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସଇଁତଲା ସହର ଗୋପବନ୍ଧୁପଡ଼ାର ସୁଶାନ୍ତ କୁମାର ଦାନୀ (୫୦)। ପୋଲିସ ସୂଚନା ଅନୁସାରେ, ଅପରାହ୍ନ ୩ଟା ସମୟରେ ବେଲଗାଁରୁ ଏକ ଟ୍ରକ (ନଂ.ଏନଏଲ ୦୧ ଏଏ ୩୫୦୪) ବଲାଙ୍ଗୀର ପଟକୁ ଯାଉଥିଲା। ଏହି ସମୟରେ ସଇଁତଲା ଥାନା ନିକଟରେ ସୁଶାନ୍ତ ରାସ୍ତା ପାରି ହେଉଥିବା ବେଳେ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇ ୫୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଫଳରେ ତାଙ୍କ ମୁଣ୍ଡରେ ପଛ ଚକ ଚଢ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

**ସଡ଼କ ଦୁର୍ଘଟଣାରେ ଜଣେ ମୃତ**

ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଦୀର୍ଘ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା । ପରେ ଟ୍ରକ ମାଲିକ କ୍ଷତିପୂରଣ ଦେବାକୁ ରାଜି ହେବାରୁ ରାସ୍ତାରୋକୋ ହଟିଥିଲା। ସୁଶାନ୍ତ ପରିବାରର ଏକମାତ୍ର ରୋଜଗାରିଆ ଥିବା ବେଳେ ତାଙ୍କର ଦୁଇଟି ଛୋଟ ଛୋଟ ଛୁଆ ଅଛନ୍ତି । ଖବରପାଇ ସଇଁତଲା ଥାନା ଅଧିକାରୀ ରଶ୍ମିତା ବେହେରା ସଦଳବଳେ ପହଞ୍ଚି ଟ୍ରକ ଡ୍ରାଇଭରଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛନ୍ତି।

# ଭୀମପାହାଡ଼ର ଐତିହ୍ୟ, କିମ୍ବଦନ୍ତୀ ଉପରେ ଗବେଷଣା ଆବଶ୍ୟକ



ଦେଓଗାଁ ଭୀମପାହାଡ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଦେଓଗାଁ, ୨୩।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ଚାଲିଥିବା ୧୧ତମ ଭୀମପାହାଡ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଗବେଷକ ତଥା ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋନପୁର ଜିଲାପାଳ ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ସୋନପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ସମାଜସେବୀ ବିଷ୍ଣୁପ୍ରସାଦ କେଡିଆ, ନିମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ ବିଡିଓ ପ୍ରିୟ ରଞ୍ଜନ କୁମାର ଯୋଗଦେଇଥିଲେ । ଦେଓଗାଁ ବ୍ଲକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ପର୍ଯ୍ୟଟନସ୍ଥଳୀର ସର୍ବାଙ୍ଗୀନ ବିକାଶ ଦିଗରେ ଦଳମତ ନିର୍ବିଶେଷରେ ଉଦ୍ୟମ କରିବା ଜରୁରୀ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିସହିତ ଭୀମପାହାଡର ଐତିହ୍ୟ, କିମ୍ବଦନ୍ତୀ ଓ ଶିଳାଳିପିଗୁଡିକର ଆହୁରି ଗବେଷଣା କରାଗଲେ ଅନେକ ତଥ୍ୟ ଉନ୍ମୋଚିତ ହୋଇପାରନ୍ତା ବୋଲି କହିଥିଲେ । ଏହି ଅବସରରେ ଯୁବ କଳାକାର ଭାବେ ବରକାନୀ ଗାଁର ସୁନୀଳ କୁମାର ମେହେରଙ୍କୁ ଭୀମପାହାଡ ସମ୍ମାନରେ ସମ୍ମାନିତ

**୧୧ତମ ଭୀମପାହାଡ ମହୋତ୍ସବର ଦ୍ୱିତୀୟ ଦିବସ**

କରାଯାଇଥିଲା । ମହୋତ୍ସବ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମିଟିର ସଭାପତି ପ୍ରମୋଦ କୁମାର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ମଧୁସୂଦନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁଇଁନ୍ତଲାର ଘୁଙ୍ଗୁରୁ କଳାପରିଷଦ, ସୋନପୁରର ପଏଁରୀ ଓ ବଲାଙ୍ଗୀରର କୋଶଳ ଫୋକ୍ ଏକାଡେମୀ ଦ୍ୱାରା ପାରମ୍ପରିକ ଲୋକକଳା ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପ୍ରତ୍ୟହ ବରିଷ୍ଠ କଳାକାର ରବିନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଚାଲିଛି। ଏହାଛଡା ୨୪ ପ୍ରହରୀ ନାମଯଜ୍ଞ ଓ ମୀନାବଜାର ମୁଖ୍ୟ ଆକର୍ଷଣ ସାଜିଛି । କାର୍ଯ୍ୟକ୍ରମ ପରିଚାଳନାରେ ଭୀମପାହାଡ ମହୋତ୍ସବ କମିଟିର ସଭାପତି ପ୍ରମୋଦ କୁମାର ବହିଦାର, ଅଭିମନ୍ୟୁ ମାଝୀ, ଗୋବର୍ଦ୍ଧନ ସାହୁ, ନନ୍ଦିକିଶୋର ନାଏକ, ପୂର୍ବତନ ସରପଞ୍ଚ ବାଳକ ପଧାନ, ରୂପାଧର ପୁଟା, ଦୟାସାଗର ନାଏକ, ପୀତାମ୍ବର ପଧାନଙ୍କ ସମେତ ଗିରି ଗୋବର୍ଦ୍ଧନ ପୂଜା କମିଟିର କର୍ମକର୍ତ୍ତା ତଥା ଅଞ୍ଚଳବାସୀ ସହଯୋଗ କରୁଛନ୍ତି ।

# କୋଶଳ ସୁନ୍ଦରୀ ମୁକୁଟ ଜିତିଲେ ମୀନାବତୀ

**ଲୋଇସିଂହା, ୨୩।୧୦(ସୁଶାନ୍ତ ବାରିକ)**

କୋଶଳାଞ୍ଚଳର ଭାଷା ସଂସ୍କୃତି ପରମ୍ପରାକୁ ଦେଶ ବିଦେଶରେ ପହଞ୍ଚାଇବା ଲକ୍ଷ୍ୟରେ ହେଉଥିବା କୋଶଳ ସୁନ୍ଦରୀ ଆୱାର୍ଡ ୨୦୨୫ ତଥା ୫ମ ସଂସ୍କରଣର ଫଳାଫଳ ପ୍ରକାଶ ପାଇଛି। ଚଳିତବର୍ଷ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୦ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବଲାଙ୍ଗୀରର ଡା. ମୀନାବତି ମେହେର ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି କୋଶଳ ସୁନ୍ଦରୀ ମୁକୁଟ ହାସଲ କରିଛନ୍ତି। ରାଉରକେଲା ସୁନ୍ଦରଗଡର ଇପ୍ସିତା କୁମ୍ଭାର ଦ୍ୱିତୀୟ , ବରଗଡ ଗୋବିନ୍ଦପାଲିର ଝିଲି ସାହୁ (ଛନ୍ଦାରାଣୀ) ତୃତୀୟ ହୋଇଛନ୍ତି। ସେହିପରି ୭ରୁ ୧୧ ବର୍ଷ ବିଭାଗରେ ବରଗଡର ଅଭୀପ୍ସା ପାଢୀ ପ୍ରଥମ, ସମ୍ବଲପୁରର ଶ୍ୱେତା ହୋତା ଦ୍ୱିତୀୟ, ବରଗଡର ସ୍ରବ୍ୟା ସାନଭି ପଧାନ ତୃତୀୟ ହୋଇଛନ୍ତି। ୧୨ରୁ ୧୭ ବର୍ଷ ବିଭାଗରେ ସୋନପୁରର ପାୟଲ ବିଶ୍ୱକର୍ମା ପ୍ରଥମ, ବରଗଡର ବୈଷ୍ଣବି ପଧାନ ଦ୍ୱିତୀୟ, ବରଗଡର ଭବ୍ୟ ବର୍ଲିକା ପ୍ରଧାନ ତୃତୀୟ ହୋଇଛନ୍ତି। ସମସ୍ତ ବିଜୟିନୀମାନଙ୍କୁ ଆଗାମୀ



ଡା. ମୀନାବତୀ ମେହେର।

ଦିନରେ ଏକ ସମାରୋହରେ ସମ୍ମାନିତ କରାଯିବ ବୋଲି ଆୟୋଜକ ଆରୁଷି ଅମୃତା କହିଛନ୍ତି । ଏହି ଅନ୍‌ଲାଇନଭିତ୍ତିକ କାର୍ଯ୍ୟକ୍ରମକୁ ଅକ୍ଷୟ ସରାଫ ନିର୍ଦ୍ଦେଶନା ଦେଇଥିଲେ। ହେମଲତା ନିଆଲ, ଚୁମକି ମିଶ୍ର, ସସ୍ମିତା ମେହେର, ସୁନି ମେହେର, ଲିଟିଲ ନାୟକ, ଶିବପ୍ରିୟା ସାହୁ, ସଙ୍ଗୀତା ଦୀପ, ରିଙ୍କି ସରାଫ, ମୀନା ପଣ୍ଡା, ସୁମତି ଜାଲ, ଝିଲି ରଣା, ଅରମାନ ପ୍ରିୟାଂଶୁ ସରାଫ, ଅଶୋକ ସାହୁ, କିଶୋର ହୋତା, ଆଲୋକ ମେହେର, ତଥାଗତ ସ୍ୱାଇଁ, କିଶାନ ଅଗ୍ରୱାଲ, ବିରାଜନନ୍ଦ ପାଢୀ, ପ୍ରମୁଖ ସହଯୋଗ କରିଥିଲେ।

**Notice under Order- 5, Rule - 20, C.P.C**
In the Court of Civil Judge ( Senior Division)
Commercial Court, Rourkela,
Civil Suit No. 101/179 Of 2020-2025

**Bank of Baroda, Power House Road Branch .... Plaintiff**
**versus**
**M/s. Khemka & Co. and another .... Defendants**

**To,**

1. **M/s. Khemka & Co.** a proprietary concern owned by its sole proprietor Mrs. Anita Khemka (Defendant No. 2), At Ramiya Bhawan, Near Mangal Bhawan, Main Road, Rourkela, PO – Rourkela - 769001, PS – Plantsite, Munsif – Panposh, Dist.- Sundargarh, Odisha and also at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Dist.- Sundargarh, Odisha.
2. **Mrs. Anita Khemka,** aged about 46 years, Wife of Sri Ashok Khemka, at present residing at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Munsif : Panposh, Dist.- Sundargarh, Odisha.

Whereas Bank of Baroda, Power House Road Branch has instituted a suit against you for realisation of **Rs. 6,61,589/- (Rupees Six Lakh Sixty One Thousand Five Hundred Eighty Nine) only** + Pendentilite and future interest @ 9.25% per annum with monthly rests, and cost of the suit.

You are hereby summoned to appear in this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **14th day of November 2025 at 10.30 A.M.** to answer the claim and you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power of not as evidence in support of your defence or claim for set off or counter claim you shall enter such documents in a list to be annexed to the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this day of 10th day of October 2025.

**Civil Judge (Senior Division), Commercial Court, Rourkela**

# ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟବହାର ଉପରେ ଗୁରୁତ୍ୱ

**ସୋନପୁର,୨୩।୧୦(ମୃତ୍ୟୁଞ୍ଜୟ ଶତପଥୀ)**




ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥିମାନେ।

**ସୁବର୍ଣ୍ଣପୁରରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ**

ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ଟାଉନ ହଲ ପରିସରରେ ଗୁରୁବାର ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାଇବର ସୁରକ୍ଷା ପାଇଁ ଆବଶ୍ୟକ ସାବଧାନତା ବିଷୟରେ ଆଇଜି ଆଲୋଚନା କରିଥିଲେ। ଓଟିପି, ପିନ୍ ଓ ବ୍ୟାଙ୍କିଙ୍ଗ୍ ପାସୱାର୍ଡ କେବେବି କାହାକୁ ସେୟାର ନ କରିବା, ସନ୍ଦେହଜନକ ଲିଙ୍କ୍ ଉପରେ କ୍ଲିକ୍ ନ କରିବା, କ୍ଲିକ୍ କରିବା ପୂର୍ବରୁ ଭାବିବା, ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ଅଭ୍ୟାସ, ସୋସିଆଲ ମିଡିଆରେ ସତର୍କତା ଓ ସୁରକ୍ଷିତ ଅନଲାଇନ ଶପିଂ ଉପରେ ବୁଝାଇଥିଲେ। ସାଇବର ସୁରକ୍ଷା ପାଇଁ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟବହାର ଉପରେ ଆଇଜି ଲାଲ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଯୋଗଦାନ କରି ଏଆଇ ଯୁଗରେ ସାଇବର କ୍ରାଇମ୍ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ତାଙ୍କ ନିଜର ଫେସବୁକ୍ ହ୍ୟାକ୍ ହୋଇଥିଲା। ଏଥିପ୍ରତି ସତର୍କ ରହିବାକୁ ଜିଲାପାଳ କହିଥିଲେ। ଏସ୍‌ପି ନାରାୟଣ ନାୟକ ଏଥିରେ ଅଧ୍ୟକ୍ଷତା କରି ଏହି ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୧୭ତାରିଖ ପର୍ଯ୍ୟନ୍ତ ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ଜାରି ରହିବ ବୋଲି ଏସ୍‌ପି କହିଥିଲେ। ଅଜଣା ଭିଡିଓ କଲ୍ ଓ ହ୍ୱାଟ୍ସଅପ କଲ ପ୍ରତି ସତର୍କ ରହିବା ଓ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ ନେଇ ଏସ୍‌ପି ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ କେ ହରିପ୍ରସାଦ, ବ୍ୟାଙ୍କ୍ ଅଫ ବରୋଦା ସୋନପୁର ଶାଖାର ପରିଚାଳକ ଅକ୍ଷୟ କବାର ଓ ସାଇବର ବିଶେଷଜ୍ଞ ଆଶିଷ କୁମାର ଅଗ୍ରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଡିଜିଟାଲ ଯୁଗରେ ସମସ୍ତେ ଶିକ୍ଷିତ ହେବା ଓ ସ୍ମାର୍ଟ ହେବା ନେଇ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲାର ସମସ୍ତ ପୋଲିସ ଅଧିକାରୀ, ବିଭିନ୍ନ କଲେଜ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି ସାଇବର ସୁରକ୍ଷାର ମୂଳମନ୍ତ୍ର ସମ୍ପର୍କରେ ସଚେତନ ହୋଇଥିଲେ।

# ଗିରିଗୋବର୍ଦ୍ଧନ ପୂଜା, ନାମଯଜ୍ଞ ସମ୍ପନ୍ନ

**ଘଣ୍ଟାପଡ଼ା,୨୩।୧୦(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ତେନ୍ତୁଲିଖୁଣ୍ଟି ଗ୍ରାମ ନିକଟ ପାହାଡ଼ରେ ଗିରି ଗୋବର୍ଦ୍ଧନ ପୂଜା ଓ ନାମଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି। କୁନାସିଲା କେନ୍ଦ୍ରର ଆଞ୍ଚଳିକ ମଗଧା ଯାଦବ ଗୋପାଳନ ସମାଜ ପକ୍ଷରୁ ଆୟୋଜିତ ଗିରିଗୋବର୍ଦ୍ଧନ ପୂଜା ଓ ନାମଯଜ୍ଞ ପାଇଁ ମଙ୍ଗଳବାର କଳସ ଯାତ୍ରା ଓ ଅଧିବାସ ହୋଇଥିଲା। ବୁଧବାର ପୂଜା ଓ ନାମଯଜ୍ଞ ହୋଇଥିବା ବେଳେ ଗୁରୁବାର ପୂର୍ଣ୍ଣାହୂତି ହୋଇଛି। ଏଥିରେ ପୁରୋହିତ ଦିଲୀପ ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ତ୍ରିନାଥ ମାହାର ଓ ସ୍ତ୍ରୀ କାମିନୀ ମାହାର ଏବଂ ଧନୁର୍ଦ୍ଧର ମାହାର ଓ ସ୍ତ୍ରୀ ଗୁପ୍ତେଶ୍ୱରୀ ମାହାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି କେନ୍ଦ୍ରର ସଭାପତି ଲିଙ୍ଗରାଜ ସେଲମା, ସମ୍ପାଦକ ଷଡ଼ାନନ କାଲସେ, ସଦସ୍ୟ ଦଇତାରି ମାହାର, ବସୁଦେବ ମାହାର, ରମେଶ ପୋଢ, ରୋହିତ ନାଗ, ଶେଷଦେବ ମାହାର, ଦଶମୁ ବଗର୍ତ୍ତୀ, ସାଏବ ନାଗ, ଭୂଜନ ବାଘ, ଗୌରାଙ୍ଗ ଚିରଗୁଣି, ସମ୍ପତି ବାଘ, ନିଳାମ୍ବର ପୋଢ ପ୍ରମୁଖ ସହଯୋଗ କରିଥିଲେ।

# ଭଗବତୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିସଭା



ସ୍ମୃତିସଭାରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ରାଉରକେଲା,୨୩।୧୦ (ସଙ୍ଗୀତା ଜେନା)**

ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ପ୍ରଥମ ସମ୍ପାଦକ, ସାମ୍ୟବାଦୀ ଚିନ୍ତାର ଆଦ୍ୟ ପ୍ରବର୍ତ୍ତକ ତଥା ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିସଭା ପାର୍ଟିର ଜିଲା କାର୍ଯ୍ୟାଳୟ ଏ କେ ଜି ଭବନ ଶକ୍ତିନଗରରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ ଭଗବତୀଙ୍କ ବଳିଦାନ ଓ ଜୀବନ ସଂଘର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ସୁରେନ୍ଦ୍ର ଦାଶ ପ୍ରମୁଖ ଭଗବତୀଙ୍କ ସ୍ମୃତିଚାରଣ କରିଥିଲେ। ସିପିଆଇଏମ୍ ରାଉରକେଲା ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବି. ପି. ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଜିଲା କମିଟି ସଦସ୍ୟା ତାଜମୁନ ନେହାର, ଅଜୟ ଶର୍ମା, ଭାଗିରଥି ଟୁଡୁ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ସୁରେନ୍ଦ୍ର ମହାନ୍ତି, ଅରୁଣ ମହାରଣା, ସୁଧାଂଶୁ ଜେନା, ଅନାଦି ସାହୁ, ଏନ୍. କେ. ରାଉତରାୟ, ପ୍ରମୋଦ ପରିଡ଼ା ପ୍ରମୁଖ ଯୋଗଦେଇ ଭଗବତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

# ସାମାଜିକ ଗଣମାଧ୍ୟମ ଜରିଆରେ ସତ୍ୟ ଲୋକଲୋଚନକୁ ଆଣିବ ବିଜେଡି



ବୈଠକରେ ଉପସ୍ଥିତ ପୂର୍ବତନ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

**ବୌଦ୍ଧ,୨୩।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା କଲ୍ୟାଣ ମଣ୍ଡପରେ ଗୁରୁବାର କଣ୍ଟାମାଳ ବିଜେଡି ପକ୍ଷରୁ ସାମାଜିକ ଗଣମାଧମରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରେମରାଜ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଅମାତ, ପୂର୍ବତନ ବିଧାୟକ ମହୀଧର ରଣା, ସାମାଜିକ ଗଣମାଧମ ଜିଲା ସଂଯୋଜକ ଅବକାଶ ସାହୁ, ଯୁବନେତା ଭାଗୀରଥି ମଲିକ, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ସରପଞ୍ଚ ସଂଘ ସଭାପତି ଶାର୍ଦ୍ଦୁଳ ନାଗ, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର କୁମାର ସାହୁ, ଛାତ୍ର ନେତା ଉଦିତ ପ୍ରତାପ ଭୋଇ, ମମତା ରଣା, ଅଜିତ କ୍ଷେତୀ ପ୍ରମୁଖ ଯୋଗଦେଇ ଭାଜପା ସରକାର କେବଳ ରଙ୍ଗ ମାରୁଛି ଓ ମିଥ୍ୟା ପ୍ରଚାର କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ବିଜୁ ଜନତା ଦଳ ଲୋକଙ୍କ ସମସ୍ୟା, ସରକାରଙ୍କ ଦୋଷ ଦୁର୍ବଳତା ତଥା ମିଛକୁ ସାମାଜିକ ଗଣମାଧମ ଜରିଆରେ ସାମ୍ନାକୁ ଆଣିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ସନ୍ତୋଷ ଦନ୍ତା, ଘନଶ୍ୟାମ ଦନ୍ତା, ଶତ୍ରୁଘନ ଶତପଥୀ, ଶୈଳେନ୍ଦ୍ର ବାରିକ, ଶାନ୍ତନୁ ମିଶ୍ର, ଚୈତନ୍ୟ ରଣା, ଆଦିବାସୀ ନେତା ପିତାମ୍ବର ଭୋଇ, ଲୋଚନ ରଣା, ବିରୁପାକ୍ଷ ପ୍ରଧାନଙ୍କ ସମେତ ବହୁ ପ୍ରତିନିଧି ଯୋଗ ଦେଇଥିଲେ।

# ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ, ଭଜନ ସନ୍ଧ୍ୟା

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**



ମହାନ୍ତିପଡ଼ାସ୍ଥିତ ମନ୍ଦିରରେ ଶ୍ରୀଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁ।

ସମ୍ବଲପୁର ମହାନ୍ତିପଡା ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ଗୁରୁବାର ଶ୍ରୀଶ୍ରୀ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳେ ମହାନଦୀ ବାଲିବନ୍ଧା ଘାଟରୁ ଏକ କଳସ ଶୋଭାଯାତ୍ରା ବାହାରି ମହାନ୍ତିପଡ଼ାସ୍ଥିତ ମନ୍ଦିରରେ କଳସ ସ୍ଥାପନା ପୂର୍ବକ ପୂଜନୋତ୍ସବର ଶୁଭାରମ୍ଭ ହୋଇଥିଲା। ଗୁରୁବାର ଅନୁଷ୍ଠିତ ପୂଜାରେ ବିକାଶ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଭାଗ୍ୟସ୍ୱିନୀ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନ ୧ଟାରେ ଚିତ୍ରଗୁପ୍ତଙ୍କ ନିକଟରେ ଅନ୍ନଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଏକ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଦୁଇ ବର୍ଷ ପରେ ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ଚିତ୍ରଗୁପ୍ତ ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା।

# ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ସୁନ୍ଦରଗଡ଼,୨୩।୧୦ (ଜୟ ନାରାୟଣ ମେଣ୍ଡୁଲି)**



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଲଙ୍କାହୁଡା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଲଙ୍କାହୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ସୁଚିତା ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନାମଣି ନାଏକ ମୁଖ୍ୟ ଅତିଥି, ଲଙ୍କାହୁଡା ଗ୍ରାମପଞ୍ଚାୟତର ସମିତି ସଭ୍ୟ ରାଣାପ୍ରତାପ ସିଂ, ସିଆରସିସି ମଞ୍ଜୁ କୁମ୍ଭାର ସମ୍ମାନିତ ଅତିଥିଭାବେ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସଞ୍ଜିତ ମାକର ମଞ୍ଚ ପରିଚାଳନା କରିଥିଲେ। କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ମହାରାଜା ଅଗ୍ରସେନ ଭବନରେ ସ୍ନେହ ମିଳନ

**ରାଉରକେଲା,୨୩।୧୦(ଦିନେଶ ମିଶ୍ର):** ଉଦିତନଗରସ୍ଥିତ ମହାରାଜା ଅଗ୍ରସେନ ଭବନରେ ମହାରାଜା ସେବା ସଂଘ, ହରିୟାଣା ନାଗରିକ ସଂଘ ଏବଂ ରାଜସ୍ଥାନ ପରିଷଦର ମିଳିତ ଆନୁକୂଲ୍ୟରେ ଦୀପାବଳି ସ୍ନେହ ମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଅରୁଣ କୁମାର ଅଗ୍ରୱାଲ ଓ ଅଗ୍ରସେନ ଭବନ ସଭାପତି ଓମ୍‌ପ୍ରକାଶ ବାପୋଡିଆଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜସ୍ଥାନୀ ଲୋକନୃତ୍ୟ, ହରିୟାଣା ଲୋକନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ସମାଜର ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ପରସ୍ପରକୁ ଦୀପାବଳି ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ସଞ୍ଜୟ ଅଗ୍ରୱାଲ, ଜୁଗଲ ମାରୋଥିଆ, ସୀତାରାମ ବାରସୁଆ, ବ୍ରିଜମୋହନ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଦେବେନ୍ଦ୍ର ଗୁପ୍ତା, ପ୍ରବୀଣ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଓଲଟିଲା ବାଲି ବୋଝେଇ ହାଇୱା



ଓଲଟି ପଡ଼ିଥିବା ବାଲି ବୋଝେଇ ହାଇୱା।

**ବିନିକା,୨୩।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସୋନପୁର ଜାତୀୟ ରାଜପଥ ୧୨୬ ପାପକ୍ଷୟ ଛକ ବୁଲାଣି ରାସ୍ତା ଉପରେ ଗୁରୁବାର ଏକ ବାଲି ବୋଝେଇ ହାଇୱା ଓଲଟି ପଡ଼ିଥିଲା। ସନ୍ଧ୍ୟାରେ ଅଙ୍ଗନଦୀରୁ ବାଲି ନେଇ ଦ୍ରୁତ ଗତିରେ ଆସୁଥିବା ଓଡି୧୫ଡବ୍ଲ୍ୟୁ ୯୯୪୪ ଆସୁଥିବାବେଳେ ଭାରସାମ୍ୟ ହରାଇ ସୋଲାର ଲାଇଟ ଖମ୍ବକୁ ଧକ୍କାଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ହାଇୱା ଡ୍ରାଇଭର ତ୍ରିଲୋଚନ ପଣ୍ଡା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗାଡି କାଟଭାଙ୍ଗି ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାସ୍ତାସାରା ବାଲି ପଡ଼ିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି।


**GOVERNMENT OF ODISHA** No.O-1051
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
e_Mail : eerw_kuchinda@yahoo.com
**1st Corrigendum to Bid identification No. Tender online 04 / RWD / Kuchinda / 2025-26**
Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26
The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.
* Further details can be seen from the e-procurement portal www.tendersorissa.gov.in
Sd./- Superintending Engineer
R.W. Division, Kuchinda
OIPR-25151/11/0034/2526



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

**Government of India**
**Ministry of Corporate Affairs**
**Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050**
**Email: roc.cpace@mca.gov.in**

ସତ୍ୟମେବ ଜୟତେ

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*
ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫
**ସନ୍ଦର୍ଭ:**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ **ଓଡ଼ିଶା** ରାଜ୍ୟରେ **(୫)**ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍‌ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | କେଜିଟିଏଲ୍ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ ଜି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।
ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0436/2526



**Notice under Order- 5, Rule - 20, C.P.C**
In the Court of Civil Judge ( Senior Division)
Commercial Court, Rourkela,
Civil Suit No. 101/179 Of 2020-2025

**Bank of Baroda, Power House Road Branch .... Plaintiff**
**versus**
**M/s. Khemka & Co. and another .... Defendants**

**To,**
**1. M/s. Khemka & Co.** a proprietary concern owned by its sole proprietor Mrs. Anita Khemka (Defendant No. 2), At Ramiya Bhawan, Near Mangal Bhawan, Main Road, Rourkela, PO – Rourkela - 769001, PS – Plantsite, Munsif – Panposh, Dist.- Sundargarh, Odisha and also at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Dist.- Sundargarh, Odisha.
**2. Mrs. Anita Khemka,** aged about 46 years, Wife of Sri Ashok Khemka, at present residing at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Munsif : Panposh, Dist.- Sundargarh, Odisha.

Whereas Bank of Baroda, Power House Road Branch has instituted a suit against you for realisation of **Rs. 6,61,589/- (Rupees Six Lakh Sixty One Thousand Five Hundred Eighty Nine) only** + Pendentilite and future interest @ 9.25% per annum with monthly rests, and cost of the suit.

You are hereby summoned to appear in this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **14th day of November 2025 at 10.30 A.M.** to answer the claim and you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power of not as evidence in support of your defence or claim for set off or counter claim you shall enter such documents in a list to be annexed to the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this day of 10th day of October 2025.
**Civil Judge (Senior Division), Commercial Court, Rourkela**



**OFFICE OF THE** No. C-1306
**SUPERINTENDING ENGINEER, P.H. DIVISION, KORAPUT**
Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com
**GOVERNMENT OF ODISHA**
**"e" Procurement Notice**
**e-Procurement Notice for 2025-26**
**Bid Identification No. SE, P.H. KPT-6 of 2025-26 Dt.16.10.2025**
1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput

Further details can be seen from the e-Procurement portal "**https://www.tendersodisha.gov.in**".
**Sd./- (Er. Chiranjibi Mahali)**
**Superintending Engineer**
**P.H. Division, Koraput**
**OIPR-13008/11/0021/2526**



**GOVERNMENT OF ODISHA** No. C-1307
**OFFICE OF THE SUPERINTENDING ENGINEER, P.H. DIVISION, CUTTACK**
e-mail ID: eephctcii@gmail.com, sephdctc521@gmail.com
**e-procurement Notice for Bid Identification No. SEPH-DIVISION, CTC-28 of 2025-26**
1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: **eephctcii@gmail.com** **sephdctc521@gmail.com**

Further details can be seen from e-procurement portal **https://www.tendersodisha.gov.in**.
**Sd./- I/C Superintending Engineer**
**P.H. Division, Cuttack**
**OIPR-13225/11/0039/2526**



**GOVERNMENT OF ODISHA**
**WORKS DEPARTMENT**
**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
**Bid Identification No. S.E. BLG-12/2025-26**
**No.B-631** **Dated : 22.10.2025**

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | **Rs.41.66 lakh** |
| 2 | No. of Works | **1 (One) Only** |
| 3 | Period & time of completion | **04 (Four) Months** |
| 4 | Date & time of availability of the bid document in the portal | **25.10.2025 to 03.11.2025 (up to 5.00 PM) for Online Bidding** |
| 5 | Last date/Time for receipt of bids in the portal | **Up to 5.00 PM of 03.11.2025** |
| 6 | Date & Time of bid opening | **11.30 hours on Dated 04.11.2025** |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
**Sd./- Superintending Engineer**
**Balliguda (R&B) Division**
**OIPR-34162/11/0006/2526**

# ୨୪ରୁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା



ବାଣିଜ୍ୟ ମେଳା ବିଷୟରେ ଆୟୋଜକମାନେ ସୂଚିତ କରୁଛନ୍ତି।

**ସମ୍ବଲପୁର,୨୩।୧୦(ବି.ଶଙ୍କର)**

ସମ୍ବଲପୁର ସହର ଅଇଁଠାପାଲି ପିଏଡ଼ି ପଡିଆରେ ଚଳିତ ମାସ ୨୪ରୁ ନଭେମ୍ବର ୩ ପର୍ଯ୍ୟନ୍ତ ବାଣିଜ୍ୟ ମେଳା ହେବ। ଏହି ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ସକାଶେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ ସହାୟତାରେ ମେଳା ହେବାକୁ ଯାଉଛି । ଏହି ମେଳାରେ ୨୨ ଟି ରାଜ୍ୟ ଏବଂ ୧୦ଟି ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶ ଗ୍ରହଣ କରୁଛନ୍ତି। ଅତ୍ୟାଧୁନିକ ଡିଜାଇନ୍ ହୋଇଥିବା ଆଉଟଲେଟଗୁଡିକ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୁକ୍ତ । ମେଳାରେ ରିଏଲ ଇଷ୍ଟେଟ, ଷ୍ଟାର୍ଟ ଅପ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର, ଆସବାବ ପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ପ୍ରଭୃତି ଉତ୍ପାଦ ଉପଲବ୍ଧ ରହିବ । ସେହିପରି ଆଫଗାନିସ୍ଥାନ ଶୁଖିଲା ଫଳ, ଫୁଲ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କାଶ୍ମୀରୀ ଫର୍ଣିଚର, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦ ଏହି ମେଳାରେ ସମ୍ବଲପୁର ବାସୀଙ୍କୁ ଆକର୍ଷିତ କରିବ। ଏଥିସହ ଖାଦ୍ୟ ଜୋନରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ଜନସାଧାରଣ ପାଇ ପାରିବେ। ଏହାକୁ ଦୃଷ୍ଟିରେ ରଖି ମେଳାରେ ୧୫୦ରୁ ୨୦୦ଟି ଷ୍ଟଲର ବ୍ୟବସ୍ଥା କରାଯାଇଛି । ସେହିପରି ମେଳାରେ ଗୁଣାତ୍ମକ ଉତ୍ପାଦ ସୁଲଭ ମୂଲ୍ୟରେ ସମ୍ବଲପୁରବାସୀ ପାଇ ପାରିବେ।

**୨୨ ରାଜ୍ୟ, ୧୦ ଦେଶର ଉତ୍ପାଦ ମିଳିବ**

ଅପରପକ୍ଷେ ଏହି ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସଂଯୋଗ ଓ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିସହ ବିଶ୍ୱବ୍ୟାପୀ ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପାଇଁ ଅତୁଳନୀୟ ପ୍ଲାଟଫର୍ମ ସୃଷ୍ଟି କରିବ । ଗୁରୁବାର ସମ୍ବଲପୁର ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ପାୟଲ ଆଚାର୍ଯ୍ୟ ଗୁପ୍ତା, ଆପେଲ ସାଇନର ନିର୍ଦ୍ଦେଶକ ଦିନେଶ ଭୋଲ, ସମ୍ବଲପୁର ସାମାଜିକ କର୍ମୀ ସିଦ୍ଧାର୍ଥ ସାହା ଓ ଗୁପ୍ତା ଇଭେଣ୍ଟ ବାଣିଜ୍ୟକ ମୁଖ୍ୟ ବିରବାହାଦୁର ସିଂ ସୂଚିତ କରିଛନ୍ତି । ମିଡିଆ ସଂଯୋଜକ ଶିବ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଡାକ୍ତର ଜନାର୍ଦ୍ଦନ ପୂଜାରୀ ଯୋଗଜନ୍ମା ଥିଲେ'

**ସମ୍ବଲପୁର,୨୩।୧୦(ବି.ଶଙ୍କର)**

ସମ୍ବଲପୁର ବାଲିବନ୍ଧାସ୍ଥିତ ଡାକ୍ତର ଜନର୍ଦ୍ଦନ ପୂଜାରୀ ଉଦ୍ୟାନରେ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଜୟନ୍ତୀ ଗୁରୁବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି।ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ତଥା ସମ୍ବଲପୁର ଗ୍ରନ୍ଥାଗାର ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଯୋଗଜନ୍ମାମାନେ ସମାଜକୁ ସଠିକ୍ ମାର୍ଗ ଦେଖାଇବା ପାଇଁ ପାରୁ ପର୍ଯ୍ୟନ୍ତ ଉଦ୍ୟମ କରିଛନ୍ତି। ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଯିବା ଏବଂ ସେମାନଙ୍କୁ ଅନୁସରଣ କରିବା ଉପରେ ସମାଜର ମଙ୍ଗଳ ସାଧନା ନିର୍ଭର କରୁଛି । ଏହିକ୍ରମରେ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଯୋଗଜନ୍ମା ଭାବେ ଜନ୍ମଗ୍ରହଣ କରି ବହୁ ସୁଗୁଣର ଅଧିକାରୀ ହୋଇ ସମାଜକୁ ଆଲୋକ ଦେଖାଇଛନ୍ତି। ତାଙ୍କ ଜୀବନକୁ ବିରଳ ଆଦର୍ଶ ମଣି ସମ୍ବଲପୁର ପବ୍ଲିକ ଲାଇବ୍ରେରି ତାଙ୍କ ଉପରେ ଏକ ପୁସ୍ତକ ପ୍ରକାଶନର ନିଷ୍ପତ୍ତି ଗ୍ରହଣ କରିଛି। ଏହି ପୁସ୍ତକ ସମସ୍ତଙ୍କ ପାଇଁ ପଥ ପ୍ରଦର୍ଶକ ହେବ ଓ ଡା. ପୂଜାରୀଙ୍କ ଜୀବନର ଆଦର୍ଶ ଅନୁକରଣୀୟ ହେବ ବୋଲି ଆଶା କରାଯାଉଛି। ବରିଷ୍ଠ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା କହିଥିଲେ, ବାଲ୍ୟକାଳରେ ଗ୍ରୀଷ୍ମ ଦିନରେ ମହାନଦୀ ଶଯ୍ୟାରେ ଉତ୍ତପ୍ତ ପ୍ରସ୍ତର ଉପରେ ବସି ଧ୍ୟାନମଗ୍ନ ହେବା ଓ ନଦୀ ଆରପାରିରୁ ଚିରା ଦଦରା ଶାଢ଼ୀ ପିନ୍ଧି କାଠ କେଇଖଣ୍ଡ ବିକିବାକୁ ଆସୁଥିବା ମହିଳାମାନଙ୍କୁ ଦେଖି ଜଣେ ସାଧୁ ହେବାକୁ ଡାକ୍ତର ପୂଜାରୀ ଇଚ୍ଛା କରିଥିଲେ। ବାଲ୍ୟାବସ୍ଥାରେ ଜାପାନ ଯାଇ ଧର୍ମ ଅଧ୍ୟୟନ ପାଇଁ ଆଗଭର ହୋଇଥିଲେ। ମାତ୍ର ପରିବାରର ଇଚ୍ଛା ତଥା ପରିସ୍ଥିତି ତାଙ୍କୁ ସେପରି ହେବାକୁ ଦେଲାନାହିଁ। ତେଣୁ ସେ ଗୃହସ୍ଥ ଜୀବନରେ ମଧ୍ୟ ଜଣେ ସାଧୁ ଥିଲେ। ଭଗବତ ସେବା, ମାନବ ସେବାକୁ ଜୀବନର ବ୍ରତ କରିଥିଲେ। ଗୀତା ଗୁଡ଼ି ସତ୍‌ସଙ୍ଗ ଆଶ୍ରମର ପରିଚାଳନା କମିଟି ତତ୍ତ୍ୱାବଧାନରେ ଗୀତା ଗୁଡ଼ିଠାରେ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟକ୍ରମ ହୋଇଥିଲା । ଏଥିପୂର୍ବରୁ ଅତିଥିମାନେ ସ୍ଥାନୀୟ ଗୀତା ଗୁଡି ସ୍ଥିତ ସତ୍‌ସଙ୍ଗ ଆଶ୍ରମ ଏବଂ ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରରେ ଥିବା ଜନାର୍ଦ୍ଦନ ପୂଜାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।


ଗୁରୁବାର ବାଲିବନ୍ଧାସ୍ଥିତ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଉଦ୍ୟାନରେ ଅତିଥି ଓ ଆୟୋଜକମାନେ ମାଲ୍ୟାର୍ପଣ କରୁଛନ୍ତି।


ସମ୍ବଲପୁର ସୁଇମିଂପୋଲ ଛକରୁ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଉପରେ ନାଳରୁ ଆବର୍ଜନାଯୁକ୍ତ ମାଟି କାଢ଼ି ଗଦା କରାଯାଇଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି।

## ଯୁଯୁମୁରାରେ ଶିଶୁ ମହୋତ୍ସବ ସୁରଭି

**ସମ୍ବଲପୁର,୨୩।୧୦(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଯୁଯୁମୁରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ବ୍ଲକସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଝାଙ୍କରପାଲି ସରପଞ୍ଚ ନିରଞ୍ଜନ ପଣ୍ଡା, ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ମିର୍ଦ୍ଧା, ଶିକ୍ଷାବିତ କୂଳଧର ପ୍ରଧାନ, ପ୍ରଫୁଲ୍ଲ ପଣ୍ଡା, ସଂଯୁକ୍ତା ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଯୁଯୁମୁରା ବ୍ଲକ ଶିକ୍ଷା ଅଧିକାରୀ ସୁଜିତ କୁମାର ଲୁହା ଏଥିରେ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ କୃତି ଛାତ୍ରୀ ଛାତ୍ର ମାନଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଠାକୁର ରଥ, ସମୁଦ୍ର ପ୍ରଧାନ, ତୃଷାରକାନ୍ତି ସାହୁ, ସୁନିତୀ ସାହୁ, ଅକ୍ଷୟ ବେହେରା, ଦିପିକା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପବିତ୍ର ମୋହନ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ, ଭଜନ ସନ୍ଧ୍ୟା

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**




ସମ୍ବଲପୁର ମହାନ୍ତିପଡା ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ଗୁରୁବାର ଶ୍ରୀଶ୍ରୀ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ ପାଳିତ ହୋଇଯାଇଛି। ବୁଧବାର ସକାଳେ ମହାନଦୀ ବାଲିବନ୍ଧା ଘାଟରୁ ଏକ କଳସ ଶୋଭାଯାତ୍ରା ବାହାରି ମହାନ୍ତିପଡ଼ାସ୍ଥିତ ମନ୍ଦିରରେ କଳସ ସ୍ଥାପନା ପୂର୍ବକ ପୂଜନୋତ୍ସବର ଶୁଭାରମ୍ଭ ହୋଇଥିଲା। ଗୁରୁବାର ଅନୁଷ୍ଠିତ ପୂଜନୋତ୍ସବରେ ବିକାଶ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଭାଗ୍ୟସ୍ୱିନୀ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନ ୧ଟାରେ ଚିତ୍ରଗୁପ୍ତଙ୍କ ନିକଟରେ ଅନ୍ନଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଏକ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଦୁଇ ବର୍ଷ ପରେ ଚିତ୍ରଗୁପ୍ତ ପୂଜନୋତ୍ସବର ସୁବର୍ଣ୍ଣ ଜୟନ୍ତୀ କଲ୍ୟାଣ ସଂଘ ପକ୍ଷରୁ ଚିତ୍ରଗୁପ୍ତ ପାଳିନ ପାଇଁ ନିଷ୍ପତ୍ତି ହୋଇଥିଲା।

# ଯାତ୍ରୀ ସୁବିଧା ବ୍ୟବସ୍ଥାର ସମୀକ୍ଷା କଲେ ଡିଆର୍‌ଏମ୍

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**

ପାର୍ବଣ ଓ ପର୍ଯ୍ୟଟନ ଋତୁରେ ସମ୍ବଲପୁର ରେଳ ଷ୍ଟେଶନରେ ଭିଡ଼ ନିୟନ୍ତ୍ରଣ, ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରୀ ଓ ସୁଗମ ଟ୍ରେନ୍ ଚାଳାଚଳକୁ ନିଶ୍ଚିତ କରିବା ପାଇଁ ହୋଇଥିବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ(ଡିଆର୍‌ଏମ୍) ସୁବାଷ ଚନ୍ଦ୍ର ଚୌଧରୀ। ଡିଆର୍‌ଏମ୍ ଚୌଧୁରୀ ଗୁରୁବାର ସମ୍ବଲପୁର ରେଳ ଷ୍ଟେଶନରେ ପହଞ୍ଚି ବିଭାଗୀୟ ଅନ୍ୟ ଅଧିକାରୀଙ୍କ ଗହଣରେ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଷ୍ଟେଶନର ପ୍ରବେଶ ଓ ପ୍ରସ୍ଥାନ ଫାଟକ, ବୁକିଂ କାଉଣ୍ଟର, ପ୍ଲାଟଫର୍ମ ଓ ଫୁଟ ଓଭରବ୍ରିଜ୍ ସମେତ ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କରେ ଅତିରିକ୍ତ ରେଳ ସୁରକ୍ଷା କର୍ମୀ ଓ ବାଣିଜ୍ୟ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଷ୍ଟେଶନ ଓ ପ୍ଲାଟଫର୍ମରେ ଯାତ୍ରୀଙ୍କ ସୁରକ୍ଷାଙ୍କୁ ଅଧିକ ନିଶ୍ଚିତ କରିବା ପାଇଁ ୧୨୦ ସିସି କ୍ୟାମେରାରେ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ଷ୍ଟେଶନ ମଧ୍ୟରେ ନିରୀକ୍ଷଣକୁ ସମ୍ପୂର୍ଣ୍ଣ ଭାବେ ସଫଳ କରିବା ପାଇଁ ଡ୍ରୋନ୍ ନିରୀକ୍ଷଣର ବ୍ୟବସ୍ଥା ମଧ୍ୟ ହୋଇଛି। ଟିକେଟ କାଉଣ୍ଟରରେ ଭିଡ଼ ନିୟନ୍ତ୍ରଣ ପାଇଁ ସୁରକ୍ଷା ଚେକପୋଷ୍ଟ ଗୁଡ଼ିକରେ ଧାଡ଼ି ବ୍ୟବସ୍ଥା କରାଯାଇଛି। ଯାତ୍ରାକୁ ଅଧିକ ସୁଗମ କରିବା ପାଇଁ ଯାତ୍ରୀମାନଙ୍କୁ ସେମାନଙ୍କର ନିର୍ଦ୍ଧାରିତ ଟ୍ରେନ୍‌ର ପ୍ରସ୍ଥାନ ସମୟରୁ ଯଥେଷ୍ଟ ପୂର୍ବରୁ ଷ୍ଟେଶନରେ ପହଞ୍ଚି ଆରାମଦାୟକ ଯାତ୍ରାର ଅନୁଭୂତିପ୍ରାପ୍ତ ପାଇଁ ସହଯୋଗ ସକାଶେ ଡିଆର୍‌ଏମ୍ ଯାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।


ସମ୍ବଲପୁର ରେଳ ଷ୍ଟେଶନରେ ଯାତ୍ରୀ ସୁବିଧା ବ୍ୟବସ୍ଥାକୁ ତଦାରଖ କରୁଛନ୍ତି ଡିଆର୍‌ଏମ୍।

**ରେଳ ଷ୍ଟେଶନରେ ଲାଗିବ ୧୨୦ ସିସ କ୍ୟାମେରା**

# ଫେଞ୍ଜର କ୍ଲବରେ ଚିତ୍ରଗୁପ୍ତ ପୂଜା




**ସମ୍ବଲପୁର,୨୩।୧୦(ବି.ଶଙ୍କର)**

ସମ୍ବଲପୁର କରଣ ସମାଜ ଆୟୋଜନରେ ଶ୍ରୀଶ୍ରୀ ଚିତ୍ରଗୁପ୍ତ ପୂଜା କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱିତିୟା ତିଥି ଗୁରୁବାର ସ୍ଥାନୀୟ ଫେଞ୍ଜର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରୁ ପୂଜା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା । ଏହାପରେ ସାମୂହିକ ପ୍ରସାଦ ସେବନ ହେବା ପରେ ଅପରାହ୍ନ ୬ଟାରେ ସ୍ଥାନୀୟ ମହକ ଅନୁଷ୍ଠାନ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଶୁକ୍ରବାର ସକାଳ ୯ଟାରେ ଚିତ୍ରଗୁପ୍ତ ଭଗବାନଙ୍କ ବିସର୍ଜନ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି । ଶ୍ରୀଶ୍ରୀ ଚିତ୍ରଗୁପ୍ତ ପୂଜା କମିଟି ସଭାପତି ସନ୍ଦୀପ ପଟ୍ଟନାୟକ, ଉପସଭାପତି ଲୁଲୁ ବକ୍ସି, ସୁଧୀର ବହିଦାର, ସମ୍ପାଦକ ସୌମ୍ୟଜିତ ପଟ୍ଟନାୟକ, ସହ-ସମ୍ପାଦକ ରୋହନ ବହିଦାର, କୋଷାଧ୍ୟକ୍ଷ ମାନସ ବକ୍ସି, କାର୍ତ୍ତିକ ପ୍ରସାଦ ବହିଦାର, ବିଭୂତି ପଟ୍ଟନାୟକ, ସୁରେଶ ପଟ୍ଟନାୟକ, ଲଳିତ ପଟ୍ଟନାୟକ, ଶୋଭନ ପଟ୍ଟନାୟକ, ଯାମିନି ବହିଦାର, ସୁଜିତ ମହାନ୍ତି, ଅରୁଣ ଦାସ, ବିଶ୍ୱଜିତ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ସୋମନାଥ ପଟ୍ଟନାୟକ, ଶିଶିର ବହିଦାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**GOVERNMENT OF ODISHA** No.O-1051

**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**

e_Mail : eerw_kuchinda@yahoo.com

**1st Corrigendum to Bid identification No. Tender online 04 / RWD / Kuchinda / 2025-26**

Due to unavoidable circumstances, the following changes have been made in this office Bid identification no-tender online 04/RWD/Kuchinda/2025-26

The following changes have been made :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 22.10.2025 at 11 A.M. | 30.10.2025 at 5.00 P.M. | 29.10.2025 at 5.00 A.M. | 31.10.2025 at 11.00 A.M. | To be Intimated Later |

All other terms and conditions remain unchanged.

* Further details can be seen from the e-procurement portal www.tendersorissa.gov.in

Sd./- Superintending Engineer
R.W. Division, Kuchinda

OIPR-25151/11/0034/2526



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ସତ୍ୟମେବ ଜୟତେ

ଫର୍ମ ନଂ. ଏସ୍‌ଟିକେ-୬

**ସର୍ବସାଧାରଣ ବିଜ୍ଞପ୍ତି**

[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୩୩୯ ତାରିଖ: ୧୪।୧୦।୨୦୨୫

ସନ୍ଦର୍ଭ:

କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୫)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୭୫୧୪୩୦୫ | ୟୁ୫୫୧୦୧ଓଆର୍୨୦୨୩ପିଟିସି୦୪୧୭୦୧ | ଜୟମୀରା ଇଣ୍ଟରନ୍ୟାସନାଲ ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୬୩୬୩୧୬୫ | ୟୁ୧୫୧୩୦ଓଆର୍୨୦୨୨ପିଟିସି୦୪୦୯୨୪ | ଶାନାର ଡାଏରୀ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୬୪୧୩୦୧୮ | ୟୁ୫୧୧୦୯ଓଆର୍୨୦୧୧ପିଟିସି୦୧୪୪୭୬ | କେକିଟିଏଲ୍ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୪ | ଏବି୬୩୧୫୮୩୭ | ୟୁ୨୮୧୧୨ଓଆର୍୨୦୧୧ପିଟିସି୦୧୩୩୪୭ | କେ କି ଇନ୍‌ଫ୍ରାଟେକ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ |
| ୫ | ଏବି୭୬୨୯୭୧୫ | ୟୁ୧୩୧୦୦ଓଆର୍୨୦୦୪ପିଟିସି୦୦୭୬୪୨ | ସେଞ୍ଚୁରୀ ରିସୋର୍ସେସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।

୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।

୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ରୌନକ ଅଗ୍ରୱାଲ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0436/2526



**Notice under Order- 5, Rule - 20, C.P.C**
In the Court of Civil Judge ( Senior Division)
Commercial Court, Rourkela,
Civil Suit No. 101/179 Of 2020-2025

**Bank of Baroda, Power House Road Branch .... Plaintiff**
versus
**M/s. Khemka & Co. and another .... Defendants**

To,

1. **M/s. Khemka & Co.** a proprietary concern owned by its sole proprietor Mrs. Anita Khemka (Defendant No. 2), At Ramiya Bhawan, Near Mangal Bhawan, Main Road, Rourkela, PO – Rourkela - 769001, PS – Plantsite, Munsif – Panposh, Dist.- Sundargarh, Odisha and also at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Dist.- Sundargarh, Odisha.
2. **Mrs. Anita Khemka,** aged about 46 years, Wife of Sri Ashok Khemka, at present residing at House No. DM-24, First Floor, Basanti Colony, PO – Rourkela – 769012, PS – Uditnagar, Munsif : Panposh, Dist.- Sundargarh, Odisha.

Whereas Bank of Baroda, Power House Road Branch has instituted a suit against you for realisation of **Rs. 6,61,589/- (Rupees Six Lakh Sixty One Thousand Five Hundred Eighty Nine) only** + Pendentilite and future interest @ 9.25% per annum with monthly rests, and cost of the suit.

You are hereby summoned to appear in this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **14th day of November 2025 at 10.30 A.M.** to answer the claim and you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power of not as evidence in support of your defence or claim for set off or counter claim you shall enter such documents in a list to be annexed to the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this day of 10th day of October 2025.

**Civil Judge (Senior Division), Commercial Court, Rourkela**



**OFFICE OF THE SUPERINTENDING ENGINEER, P.H. DIVISION, KORAPUT** No. C-1306

Tel/ Fax: 06852-250740, e-mail: eephkrp@gmail.com, sekoraput@gmail.com

GOVERNMENT OF ODISHA

**"e" Procurement Notice**

**e-Procurement Notice for 2025-26**

Bid Identification No. SE, P.H. KPT-6 of 2025-26 Dt.16.10.2025

1. No. of the Work : 1 No.
2. Estimated Cost : Rs.87.00 lakh (Approx.)
3. Period of Completion : 3 Months
4. Date & time of availability of bid document in the portal : From 11.00 A.M. of 24.10.2025 to 05.00 P.M. of 06.11.2025
5. Last date/time of receipt of bids in the portal : 05.00 P.M. of 06.11.2025
6. Date & time of opening of bids : 11.00 A.M. of 07.11.2025
7. Name and address of the Officer Inviting Bid : Superintending Engineer P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Chiranjibi Mahali)
Superintending Engineer
P.H. Division, Koraput

OIPR-13008/11/0021/2526



GOVERNMENT OF ODISHA No. C-1307

**OFFICE OF THE SUPERINTENDING ENGINEER, P.H. DIVISION, CUTTACK**

e-mail ID: eephctcii@gmail.com, sephdctc521@gmail.com

e-procurement Notice for Bid Identification No. SEPH-DIVISION, CTC-28 of 2025-26

1. Name of the Work : 07 Nos. PH Work
2. Estimated Cost : Rs.8.14 Lakhs to 33.62 Lakhs
3. Period of Completion : 1 Month to 3 Months
4. Date & time of availability of bid document in the portal : 23.10.2025 from 11.00 A.M. to 01.11.2025 upto 5.00 P.M.
5. Last date & time of seeking clarification : 27.10.2025 upto 5.00 P.M.
6. Last date/time of receipt of bids in the portal : 01.11.2025 upto 5.00 P.M.
7. Date & time of opening of bids : 03.11.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./- I/C Superintending Engineer
P.H. Division, Cuttack

OIPR-13225/11/0039/2526



GOVERNMENT OF ODISHA
WORKS DEPARTMENT

**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**

TELEPHONE & Fax : 06846-243242, E-mail : eepwd.balliguda@gmail.com

e-procurement notice

**Bid Identification No. S.E. BLG-12/2025-26**

No.B-631 **Dated : 22.10.2025**

| Sl. No. | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.41.66 lakh |
| 2 | No. of Works | 1 (One) Only |
| 3 | Period & time of completion | 04 (Four) Months |
| 4 | Date & time of availability of the bid document in the portal | 25.10.2025 to 03.11.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 03.11.2025 |
| 6 | Date & Time of bid opening | 11.30 hours on Dated 04.11.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.

Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division

OIPR-34162/11/0006/2526

## ସଂକ୍ଷେପରେ

### ଶ୍ରମିକଙ୍କ ଆତ୍ମହତ୍ୟା

**କେସିଙ୍ଗା, ୨୩।୧୦ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ସହରରେ ନିର୍ମାଣାଧୀନ ରେଳ ଓଭରବ୍ରିଜ୍ କାମରେ ନିୟୋଜିତ ଜଣେ ଶ୍ରମିକ ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭଦ୍ରକ ଜିଲା ସାହାପୁର ଗ୍ରାମର ତାପସ ନାଏକ (୨୫)। ତାପସ ସନ୍ଧ୍ୟା ସମୟରେ ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିଥିଲେ। ସହକର୍ମୀମାନେ ଏହା ଦେଖିବା ପରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେସିଙ୍ଗା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ଜିତେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଏହା ଏକ ପ୍ରେମଜନିତ ବ୍ୟାପାର ବୋଲି ପ୍ରାଥମିକ ଭାବେ ଜଣାପଡୁଛି। ତଥାପି ୟୁଡି କେସ୍ ନଂ.୨୧/୨୫ ଅନୁସାରେ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଥିଲେ।

### ମତଦାନ, ଭୋଟ ଗଣତି ସମୟରେ ମଦଦୋକାନ ବନ୍ଦ

**ନୂଆପଡ଼ା, ୨୩।୧୦ (ମକାରୁ ବେମାଲ):** ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ଓ ଭୋଟ ଗଣତି ସମୟରେ ଜିଲାର ସମସ୍ତ ମଦଦୋକାନ ବନ୍ଦ ରହିବ। ଅବକାରୀ କମିଶନର, ଓଡ଼ିଶା କଟକଙ୍କ ଚିଠି ସଂଖ୍ୟା–୮୫୦୬/ତା୨୦।୧୦।୨୦୨୫ ଅନୁଯାୟୀ ଜିଲାପାଳଙ୍କୁ ପ୍ରାପ୍ତ କ୍ଷମତା ଅନୁସାରେ ଏହା ନିର୍ଦ୍ଦେଶିତ ହୋଇଛି। ଉପନିର୍ବାଚନ ଅବ୍ୟବହିତ ପୂର୍ବରୁ ନଭେମ୍ବର ୯ ତାରିଖ ଅପରାହ୍ନ ୪ ଟାଠାରୁ ମତଦାନ ୧୧ ତାରିଖ ଭୋଟ ଗ୍ରହଣ ପରିସମାପ୍ତି ପର୍ଯ୍ୟନ୍ତ ଅର୍ଥାତ୍ ୪୮ ଘଣ୍ଟା ପୂର୍ବରୁ ଏବଂ ୧୪ ତାରିଖ ଭୋଟ ଗଣନା ସମ୍ପୂର୍ଣ୍ଣ ଦିନ ନୂଆପଡ଼ା ଜିଲାର ସମସ୍ତ ମଦଦୋକାନ ବନ୍ଦ ରହିବ। ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ଦୃଷ୍ଟିରେ ରଖି ଏହି ୩ଦିନ 'ଡ୍ରାଏ ଡେ ବା ଶୁଷ୍କ ଦିବସ' ଭାବରେ ଘୋଷଣା କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ମତଦାନ ତଥା ମଦର ଚୋରା ଓ ଅବୈଧ ଚାଲାଣ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ ମଧୁସୂଦନ ଦାସ ଘୋଷଣା କରିଛନ୍ତି।

### ନୂତନ ବିଡିଓଙ୍କ ଯୋଗଦାନ

**ଖଡ଼ିଆଳ, ୨୩।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍‌ରେ ବିଡିଓ ପଦବୀ ଦୀର୍ଘ ୧୫ମାସ ହେଲା



ଖାଲି ପଡ଼ିଥିବା ବେଳେ ଗୁରୁବାର ଖଡ଼ିଆଳ ବିଡିଓ ଭାବରେ ମିଲନ କୁମାର ଝଙ୍କାର ଯୋଗଦାନ କରିଛନ୍ତି। ସେ ପୂର୍ବରୁ କୋରାପୁଟ ଜିଲା ଦଶମନ୍ତପୁର ବିଡିଓ ଭାବରେ କାର୍ଯ୍ୟରତ ଥିଲେ। ଖଡ଼ିଆଳରେ ଯୋଗଦାନ ପରେ ସେ ଜନସାଧାରଣଙ୍କ ସହଯୋଗରେ ଖଡ଼ିଆଳ ଅଞ୍ଚଳର ବିକାଶ ନେଇ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ।

### ୫୪ ଲକ୍ଷର ଅବକାରୀ ସାମଗ୍ରୀ, ୪ ବାଇକ୍ ଜବତ



**ନୂଆପଡ଼ା, ୨୩।୧୦ (ମକାରୁ ବେମାଲ):** ନୂଆପଡ଼ା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି। ଅଦ୍ୟାବଧି ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉକରି ୬୯ ଲିଟର ବିଅର, ୩୮ ଲିଟର ବିଦେଶୀ ମଦ, ୩୬୩୦ ଲିଟର ହାତରନ୍ଧା ମଦ, ୫୮ଲିଟର ଭାଟି ମଦ, ୪ କେଜି ଗଞ୍ଜେଇ ଓ ୮୫, ୬୦୦ କେଜି ମହୁଲ ପୋଚ ଜବତ କରିଛି। ଏସବୁର ଆନୁମାନିକ ମୂଲ୍ୟ ୫୪ ଲକ୍ଷ ୪୯ ହଜାର ଟଙ୍କା ହେବ। ଏହାସହ ଚାରୋଟି ବାଇକ୍‌କୁ ବିଭାଗ ପକ୍ଷରୁ ଜବତ କରାଯାଇଛି। ବେଆଇନ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲାପାଳ ନିୟୋଜିତ ସମସ୍ତ ଟିମ୍ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିକାଶରେ ବାଧକ ସାଜିଛି ଗୁଡ଼ାଙ୍ଗଘାଟି

- ପିରୁଙ୍ଗଗୁଡ଼ା, ପରଡଙ୍ଗଗୁଡ଼ାକୁ ନାହିଁ ରାସ୍ତା
- ପ୍ରାଥମିକ ଶିକ୍ଷାରୁ ପିଲାଙ୍କ ପାଠପଢ଼ା ଠପ୍

**ଭବାନୀପାଟଣା, ୨୩।୧୦ (ଉତ୍ତମ କୁମାର ଦାଶ)**



ଦୁର୍ଗମ ପରଡଙ୍ଗଗୁଡା ଗାଁ।

ସରକାର ବଦଳିଛି, ମାତ୍ର କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳର ବାସ୍ତବ ଚିତ୍ରରେ କୌଣସି ପରିବର୍ତ୍ତନ ଆସିଲା ନାହିଁ। ରାସ୍ତା ନ ଥିବାରୁ ବିକାଶ ଅପହଞ୍ଚ ହୋଇରହିଛି। ପୂର୍ବରୁ ଯେଉଁ ସମସ୍ୟା ଥିଲା ଆଜି ମଧ୍ୟ ସମାନ ଅବସ୍ଥା। ଲୋକଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଆସି ପାରୁନାହିଁ। କଳାହାଣ୍ଡି ଜିଲା ସଦର ବ୍ଲକ ଭବାନୀପାଟଣା ସଦର ମହକୁମାଠାରୁ ମାତ୍ର ୧୮ କିଲୋମିଟର ଦୂରରେ ରହିଛି ଚାଙ୍ଗେର ପଞ୍ଚାୟତ। ଏହି ପଞ୍ଚାୟତର ଗୁଡାଙ୍ଗଘାଟି ଶିଖରରେ ରହିଥିବା ୨ ଗାଁ ପିରୁଙ୍ଗଗୁଡା ଓ ପରଡଙ୍ଗଗୁଡାକୁ ନିତିଦିନିଆ ରାସ୍ତା ନାହିଁ। କହିବାକୁ ଗଲେ ଗୁଡ଼ାଙ୍ଗ ଘାଟି ଏହି ଦୁଇ ଗାଁର ବିକାଶରେ ବାଧକ ସାଜିଛି। କେରାଣ୍ଡିହାପର ଛକଠାରୁ ଗୁଡାଙ୍ଗ ପରେ ୮ କିଲୋମିଟର ବିପଦପୂର୍ଣ୍ଣ ପାହାଡ଼ିଆ ରାସ୍ତାରେ ଗଲେ ଗାଁରେ ପହଞ୍ଚିହେବ। ମାତ୍ର ବର୍ଷା ହେଲେ ଆଉ ଫେରିବା ପାଇଁ ରାସ୍ତା ମିଳିବ ନାହିଁ। ବର୍ଷ ବର୍ଷ ଧରି ଦୁଇ ଗ୍ରାମବାସୀ ପ୍ରଶାସନ ଓ ସ୍ଥାନୀୟ ନେତାଙ୍କଠାରେ ରାସ୍ତାଟିଏ ପାଇଁ ଗୁହାରି ହୋଇ ଥକିଗଲେଣି। ହେଲେ ପ୍ରଶାସନର ଅଣଦେଖା ଲୋକଙ୍କ ମନୋବଳ ଭାଙ୍ଗିଦେଉଛି ବୋଲି ପିରୁଙ୍ଗଗୁଡା ଗ୍ରାମର ବାସନ୍ତୀ ମାଝୀ, ପଦ୍ମା ମାଝୀ, ପରଡଙ୍ଗଗୁଡାର ଗ୍ରାମର ଜୁଲି ମାଝୀ ଓ ଅନ୍ୟମାନେ ଅଭିଯୋଗ କରୁଛନ୍ତି। ପରଡଙ୍ଗଗୁଡା ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ନେଟ୍‌ୱର୍କ ମଧ୍ୟ ଆସୁଛି। ହେଲେ ପିଇବା ପାଣି ମିଳୁ ନାହିଁ। ଗ୍ରାମବାସୀଙ୍କୁ ମିଳିଥିବା ବସୁଧା ଅଧାପନ୍ତରିଆ ରହିଛି। ସେହିପରି ଦୁଇ ଗାଁର ପ୍ରାୟ ପ୍ରଧାନମନ୍ତ୍ରୀ ଜନମନ ଯୋଜନା ହିତାଧିକାରୀଙ୍କ ଆବାସ ରାସ୍ତା ସମସ୍ୟା ପାଇଁ ଅଧାପନ୍ତରିଆ ହୋଇ ପଡିରହିଛି। ସାସ୍ଥ୍ୟସେବା କଥା ନ କହିବା ଭଲ। ଗୁରୁତର ରୋଗୀ ଭାରରେ ବୁହାହୋଇ ଘାଟି ପାର ହେଉଛନ୍ତି। ପିଲାଙ୍କ ପ୍ରାଥମିକ ଶିକ୍ଷା ପରେ ରାସ୍ତା ଯୋଗୁ ପାଠପଢା ଠପ ହୋଇଯାଉଛି। ଦୁଇ ଗାଁରେ ପ୍ରାୟ ୪୦ରୁ ଅଧିକ ପିଲା ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ରାସ୍ତା ହିଁ ଦୁଇ ଗାଁ ବିକାଶରେ ବାଧକ ହୋଇଛି ବୋଲି ଛାତ୍ର ପ୍ରମୋଦ ମାଝୀଙ୍କ ସମେତ ପରଡଙ୍ଗଗୁଡାର ମାଣ୍ଡେ ମାଝୀ ଅଭିଯୋଗ କରୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ପିରୁଙ୍ଗଗୁଡା ଓ ପରଡଙ୍ଗଗୁଡା ଗ୍ରାମକୁ ଯାତାୟାତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ସଡ଼କଟିଏ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

# ଅନୁସୂଚିତ ଜାତି ସମ୍ପ୍ରଦାୟର ଦିଆଲ ପରବ

**ଲାଞ୍ଜିଗଡ଼, ୨୩।୧୦ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲାରେ ନୂଆଖାଇ, ଚୈତ୍ରପର୍ବ ପରି ଅନ୍ୟ ଏକ ପର୍ବ ହେଉଛି ଅନୁସୂଚିତ ଜାତି ସମ୍ପ୍ରଦାୟର ଦିଆଲ ପରବ। ଏହି ପର୍ବ ମୁଖ୍ୟତଃ ଦୀପାବଳି ଦିନ ହିଁ ପାଳିତ ହୋଇଥାଏ। କିନ୍ତୁ ଦିଆଲ ପର୍ବର ଏକ ସ୍ୱତନ୍ତ୍ରତା ରହିଛି। ଅନୁସୂଚିତ ଜାତି ସମ୍ପ୍ରଦାୟ ଲୋକଙ୍କ ପାଇଁ ଏହା ଏକ ମୁଖ୍ୟ ପର୍ବ। ଦୀପାବଳି ପୂର୍ବରୁ ଉଚ୍ଚଜାତିର ଲୋକମାନେ ତିଳତର୍ପଣ ଓ ଶ୍ରାଦ୍ଧ କର୍ମ କରିଥିବା ବେଳେ ଏହି ସମ୍ପ୍ରଦାୟର ଲୋକେ ଦିଆଲ ଦିନକୁ ହିଁ ଅପେକ୍ଷା କରିଥାନ୍ତି। କିନ୍ତୁ କର୍ମକାଣ୍ଡ ଅନୁସାରେ ନ ହୋଇ ପିଣ୍ଡଦାନ ଏକ ଭିନ୍ନ ଢଙ୍ଗରେ ଆୟୋଜିତ ହୋଇଥାଏ। ଏହି ଦିଆଲ ପର୍ବକୁ ଲାଞ୍ଜିଗଡ଼ ବ୍ଲକ ପାଇକବୋରି ହରିଜନ ସାହି ଲୋକେ ମହାଆଡ଼ମ୍ବରର ସହ ପାଳନ କରିଥିଲେ। ରୀତିନୀତି ଓ ପରମ୍ପରା ସହ ପୂଜା ପାଠ କଲା ପରେ ଜମିଥିଲା ସଂସ୍କୃତିକ ଆସର। ଗାଁର ଯୁବଗୋଷ୍ଠୀ ଆୟୋଜନ କରିଥିଲେ ନୃତ୍ୟ ପ୍ରତିଯୋଗିତା। ରାତି ତମାମ ନାଚଗୀତର ଆସର ଜମିଥିଲା। ଗାଁର ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ଦିଆଲ ପୂଜା କମିଟି ସଭାପତି ସୁରେନ୍ଦ୍ର ନାଗ, ମଳୟ ବିଭାରଙ୍କ ନେତୃତ୍ୱରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କାନକୁଟରୁ ସରପଞ୍ଚ ବନମାଳୀ ମାଝୀ ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିବାବେଳେ ବରିଷ୍ଠ ଖବରଦାତା କୈଳାସ ସାହୁ, ମଳୟ ବେନୁଆଁ, କାନକୁଟରୁ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ ଦାସ, ବୈଶାଖୁ ନାଏକ, ଦିବାକର ବିଭାର, ଶ୍ୟାମ ସୁନ୍ଦର ନାଗ, ପଞ୍ଚାନନ ନାଗ, ଅଙ୍ଗନୱାଡ଼ି କର୍ମୀ ଚଞ୍ଚଳା ସାହୁ, ଦୁରେନ୍ଦ୍ର ବିଭାର ପ୍ରମୁଖ ଯୋଗଦେଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କର୍ଲାମୁଣ୍ଡା, ୨୩।୧୦ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବ୍ଲକର ୭୬ ବିଦ୍ୟାଳୟର ୨୯୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟଅତିଥି ଓ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, କର୍ଲାମୁଣ୍ଡା ବିଡିଓ ସୁଚରିତା ମୁଗ୍ରୀ, ଏବିଇଓ ରୋହିତ କୁମାର ରଣା ଓ ଗୋପମଣୀ ସାହୁ, ଖବରଦାତା ଭଜ ଶ୍ୟାମ ସାହୁ, ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଙ୍ଗାଲି ସିଆର୍‌ସିସି ଶିକ୍ଷକ ଉଜ୍ଜ୍ୱଳ କୁମାର ସାହୁ ଓ ଦୁର୍ଗା ପ୍ରସାଦ ସାହୁ ସଂଯୋଜନା କରିଥିଲେ। ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର, ତେରେସିଙ୍ଗା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡ଼ଧ୍ୱଜ ଗହୀର, ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

# ବିଜେପୁର ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ, ୨୩।୧୦ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ତରଫରୁ ବିଜେପୁର ଓ ବେନଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ନୀଳାମ୍ବର ଜାନିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ ଭାବେ ଭବାନୀପାଟଣା ସାଇବର ଥାନାଧିକାରୀ ବିଜୟଲକ୍ଷ୍ମୀ ହିକକା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ରଥ ବ୍ଲକର ୨୬ଟି ପଞ୍ଚାୟତରେ ପରିଭ୍ରମଣ କରି ସଚେତନ କରାଇବ ବୋଲି ଥାନାଧିକାରୀ ଜାନି ସୂଚନା ଦେଇଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପ ଆରକ୍ଷୀ ନିରୀକ୍ଷକ ଜାନବି ତାଣ୍ଡି, ଏସ୍‌ଆଇ ଶ୍ୟାମ କୁଲସିକା ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ଡିଜିଟାଲ ଉପାୟରେ ସାଇବର ଠକେଇ ସମ୍ପର୍କରେ ସୂଚନା ଦେଇଥିଲେ। ଏହାସହ ଉପସ୍ଥିତ ସ୍କୁଲ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଜନସାଧାରଣ, ବିଭିନ୍ନ ବିଭାଗର କର୍ମକର୍ତ୍ତାଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ସାଇବର ଠକେଇର ଶୀକାର ହେଲେ ୧୯୩୦କୁ କଲ କରିବା କିମ୍ବା ସାଇବର ୱେବ୍‌ସାଇଟ୍‌ରେ ଅଭିଯୋଗ କରିପାରିବେ ବୋଲି ପରାମର୍ଶ ଦେଇଥିଲେ। ଶେଷରେ ସାଇବର ସୁରକ୍ଷା ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୨୩।୧୦ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଥୁଆମୂଳ ରାମପୁର ଥାନା ପକ୍ଷରୁ ସାଇବର ସୁରକ୍ଷା ଉପରେ ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ଡୁମେରପଦର ଓ ଥୁଆମୂଳ ରାମପୁର ବସ୍‌ଷ୍ଟାଣ୍ଡରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଠକାମିର ଶିକାର ହେଉଥିବା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅନ୍‌ଲାଇନ ମାଧ୍ୟମରେ ଅପରାଧୀମାନେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲୋକଙ୍କୁ ଲୁଟି ଚାଲିଛନ୍ତି। ଯଦି ଏଭଳି ଘଟଣା ଘଟୁଛି ତେବେ ତୁରନ୍ତ ନିକଟସ୍ଥ ଥାନା, ଫାଣ୍ଡିରେ ଲିଖିତ ଭାବେ ଜଣାଇବା ଆବଶ୍ୟକ ବୋଲି ପକ୍ଷରୁ ପୋଲିସ ପକ୍ଷରୁ ସଚେତନ କରାଯାଉଛି।

# ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟାଙ୍କ ପରଲୋକ

**ଧର୍ମଗଡ, ୨୩।୧୦ (ଘାସିରାମ ଜଗତ):** ଶିକ୍ଷାବିତ୍ ସ୍ୱର୍ଗତ ହରିହର ମିଶ୍ରଙ୍କ ଧର୍ମପତ୍ନୀ, ସାମାଜିକ କର୍ମୀ ବିବେକ ରଞ୍ଜନ ମିଶ୍ରଙ୍କ ମା' ଶ୍ରୀତଳା ମିଶ୍ରଙ୍କ ଗୁରୁବାର ପ୍ରତ୍ୟୁଷରେ ତାଙ୍କ ଜଗନ୍ନାଥ ପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ବହୁବର୍ଷ ହେଲା ସେ ଗାୟତ୍ରୀ ପରିବାର ସହିତ ଜଡିତ ରହିଥିଲେ। କିଛିଦିନ ହେଲା ସେ ଅସୁସ୍ଥତା କାରଣରୁ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ଧର୍ମଗଡ ସହରରେ ଶୋକର ଛାୟା ଖେଳିଯାଇଛି।

# ଭାଜପା ସରକାର ଶ୍ରମିକ ବିରୋଧୀ: ବିଜେଡି




ନେତୃବୃନ୍ଦଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିବା ଆଦିବାସୀମାନେ।

**ନୂଆପଡ଼ା, ୨୩।୧୦ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଖଗସା ଶବର ସମାଜ ଭବନଠାରେ ଗୁରୁବାର ଆଦିବାସୀ ମହାସମାବେଶ ଓ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ସମାବେଶ ହୋଇଥିଲା। ବରିଷ୍ଠ ଆଦିବାସୀ ନେତା ବିହାରି ଲାଲ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରମେଶ ମାଝି, ଦଶପଲ୍ଲା ବିଧାୟକ ରମେଶ ବେହେରା, ମନୋହର ରନ୍ଧାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଆଦିବାସୀ, ଶ୍ରମିକଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନାର ପ୍ରଶଂସା କରିଥିଲେ। ଅନ୍ୟପକ୍ଷେ ଭାଜପା ସରକାର ଆଦିବାସୀ ବିରୋଧୀ କହି ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସେମାନେ ଭାଜପାକୁ ଗୋ ହତ୍ୟା ପାର୍ଟି ବୋଲି ଅଭିହିତ କରିଥିଲେ। ଗତ ୧୬ ଅକ୍ଟୋବରରେ ନୂଆପଡାରେ ଭାଜପା ସମାବେଶରେ ବିଷାକ୍ତ ବାସି ଖାଦ୍ୟ ଖାଇ ୨୦ ଗାଈ ମୃତ୍ୟୁବରଣ କରିଥିଲେ, ଯାହା ଦୁଃଖଦ ଓ ନିନ୍ଦନୀୟ ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ ଆଦିବାସୀ ମହିଳାପୁରୁଷ ବିଜେଡିରେ ଯୋଗ ଦେଇଛନ୍ତି।

**ପ୍ରଚାର ଅଭିଯାନ ଆରମ୍ଭ**

ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ଗୁରୁବାର ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛି। ମା' ବଞ୍ଜାରୀଦେବୀ ମନ୍ଦିରରେ ଦଳର ବରିଷ୍ଠ ନେତାମାନେ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ତଥା ନୂଆପଡ଼ାର ସମୃଦ୍ଧି ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜନସମାବେଶକୁ ସମ୍ବୋଧିତ କରି ପ୍ରାର୍ଥିନୀ ଛୁରିଆ କହିଥିଲେ, ନୂଆପଡ଼ାର ସାମଗ୍ରିକ ବିକାଶ ପାଇଁ ଆଜିଠାରୁ ଅଭିଯାନ ଆରମ୍ଭ ହେଲା। ବିଜୁ ଜନତା ଦଳ ସର୍ବଦା ଲୋକଙ୍କ କଲ୍ୟାଣ ପାଇଁ କାମ କରୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆମର ଜନକଲ୍ୟାଣ ଧାରା ଜାରି ରହିଛି। ଏଥିରେ ଦଳର ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟିକା ମନୋରମା ମହାନ୍ତି, ମନୋଜ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ଲାଗି ଆହ୍ୱାନ ଜଣାଇଥିଲେ।

# ଦୀପାବଳି ଉପଲକ୍ଷେ ଚଣ୍ଡୀ ମହାଯଜ୍ଞ



ମନ୍ଦିର ପରିସରରେ ଚଣ୍ଡୀ ପାଠ କରାଯାଉଛି।

**ଭବାନୀପାଟଣା, ୨୩।୧୦ (ଉତ୍ତମ କୁମାର ଦାଶ)**

ପବିତ୍ର ଦୀପାବଳି ଉପଲକ୍ଷେ ଭବାନୀପାଟଣାସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଯଜ୍ଞାଚାର୍ଯ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯଜ୍ଞରେ ନିରଞ୍ଜନ ଦାଶ ଚଣ୍ଡୀ ପାଠ, ଶରତ କୁମାର ମିଶ୍ର ସିଦ୍ଧି ବିନାୟକ, ବିଭୂତି ଭୂଷଣ ରଥ ବିଷ୍ଣୁ ସହସ୍ରନାମ ଓ ସତ୍ୟ ନାରାୟଣ ମହାପାତ୍ର ଶିବ ସହସ୍ରନାମ ଦାୟିତ୍ୱ ନିର୍ବାହ କରିଥିଲେ। କ୍ଷେତ୍ର ପ୍ରସାଦ ଜୋଷୀ ସସ୍ତ୍ରିକ ଯଜ୍ଞର କର୍ତ୍ତା ହୋଇଥିଲେ। ମନ୍ଦିର ପୂଜକ ସଞ୍ଜୀବ କୁମାର ଜୋଷୀ ଶ୍ୟାମାକାଳୀଙ୍କ ଜନ୍ମ ମହୋତ୍ସବ ପୂଜା ଓ ପୂଜକ ବସନ୍ତ କୁମାର ପାଢ଼ୀ ତ୍ରିଦିନାତ୍ମକ ପୂଜା ସମ୍ପାଦନ କରିଥିଲେ। ଶକ୍ତି ପ୍ରସାଦ ଜୋଷୀ, ସଞ୍ଜୟ ପୁରୋହିତ, ପ୍ରସନ୍ନ ମହାପାତ୍ର, ଜଗଦୀଶ ମଣ୍ଡଳ, ଅଶୋକ ମହାପାତ୍ର, ଶୁଭେନ୍ଦୁ ପାଢ଼ୀ ଓ ସତ୍ୟବ୍ରତ ମିଶ୍ର ଚଣ୍ଡୀ ମହାଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

# ସ୍କୁଲ ରାସ୍ତା ଅବରୋଧ, ଗଛମୂଳେ ଛାତ୍ରୀଛାତ୍ର

**ବିଦ୍ୟାଳୟ ଜମି ମାଲିକାନା ଦାବି**

**କୋକସରା, ୨୩।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା କନ୍ଦାବୁଟ୍ରା ପଞ୍ଚାୟତ ତୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାଗାକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ଜଣେ ବ୍ୟକ୍ତି ନିଜ ଜାଗା ଦର୍ଶାଇ ବିଦ୍ୟାଳୟ ଯିବା ରାସ୍ତାରେ କଣ୍ଟାବାଡ଼ ଦେଇ ଅବରୋଧ କରିବା ଫଳରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାଇ ନ ପାରିବାରୁ ସ୍କୁଲ ବନ୍ଦ ରହିଥିଲା। ଗୁରୁବାର ବିଦ୍ୟାଳୟ ଖୋଲିବା ପରେ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଶବର ଓ ସହ ଶିକ୍ଷକମାନେ ଆସି ବିଦ୍ୟାଳୟ ରାସ୍ତା ବନ୍ଦ ଥିବା ଦେଖି ବିଦ୍ୟାଳୟ କମିଟିକୁ ଖବର ଦେଇଥିଲେ। ଏହାସହ ଅନ୍ୟ ଉପାୟ ନ ପାଇ ବିଦ୍ୟାଳୟ ସମ୍ମୁଖରେ ଥିବା ବରଗଛ ମୂଳେ ଛାତ୍ରୀଛାତ୍ରଙ୍କୁ ବସାଇଥିଲେ। କମିଟି ସଦସ୍ୟମାନେ ଆସି ବାଡ଼ ଦେଇଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ। ତେବେ ସେ ବିଦ୍ୟାଳୟ ଜାଗା ବାବଦରେ ଅର୍ଥ ଦାବି କରିଥିଲେ। ଟଙ୍କା ଦେବାପରେ କଣ୍ଟାବାଡ ହଟାଇବି ବୋଲି ଅଡ଼ି ବସିଥିଲେ। ଏ ନେଇ ସ୍କୁଲ କମିଟି ପକ୍ଷରୁ ସୂଚନା ଦିଆଯିବା ପରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ବିଆର୍‌ସିସି ତୋଫାନ ମାଝୀ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ଶୁକ୍ରବାର ସୁଦ୍ଧା ଟଙ୍କା ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ବ୍ୟକ୍ତିଜଣକ କଣ୍ଟାବାଡ ହଟାଇବା ପରେ ବିଦ୍ୟାଳୟରେ ପାଠପଢା ସ୍ୱାଭାବିକ ହୋଇଛି।



ଗଛ ମୂଳେ ଛାତ୍ରୀଛାତ୍ର ବସିଥିବାବେଳେ ସ୍କୁଲକମିଟି କର୍ମକର୍ତ୍ତା ଓ ଅନ୍ୟମାନଙ୍କ ମଧ୍ୟରେ ଆଲୋଚନା ଚାଲିଛି।

## ପଦ୍ମପୁର, ସର୍ଗିବାହାଲ କାଳୀପୂଜାରେ ସାଇବର ସଚେତନତା

**ପଦ୍ମପୁର,୨୩।୧୦ (ପ୍ରଦୀପ୍ତ ଦାଶ):** ଦିନକୁ ଦିନ ସାଇବର ଠକେଇ ବଢ଼ି ବଢ଼ି ଚାଲିଛି। ଅନକେ ନିରୀହ ଲୋକ ଏହି ସାଇବର ଠକେଇର ଶିକାର ହେଉଛନ୍ତି। ଟିକିଏ ଭୁଲ ପାଇଁ କେତେବେଳେ କାହାର ଆକଉଣ୍ଟରୁ ଆଖି ପିଛୁଳାକେ ଟଙ୍କା ଗାଏବ ହୋଇଯାଉଛି ତ ଆହୁରି କାହାର ଅଶ୍ଲୀଳ ଭିଡିଓ ଭାଇରାଲ ହୋଇ ବ୍ଲାକମେଲିଂର ଶିକାର ହେବାକୁ ପଡୁଛି। ଏମିତି ଅନେକ ପ୍ରକାରର ସାଇବର ଠକେଇର ଶିକାର ହେଉଛନ୍ତି ସାଧାରଣ ଜନତା ଓ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପଦ୍ମପୁର ଆଦର୍ଶ ଥାନା ଅଧିକାରୀ ମମତା ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ହନୁମାନ ପଡ଼ା କାଳୀପୂଜା ଓ ସର୍ଗିବାହାଲ କାଳୀପୂଜା ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଚେତନତା ସମୟରେ ଥାନା କର୍ମଚାରୀ ସମେତ ଶତାଧିକ ଶ୍ରଦ୍ଧାଳୁ ସାମିଲ ଥିଲେ।

# ରେଲୱେ ଓଭରବ୍ରିଜ୍ ପାଇଁ ପୁଣି ଉଚ୍ଛେଦ

**ବରପାଲି,୨୩।୧୦(ଚିତ୍ତରଞ୍ଜନ ସାହୁ)**


ଜବରଦଖଲ ଉଚ୍ଛେଦ କରାଯାଉଛି।

ବରପାଲିର ଅର୍ଦ୍ଧନିର୍ମିତ ରେଲୱେ ଓଭରବ୍ରିଜ ଏବେ ସ୍ଥାନୀୟବାସୀଙ୍କ ପାଇଁ ଅଭିଶାପରେ ପରିଣତ ହୋଇଛି। ବରପାଲି ରାମପୁର ଜଗନ୍ନାଥ ସଡ଼କ ହାଇସ୍କୁଲ ନିକଟରେ ଥିବା ରେଳ ଫାଟକ ଟ୍ରେନ ଚଳାଚଳ ଯୋଗୁ ପ୍ରାୟ ସମୟ ଫାଟକ ବନ୍ଦ ରହୁଥିବାରୁ ଟ୍ରାଫିକ ବହୁଳ ରାସ୍ତାରେ ଜନସାଧାରଣ ଅକଥନୀୟ ଅବସ୍ଥାର ଶିକାର ହେଉଥିଲେ। ଯେତେବେଳେ ଏହି ବ୍ରିଜ ନିର୍ମାଣ ଆରମ୍ଭ ହେଲା ଲୋକେ ବହୁ ଖୁସିରେ ସବୁ ଦିନର ଦୁଃଖ ଗଲା ବୋଲି ଭାବି ଥିଲେ। ହେଲେ ବ୍ରିଜ କାମ ଦ୍ରୁତ ଗତିରେ ଚାଲିଥିବା ବେଳେ ବ୍ରିଜ ଓ ସର୍ଭିସ ରୋଡ ପାଇଁ କିଛି ମାସ ପୂର୍ବେ ସରକାରଙ୍କ ପକ୍ଷରୁ ଜବରଦଖଲ ତଥା ରୟତି ଜମି ନେଇ କ୍ଷତିପୂରଣ ଦିଆଯାଇଥିଲା। କିନ୍ତୁ ଜଗନ୍ନାଥ ନଗରବାସୀ ସରକାରଙ୍କ କଥାରେ ରାଜି ହୋଇ ନିଜ ଘର ଦ୍ୱାର ଭାଙ୍ଗିବାକୁ ରାଜି ହୋଇଥିଲେ। କେତେଜଣ ନିଜେ ନିଜେ ଭାଙ୍ଗି ଥିଲେ ମଧ୍ୟ ଅଧିକାଂଶ ଘର ନ ଭାଙ୍ଗି ପଡ଼ି ରହିଥିବା ବେଳେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ନିର୍ଦ୍ଦେଶ କ୍ରମେ ଗୁରୁବାର ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ରକ୍ଷଣ ମେହେରଙ୍କ ତତ୍ତ୍ୱାବଧାନରେ ବାକି ରହିଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ଦେଓ, ରେଭିନ୍ୟୁ ଇନ୍ସପେକ୍ଟର ଟିକେଶ୍ୱର ମଲ୍ଲିକ, ସେବକ ବାଗ ଓ ବରପାଲି ପୋଲିସ ବିମଳ ଲାକ୍ରାଙ୍କ ସମେତ ତହସିଲ, ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଖଇର, ସାବୁନ କାଠ ବୋଝେଇ ଗାଡ଼ି ଜବତ


ବନ ବିଭାଗ ପକ୍ଷରୁ ଜବତ ହୋଇଥିବା କାଠ ବୋଝେଇ ଗାଡ଼ି।

**ପଦ୍ମପୁର,୨୩।୧୦ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବନ ବିଭାଗ ଦ୍ୱାରା ଖଇରକାଠ ଓ ସାବୁନ କାଠ ଚାଲାଣ ଅଭିଯୋଗରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ପଦ୍ମପୁର ଥାନା ମହୁଲପାଲି ଗ୍ରାମରେ ୩୬ ଗଣ୍ଡି ସାବୁନ ଗଛ ବୋଝେଇ ହୋଇଥିବା ଅଭିଯୋଗରେ (ଓଆର୍୧୯ଜେ ୪୪୫୧)ଗାଡିକୁ ଜବତ କରାଯାଇଛି । ଏ ନେଇ (ନଂ.୫/୨୫) ଏକ ମାମଲା ରୁଜୁ ହୋଇଛି । ସେହିପରି ଜଗଦଲପୁର ଥାନା ଅନ୍ତର୍ଗତ ବୁକୁରାମୁଣ୍ଡା ପଲସାନୀ ଛକ ପାଖରେ ଖଇରକାଠ ବୋଝେଇ ହୋଇ ଚାଲାଣ ହେଉଥିବା ଅଭିଯୋଗରେ ଏକ ମହିନ୍ଦ୍ରା ପିକ୍ ଅପ୍ (ଓଡି୭ଏବି ୦୬୧୨) ଗାଡିକୁ ଜବତ କରାଯାଇଛି। ଗାଡ଼ିରେ ପ୍ରାୟ ୮୪ହଜାର ଟଙ୍କାର ଖଇରକାଠ ଚାଲାଣ ହେଉଥିଲା। ଏ ନେଇ (ନଂ.୬ /୨୫) ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ାଉରେ ଭାରପ୍ରାପ୍ତ ରେଞ୍ଜର ରଣଜିତ ସିଂ ବାବୁ, ଫରେଷ୍ଟର ସରୋଜ କୁମାର ସାହୁ, ସ୍କ୍ୱାଡ ମନୋରଞ୍ଜନ ଟେଟୁଆ, କେଶ ରଞ୍ଜନ ବୁଡେକ, ମନୋଜ ବଡ଼ ଗୁଛିଆ, ତରଣୀ ଦାସ, ରତନ ବଏସାଁ, କୃଷ୍ଣ ବଡ଼ ଗୁଛିଆ ପ୍ରମୁଖ ସାମିଲ ହୋଇଥିଲେ ।

## ଖବରଦାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ବରଗଡ,୨୩।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧର ବରିଷ୍ଠ ଖବରଦାତା ରମେଶ ବାରିକଙ୍କ ବିୟୋଗରେ ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ଓ ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡ଼ (ଜାବ) ତରଫରୁ ମିଳିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର କୁମାର ହୋତା, ଜର୍ଣ୍ଣାଲିଷ୍ଟ ଏସୋସିଏଶନ ଅଫ ବରଗଡ଼ (ଜାବ)ର ସଭାପତି ରବି ପଣ୍ଡା, ସାଧାରଣ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁ, ଉପସଭାପତି ବ୍ୟୋମକେଶ କର, ଦୀପକ ଶର୍ମା, ସତ୍ୟ ନାରାୟଣ ପ୍ରଧାନ, ଲଲାଟେନ୍ଦୁ ଦାଶ, ପ୍ରବୀଣ ସାହୁ , ପ୍ରଦୀପ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଦ୍ମପୁର ଉପଖଣ୍ଡର ସାମୁହିକ ଉନ୍ନତି, ଖବରଦାତା ମାନଙ୍କ ଏକତା ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ ବୋଲି ସମସ୍ତେ କହିଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ସାଙ୍ଗକୁ ସେଠାରୁ ବାଲକୋ କମ୍ପାନୀକୁ ହଟାଇବା ଆନ୍ଦୋଳନରେ ସ୍ୱର୍ଗତ ବାରିକ ସାମିଲ ହେବା ସହିତ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଥିଲେ ।

# ଭଟଲି କ୍ଲଷ୍ଟର ସ୍ତରୀୟ ସୁରଭି


ନୃତ୍ୟ ପରିବେଷଣ କରାଯାଉଛି।

**ଭଟଲି,୨୩।୧୦(ବିଜୟ ମେହେର)**

କଳା ସଂସ୍କୃତିର ସମୃଦ୍ଧିରେ ହିଁ ଓଡ଼ିଶା ସମୃଦ୍ଧ ହୋଇପାରିବ। ସେଥିପାଇଁ ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ କଳା ସଂସ୍କୃତି ସହିତ ଅନ୍ୟାନ୍ୟ ପ୍ରତିଭାର ବିକାଶ ହୋଇପାରିବ ଓ ୨୦୩୬ ଆମ ରାଜ୍ୟ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିବ ବୋଲି ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅବସରରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ଏବଂ ସିଆରସିସି ଲୋକନାଥ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରମୋଦିନି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ନରେନ୍ଦ୍ର ପଣ୍ଡା ଏବଂ ନୃତ୍ୟ ନିର୍ଦ୍ଦେଶକ ନରସିଂହ ମହାପାତ୍ର ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟର କଳା ସଂସ୍କୃତି ବିଷୟରେ ସୂଚନା ପ୍ରଦାନ କରିବା ସହ କଳା ସଂସ୍କୃତି ସହିତ ଜଡ଼ିତ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ, ବିତର୍କ, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ, ଗଣିତ ଦୌଡ଼, ଗଳ୍ପ କଥନ, ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଡାଲେଶ୍ୱରୀ ପଟେଲ, ଅନିମା ବାରିକ, ଜ୍ଞାନ ରଞ୍ଜନ ସାହୁ, କିଶୋର ପ୍ରଧାନ, ଜ୍ୟୋତ୍ସ୍ନାମୟୀ ମହାନନ୍ଦ, ଚିତ୍ତରଞ୍ଜନ ପ୍ରଧାନ, ବିକାଶ ରଞ୍ଜନ ପ୍ରଧାନ, ଉଛବ ଭୁଏ, ରିତାରାଣୀ ବେହେରା, ସିଆରସିସି ସୁଶାନ୍ତ ସୁନା, ବୀରେନ୍ଦ୍ର ପାଣ୍ଡେ, ସୁଜିତ ନନ୍ଦ, ଗୁପ୍ତଚନ୍ଦ୍ର ରଏ ପ୍ରମୁଖ ବିଭିନ୍ନ ବିଭାଗରେ ବିଚାରକ ଭାବେ ଯୋଗଦେଇଥିଲେ।

## ବ୍ଲକସ୍ତରୀୟ କାସ୍କେଡ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭଟଲି,୨୩।୧୦(ବିଜୟ ମେହେର)**

ଭଟଲି ବ୍ଲକ ଅନ୍ତର୍ଗତ ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଟଲିରେ ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ଶିକ୍ଷକମାନଙ୍କ ନିମନ୍ତେ କାସ୍କେଡ ନାମକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପେଡାଗୋଜି କୋର୍ଡିନେଟର୍ ପୁଷ୍ପାଞ୍ଜଳି ଦାଶ ଯୋଗଦେଇଥିଲେ। ଭଟଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଖାନ ଏକାଡେମୀ ପକ୍ଷରୁ ପ୍ରସ୍ତୁତ ପାଠ୍ୟକ୍ରମକୁ ଶିକ୍ଷାର୍ଥୀମାନଙ୍କ ନିକଟରେ ପହଞ୍ଚାଇବାକୁ ଶିକ୍ଷକମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ସାଧନ କର୍ମୀ ଭାବରେ ଏମ୍‌ପି ଜ୍ୟୋତି ପ୍ରକାଶ, ଲଳିତ ବିଶ୍ୱାଳ, ବିକାଶ ରଣା ଓ ମଣ୍ଟୁ ସୁନା ତାଲିମ ପ୍ରଦାନ କରିଥିବା ବେଳେ, ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ସମସ୍ତ ବିଜ୍ଞାନ ଓ ଗଣିତ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

## ବରଗଡ଼ରେ ଚିତ୍ରଗୁପ୍ତଙ୍କ ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧିଛକ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଜିଲା କରଣ ସମାଜ ପକ୍ଷରୁ ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ବାର୍ଷିକ ଉତ୍ସବ ଓ ପୂଜନୋତ୍ସବ ୨୦୨୫ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲିରେ ସଞ୍ଜୁବାଲା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁସୁମ ପଟ୍ଟନାୟକ ଦ୍ୱିତୀୟ ଏବଂ ସୀମା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବିଭାଗରେ ଅଂଶୁମାନ ପଟ୍ଟନାୟକ ପ୍ରଥମ, ସୌମ୍ୟ ରଞ୍ଜନ ପଟ୍ଟନାୟକ ଦ୍ୱିତୀୟ ଓ ସବ ଜୁନିୟର ବିଭାଗରେ ସାଇ ସାର୍ଥକ ସାହୁ ପ୍ରଥମ, ସଂପୂର୍ଣ୍ଣା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମମିତା ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଥିବାରୁ କରଣ ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଝରଣା ପଟ୍ଟନାୟକ, କବିତା ପଟ୍ଟନାୟକ, ସବିତା ପଟ୍ଟନାୟକ, ମମତା ପଟ୍ଟନାୟକ, ସୀମା ପଟ୍ଟନାୟକ, ମିନୁ ପଟ୍ଟନାୟକ, ମଧୁସ୍ମିତା ପଟ୍ଟନାୟକ, ମିଲି ପଟ୍ଟନାୟକ, ମିନୁ ସାହୁ ପ୍ରମୁଖ କଳସ ଯାତ୍ରାରେ ସାମିଲ ହୋଇଥିଲେ। ସଭାପତି ନେତ୍ରାନନ୍ଦ ବକ୍ସିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ପାରସ ପଟ୍ଟନାୟକ ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। କରଣ ସମାଜର କୁଳ ଦେବତା ଭଗବାନ ଶ୍ରୀ ଶ୍ରୀ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବକୁ ମହା ଆଡମ୍ବରରେ ପାଳନ କରାଯାଇଥିଲା। ରବିରତ୍ନ ସାହୁ, ଉମା ଶଙ୍କର ପଟ୍ଟନାୟକ, ପ୍ରମୋଦ କୁମାର ପଟ୍ଟନାୟକ, ବନ ବିହାରୀ ପଟ୍ଟନାୟକ, ଶିଶିର କୁମାର ପଟ୍ଟନାୟକ, ପ୍ରେମାନନ୍ଦ ପୃଶେଠ, ମନୋଜ ମହାପାତ୍ର, ପ୍ରତାପ ପଟ୍ଟନାୟକ, ସସବିତା ପଟ୍ଟନାୟକ, ଆଜାଦ ସାହୁ, ଶଙ୍କର ପଟ୍ଟନାୟକ, ଜ୍ଞାନ ପଟ୍ଟନାୟକ, ସଶଶିଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଛାତ୍ରବୃତ୍ତି ପାଇଁ ଓ.ଟି.ଆର ପଞ୍ଜୀକରଣ ଉପରେ ତାଲିମ

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ପ୍ରାକ-ମାଟ୍ରିକ ଏବଂ ପୋଷ୍ଟ-ମାଟ୍ରିକ ଛାତ୍ରବୃତ୍ତି ପାଇଁ ଏକକାଳୀନ ପଞ୍ଜୀକରଣ (ଓ.ଟି.ଆର) ପ୍ରକ୍ରିୟା ଉପରେ ଧ୍ୟାନ ଦେଇ ଜିଲା ମଙ୍ଗଳ ଅଧିକାରୀ, ବରଗଡ଼ଙ୍କ କାର୍ଯ୍ୟାଳୟ ଦ୍ୱାରା ଏକ ତାଲିମ ତଥା ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏବଂ ସୋହେଲା ବ୍ଲକ ଅଧୀନରେ ଥିବା ଅନୁଷ୍ଠାନ ଗୁଡ଼ିକର ସମସ୍ତ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷଙ୍କ ପାଇଁ ଏହି ଅଧିବେଶନ ସ୍ୱତନ୍ତ୍ର ଭାବରେ ଆୟୋଜିତ ହୋଇଥିଲା। ଅଧିବେଶନର ମୁଖ୍ୟ ସମ୍ବଳ ବ୍ୟକ୍ତି, ଜିଲା ଛାତ୍ରବୃତ୍ତି ସଂଯୋଜକ ବିବେକାନନ୍ଦ ସିଂ ଓଟିଆର ପ୍ରକ୍ରିୟା ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଯେଉଁଥିରେ ପ୍ରଭାବଶାଳୀ ଏବଂ ତ୍ରୁଟି ମୁକ୍ତ ଛାତ୍ର ପଞ୍ଜୀକରଣ ପାଇଁ ପର୍ଯ୍ୟାୟ କ୍ରମେ ନିର୍ଦ୍ଦେଶାବଳୀ ଏବଂ ଡକୁମେଣ୍ଟେଶନ ଆବଶ୍ୟକତା ଅନ୍ତର୍ଭୁକ୍ତ। ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି ପଞ୍ଜୀକରଣ ପ୍ରକ୍ରିୟାର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ସମୟୋଚିତ ଆବେଦନକୁ ସୁଗମ କରିବା ପାଇଁ ବିଦ୍ୟାଳୟ ମୁଖ୍ୟମାନଙ୍କୁ ଆବଶ୍ୟକ ବୈଷୟିକ ଜ୍ଞାନ ସହିତ ସଜ୍ଜିତ କରିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା। ଅଂଶଗ୍ରହଣକାରୀମାନେ ଅଧିବେଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ଛାତ୍ରବୃତ୍ତି ବିତରଣ ସମ୍ବନ୍ଧୀୟ ଅନେକ ପ୍ରକ୍ରିୟାଗତ ଦିଗ ସ୍ପଷ୍ଟ କରିଥିବାରୁ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।



ଛାତ୍ରବୃତ୍ତି ପାଇଁ ଓ.ଟି.ଆର ପଞ୍ଜୀକରଣ ଉପରେ ତାଲିମ କାର୍ଯ୍ୟକ୍ରମ।

# ଜିଲା ସ୍ତରୀୟ ସ୍କୁଲ ଫୁଟ୍‌ବଲ ଚାମ୍ପିୟନଶିପ


ଉପସ୍ଥିତ ଜିଲା ଶିକ୍ଷାଧିକାରୀ ଓ ଅନ୍ୟମାନେ।

**ବରପାଲି,୨୩।୧୦(ଚିତ୍ତରଞ୍ଜନ ସାହୁ)**

ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଗୁରୁବାର ଜିଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ସୁନିତା ମୁନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବରଗଡ଼, ପଦ୍ମପୁର ଓ ଝାରବନ୍ଧ ବ୍ଲକର ବିଇଓ ସୁରେନ୍ଦ୍ର ସାହୁ, ଲୋକନାଥ ଭୋଇ ଓ ଶ୍ରୀ ଶୁଭମ୍ ପତି ତଥା ଜର୍ଜ ଉଚ୍ଚ ବିଦ୍ୟାଳୟ, ବରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ ଓ ବରପାଲି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାସ, ଶାନ୍ତି ସୁନା, ସନୋଜ ସେଟ୍ଠୀ ଓ ନାରାୟଣ ଭୁଏ ଯୋଗ ଦେଇଥିଲେ। ଜ୍ୟୋତିଷ ପଧାନ ଓ ବରପାଲି ବିଇଓ ମୁକୁନ୍ଦ ମହାରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରଗଡ ଜିଲାର ୩୮୪ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବାଳକ ବିଭାଗରେ ପଦ୍ମପୁର ଓ ବରପାଲି ମଧ୍ୟରେ ହୋଇ ବରପାଲି ଦଳ ବିଜୟୀ ହୋଇଥିଲା। ପ୍ରଧାନ ଶିକ୍ଷକ ଅଶୋକ କୁମାର ପଣ୍ଡାଙ୍କ ଦ୍ୱାରା ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା ବେଳେ ସନୋଜ ସେଟ୍ଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀପାବଳିରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

**ପଦ୍ମପୁର,୨୩।୧୦(ପ୍ରଦୀପ୍ତ ଦାଶ)**

### ଅଶୋକ ଟାରା ଉପହାର

ପଦ୍ମପୁର ଉପଖଣ୍ଡର ନୂଆଁପାଲି ଗ୍ରାମର ଜଣାଶୁଣା ପରିବେଶବିତ୍ ମୀନକେତନ ସାହୁ ଏବଂ ପ୍ରକୃତିବନ୍ଧୁ କେଦାରନାଥ ସାହୁ ଏକ ନିଆରା ଭାବରେ ଦୀପାବଳି ପାଳନ କରି ସମାଜକୁ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଛନ୍ତି । ସମାଜର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଦୀପାବଳି ଉପହାର ଭାବରେ ଦୁର୍ଲଭ ଅଶୋକଟାରାକୁ ପ୍ରଦାନ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରଥମେ ପଦ୍ମପୁର ଯୁବରାଜ ପ୍ରତାପ ସିଂ ବରିହା, ଓମ୍‌ପ୍ରକାଶ ଅଗ୍ରୱାଲ, ଡା. ମାନଭଞ୍ଜନ ପଣ୍ଡା, ଡା. ରଜତ ସାହୁ, ପ୍ରଫେସର ଚିତ୍ତରଞ୍ଜନ ଦାଶ, ଅବସରପ୍ରାପ୍ତ ବିଚାରପତି ହରିହର ଶତପଥୀ, ସାମାଜିକ କର୍ମୀ ନିରୋଜ ଦୋରା, ଅବସରପ୍ରାପ୍ତ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଡା. ସୁଦୀପ୍ତ ଦାଶ, ସାମାଜିକ କର୍ମୀ ରାଧେଶ୍ୟାମ ପାତ୍ର, ରାଜକୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତାରାଚାନ୍ଦ ସାହୁ, ଭାସ୍କର ଦାଶ, ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ସୁବୋଧ କୁମାର ତ୍ରିପାଠୀ, ଶିକ୍ଷକ ସତ୍ୟମୟ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ଚୂଡ଼ାମଣି ସାହୁ, ଭଗବାନ ମଲ୍ଲିକ, ରବୀନ୍ଦ୍ର ବରିହା ପ୍ରମୁଖଙ୍କ ବାସଭବନକୁ ଯାଇ ଅଶୋକଟାରା ଉପହାର ଦେଇ ଦୀପାବଳିର ଶୁଭକାମନା ଜଣାଇବା ସହ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ପ୍ରକୃତିବନ୍ଧୁଙ୍କ ଏହି ନିଆରା ଦୀପାବଳି ପାଇଁ ଅଞ୍ଚଳର ବିଭିନ୍ନ ବର୍ଗରୁ ପ୍ରଶଂସା ମିଳିଥିବା ଜଣାଯାଏ ।

## ସାମାଜିକ କର୍ମୀ ଇନ୍ଦ୍ରମଣିଙ୍କ ପରଲୋକ



**ପାଇକମାଳ,୨୩।୧୦(ବଡ଼ ଶତପଥୀ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁର ବିଶିଷ୍ଟ ସାମାଜିକ କର୍ମୀ ତଥା ବ୍ୟବସାୟୀ ଇନ୍ଦ୍ରମଣି ସାହୁ(୭୦)ଙ୍କ ଗୁରୁବାର ସକାଳେ ନୂଆପଡାସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ କଂଗ୍ରେସ ନେତା ଟଙ୍କଧର ସାହୁଙ୍କ ବାପା ତଥା ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ଭାଇ ଥିଲେ। ସେ ମାଣ୍ଡୋସିଲ ଅଞ୍ଚଳର ଜଣେ ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଥିଲେ। ଗାଁ ଜଗନ୍ନାଥ ମନ୍ଦିରର ଜଣେ ସକ୍ରିୟ ସଦସ୍ୟ ଥାଇ ମନ୍ଦିର ମୁଖ୍ୟ ଦାୟିତ୍ୱ ତୁଲାଉଥିଲେ। ମାଣ୍ଡୋସିଲ ତାଙ୍କ ପୈତୃକ ଗାଁରେ ତାଙ୍କୁ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ଟଙ୍କଧର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ରାଷ୍ଟ୍ରପ୍ରବକ୍ତା ଡ. ହମିଦ ହୁସେନ, ପ୍ରଦେଶ କଂଗ୍ରେସ କମିଟି ମିଡିଆ ଚେୟାରମ୍ୟାନ ଅରବିନ୍ଦ ଦାସ, ବିଧାୟକ ସାଗର ଦାସ, ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ନୂଆପଡ଼ା ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ, ରବି ମଙ୍ଗରାଜ, ସୁଧୀର ମିଶ୍ର, ଆଲୋକ ଗୁରୁ, ଗୋପାଳ ସାହୁ, ଭାଜପା ନେତା ମୁରଲୀଧର ସୁନା, କଂଗ୍ରେସ ନେତା ଗୌନ୍ତିଆ ସାହୁ, ବିନୋଦ କାଳିଆ, ମନୋଜ ତ୍ରିବେଦୀ, ବିଜୟାନନ୍ଦ ପଟ୍ଟନାୟକ, ମହେନ୍ଦ୍ର ଖୁଣ୍ଟିଆ, ମୁଜାଫର ହୁସେନ, ପ୍ରଦୀପ ବେହେରା, ଗଜାନନ ଶର୍ମା, ଦିଲ୍ଲୀପ ଦାନି, ସାହୁ ସମାଜର ସଭାପତି ଲକ୍ଷ୍ମଣ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ୧୨୧ ଶିଶୁଙ୍କ ହୃଦରୋଗ ପରୀକ୍ଷା

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)**


ବରଗଡ଼ ଜିଲାପାଳ ଶିବିର ଉଦ୍‌ଘାଟନ କରୁଛନ୍ତି।

### ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ବରଗଡ଼ ମୁଖ୍ୟ ଜିଲା ଚିକିତ୍ସାଳୟରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସକେ), ବରଗଡ଼ ଅଧିନରେ ଏକ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲାପାଳ ଆଦିତ୍ୟ ଗୋୟଲ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ୧୨ବ୍ଲକରୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିନରେ କାର୍ଯ୍ୟ କରୁଥିବା ଭ୍ରାମ୍ୟମାଣ ଦଳ ୧୨୧ଜଣ ଶିଶୁଙ୍କୁ ଆଣି ପଞ୍ଜୀକୃତ କରାଇଥିଲେ। ହୃଦ୍‌ରୋଗ ବିଶେଷଜ୍ଞ ପଙ୍କଜ କୁମାର ମିଶ୍ର, ଡା. ମନ୍ମୟ ପାଢ଼ୀ ଏବଂ ତାଙ୍କ ଟିମ୍ ସମସ୍ତ ଶିଶୁମାନଙ୍କର ଇସିଏଚ୍‌ଓ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୪୭ଶିଶୁଙ୍କ ହୃଦରୋଗ ସମସ୍ୟା ଚିହ୍ନଟ କରାଯାଇଥିଲା। ଏହି ଶିଶୁମାନଙ୍କ ଚିକିତ୍ସା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲରେ କରାଯିବାର ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଛି। ୯ଶିଶୁଙ୍କ ମଧ୍ୟରେ ଗଭୀର ସମସ୍ୟା ଥିବାରୁ ସେମାନଙ୍କୁ ରାଜ୍ୟ ବାହାର ଡାକ୍ତରଖାନାକୁ ନେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଅତିରିକ୍ତ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଅଗ୍ରୱାଲ, ଡିପିଏମ୍ ଦିପକ କୁମାର ସାହୁ, ହସ୍ପିଟାଲ ମ୍ୟାନେଜର ସ୍ଥିତପ୍ରଜ୍ଞ ଦାସ, ଡିଇଆଇସିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ଗୁରୁ କୁମାର ଭୋଇ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ କବାଡ଼ି ପ୍ରସ୍ତୁତି ବୈଠକ

କୁତ୍ରା,୨୩।୧୦(ଦେବାଶିଷ ସାହୁ): କୁତ୍ରା ପିଏମ୍ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୨୮ ଓ ୨୯ ତାରିଖରେ ହେବାକୁଥିବା ଜିଲା ସ୍ତରୀୟ କବାଡି ଚୟନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର କୁତ୍ରା ପିଏମ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଜୟ କୁମାର ପ୍ରଧାନ, ଜିଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଓ କ୍ରୀଡ଼ାଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଆଗାମୀ ପ୍ରତିଯୋଗିତା ସଫଳ ହେବା ପାଇଁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନରେ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଭଗବାନଙ୍କ ପୂଜନୋତ୍ସବ

ସୁନ୍ଦରଗଡ,୨୩।୧୦(ଜୟ ନାରାୟଣ ମେଣ୍ଡୁଲି): ସ୍ଥାନୀୟ ଚିତ୍ରଗୁପ୍ତ ସମାଜ ତରଫରୁ ଇଷ୍ଟଦେବତା ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଭଗବାନଙ୍କ ପୂଜନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଥାନାପଡା ସ୍ଥିତ ଅଶୋକ ପ୍ରସାଦଙ୍କ ବାସଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜା କର୍ତ୍ତା ଭାବରେ ସଚିବ ପ୍ରସାଦ ପୂଜା କାର୍ଯ୍ୟକ୍ରମ ସମ୍ପାଦନ କରିଥିବା ବେଳେ ମୁଖ୍ୟ ପୂଜକ ଭାବରେ ପ୍ରଦୀପ କୁମାର ପୁରୋହିତ(ସୁରୁ ନନା) ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପୂଜା କାର୍ଯ୍ୟକ୍ରମକୁ ସମାଜର ବରିଷ୍ଠ ସଦସ୍ୟ ପ୍ରମୋଦ ପ୍ରସାଦ, କର୍ମକର୍ତ୍ତା ଅଶୋକ ପ୍ରସାଦ, ସଚିବ ପ୍ରସାଦ, ଅବିନାଶ ପ୍ରସାଦ, ଶୁଭମ ସହାୟ, ଶ୍ୟାମନନ୍ଦନ ସହାୟ, ରତନ ସହାୟ, ରଞ୍ଜନ ଲାଲ, ସନ୍ତୋଷ ଲାଲ, ବିଶ୍ୱନାଥ ସହାୟ, ଦୀପକ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ। ପ୍ରସାଦ ସେବନ ପରେ ସମାଜର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସଭାପତି ଜଗଦୀଶ ପ୍ରସାଦ ଓ ଡା. ରାଜକିଶୋର ପ୍ରସାଦ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟାସଭ୍ୟଙ୍କ ସହିତ ସମାଜର ବିଭିନ୍ନ ଉନ୍ନତି ଓ ଗଠନ ମୂଳକ କାର୍ଯ୍ୟକ୍ରମ ତଥା ନୂତନ କର୍ମକର୍ତ୍ତା ଚୟନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ପ୍ରଦୀପ ପ୍ରସାଦ, ବୀରେନ୍ଦ୍ର ପ୍ରସାଦ, ପ୍ରମୋଦ ପ୍ରସାଦ, ଦିଲୀପ ପ୍ରସାଦ, ସତ୍ୟ ନାରାୟଣ ସହାୟ, ଚକ୍ର ଲାଲ, ଅଶୋକ ଲାଲ, ଉଦିତ ପ୍ରସାଦ, ବିନୟ ପ୍ରସାଦ, ମନୋଜ ପ୍ରସାଦ, ସଞ୍ଜୀବ ପ୍ରସାଦ, ରଞ୍ଜନ ଲାଲ, ରାଜେନ୍ଦ୍ର ପ୍ରସାଦ, ପ୍ରବୀଣ ପ୍ରସାଦ, ପାରସ ଲାଲ, ସଞ୍ଜିତ ପ୍ରସାଦ, ରବୀନ୍ଦ୍ର ସୀହ୍ନା, ପ୍ରକାଶ ପ୍ରସାଦ, ଗିରିଜା ନନ୍ଦିନୀ ସହାୟ, ପ୍ରମିଳା ପ୍ରସାଦ, ନିଶି ବର୍ମା, ନିମା ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଅଜିତ ପ୍ରସାଦ ପରିଚାଳନା କରିଥିଲେ।

# ମାଓବାଦୀପ୍ରବଣ ଅଞ୍ଚଳରେ ସ୍ୱତନ୍ତ୍ର ଗ୍ରାମସଭା

■ ଉପଜିଲାପାଳ ପହଞ୍ଚି ବୁଝିଲେ ଲୋକଙ୍କ ଦୁଃଖ
■ ବାଣ୍ଟିଲେ ନୂତନ ଭତ୍ତା, ରାଶନ କାର୍ଡ

ଟେନ୍ସା,୨୩।୧୦(ସମୀର କୁମାର ପାଢ଼ୀ)


ଗ୍ରାମସଭାରେ ଉପସ୍ଥିତ ଅତିଥିମାନେ।

ମାଓବାଦୀଙ୍କ ହଟସ୍ପଟ କୁହାଯାଉଥିବା ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ସୋୟମ୍ବା ପଞ୍ଚାୟତ ଟୋପାଡିହି ଠାରେ ଗତମାସ ଏକ ସିଆରପିଏଫ କ୍ୟାମ୍ପ ଉଦ୍‌ଘାଟନ ଦିବସରେ ସ୍ଥାନୀୟ ବାସୀନ୍ଦା ଉପଜିଲାପାଳଙ୍କୁ ନିଜର ବହୁ ଅସୁବିଧା ବିଷୟରେ କହିଥିଲେ। ସେବେଠାରୁ ବଣାଇଁ ଉପଜିଲାପାଳ ( ଆଇଏଏସ ) ଅକ୍ଷୟ ପିଲ୍ଲେ ବ୍ଲକର ସମସ୍ତ ଅଧିକାରୀଙ୍କୁ ଗ୍ରାମ ଗୁଡିକରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପଠାଇ ସମସ୍ତ କାର୍ଯ୍ୟ ତ୍ୱରାନିତ କରିବା ପରେ ଗୁରୁବାର ଏକ ସ୍ୱତନ୍ତ୍ର ଗ୍ରାମସଭା ପଞ୍ଚାୟତଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପାରମ୍ପାରିକ ବସ୍ତ୍ର, ବାଦ୍ୟ ନୃତ୍ୟ ଗାନ ସହ ସ୍ୱାଗତ କରିଥିଲେ । ପରେ କୋଇଡା ବ୍ଲକ ବିଡିଓ ସମରେନ୍ଦ୍ର ସାରା , ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ସରପଞ୍ଚ ସରିତା ଓରାମ, ଉପଖଣ୍ଡ ଭତ୍ତା ଅଧିକାରୀ ଅଜୟ ସାହୁ , ବ୍ଲକ ଭତ୍ତା ଅଧିକାରୀ ପଙ୍କଜ ସାମଦ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶୀଶ କୁମାର ଦାଶ , ଯନ୍ତ୍ରୀ ସଞ୍ଜୟ ନାଏକ ଓ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଟୋପାଡିହି ଅଞ୍ଚଳ ବାସୀଙ୍କ ମଧ୍ୟରୁ ୭ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୬ ଜଣଙ୍କୁ ଭିନକ୍ଷମ ଭତ୍ତା, ବିଧବା ଭତ୍ତା ଏବଂ ବହୁ ଜଣଙ୍କୁ ଅନ୍ୟାନ୍ୟ ସରକାରୀ ସୁବିଧା ନୂତନ ଭାବେ ପ୍ରଦାନ କରିଥିଲେ। ଗ୍ରାମରେ ବାକି ରହିଥିବା ସମସ୍ତ ବିକାଶ ମୂଳକ କାର୍ଯ୍ୟ ଖୁବ ଶୀଘ୍ର ତ୍ୱରାନିତ ହେବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାଭିମାନ ଅଞ୍ଚଳ ବାସୀ ଉପଜିଲାପାଳଙ୍କ ସମେତ ଅଧିକାରୀ ଓ ସରପଞ୍ଚଙ୍କୁ ଖୁସି ଜାହିର କରି ଧନ୍ୟବାଦ ଅର୍ପଣ କରିଥିଲେ।


ମହେଶଡିହି ଲକ୍ଷ୍ମୀପୂଜା।

# ୫ ବର୍ଷ ହେଲା ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ ଖାଲି ପଡ଼ିଛି

କୁଆଁରମୁଣ୍ଡା,୨୩।୧୦(ମହେନ୍ଦ୍ର କୁମାର ସାହୁ)

**କୁଆଁରମୁଣ୍ଡା ବ୍ଲକ**
**ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ବାଧାପ୍ରାପ୍ତ**

ଦୀର୍ଘ ୫ ବର୍ଷ ହେଲା ଆଦିବାସୀ ଅଧ୍ୟୁଷିତ କୁଆଁରମୁଣ୍ଡା ବ୍ଲକରେ ସ୍ଥାୟୀ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ ଖାଲି ପଡ଼ିଛି। ଫଳରେ ୨୦ ପଞ୍ଚାୟତରେ ହେଉଥିବା ଦୈନନ୍ଦିନ ସରକାରୀ କାର୍ଯ୍ୟ ଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ଆକାଉଣ୍ଟର ସଠିକ ଯାଞ୍ଚ ହେବାରେ ସମସ୍ୟା ସୃଷ୍ଟି ହେଉଛି। ଫଳରେ ସାଧାରଣ ଲୋକଙ୍କୁ ନିର୍ଦ୍ଧାରିତ ସମୟରେ ସରକାରୀ ସୁବିଧା ମିଳିବାରେ ବହୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଏବେ ଭୋଟର ତାଲିକା ସଂଶୋଧନ, ନୂତନ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଏହାକୁ ଠିକ ଭାବେ ତଦାରଖ କରିବା ପାଇଁ ବ୍ଲକରେ ନିଶ୍ଚିତଭାବେ ଜଣେ ଜିପିଡିଓଙ୍କ ଜରୁରୀ ଆବଶ୍ୟକତା ରହିଛି ବୋଲି କୁଆଁରମୁଣ୍ଡା ବ୍ଲକ ଜନ ପ୍ରତିନିଧି ତଥା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଦୃଢ଼ ଦାବି କରିଛନ୍ତି। ସୁନ୍ଦରଗଡ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଦୀର୍ଘ ବର୍ଷ ହେଲା ଖାଲି ପଡ଼ିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦ ଯଥାଶୀଘ୍ର ପୂରଣ କରିବା ପାଇଁ ଜନପ୍ରତିନିଧିମାନେ ଦାବି କରିଛନ୍ତି।

# ଡୁନମୁରା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କୁତ୍ରା,୨୩।୧୦(ଦେବାଶିଷ ସାହୁ)

କୁତ୍ରା ବ୍ଲକ ସାନଗୁଡିଆଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡୁନମୁରା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ ନାଏକଙ୍କ ସଭାପତିତ୍ୱରେ ମୋ ସ୍ୱପ୍ନର ଓଡ଼ିଶା -୨୦୩୬ ଶୀର୍ଷକ ଏହି ସୁରଭି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁ, ସିଆର୍‌ସିସି ବୈଦ୍ୟନାଥ ଜୟପୁରିଆ, ଡୁନମୁରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ସରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁନୀଲ ବାଗ ଯୋଗ ଦେଇଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏବିଇଓ ନିରଞ୍ଜନ ରାଉଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସିଆରସିସି ରାଜେଶ ବେହେରା, ସୁଦୀପ୍ତ ବେହେରା, କ୍ଷଣପ୍ରଭା ମାର୍ଥା, ତପନ ସେଠୀ ପ୍ରମୁଖ ଯୋଗଦେଇ ସୁରଭି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥଲେ। ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ସଭା କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ସିଆରସିସି ବୈଦ୍ୟନାଥ ଜୟପୁରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ବିଜ୍ଞାନ, ଗଣିତ ପ୍ରଶିକ୍ଷଣ ଶିବିର

କୁତ୍ରା,୨୩।୧୦ (ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଖାନ ଏକାଡେମି ତରଫରୁ ଏକ ଦିନିଆ ବିଜ୍ଞାନ ଓ ଗଣିତ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହାର ଉଦ୍‌ଘାଟନୀ ଅବସରରେ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଉପସ୍ଥିତ ହୋଇ ଶିବିରକୁ ଆରମ୍ଭ କରିଥିଲେ। ସେମାନେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଏହି ପ୍ରଶିକ୍ଷଣର ଗୁରୁତ୍ୱ ଉଲ୍ଲେଖ କରିଥିଲେ ଓ ଶିକ୍ଷକଙ୍କୁ ନୂତନ ପାଠଦାନ ପଦ୍ଧତି ଅଳଙ୍କାରିତ କରିବାକୁ ଉତ୍ସାହିତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫୩ ଜଣ ବିଜ୍ଞାନ ଓ ଗଣିତ ଶିକ୍ଷୟିତ୍ରୀ,ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣକୁ ଅନନ୍ତ ପାଣ୍ଡେ ଓ ଅନନ୍ତ କୁଆ ନିଜ ଦକ୍ଷତା ଓ ଅନୁଭବ ସହିତ ସଫଳତାର ସହ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ଶିକ୍ଷକଙ୍କୁ ନୂତନ ଶିକ୍ଷଣ ପଦ୍ଧତି, ଡିଜିଟାଲ ମାଧ୍ୟମରେ ଗଣିତ ଓ ବିଜ୍ଞାନ ଶିକ୍ଷା ଏବଂ ଖାନ ଏକାଡେମିର ଶିକ୍ଷା ସମ୍ପର୍କୀୟ ଆବେଦନ ବିଷୟରେ ବିସ୍ତୃତ ଧାରଣା ଦିଆଯାଇଥିଲା।

# ରାଜାମୁଣ୍ଡାରେ କାଳୀପୂଜା

ଲହୁଣୀପଡ଼ା,୨୩।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାରେ ସାର୍ବଜନୀନ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। କାଳୀପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ମିନାବଜାରଠାରୁ ଆରମ୍ଭ କରି ବିଭିନ୍ନ ଦୋଳି, ଦୋକାନ ବଜାର ସହିତ ମନୋରଞ୍ଜନ ପାଇଁ ଆସନ୍ତା ୨୭ ତାରିଖରୁ ଯାତ୍ରାପାର୍ଟି ପଡିବ ବୋଲି ସୂଚନା ମିଳିଛି। ଚଳିତବର୍ଷ ଅକ୍ଷୟ କୁମାର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ମୀରା ଶଙ୍କର ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ପୂଜା ଦେଖିବା ପାଇଁ ଓ ମେଳା ବୁଲିବା ପାଇଁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ରାଜାମୁଣ୍ଡା ସାର୍ବଜନୀନ କାଳୀପୂଜା କମିଟି ସଭାପତି ସାଧନ ଧଳ, ସମ୍ପାଦକ ଯୁଗଳ କିଶୋର ସାହୁ, କୋଷାଧ୍ୟକ୍ଷ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ବଳରାମ ତ୍ରିପାଠୀ, ମିଥୁନ ପଣ୍ଡା, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରାକେଶ ରାୟ, ତୁଷାର କାନ୍ତ ଭୋଇ, ଦିଲୀପ ରାୟ, ଚିନ୍ତାମଣି ବେହେରା, ବସନ୍ତ ମାହାନ୍ତ, ବିଜୟ ବାରିକ, ବିଶ୍ୱଜିତ ବେହେରା ପ୍ରମୁଖ କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି କାଳୀପୂଜା ପରିଚାଳିତ ହେଉଥିବା ଜଣାପଡିଛି।

# ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୨୩।୧୦(ଜୟ ନାରାୟଣ ମେଣ୍ଡୁଲି)



ବୈଠକରେ ଏମ୍ପି ଜୁଏଲ ଓରାମ ଓ ଅନ୍ୟ ଅତିଥିମାନେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁ ଆକାଂକ୍ଷୀ ଯୋଜନା ସାଂସଦ ଖେଳ ମହୋତ୍ସବ ପ୍ରତ୍ୟେକ ସଂସଦ କ୍ଷେତ୍ରରେ ଆୟୋଜିତ ହେବ। ଏହି ଅବସରରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ହେବାକୁଥିବା ସାଂସଦ ଖେଳ ମହୋତ୍ସବର ଏକ ଲୋକ ସଭା ସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଜିଲା ଭାଜପା କାର୍ଯ୍ୟାଳୟ ଭୋଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ପଞ୍ଜୀକରଣ କରିଥିବା ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଖେଳାଳିମାନେ କିଭଳି ଗ୍ରାମ, ବ୍ଲକ, ୱାର୍ଡ ଓ ସଂସଦୀୟ କ୍ଷେତ୍ର ସ୍ତରରେ ଆୟୋଜିତ ସାଂସଦ ଖେଳ ମହୋତ୍ସବରେ ବହୁ ସଂଖ୍ୟାରେ ଭାଗନେବେ ଏବଂ ଦଳ ପକ୍ଷରୁ କାର୍ଯ୍ୟକ୍ରମକୁ କିଭଳି ସଫଳ ରୂପାୟନ ଦେବେ ଗୁରୁତ୍ୱାରୋପ କରିଥିଲେ। ଏହି ଖେଳ ମାଧ୍ୟମରେ ତୃଣମୂଳ ସ୍ତରରେ ଥିବା ଲୁକ୍କାୟିତ ପ୍ରତିଭା ଖେଳାଳି ଚୟନ, ଖେଳ ଓ ଯୁବ ନେତୃତ୍ୱକୁ ମୁଖ୍ୟ ସ୍ରୋତକୁ ଆଗେଇନେବା ଏବଂ ଏକ ସୁସ୍ଥ ସମାଜ ଓ ସୁସ୍ଥ ରାଷ୍ଟ୍ର ଗଠନରେ ଏହି ସାଂସଦ ଖେଳ ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ମଞ୍ଚାସୀନ ଅତିଥିଭାବେ ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ବଟକିଶୋର ମିଶ୍ର, ରାହାସବିହାରୀ ପ୍ରଧାନ, ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ପୂର୍ଣ୍ଣିମା କେରକେଟା, ସାଂସଦ ଖେଳ ମହୋତ୍ସବର ଜିଲା ସଂଯୋଜକ ଅଭୟ ପଟ୍ଟନାୟକ, ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ରାଜ୍ୟ ଉପସଭାପତି ଓବିସି ମୋର୍ଚ୍ଚା ଯଶୋବନ୍ତ ନାଏକ, ପୂର୍ବତନ ବଣେଇ ଜିଲା ସଭାପତି ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ଖେଳ ମହୋତ୍ସବର ଲୋକ ସଭା କ୍ଷେତ୍ର କମିଟି, ମଣ୍ଡଳ ସଭାପତି, ମଣ୍ଡଳ ପ୍ରତିନିଧି, ଏମ୍‌ପି ପ୍ରତିନିଧି, ଜାତୀୟ, ରାଜ୍ୟ, ଜିଲା ଓ ମଣ୍ଡଳର ଶୀର୍ଷ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।


ମା'ଙ୍କ ମୂର୍ତ୍ତି ପୂଜା ପାଉଛି।

# ରାମାୟଣ ହେଉଛି ଜ୍ଞାନର ଭଣ୍ଡାର

**ମହର୍ଷି ବାଲ୍ମିକୀ ଓ ରାମାୟଣ ଆଲୋଚନାଚକ୍ର**

ରାଉରକେଲା,୨୩।୧୦(ଦିନେଶ ମିଶ୍ର)



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

ଛେଣ୍ଡସ୍ଥିତ ମଧୁସୂଦନ ପାଠାଗାର ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ନିର୍ମଳ ମୁଣ୍ଡା ନଗର ଶାଖାର ମିଳିତ ଆନୁକୂଲ୍ୟରେ ଗୁରୁବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ରେ ମହର୍ଷି ବାଲ୍ମୀକି ଓ ରାମାୟଣ ଉପରେ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନଗର ଶାଖାର ସଭାପତି ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମ୍ୟୁନିସିପାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆମ ସମାଜ ପାଇଁ ରାମାୟଣ ହେଉଛି ଜ୍ଞାନର ଭଣ୍ଡାର। ରାମାୟଣରେ ଭ୍ରାତୃପ୍ରେମ, ରାଜଯୋଗ, ତ୍ୟାଗ, ଏକତା ଓ ପିତୃସତ୍ୟ ରକ୍ଷା ଭଳି ଅନେକ କଥା ଶିକ୍ଷା ମିଳିଥାଏ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଚିନ୍ମୟ ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପଣ୍ଡିତ ସୁରେଶ ଚନ୍ଦ୍ର ମହାନ୍ତି ସଂସ୍କୃତରେ ବାଲ୍ମୀକି ରାମାୟଣ, ଅଧ୍ୟାପକ ଚିନ୍ମୟୀ ତ୍ରିପାଠୀ ପ୍ରାକ୍ କଥନ ଓ ସ୍ନାତକୋତ୍ତର ଓଡିଆ ଛାତ୍ରୀ ସୋନାଲୀ ମହାନନ୍ଦ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ସଭାରେ ଅଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ଏବଂ ଧରିତ୍ରୀ ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆଜୀବନ ସଦସ୍ୟ ଗିରିଜା ଶଙ୍କର ଗୋସ୍ୱାମୀ ଓ ଅଜୟ କୁମାର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ତ୍ରିଲୋଚନ ମିଶ୍ର ମନ୍ତ୍ରୋଚ୍ଚାରଣ ସହ ଶାନ୍ତିପାଠ କରିଥିଲେ। ନଗର ସମ୍ପାଦକ ଗୌତମ ଦାସ, ଚିନ୍ମୟ ପୁରୋହିତ, ରଶ୍ମିତା ନାଥ, ସରୋଜ କୁମାର ସ୍ୱାଇଁ, ସୂର୍ଯ୍ୟ ନାରାୟଣ ପଣ୍ଡା, ରମେଶ ଚନ୍ଦ୍ର ସିଂ, ନିରୁପମା ପତି, କରୁଣାକର ପାଢ଼ୀଶାଣୀ ପ୍ରମୁଖ ସହଯୋଗ କରିଥିଲେ। ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଆଭାସ କୁମାର ହୋତା, ଅଜୟ କୁମାର ବେହେରା, ହରିହର ଶତପଥୀ, ରମେଶ ଚନ୍ଦ୍ର ଜେନା, ଆଦିକନ୍ଦ ନାୟକ, ଭଜହରି ବେହେରା, ଗଦାଧର ରଥ, କିଶୋରୀ ମୋହନ କର, ରବୀନ ଦାସ, ଡକ୍ଟର ଶକ୍ତିପ୍ରସାଦ ସାମନ୍ତରାୟ, ବିଶ୍ୱନାଥ ଜେନା, ଲକ୍ଷ୍ମଣନାଥ ଦାସ, ବିଭୂତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମଧୁସୂଦନ ପାଠାଗାର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ସରପଞ୍ଚ, ସମିତି ସଭ୍ୟ

**ବୈଠକ ଅଧାରୁ ଉଠି ପଳାଇଲେ**

କୁତ୍ରା,୨୩।୧୦(ଦେବାଶିଷ ସାହୁ)


ବୈଠକ ବର୍ଜନ କରିଥିବା ସରପଞ୍ଚ, ସମିତି ସଭ୍ୟାସଭ୍ୟ।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ସଭାଗୃହରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ସଭା ଅଧାରୁ ଉଠି ପଳାଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୁତ୍ରା ବିଡିଓ ଗୋପୀନାଥ ଖାଖା, ଏବିଡିଓ ଲିଲିସଞ୍ଜିତା ମିଞ୍ଜ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଚାଲିଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟାମାନେ ଅଭିଯୋଗ କରିଛନ୍ତି, ବିକଶିତ ଗାଁ ବିକଶିତ ଓଡ଼ିଶା କାମ ବିଷୟରେ କୌଣସି ସରପଞ୍ଚ କିମ୍ବା ସମିତ ସଭ୍ୟାସଭ୍ୟଙ୍କୁ ପଚରାଯାଉନାହିଁ। ପଞ୍ଚାୟତରେ ଯେକୌଣସି ପ୍ରକଳ୍ପ ପାସ ହେଲା ପରେ ଜୁନିୟର ଇଞ୍ଜିନିୟରମାନେ ନିଜେ ଲେଆଉଟ ଦେଇ ତାହାକୁ କାର୍ଯ୍ୟରୂପ ଦେଉଛନ୍ତି। କିନ୍ତୁ ସରପଞ୍ଚ କିମ୍ବା ସମିତି ସଭ୍ୟାସଭ୍ୟଙ୍କୁ ସେଥିରେ ସାମିଲ କରାଯାଉନାହିଁ। ଏହାସହିତ ସେମାନେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ପଞ୍ଚାୟତ ସମିତି ବୈଠକରେ ଯେତେ ପ୍ରସ୍ତାବ ଦିଆଯାଉଛି ତା'ର କୌଣସି ପଦକ୍ଷେପ ନିଆ ଯାଉନାହିଁ। ବିଡିଓଙ୍କୁ କୌଣସି କାମ ନେଇ ଫୋନ କଲେ ସେ ଫୋନ ଉଠାଉ ନାହାନ୍ତି। ଏହି ସବୁ କାରଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ବୈଠକରେ ବସିଲେ କ'ଣ ଲାଭ ହେବ ବୋଲି କହି ବୈଠକ ଅଧାରୁ ଉଠି ପଳାଇଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରାଙ୍କୁ ପଚାରିବାରୁ, ବିଡିଓ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ଅଣଦେଖା କରୁଥିବା କହିଛନ୍ତି। ବିଡିଓ ଗୋପୀନାଥ ଖାଖାଙ୍କୁ ପଚାରିବାରୁ, ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଗ୍ରାମସଭା ମାଧ୍ୟମରେ ପ୍ରୋଜେକ୍ଟ ଦେଉଛନ୍ତି ଓ ସେମାନେ କାମ କରିବେ କହୁଛନ୍ତି। ଏଣିକି ଡିପାର୍ଟମେଣ୍ଟାଲ ଅନୁଯାୟୀ କାମ ହେବ ବୋଲି ବିଡିଓ ଖାଖା କହିଛନ୍ତି।

# ମାଣ୍ଡିଆ ଚାଷପ୍ରତି ବଢୁଛି ଆଗ୍ରହ

## ଝୁଝୁମୁରା ବ୍ଲକରେ ୭୫୦ଜଣ କରିଛନ୍ତି ମାଣ୍ଡିଆ ଚାଷ

ସମ୍ବଲପୁର,୨୩।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲ୍ଲା ଝୁଝୁମୁରା ବ୍ଲକ ଅଞ୍ଚଳରେ ମାଣ୍ଡିଆ ଚାଷ ପ୍ରତି ଚାଷୀମାନେ ଆଗ୍ରହ ଦେଖାଇଛନ୍ତି। ଚଳିତବର୍ଷ ବ୍ଲକର ଅଣଜଳସେଚିତ ଅଞ୍ଚଳର ପ୍ରାୟ ୭୫୦ଜଣ ଚାଷୀ ମାଣ୍ଡିଆ ଚାଷ କରିଛନ୍ତି। ବ୍ଲକରେ ୯୦୦ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନର ଲକ୍ଷ୍ୟ ରହିଥିବା ବ୍ଲକ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

ବର୍ଷାଭାବ ଯୋଗୁ ଧାନ ଫସଲ ନଷ୍ଟ ହେବା ଏବଂ ସରକାରଙ୍କ ମିଲେଟ ମିଶନ ଯୋଗୁ ଏବେ ଛୋଟ ଚାଷୀ ବିଶେଷକରି ଆଟ ଜମି ଏବଂ ଜଳସେଚନର ସୁବିଧା ନ ଥିବା ଜମିରେ ଚାଷୀମାନେ ଏହି ଚାଷପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଝୁଝୁମୁରା ବ୍ଲକ ଡଙ୍ଗରପଡା ଗ୍ରାମ ପଞ୍ଚାୟତ ହିରୋ ଗ୍ରାମର କ୍ଷୁଦ୍ର ଚାଷୀ ଏଗନେସ କାଣ୍ଡୁଲିନା କୁହନ୍ତି, ପୂର୍ବରୁ ନିଜ ୨ ଏକର ଜମିରେ ଧାନ ଚାଷ କରୁଥିଲେ। ହେଲେ ଅଧିକାଂଶ ବର୍ଷ ବର୍ଷାଭାବରୁ ଧାନ ଫସଲ ନଷ୍ଟ ହେବା ଯୋଗୁ ଖର୍ଚ୍ଚ କରିଥିବା ଟଙ୍କା ମଧ୍ୟ ଉଠିପାରୁ ନ ଥିଲା। ମିଲେଟ ମିଶନ ଜରିଆରେ ଥୁଆମୂଳ–ରାମପୁର କୃଷକ ଉତ୍ପାଦନ କମ୍ପାନୀ କର୍ମକର୍ତ୍ତା ଆସି ମାଣ୍ଡିଆ ଚାଷ କରିବାକୁ ଉତ୍ସାହିତ କରିବା ପରେ ମାଣ୍ଡିଆ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାଣ୍ଡିଆ ଚାଷରେ ପାଣିର ବେଶୀ ଆବଶ୍ୟକତା ନାହିଁ। ଗୋଟିଏ ଏକରକୁ ପ୍ରାୟ ୧୫ହଜାର ଟଙ୍କାର ମାଣ୍ଡିଆ ଆମଦାନୀ ହେଉଥିବା ବେଳେ ଇନପୁଟ ସବ୍‌ସିଡି ବାବଦକୁ ହେକ୍ଟର ପ୍ରତି ୧୦ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଦିଆଯାଉଥିବା ଡଙ୍ଗରପଡା ଗ୍ରାମ ପଞ୍ଚାୟତରେ ସିଆରପି ଭାବେ କାର୍ଯ୍ୟ କରୁଥିବା ମନବୋଧ ସାହୁ କହିଛନ୍ତି। ସାହୁଙ୍କ ସୂଚନା ଅନୁସାରେ ଝୁଝୁମୁରା ବ୍ଲକର କେବଳ ଡଙ୍ଗରପଡା ଏବଂ ମେଘପାଳ ଗ୍ରାମ ପଞ୍ଚାୟତରେ ୫୦ ହେକ୍ଟର ମାଣ୍ଡିଆ ଏବଂ ଯବଚାଷ କରାଯାଇଛି। ଯେଉଁ ଜମିରେ ବର୍ଷାଭାବରୁ ଧାନ ଫସଲ ହୋଇପାରୁ ନ ଥିଲା ସେହି ଜମି ଏବେ ମାଣ୍ଡିଆ ଫସଲରେ ସୁନେଲି ଦିଶୁଛି। ଆଉ କିଛି ଦିନ ପରେ ମାଣ୍ଡିଆ ଅମଳ ହେବାକୁ ଥିବା ବେଳେ ସରକାର ୫୦ଟଙ୍କା କେଜି ପ୍ରତି ଦରରେ ଚାଷୀଙ୍କଠାରୁ ସିଧାସଳଖ କିଣି ନେଉଥିବା ନେଇ ଅନ୍ୟ ଏକ ସିଆରପି ସରିତା ଗୁଡିଆ ସୂଚନା ଦେଇଛନ୍ତି। ଯଦ୍ୱାରା ଝୁଝୁମୁରା ବ୍ଲକର ଗାଁ ଗହଳିର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କଠାରୁ ଆରମ୍ଭ କରି ଅଣଜଳସେଚିତ ଅଞ୍ଚଳରେ ପ୍ରାୟ ୭୫୦ଜଣ ଚାଷୀ ମାଣ୍ଡିଆ ଚାଷ କରୁଥିବା ଥୁଆମୂଳ–ରାମପୁର ଏଫପିଓ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ କେବଳ ଝୁଝୁମୁରା ବ୍ଲକରେ ୯୦୦କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନର ଲକ୍ଷ୍ୟ ରହିଥିବା ବ୍ଲକ କୃଷି ବିଭାଗ ପକ୍ଷରୁ ସୂଚନା ରହିଛି।



ହିରୋ ଗ୍ରାମର ଏଗନେସ କାଣ୍ଡୁଲିନାଙ୍କ ସହ ଥୁଆମୂଳ ରାମପୁର ଏଫପିଓର କର୍ମକର୍ତ୍ତା।

# ପ୍ରଶାସନ ସହାୟତାରେ ସ୍ୱପ୍ନ ସାକାର ହେବ

ସମ୍ବଲପୁର, ୨୩।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ବରଗାଁର ପ୍ରିୟଙ୍କା ବେହେରା। ଭିନ୍ନକ୍ଷମ ହେଲେ ବି ସେ ବିଜ୍ଞାନରେ ୭୦ ପ୍ରତିଶତ ନମ୍ବର ରଖି ଡାକ୍ତରୀ ପଢିବା ପାଇଁ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ହେଲେ ଦିନ ମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରୁଥିବା ପ୍ରିୟଙ୍କାଙ୍କ ବାପାଙ୍କର ଏକ ମାସ ପୂର୍ବରୁ ପରଲୋକ ହୋଇଯାଇଛି। ଫଳରେ ପରିବାରର ରୋଜଗାର ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପରିସ୍ଥଳେ ଭିନ୍ନକ୍ଷମ ୧୩ ବର୍ଷୀୟା ସାନଝିଅ ସହ ପ୍ରିୟଙ୍କାଙ୍କ ପାଠପଢା ଓ ଘରଖର୍ଚ୍ଚ କିପରି ଚଳାଇବେ ମା' ଗୌରୀ ବେହେରା ଚିନ୍ତାରେ ପଡିଯାଇଛନ୍ତି। ଖବର ପାଇ ରେଡକ୍ରସ ନିଜଆଡୁ ଯୋଗାଯୋଗ କରି ବୁଧବାର ପ୍ରିୟଙ୍କାଙ୍କୁ ଜିଲାପାଳଙ୍କ ଦ୍ୱାରସ୍ଥ କରାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ହଜାର ଟଙ୍କା ସହଯୋଗ କରିବା ସହ ଶିଶୁ ସୁରକ୍ଷା ବିଭାଗ ସମେତ ବିଭିନ୍ନ ବିଭାଗରୁ ଶିକ୍ଷା ଏବଂ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଙ୍କା ଏବଂ ତାଙ୍କ ଭଉଣୀଙ୍କ ପାଠ ପଢିବା ନେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଜିଲା ରେଡକ୍ରସ ସମ୍ପାଦିକ ରୋଜାଲିନ ତିର୍କୀ ସୂଚନା ଦେଇଛନ୍ତି। ତେବେ ସରକାରଙ୍କ ଯୋଜନାରେ ଶିଶୁ ମାନଙ୍କ ମାତୃପିତୃହୀନ କିମ୍ବା ଏକାକି ପିତାମାତା ଥିବା ଶିଶୁଙ୍କ ପାଇଁ ପୃଷ୍ଟ ପୋଷକତା ଯୋଜନାରେ ଆର୍ଥିକ ସହାୟତା ବ୍ୟବସ୍ଥା ରହିଛି। ଉଚ୍ଚଶିକ୍ଷା ପାଇଁ ଗ୍ରୀନ ପେସେଜ ଏବଂ ଯଶୋଦା ଯୋଜନା ବ୍ୟବସ୍ଥା ରହିଥିବା ଜିଲା ସମାଜିକ କଲ୍ୟାଣ ବିଭାଗ ଉପଦେଷ୍ଟା ସୁନୀତା ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ସଚେତନତାର ଅଭାବରୁ ବହୁ ଭିନ୍ନକ୍ଷମ ଏବଂ ଅସହାୟ ଶିଶୁ ଚିକିତ୍ସା ଏବଂ ଶିକ୍ଷା ସହାୟତା ପାଇଁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହୁଥିବା ତ୍ରିପାଠୀ କହିଛନ୍ତି ।

**ଭିନ୍ନକ୍ଷମ ପ୍ରିୟଙ୍କାଙ୍କୁ ସହାୟତା ପ୍ରତିଶ୍ରୁତି**



ମା'ଙ୍କ ସହ ପ୍ରିୟଙ୍କା ବେହେରା ଜିଲାପାଳ ଅଫିସ ଆସିଛନ୍ତି।

# ବିଦ୍ୟୁତ୍ ଆଘାତରେ ଡ୍ରାଇଭରଙ୍କ ମୃତ୍ୟୁ

ନାକଟିଦେଉଳ,୨୩।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପେଣ୍ଡବାହାଲ ଚମ୍ପାଳି ନଦୀ ପାଖରେ ଥିବା ବନ ବିଭାଗ ସ୍ଥାୟୀ ନର୍ସରୀରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ଗୋଲାବନ୍ଧ ଗ୍ରାମର ରାଜେନ୍ଦ୍ର ମାଝୀ(୪୦)। ନାକଟିଦେଉଳ ବନ ବିଭାଗରେ ଭଡାରେ ଲାଗିଥିବା ଘରୋଇ ବୋଲେରୋରେ ରାଜେନ୍ଦ୍ର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ଅପରାହ୍ନରେ ସେ ନର୍ସରୀକୁ ଗାଡ଼ି ନେଇ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟାରେ ନର୍ସରୀରେ ଅନ୍ୟ ସାଥୀମାନଙ୍କ ସହିତ ସେ ଯାଉଥିଲେ। ପାଣି ମୋଟରକୁ ସଂଯୋଗ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଅସାବଧାନତା ବଶତଃ ରାଜେନ୍ଦ୍ର ଆସିଯାଇଥିଲେ। ଏଥିରେ ସେ ଛିଟିକି ପଡିଥିଲେ। ଅନ୍ୟ ସାଥୀମାନେ ତାଙ୍କୁ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗୁଣବତ୍ତା ପ୍ରମାଣନ ବିଶ୍ୱସନୀୟତା ସୃଷ୍ଟି କରେ

## ଏମ୍‌ଏସ୍‌ଏମ୍‌ଇ କର୍ମଶାଳା କାର୍ଯ୍ୟଦକ୍ଷତା ବୃଦ୍ଧି, ତ୍ୱରାନ୍ୱିତ ଲକ୍ଷ୍ୟ





କର୍ମଶାଳାରେ ଅତିଥିମାନେ ଜଣେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର,୨୩।୧୦(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ଗୁରୁବାର ଏମ୍‌ଏସ୍‌ଏମ୍‌ଇଗୁଡିକର କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଏକ କର୍ମଶାଳା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଆଇଏସ୍‌ଓ, ଲିନ, ଜେଡଇଡି ଭଳି ଗୁଣବତ୍ତା ପ୍ରମାଣପତ୍ର ଉପରେ ତଥ୍ୟ ପ୍ରଦାନ କରାଯାଇଥିଲା। ସମ୍ବଲପୁରରେ ଏମ୍‌ଏସ୍‌ଏମ୍‌ଇମାନଙ୍କର କ୍ଷମତା ଏବଂ ପ୍ରତିଯୋଗିତାକୁ ବୃଦ୍ଧି କରି ସଶକ୍ତ କରିବା ଦିଗରେ ଏଭଳି ମାନକ ପ୍ରଦାନକାରୀ ସଂସ୍ଥାଗୁଡିକର ଗୁଣବତ୍ତା ପ୍ରମାଣ ପତ୍ର ସହଯୋଗ କରିଥାଏ। କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ବଜାର ପ୍ରତିଯୋଗିତାକୁ ପରିଚାଳନା କରିବାରେ ଗୁଣବତ୍ତା ପ୍ରମାଣପତ୍ରର ଗୁରୁତ୍ୱ ଉପରେ କର୍ମଶାଳାରେ ସୂଚନା ଦିଆଯାଇଥିଲା। ଜାତୀୟ ଉତ୍ପାଦକତା ପରିଷଦର ବିଶେଷଜ୍ଞ ପ୍ରତିନିଧିମାନେ ବୈଷୟିକ ଅଧିବେଶନରେ ସୂଚନା ଦେଇଥିଲେ। ସେମାନେ ବ୍ୟବହାରିକ ପଦକ୍ଷେପ, ଲାଭ ଏବଂ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟ ମଧ୍ୟରେ ଗୁଣାତ୍ମକମାନକ ଜରିଆରେ ବଜାରରେ ହେଉଥିବା ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଶୂନ୍ୟତ୍ରୁଟି, ଶୂନ୍ୟ ପ୍ରଭାବ ସାର୍ଟିଫିକେସନ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରିବେଶଗତ ପ୍ରଭାବ ନଥାଇ ଉନ୍ନତ ଗୁଣାତ୍ମକ ଉତ୍ପାଦ ଉତ୍ପାଦନ କରିବାର ପ୍ରତିବଦ୍ଧତା ଜରିଆରେ ଓଡ଼ିଶାର ସ୍ଥାୟୀ ଅଭିବୃଦ୍ଧିର ରାସ୍ତା ସୁଗମ କରାଯାଇପାରିବ ବୋଲି କର୍ମଶାଳାରେ କୁହାଯାଇଥିଲା। ଏହା ବ୍ୟତୀତ ଆଇଏସଓ ପ୍ରମାଣପତ୍ରକୁ ଏମଏସଏମଇ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ମାନଦଣ୍ଡ ହୋଇଥିବାରୁ ଏହା ବଜାରରେ ବିଶ୍ୱସନୀୟତା ସୃଷ୍ଟି କରାଇଥାଏ ବୋଲି କୁହାଯାଇଥିଲା। କର୍ମଶାଳାରେ ଅଂଶଗ୍ରହଣ ପ୍ରଶ୍ନୋତ୍ତର ଜରିଆରେ ରହିଥିବା ଦ୍ୱନ୍ଦ୍ୱକୁ ଦୂର କରାଯାଇଥିଲା। ସହଯୋଗ, ମିଳିତ ଉଦ୍ୟମ ଏବଂ ସମ୍ବଳ ବଣ୍ଟନ ଜରିଆରେ ଚାଷୀ ଅଧିକ ଲାଭବାନ ହେବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

# ଦୁର୍ନୀତି ନିବାରଣ ସପ୍ତାହ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ଜିଲା ପରିଷଦ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଡା. ପ୍ରଦୀପ କୁମାର ହୋତା ପ୍ରମୁଖଙ୍କ ସହିତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୭ତାରିଖରୁ ନଭେମ୍ବର ୨ ପର୍ଯ୍ୟନ୍ତ ସମ୍ବଲପୁରରେ ଚଳିତବର୍ଷ ଦୁର୍ନୀତି ନିବାରଣ–ଆମର ସମୂହିକ ଦାୟିତ୍ୱ ଶୀର୍ଷକ ସପ୍ତାହ ପାଳନର ମୂଳ ଲକ୍ଷ୍ୟ। ଏଥିରେ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସଚେତନତା ଧର୍ମୀ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, କୁଇଜ, ଚିତ୍ରାଙ୍କନ, କାର୍ଟୁନ୍ ଓ ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗିତା ସହିତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ଆଦି ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ଆସନ୍ତା ୨୭ ତାରିଖରେ ଦୁର୍ନୀତି ନିବାରଣ ସପ୍ତାହର ଉଦ୍‌ଘାଟନୀ ଦିବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିଷ୍ଠା ଶପଥ ଗ୍ରହଣ କରାଯିବ। ଏହାସହିତ ଦୁର୍ନୀତି ବିରୋଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ଏକ ରାଲି ମଧ୍ୟ ଆୟୋଜିତ କରାଯାଇ ସମାଜକୁ ଏନେଇ ଏକ ସତର୍କତା ବାର୍ତ୍ତା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟସ୍ତରୀୟ ଚୟନ ଶିବିରରେ କୁଚିଣ୍ଡାର ୨ଛାତ୍ରୀ

କୁଚିଣ୍ଡା,୨୩।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜର ଦୁଇ ଛାତ୍ରୀ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ହୋଇଥିବା ରାଜ୍ୟସ୍ତରୀୟ ପ୍ରାକ ସ୍ୱାଧିନତା ଦିବସ ଚୟନ ଶିବିରରେ ଅଂଶ ଗ୍ରହଣ କରିଛନ୍ତି। ସମ୍ବଲପୁର ଜିଲା ସଂଯୋଜକ ଅଧିକାରୀ ଶାନ୍ତନୁ ପ୍ରଧାନ ଓ ସଂଯୋଜକ ଅଧିକାରୀ ବିନୋଦ ବିହାରୀ ପୃଷେଠଙ୍କ ନେତୃତ୍ୱରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୧୮ଜଣ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ କେଶାଇାହାଲ ଡିଗ୍ରୀ କଲେଜର ଦୁଇ ଛାତ୍ରୀ ବବିତା ପାତ୍ର ଓ ସୁପ୍ରିତା ପଟେଲ ସାମିଲ ହୋଇଥିଲେ। ଏହି ଚୟନ ଶିବିର କାର୍ଯ୍ୟକ୍ରମ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୧୭ ଓ ୧୮ ଦୁଇଦିନ ଧରି ହୋଇଥିଲା। ହୋଇଥିବା ପରେଡ, ସାଂସ୍କୃତିକ ଓ ମୌଖିକ ଆଦି ପ୍ରତିଯୋଗିତାରେ ଏହି ୨ ଛାତ୍ରୀ ଅଂଶ ଗ୍ରହଣ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଛନ୍ତି।



ସାଂସ୍କୃତିକ କାର୍ଯ୍ୟକ୍ରମରେ ୨ ଛାତ୍ରୀଙ୍କ ସହ ଅନ୍ୟମାନେ।

# ସୁରଭି ଅନ୍ତର୍ନିହିତ ଗୁଣକୁ ବିକଶିତ କରିଥାଏ

କୁଚିଣ୍ଡା,୨୩।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସାଲେଭାଡି ରାହାସବିହାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୁଚିଣ୍ଡା ଉପଜିଲାପାଳ ସରୱନନ ସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦକୁମାର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ ମୁଖ୍ୟଅତିଥି, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସାଲେଭାଡି ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ କୁମାର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନେକ ଗୁଣ ରହିଛି। ତେଣୁ ଏହି ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ତାଙ୍କର ଅନ୍ତର୍ନିହିତ ଗୁଣାଳୀର ବିକଶିତ ହୋଇଥାଏ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ଶୃତଲିଖନ, ଚିତ୍ରାଙ୍କନ, ଓଡ଼ିଆ ହସ୍ତାକ୍ଷର, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଜୁନିୟରରୁ ୯୪, ସିନିୟରରୁ ୯୦, ସୁପର ସିନିୟରରୁ ୮୩,ସାଂସ୍କୃତିକ ବିଭାଗରୁ ୮୩ ଏଭଳି ମୋଟ ୩୦୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅସରରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ନବୀନ ଚନ୍ଦ୍ର ସାହୁ, ସଞ୍ଜୟ ନାଗ, ହରେଶ ପଟେଲ, ଯୋଗେନ୍ଦ୍ର ନାୟକ, ତପସ୍ୟା ବାଘ, ରଶ୍ମିତା ନାୟକ, ଶ୍ରୀକାନ୍ତ ପଟେଲ, ରାଜେଶ ପ୍ରଧାନ, ନରେଶ ବର, ଅସୀମ ପାଣିଗ୍ରାହୀ, ମନୋଜ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶୁଶିଳ ମହାକୁଳ ଓ ଶରତ ପଶାୟତ ମଞ୍ଚ ପରିଚାଳନା କରିଥିବା ବେଳେ ସାଲେଭାଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ଚାନ୍ଦ୍ରହାସ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ପାରମ୍ପରିକ ଖାଦ୍ୟ ଲେଥା ପ୍ରତିଯୋଗିତା

## ଲେଥା ମହକରେ ବୁର୍ଲା ଟିଣ ଘର ମହକିଲା

ସମ୍ବଲପୁର, ୨୩।୧୦(ବି.ଶଙ୍କର)

ପ୍ରତିଷ୍ଠା ପରିବାର ପକ୍ଷରୁ ସମ୍ବଲପୁର ବୁର୍ଲାସ୍ଥିତ ମୁଖ୍ୟ ବନ୍ଧ କମ୍ୟୁନିଟି କେନ୍ଦ୍ର(ଟିଣ ଘର)ଠାରେ କର୍ମଜୀବୀ ଏବଂ ଗୃହିଣୀମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଲେଥା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ସୁସ୍ୱାଦୁ ଲେଥା ମହକରେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଟିଣ ଘର ମହକି ଉଠିଥିଲା। ପ୍ରଫେସର ବ୍ରଜମୋହନ ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାର ସଭାପତି ପ୍ରସନ୍ନ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଂଯୋଜକ ତରଣୀସେନ ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଲେଥା ପ୍ରତିଯୋଗିତା ଆୟୋଜକ ଦେବାଶିଷ ନନ୍ଦ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗୀତାରେ ୫୦ଜଣରୁ ଉର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ। ବିଚାରକ ମଣ୍ଡଳୀରେ ହୋଟେଲ ମ୍ୟାନେଜମେଣ୍ଟର ରୋହନ ମିଶ୍ର, ଶୁଭମ ମହାପାତ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କର ମୂଲ୍ୟାୟନ କରିଥିଲେ । ଜୟନ୍ତ କୁମାର ସାହୁ, ଜୟନ୍ତ କୁମାର ଦାସ, ହରିଶଙ୍କର ପଣ୍ଡା, ସୁଧିର ରଞ୍ଜନ ମହାରଣା, ବୁଲୁ ଆପଟ, ପ୍ୟାରୀମୋହନ ପୂଜାହାରୀ, ରାମେଶ୍ୱର ସିଂ, ଗୋପାଳ ପ୍ରଧାନ, ସଞ୍ଜିବ ପଣ୍ଡା ଦୀପକ ରାଉତ, ସତ୍ୟବ୍ରତ ନାୟକ, ଶ୍ୟାମ ଗୌଡ଼, ଟୁନା ଷଣ୍ଢ, ମହିଳା ବର୍ଗର ରୀନାରାଣୀ ଶତପଥୀ, ମନୋରମା ଦାସ, ସତ୍ୟଭାମା ସାହୁ, ନିର୍ମଳା ସେଠୀ, ପ୍ରତିଭା ବାରିକ, ରୋହିଣୀ ପ୍ରଧାନ, ଜ୍ୟୋସ୍ନାରାଣୀ ମହାନ୍ତି, ସ୍ୱର୍ଣ୍ଣଲତା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟିନୀମାନଙ୍କ ନାମ ଚଳିତ ମାସ ୨୬ ତାରିଖ ହେବାକୁ ଥିବା ପ୍ରତିଷ୍ଠା ସମ୍ମାନ ଉତ୍ସବରେ ଘୋଷଣା କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି। ଆଜି ହୋଇଥିବା ପ୍ରତିଯୋଗୀତାର ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣକାରୀ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।



ଖାଦ୍ୟ ଲେଥା ପ୍ରତିଯୋଗିତାର ଅତିଥିଙ୍କ ସହ ପ୍ରତିଯୋଗୀମାନେ।

**ସଂକ୍ଷେପରେ**

## ଆହତ ଶିଶୁଙ୍କୁ ଗୁଣ୍ଡୁଚିର ସହାୟତା

**ରାଉରକେଲା,୨୩।୧୦(ସଙ୍ଗୀତା ଜେନା):** ଦୀପାବଳି ସମୟରେ ବାଣ ଫୁଟି ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡ଼ା ବସ୍ତିର ଶିଶୁ ସିଦ୍ଧାନ୍ତ(୪)ଙ୍କ ଆଖିପତା ଫାଟିଯାଇ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଉକ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଦିନ ମଜୁରିଆ ଭାବେ କାମ କରୁଥିବା ଶିଶୁଙ୍କ ବାପା ପୁରେଇଙ୍କ ଆର୍ଥିକ ସମ୍ବଳ ନ ଥିବାରୁ ସେ ସାମାଜିକ ସଂସ୍ଥା ଗୁଣ୍ଡୁଚିକୁ ସହାୟତା ଲୋଡ଼ିଥିଲେ। ଗୁଣ୍ଡୁଚିର ସଭାପତି ଭଗବାନ ରାଉତ, ସାଧାରଣ ସମ୍ପାଦକ ଅମୂଲ୍ୟ ମିଶ୍ର, କୋଷାଧ୍ୟକ୍ଷ ସତ୍ୟଜିତ ସୂତାର ବୁଧବାର ଶିଶୁଙ୍କ ପିତାଙ୍କୁ ୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସାଧାରଣ ସମ୍ପାଦକ କୁମଦ ମହାନ୍ତ, ଜଟାଧର ମହାପାତ୍ର, ଅମୀୟ ଶତପଥୀ, ଗଗନ ରାଉତ, ରଞ୍ଜନ ଦୀକ୍ଷିତ, କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଆହତ ଶିଶୁର ଆରୋଗ୍ୟ କାମନା କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ଶୋକସଭା

**ରାଉରକେଲା,୨୩।୧୦(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ହାଇସ୍କୁଲର ଅବସରପ୍ରାପ୍ତ



ଶିକ୍ଷକ ଧରଣୀଧର ଜେନାଙ୍କ ପରଲୋକରେ ଇସ୍ପାତ କାରଖାନା ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଘର ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ଜେନା ଇସ୍ପାତ କାରଖାନା ପରିଚାଳିତ ହାଇସ୍କୁଲମାନଙ୍କରେ ଜଣେ ଆଦର୍ଶ ଶିକ୍ଷକ ଭାବେ କାମ କରି ଅବସର ଗ୍ରହଣ କରିଥିଲେ। ଏହି ଶୋକସଭାରେ ମଧୁସୁଦନ ବଳ, ସୁଧାକର ରଥ, ଭାଗୀରଥି ପ୍ରଧାନ, ସୀତାରାମ ଚୌଧୁରୀ, ନରେନ୍ଦ୍ର କୁମାର ରଣା, ଦେବକାନ୍ତ ମହାପାତ୍ର, ରମେଶ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ।

## ଡିଜେଲ ଚୋରି, ୨ ଗିରଫ

**ରାଉରକେଲା, ୨୩।୧୦(ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ପାର୍କିଂରେ ଛିଡ଼ା ହୋଇଥିବା ୨ଟି ହାଇୱାରୁ ଡିଜେଲ ଚୋରି ଅଭିଯୋଗରେ ୨ଜଣଙ୍କୁ ଗୁରୁବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବେଲଡିହିର ସୁରଜ ବନ୍ଦେ(୨୪) ଏବଂ ଏମ୍‌ଡ଼ି ମଇନ୍(୩୬)। ପୋଲିସ ଏକ ମାମଲା (ନଂ.୪୪୦/୨୫) ରୁଜୁ କରି ଅପରାହ୍ନ ୫ଟାରେ ଉଭୟଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଦ୍ୱୟ ହାଇୱାରୁ ପ୍ରାୟ ୧ ଶହ ଲିଟର ଡିଜେଲ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ।

# ପ୍ରବାସୀ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଉରକେଲା, ୨୩।୧୦(ସଙ୍ଗୀତା ଜେନା)**

ରାଉରକେଲା ଉଦିତନଗର ଥାନା ଅଞ୍ଚଳରେ ଜଣେ ପ୍ରବାସୀ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ବିହାର ରାଜ୍ୟ ଅରରିଆ ଜିଲା ବେସିଆବାଟି ଗ୍ରାମର ସୁରଜଦେବ ଦାସ(୪୭)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୫) ରୁଜୁ କରିଛି। ଗୁରୁବାର ଅପରାହ୍ନ ୨ଟାରେ ଆର୍‌ଜିଏଚ୍‌ରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ ଏ ନେଇ ବୁଧବାର ରାତିରେ ଉଦିତନଗର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାସ୍ଥଳରୁ ପ୍ରାୟ ୫୦ ମିଟର ଦୂରରେ ଥିବା ଶ୍ରମ ବିଭାଗ କାର୍ଯ୍ୟାଳୟରେ ଘଟଣା ସମ୍ପର୍କରେ

**ଶ୍ରମ ବିଭାଗ ନିକଟରେ ନାହିଁ ସୂଚନା**

କୌଣସି ସୂଚନା ନ ଥିବା ଜଣାପଡ଼ିଛି। ଉଦିତନଗର ଥାନାଧିକାରୀ ଦିଲୀପ ଲାକ୍ରାଙ୍କ ସୂଚନା ଅନୁଯାୟୀ, ଗତ ୨୨ ତାରିଖ ରାତିରେ ଆମ୍ବେଦକର ଛକରେ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏଥିରେ ନିୟୋଜିତ ଉକ୍ତ ପ୍ରବାସୀ ଶ୍ରମିକ ନିଶାସକ୍ତ ଅବସ୍ଥାରେ ସିଡ଼ିରୁ ଖସିପଡ଼ି ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆର୍‌ଜିଏଚ୍ ଡାକ୍ତରଙ୍କ ସୂଚନା ଆଧାରରେ ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି ବୋଲି ଲାକ୍ରା କହିଥିଲେ। ସେହିପରି ଘଟଣାର ତଦନ୍ତ କରୁଥିବା ଅଧିକାରୀ ଅରୁଣ ବରିହା କହିଛନ୍ତି, ବେସିବ୍ୟାସ ଅଞ୍ଚଳର ଜଣେ ଠିକାଦାର ଉକ୍ତ ବିହାରୀ ଶ୍ରମିକମାନଙ୍କୁ ବିଲ୍ଡିଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲେ। ଘଟଣାର ଯାଞ୍ଚ ଚାଲିଛି। ତେବେ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ମିଳିଛି ବୋଲି ବରିହା କହିଥିଲେ। ଅନ୍ୟପକ୍ଷେ ପାର୍କିଂସ୍ଥଳରେ କାର୍ଯ୍ୟରତ କିଛି ଶ୍ରମିକ ନିଜ ପରିଚୟ ଗୋପନ ରଖି କହିଛନ୍ତି, ଠିକାଦାର ବିହାରରୁ ପ୍ରାୟ ୧୦ଜଣ ଶ୍ରମିକଙ୍କୁ ଆଣି ଏଠାରେ କାମରେ ଲଗାଇଥିଲେ। ଗୁଆଖେଳ ବେଳେ ମୃତକଙ୍କର ପ୍ରାୟ ୫ଶହ ଟଙ୍କା ବାକି ଥିଲା। ଫଳରେ ନିଶାସକ୍ତ ଥିବା ଶ୍ରମିକମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସମ୍ଭବତଃ ସେମାନଙ୍କ ମଧ୍ୟରେ ମାଡ଼ପିଟ୍ ହେବାରୁ ଶ୍ରମିକ ଆହତ ହେବାରୁ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ କୌଣସି ସୂଚନା ବାହାରକୁ ଆସି ପାରି ନ ଥିଲା ବୋଲି ଉକ୍ତ ଶ୍ରମିକମାନେ କହିଥିଲେ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଗୋପାଳ ଚନ୍ଦ୍ର ମଙ୍ଗରାଜଙ୍କୁ ପଚରାଯିବାରୁ ସେ କହିଲେ, ସେ ଏ ସମ୍ପର୍କରେ ଅବଗତ ନାହାନ୍ତି। ତେବେ ଉକ୍ତ ପ୍ରବାସୀ ଶ୍ରମିକଙ୍କ ସମ୍ପର୍କରେ ଠିକାସଂସ୍ଥା ତଥା ନିୟୋଜନକର୍ତ୍ତାଙ୍କୁ ପଚରାଯିବ। ପୋଲିସ ଏବଂ ଏନ୍‌ଫୋର୍ସମେଣ୍ଟ ବିଭାଗ ପ୍ରଦତ୍ତ ରିପୋର୍ଟ ଆଧାରରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ବନ୍ଦୋବସ୍ତ କରାଯିବ ବୋଲି ମଙ୍ଗରାଜ କହିଥିଲେ।

## ଆର୍‌ଏସ୍‌ପିର ୧୦ କର୍ମଚାରୀଙ୍କୁ ସାବାସ ପୁରସ୍କାର



ଅତିଥିମାନଙ୍କ ଗହଣରେ ପୁରସ୍କୃତ କର୍ମଚାରୀ।

**ରାଉରକେଲା,୨୩।୧୦(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜଙ୍କ କାର୍ଯ୍ୟାଳୟରେ ସାବାସ ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସେବା ବିଭାଗର ସିଜିଏମ ଇନଚାର୍ଜ ଆଶିଷ ଚନ୍ଦ୍ର ସରକାର ଅଧ୍ୟକ୍ଷତା କରିବା ସହିତ ପୁରସ୍କାର ଏବଂ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଆର୍‌ସିଏଲ ବିଭାଗର ଜିଏମ ଇନ୍‌ଚାର୍ଜ ଆର.ଏସ୍. ଶର୍ମା, ଜିଏମ ଆର. କିରଣ, ସିଇ(ଏସ୍) ବିଭାଗର ଜିଏମ ଇନଚାର୍ଜ ପବନ ଗୁପ୍ତା, ଡିଜିଏମ ନବୀନ ଦୁବେଙ୍କ ସମେତ ଉଭୟ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟ ୧୦ଜଣ କର୍ମଚାରୀଙ୍କୁ ସେମାନଙ୍କ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ଅବଦାନ, ନିଷ୍ଠା ଏବଂ ଆନ୍ତରିକତା ପାଇଁ ସମ୍ମାନୀତ କରାଯାଇଥିଲା। ସେମାନେ ହେଲେ ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଦୀପକ କୁମାର ନାୟକ, କ୍ଷୀରୋଦ ଚନ୍ଦ୍ର ବେହେରା ଓ ସୁନୀଲ କୁମାର ଷେଣ୍ଡ, ଗବେଷଣା ଏବଂ ନିୟନ୍ତ୍ରଣ ପ୍ରୟୋଗଶାଳା(ଆର୍‌ସିଏଲ) ପକ୍ଷରୁ ଏଚ୍.ଏସ ପ୍ରଧାନ ଓ ପ୍ରଶାନ୍ତ କୁମାର ପ୍ରଧାନ, ଆଦେଶ ସାମନ୍ତରାୟ, ମାର୍ଣ୍ଣ ଭୁକ୍ତ, ବିଶ୍ୱପ୍ରିୟ ପଟ୍ଟନାୟକ, ତ୍ରିଲୋଚନ ସାମଲ ଏବଂ ରଶ୍ମିତା ବାର୍ଲା। ସାଙ୍ଗଠନିକ ଲକ୍ଷ୍ୟ ପ୍ରତି କର୍ମଚାରୀମାନଙ୍କର ପ୍ରତିବଦ୍ଧତା ପାଇଁ ପୁରସ୍କାର ବିଜେତାଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଉଦାହରଣୀୟ କାର୍ଯ୍ୟ ଏବଂ ଏଭଳି ପ୍ରୟାସ ଜାରି ରଖିବା ସହ ସହକର୍ମୀଙ୍କ ସହିତ ଅଭିନବ ଚିନ୍ତାଧାରା ବାଣ୍ଟିବାକୁ ସରକାର ଉତ୍ସାହିତ କରିଥିଲେ। ସେବା(ଟେକ୍) ବିଭାଗର ଜିଏମ ପି. ପ୍ରସାଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏନ୍‌ଆଇଟିରେ ପ୍ରୟୋଗାତ୍ମକ ରସାୟନ ବିଜ୍ଞାନ କର୍ମଶାଳା

**ରାଉରକେଲା, ୨୩।୧୦(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ରସାୟନ ବିଜ୍ଞାନ ବିଭାଗରେ ନିଧିକୃତ ପ୍ରକଳ୍ପ ଗୁଡ଼ିକର ବୈଜ୍ଞାନିକ ସାମାଜିକ ଦାୟିତ୍ୱ (ଏସ୍‌ଏସ୍‌ଆର୍) ପକ୍ଷରୁ ଦ୍ୱିଦିବସୀୟ ଅଭ୍ୟାସ ପାଇଁ ମୌଳିକ ତତ୍ତ୍ୱଗୁଡ଼ିକୁ ବ୍ରିଜିଂ: ଜୈବ ରସାୟନ ବିଜ୍ଞାନ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ନିରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ଜଣ ଶିକ୍ଷକ ଏବଂ ଗବେଷକ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ପଣ୍ଡା ସ୍ୱାଗତ ଭାଷଣ ଦେଇ ବୈଜ୍ଞାନିକ ବିଶେଷଜ୍ଞତାକୁ ଉପଯୋଗ କରିବାରେ ଏଏନ୍‌ଆର୍‌ଏଫ୍-ଏସ୍‌ଏସ୍‌ଆର୍ ନୀତିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ୟୁଭି-ଭିଆଇଏସ୍, ଏଫ୍‌ଟିଆଇଆର୍, ଏନ୍‌ଏମ୍‌ଆର୍, ଏଚ୍‌ଆର୍‌ଏମ୍‌ଏସ୍, ସିଙ୍ଗଲ କ୍ରିଷ୍ଟାଲ ଏକ୍ସଆର୍‌ଡ଼ି ଏବଂ ଫ୍ଲୋରିମିଟର ସମେତ



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ଉନ୍ନତ ବିଶ୍ଳେଷଣାତ୍ମକ ଉପକରଣ ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାକୁ ମୁମ୍ବାଇ ଆଇଆଇଟି ରସାୟନ ବିଭାଗ ପ୍ରଫେସର ରାଘବନ୍ ବି. ସୁନୋଜ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଘବନ୍ ସମ୍ଭାବନାକୁ ଗବେଷଣା ଓ ନବସୃଜନ ଦିଗରେ ପ୍ରଭାବଶାଳୀ ଭାବେ ଚିହ୍ନଟ ଏବଂ ପରିଚାଳନା କରିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗଦେଇ କହିଲେ, ମୌଳିକ ବିଜ୍ଞାନକୁ ବାସ୍ତବ ବିଶ୍ୱ ପ୍ରୟୋଗ ସହିତ ସଂଯୋଗ କରୁଥିବା ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ରସାୟନ ବିଭାଗର ପଦକ୍ଷେପ ପ୍ରଶଂସନୀୟ। ଯାହା ରାସାୟନିକ ଶିକ୍ଷା ଓ ଗବେଷଣାର ମୂଳଦୁଆକୁ ମଜଭୁତ କରିଥାଏ ବୋଲି ରାଓ କହିଥିଲେ। ସେହିପରି ରସାୟନ ବିଭାଗର ମୁଖ୍ୟ ପ୍ରଫେସର ଗରୁଡ଼ଧ୍ୱଜ ହୋତା ଅଂଶଗ୍ରହଣକାରୀମାନଙ୍କୁ ବିଭାଗରେ ଥିବା ସୁବିଧା ଓ ଉପଲବ୍ଧତା ସହିତ ପରିଚୟ କରାଇଥିଲେ। ଜୈବିକ, ଅଜୈବିକ, ଭୌତିକ, ରସାୟନ ବିଜ୍ଞାନର ମୂଳକ୍ଷେତ୍ରଗୁଡ଼ିକ ଉପରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପାରସ୍ପରିକ ଆଲୋଚନା ଅଧିବେଶନ ଏବଂ ଅଂଶଗ୍ରହଣକାରୀଙ୍କ ମତାମତ ସହିତ କର୍ମଶାଳା ଶେଷ ହୋଇଥିଲା।

## ସୀମାନ୍ତରୁ ୪୪୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା,୨୩।୧୦(ସଙ୍ଗୀତା ଜେନା)**

ଆସନ୍ତା ନଭେମ୍ବର ମାସରେ ବିହାରରେ ନିର୍ବାଚନ ହେବାକୁ ଯାଉଛି। ଏହାକୁ ପ୍ରଭାବିତ କରିବା ପାଇଁ ଓଡ଼ିଶାରୁ ପ୍ରତିବନ୍ଧିତ ଗଞ୍ଜେଇ ଚାଲାଣ କରାଯାଉଥିବା ସୂଚନା ମିଳିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଗୁରୁବାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ବିହାର-ଝାଡ଼ଖଣ୍ଡ ଜୋନାଲ ନିର୍ଦ୍ଦେଶକ ତଥା ସିମଡେଗା ଏସ୍‌ପି ଏମ୍. ଆର୍ଶି ମିଳିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିଛନ୍ତି। ଏସ୍‌ପି ଆର୍ଶିଙ୍କ ସୂଚନା ଅନୁଯାୟୀ, ଓଡ଼ିଶାରୁ ଯାଉଥିବା ହରିଆଣା ପଞ୍ଜୀକୃତ ଏକ ଟ୍ରକ୍‌କୁ ଗୁରୁବାର ଝାଡଖଣ୍ଡ କୋଲାବିରା ପୋଲିସ ସୀମାନ୍ତ ଅନ୍ତର୍ଗତ ଏନ୍‌ଏଚ୍-୧୪୩ର ଛଗରବନ୍ଧା ନିକଟରେ ଅଟକାଇଥିଲା। ଯାଞ୍ଚ ବେଳେ ଗାଡ଼ିର ଏକ ଗୁପ୍ତ କ୍ୟାବିନ୍‌ରୁ ୪୪୧ କେଜି ଓଜନର ପ୍ରାୟ ୮୫ଟି ପ୍ୟାକେଟ ଗଞ୍ଜେଇ ଜବତ କରାଯାଇଥିଲା। ଯାହାର ଆନୁମାନିକ ବଜାର ଦର ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ତେବେ ଓଡ଼ିଶାରୁ ଏହା ବିହାର ଅଭିମୁଖେ ଯାଉଥିଲା ବୋଲି ସିମଡେଗା ଏସ୍‌ପି କହିଥିଲେ।

## ଯୋଗ ବେଦାନ୍ତ ସମିତିର ଦୀପ ଦାନ କାର୍ଯ୍ୟକ୍ରମ

**ରାଉରକେଲା,୨୩।୧୦(ଦିନେଶ ମିଶ୍ର)**

ସମରଖୋଲା ଅଞ୍ଚଳରେ ଯୋଗ ବେଦାନ୍ତ ସମିତି ପକ୍ଷରୁ ଦୀପଦାନ ଓ ଗୀତା ଭାଗବତ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମରଖୋଲା ଗ୍ରାମର ୨ଶହୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ଭାଗବତ ସତ୍‌ସଙ୍ଗ ଶ୍ରବଣ କରିଥିଲେ। ସମିତିର ଉପଦେଷ୍ଟା ରାମେଶ୍ୱର ଦାଶ, ସଭାପତି ବିଶ୍ୱଜିତ ସରକାର, ସମୀର ପଟ୍ଟନାୟକ ମାଟିଦୀପ ବ୍ୟବହାର ଓ ଜୀବନରେ ଗୀତାର ପ୍ରଭାବ ଉପରେ ଆଲୋଚନା କରିଥିଲେ। ବନାରସୀ ପ୍ରସାଦ, ପୁରୁଷୋତ୍ତମ ସାହୁ, ସଞ୍ଜୟ ନାଥ, ସରସ୍ୱତୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିରେ ଅଗ୍ନି ନିରାପତ୍ତା ସୁରକ୍ଷା ଅଭ୍ୟାସ



ଅଗ୍ନିଶମ ବାହିନୀ ଅଗ୍ନି ନିରାପତ୍ତା ସୁରକ୍ଷା ଅଭ୍ୟାସ କରୁଛନ୍ତି।

**ରାଉରକେଲା,୨୩।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସପି)ର ରୋଲ୍ ଶପ୍-୧ ବିଭାଗରେ ଗୁରୁବାର ଅଗ୍ନି ନିରାପତ୍ତା ଉପରେ ଏକ ସୁରକ୍ଷା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଭ୍ୟାସ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ସୁଶ୍ରୀ ଆଶା ଏସ୍ କାର୍ଥା ଏବଂ ରୋଲ୍ ଶପ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ସମୀର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଅଗ୍ନିଶମ

**ରୋଲ୍ ଶପ୍-୧ ବିଭାଗ**

ସେବା ଦଳ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ତଥା ରୋଲ ଶପ୍ ସାମୁଦାୟିକ ଏହି ସୁରକ୍ଷା ଅଭ୍ୟାସ ପାଇଁ ସହଯୋଗ କରିଥିଲେ। ଏହି ସୁରକ୍ଷା ଅଭ୍ୟାସ ଆର୍‌ଏସ୍‌ପିରେ ଚାଲୁଥିବା ବୈଧାନିକ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରୋଟୋକଲର ଏକ ଅଂଶ ଥିଲା ଯାହାର ଲକ୍ଷ୍ୟ ଅନ୍‌ସାଇଟ୍ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ଦକ୍ଷତା ଏବଂ ପ୍ରସ୍ତୁତି ପରୀକ୍ଷା ପାଇଁ ରହିଛି। ସୁରକ୍ଷା ଅଭ୍ୟାସର ଦୃଶ୍ୟପଟ୍ଟ ରୋଲ୍ ଶପ୍-୧ ବିଭାଗର ଆଣ୍ଟି-ଫ୍ରିକ୍ସନ୍ ବିୟରିଂ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣାର ଏକ ଦୃଶ୍ୟ ପ୍ରସ୍ତୁତି କରାଯାଇଥିଲା। ଏହି ଘଟଣା ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟସେବା କେନ୍ଦ୍ର (ଓଏଚ୍‌ଏସ୍‌ସି), ଶକ୍ତି ପରିଚାଳନା ବିଭାଗ (ଇଏମ୍‌ଡ଼ି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସ୍‌ଏଫ୍ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା। ଏହି ଅଭ୍ୟାସରେ ଉଦ୍ଧାର, ଆନୁଷଙ୍ଗିକ ଓ ସାମରିକ ଭଳି ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ଉତ୍ସର୍ଗୀକୃତ ଦଳ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଲ୍ ଶପ୍ ବିଭାଗର ଡ଼ିଜିଏମ ଏବଂ ଡ଼ିଏସଓ ଏ. କେ. ମହାପାତ୍ର, ଅଗ୍ନିଶମ ସେବା ବିଭାଗର ଡ଼ିଜିଏମ ଏମ୍. ଆଇ ସୋଙ୍କୁସାରେ, ରୋଲ୍ ଶପ୍ ବିଭାଗର ଏଜିଏମ୍ ଏସ୍. କେ. ମିଶ୍ର, ଡେପୁଟି ମ୍ୟାନେଜର ଏବଂ ଏରିଆ ଇନଚାର୍ଜ ଜୟନ୍ତ କୁମାର ରାଉତରାୟ ଏବଂ ଏସ୍‌ଇଡ଼ି ବିଭାଗର ଡେପୁଟି ମ୍ୟାନେଜର ଏନ୍. ସେଠୀ ମିଳିତ ଭାବେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଳ୍ପ ଜରୁରୀକାଳୀନ ପରିସ୍ଥିତିର ମୁକାବିଲାରେ ଉଚ୍ଚ ସତର୍କତା ଏବଂ ଦ୍ରୁତ ପ୍ରତିକ୍ରିୟାଶୀଳତାକୁ ସୁନିଶ୍ଚିତ କରିବା ପାଇଁ ଆର୍‌ଏସ୍‌ପିର ରଣନୈତିକ କାର୍ଯ୍ୟକ୍ଷମ ୟୁନିଟ୍‌ଗୁଡ଼ିକରେ ଏପରି ସୁରକ୍ଷା ଅଭ୍ୟାସ ନିୟମିତ କରାଯାଉଛି।

# ଫାଇନାଲରେ ଆର୍‌ଏସ୍ କ୍ଲବ୍ ଟିମଜୋର



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

**ରାଉରକେଲା,୨୩।୧୦(ଦିନେଶ ମିଶ୍ର)**

ରାଉରକେଲା କିଲିଙ୍ଗା ଖେଳ ପଡିଆରେ ନେହେରୁ କ୍ଲବ ପକ୍ଷରୁ ଚାଲିଥିବା ୨୮ତମ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଟିପି କିଲିଙ୍ଗା ଓ ବାଖଲା ବ୍ରଦର୍ସ ମଧ୍ୟରେ ହୋଇଥିଲା। ଏଥିରେ ବାଖଲା ବ୍ରଦର୍ସ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ୩-୦ ଗୋଲରେ ଟିପି କିଲିଙ୍ଗା ଦଳକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍ ପ୍ରଫୁଲ ବ୍ରଦର୍ସ ଓ ମଣ୍ଟୁ ଏଣ୍ଡ ମଣ୍ଟୁ ଫୁଟବଲ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପ୍ରଫୁଲ ବ୍ରଦର୍ସ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚ୍ ଗୌରୀ ବ୍ରଦର୍ସ ଓ ଆର୍‌ଏସ୍ କ୍ଲବ ଟିମଜୋର ମଧ୍ୟରେ ହୋଇଥିଲା। ଏଥିରେ ଆର୍‌ଏସ୍ ଟିମ୍‌ଜୋର ଦଳ ୨-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ସେହିଭଳି ୪ର୍ଥ ମ୍ୟାଚ୍ ଷ୍ଟିଲସିଟି ରାଉରକେଲା ଓ ରୋହିତ ଏଣ୍ଡ ରୋହିତ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଷ୍ଟିଲସିଟି ରାଉରକେଲା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ବାଖଲା ବ୍ରଦର୍ସ ଓ ପ୍ରଫୁଲ ବ୍ରଦର୍ସ ମଧ୍ୟରେ ହୋଇଥିବାବେଳେ ପ୍ରଫୁଲ ବ୍ରଦର୍ସ ପେନାଲ୍‌ଟି ସୁଟ୍‌ରେ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଆର୍‌ଏସ୍ କ୍ଲବ ଟିମ୍‌ଜୋର ଓ ଷ୍ଟିଲସିଟି ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଖେଳର ନିର୍ଦ୍ଧାରିତ

**ନକ୍‌ଆଉଟ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ କରି ପାରି ନ ଥିଲେ। ଶେଷରେ ପେନାଲ୍‌ଟି ସୁଟ୍‌ରେ ଆର୍‌ଏସ୍ କ୍ଲବ ଟିମଜୋର ୩-୦ ଗୋଲରେ ଷ୍ଟିଲସିଟି ରାଉରକେଲାକୁ ପରାସ୍ତ କରିଥିଲା। ଶେଷରେ ପ୍ରଫୁଲ ବ୍ରଦର୍ସ ଓ ଆର୍‌ଏସ୍ କ୍ଲବ ଟିମ୍‌ଜୋର ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ଆର୍‌ଏସ୍ କ୍ଲବ ଟିମ୍‌ଜୋର ୨-୦ ଗୋଲରେ ପ୍ରଫୁଲ ବ୍ରଦର୍ସକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ରେଫରି ରୋଶନ ଖାନ, ମନୋଜ ପାଣ୍ଡେ, ରାଜେଶ ତିର୍କୀ, ସନିକା ତିର୍କୀ, ରାଜା ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ସାଗଜୋର ସରପଞ୍ଚ ଶୁକ୍ରା କୁଜୁର ମୁଖ୍ୟ ଅତିଥି, ଭୁବନ କୁଜୁର, ରାଜେଶ ପ୍ରସାଦ, ଅର୍ଜୁନ ଦାସ, ବାଳକୃଷ୍ଣ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନେହେରୁ କ୍ଲବ ସଭାପତି ଶୁକ୍ରୁ କିଷାନ, ପୁରୁଷୋତ୍ତମ ତନ୍ତୀ, ମନୋଜ କିଷାନ, ଅଶୋକ କିଷାନ, ଭୁବନ କୁଜୁର, ସୁଶାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।


**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 7392 / P.S.C., Dt. 22.10.2025**
**(1R-07-24/25) (DR-V)**

**Assistant Professor (Stage-I) in English**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **212 (Two Hundred Twelve)** candidates having **PPSAN** mentioned below for the post of **Assistant Professor (Stage-I) in "English"**, pursuant to Advertisement No.27 of 2023/24 shall be held from **27.10.2025 to 04.11.2025 except 02.11.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 27.10.2025 | 10.30 AM | P240302783, P240289519, P230133924, P240304479, P240311908, P240302678, P230140397, P240307966, P240297923, P240297023, P240304249, P240265160, P240306448, P240299724 & P240248399 **= 15 Candidates** |
| | 2.30 PM | P240243752, P240308821, P240297882, P240298133, P240303068, P240300627, P240298481, P240297225, P240309792, P240301238, P240304881 & P240309179 **= 12 Candidates** |
| 28.10.2025 | 10.30 AM | P240309491, P240301198, P240304067, P240303069, P240313962, P240305045, P240247038, P240303059, P240302247, P240306525, P240300908, P230120728, P240304029, P240306544 & P240298065 **= 15 Candidates** |
| | 2.30 PM | P240306227, P240311020, P240307342, P240303144, P240306709, P230130301, P240299155, P240253048, P240302180, P240296317, P240303905 & P240300341 **= 12 Candidates** |
| 29.10.2025 | 10.30 AM | P240311702, P240308951, P240304790, P240299088, P220003302, P240310067, P240311878, P240308170, P240302660, P240307884, P240297217, P240307883, P240305613, P240311744 & P240296949 **= 15 Candidates** |
| | 2.30 PM | P240304649, P230195787, P230142913, P240306312, P240304526, P240279150, P240297158, P240300848, P240308256, P240306144, P240285665 & P240302539 **= 12 Candidates** |
| 30.10.2025 | 10.30 AM | P240307407, P240307465, P240302751, P240309555, P240309666, P230132015, P240297145, P240304880, P240303288, P230128589, P230120958, P240302816, P240302207, P240257134 & P240301612 **= 15 Candidates** |
| | 2.30 PM | P240302309, P240309674, P240299145, P240295672, P230207431, P240303132, P240299296, P240306752, P240308914, P240312788, P240303419 & P240311105 **= 12 Candidates** |
| 31.10.2025 | 10.30 AM | P240305338, P240307777, P240307845, P240304675, P240312867, P240308986, P230106771, P240296830, P240307245, P240301897, P240304219, P240302333, P230154690, P240284435 & P240273137 **= 15 Candidates** |
| | 2.30 PM | P230220043, P240251568, P240295401, P240309829, P230139888, P240305652, P220048460, P220047746, P230134856, P240308133, P240309840 & P240305425 **= 12 Candidates** |
| 01.11.2025 | 10.30 AM | P240308598, P240296609, P240304662, P220085463, P240304837, P240306975, P230148615, P240296797, P230148764, P240273795, P240300492, P230103095, P220078526, P240307764 & P230156031 **= 15 Candidates** |
| | 2.30 PM | P240273264, P230146200, P240302332, P240288668, P240296790, P240301079, P220059583, P220082165, P240297492, P240259999, P230126109 & P240286931 **= 12 Candidates** |
| 03.11.2025 | 10.30 AM | P240297075, P230141230, P240305607, P230145725, P240305795, P230156382, P240296343, P230123769, P240312099, P240263606, P240302081, P240296235, P240310657, P240269042 & P240306314 **= 15 Candidates** |
| | 2.30 PM | P240261464, P240311891, P240245624, P240308958, P240297521, P240297224, P230107513, P240305892, P240287465, P220053648, P240279057 & P240253435 **= 12 Candidates** |
| 04.11.2025 | 10.30 AM | P240307316, P240297110, P240311722, P240311942, P240312444, P240304901, P240306481, P240301679, P240236273, P240271872, P230105843, P220086244, P240297740, P230108604 & P240296900 **= 15 Candidates** |
| | 2.30 PM | P230105947, P240304077, P230121693, P230155545, P240263634, P220055796, P230113509 & P240274696 **= 08 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0330/2526** **Sd./- Assistant Controller of Examination**

# ସୋସିଆଲ ମିଡିଆ ବ୍ୟବହାରବେଳେ ସତର୍କ ରୁହନ୍ତୁ ଛାତ୍ରୀଛାତ୍ର

ଝାରସୁଗୁଡ଼ା, ୨୩।୧୦
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମଠାରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଝାରସୁଗୁଡ଼ା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫

**ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା କାର୍ଯ୍ୟକ୍ରମ**



କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ଅତିଥି।

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ କହିଛନ୍ତି, ସାଇବର ଠକ ଏବେ ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଟାର୍ଗେଟ୍ କରି ଠକେଇ କରୁଛନ୍ତି। ତେଣୁ ଛାତ୍ରୀଛାତ୍ର ସୋସିଆଲ ମିଡିଆ ବ୍ୟବହାର କରୁଥିବାବେଳେ ସତର୍କତା ଅବଲମ୍ବନ କରନ୍ତୁ ଏବଂ ସାଇବର କ୍ରାଇମ୍‌ର ଠକେଇ ହେଲେ ତୁରନ୍ତ ୧୯୩୦ ନମ୍ବରକୁ କଲ୍ କରିବା ପାଇଁ ଜିଲାପାଳ କହିଛନ୍ତି। ସେହିପରି ଏସ୍‌ପି ରାଘବେନ୍ଦ୍ର କହିଛନ୍ତି, ଇଣ୍ଟରନେଟ୍ ବ୍ୟବହାର କରିବାବେଳେ କଡ଼ା ପାସ୍‌ୱାର୍ଡ ବ୍ୟବହାର କରନ୍ତୁ ଏବଂ ଏହା କାହାକୁ ଶେୟାର କରନ୍ତୁ ନାହିଁ। ମୋବାଇଲରେ ନିଜର କିମ୍ବା ସମ୍ପର୍କୀୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡ଼ିଓ ସେୟାର କରନ୍ତୁ ନାହିଁ। କୌଣସି ସାଇବର ଧମକ ଆସିଲେ ପୋଲିସରେ ରିପୋର୍ଟ କରନ୍ତୁ। ଗେମିଙ୍ଗ ଆପ୍ଲିକେଶନ ଓ ଅଜଣା ୟୁପିଆଇ ଲିଙ୍କ୍‌ଠାରୁ ଦୂରେଇ ରୁହନ୍ତୁ ବୋଲି ଏସ୍‌ପି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଓଏସ୍‌ଏପି କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସ୍ମିତା ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସାମଦ, ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଏସ୍‌ଡିପିଓ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଝାରସୁଗୁଡ଼ା ଟାଉନ ଥାନା ଆଇଆଇସି ରଞ୍ଜନ ବରିହା, ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁଙ୍କ ସମେତ ବହୁ ପୋଲିସ ଅଧିକାରୀ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼, ୨୩।୧୦
(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅଧୀନ ଡଁରା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସବିତା ଜେନା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କ୍ଷୀରୋଦ ବିହାରୀ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ସାହୁ, ବିଜୟନଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାମଲ ଓ ମୁଖ୍ୟବକ୍ତା ଭାବେ ଡଁରା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବ ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ରମାକାନ୍ତ ପ୍ରଧାନ ଓ କୁମୁଦବନ୍ଧୁ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୫୩୫ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ନୃତ୍ୟ, ପି.ଏମ୍. ପୋଷଣ ଚିତ୍ରକଳା, ପି୍‌ଏମ୍ ପୋଷଣ ଶିଳ୍ପକଳା ପ୍ରତିଯୋଗିତା କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ। ଅତିଥିମାନେ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଶତାୟୁ ମହିଳାଙ୍କ ମୃତଦେହ ସତ୍କାରକଲେ ଯୁବନେତା

ଝାରସୁଗୁଡ଼ା, ୨୩।୧୦
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ଶ୍ରୀପୁରା ଗ୍ରାମର ଶତାୟୁ ମହିଳା ମୁଗ ଭୋଇଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଝାରସୁଗୁଡ଼ାର ଭାଜପା ଯୁବନେତା ସୁଧାଂଶୁ ଦୋରା ଶତାୟୁ ମହିଳାଙ୍କ ମୃତଦେହ ବୋହି ଅନ୍ତିମ ସତ୍କାର କରିଛନ୍ତି। ଗତ ୨୧ ତାରିଖରେ ସୁଧାଂଶୁଙ୍କ ସମେତ ବହୁ ଯୁବନେତା ଶ୍ରୀପୁରା ଗ୍ରାମକୁ ଯାଇ ମୁଗ ଭୋଇଙ୍କୁ ଶୀତ ବସ୍ତ୍ର, ମିଷ୍ଟାନ୍ନ ପ୍ରଦାନ କରିଥିଲେ। କିନ୍ତୁ ଗୁରୁବାର ଭୋର ସମୟରେ ମୁଗଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଯୁବନେତା ସୁଧାଂଶୁ, ଅନିଲ ସାହୁଙ୍କ ସମେତ ଭାଜପା ସଦସ୍ୟମାନେ ମୁଗଙ୍କ ମୃତଦେହ ବୋହି ନେଇ ତାଙ୍କ ଜମିରେ ପୋତି ଅନ୍ତିମ ସତ୍କାର କରିଥିଲେ। ସୂଚନାଯୋଗ୍ୟ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶତାୟୁ ମହିଳା ମୁଗଙ୍କୁ ମା' ବୋଲି ମାନୁଥିବାରୁ ଗତ ୧ ବର୍ଷ ହେବ ସୁଧାଂଶୁ ଏବଂ ଟିମ୍ ମହିଳାଙ୍କ ସେବା କରିଆସୁଥିଲେ।

# ରାଜ୍ୟସ୍ତରୀୟ କବାଡ଼ି ପାଇଁ ବିପିଏମ୍ ହାଇସ୍କୁଲର ୨ ଛାତ୍ରୀ ମନୋନୀତ

ଲଖନପୁର, ୨୩।୧୦
(ଗୌତମ ସାହୁ)


ରାଜ୍ୟସ୍ତରୀୟ କବାଡ଼ି ପାଇଁ ମନୋନୀତ ୨ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଭଇଁରଖୋଲସ୍ଥିତ ବିପିଏମ୍ ହାଇସ୍କୁଲର ୨ ଜଣ ଛାତ୍ରୀ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଦଶମ ଶ୍ରେଣୀ ଛାତ୍ରୀ ମନୀଷା ମୁଣ୍ଡା ଏବଂ ଅନିମା ମୁଣ୍ଡା ଜିଲାସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରଦର୍ଶନ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ସେମାନେ ଏହି ସଫଳତା ଆଣି ଭଇଁରଖୋଲ ଅଞ୍ଚଳକୁ ଗର୍ବିତ କରିଛନ୍ତି। ଏଥିପାଇଁ ଗୁରୁବାର ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ ଛାତ୍ରୀ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଡିଗୀ, ଖେଳ ଶିକ୍ଷୟିତ୍ରୀ ସୁମିତା ସେଟ, ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ଦିବ୍ୟରଞ୍ଜନ ବାରିକ, ସିସିମା ବିଶ୍ୱାଳ, ରିତୁ ବିଶ୍ୱାଳ, ସରୋଜ ପ୍ରଧାନ, ହେମକାନ୍ତି ବାରିକ, ପର୍ଶୁରାମ ସା, ବୁଇ ସା, ଦ୍ରୌପଦୀ ଖିଲେଇ ପ୍ରମୁଖ ଉଭୟ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସରପଞ୍ଚଙ୍କୁ ହତ୍ୟା ଧମକ, ଥାନାରେ ଅଭିଯୋଗ

ଝାରସୁଗୁଡ଼ା, ୨୩।୧୦
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ କଟାପାଲି ପଞ୍ଚାୟତର ସରପଞ୍ଚ ଦେବାର୍ଚ୍ଚନ ସେଠଙ୍କୁ ହତ୍ୟା ଧମକ ଦିଆଯାଇଥିବା ଗୁରୁବାର ସଦର ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଗ୍ରାମର ଜଣେ ଯୁବକ ଫୋନ୍‌ରେ ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଦେବାର୍ଚ୍ଚନ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

# ମାମୁ, ଭଣଜାଙ୍କୁ ବାନ୍ଧି ଟଙ୍କା, ଅଳଙ୍କାର ଲୁଟ

ଲଇକେରା, ୨୩।୧୦
(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ କୁଅଁରମାଲ ଗ୍ରାମର ମଳୟ ନାଏକଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଡକାୟତି ହୋଇଛି। ଏନେଇ ଗୁରୁବାର ଅଭିଯୋଗ ହେବା ପରେ ଲଇକେରା ଥାନାଧିକାରୀ ଦିଲୀପ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଥିସହ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ରାତିରେ ମଳୟ ଘରେ ନ ଥିବାବେଳେ ତାଙ୍କ ପୁଅ ମାନସ କୁମାର ନାଏକ ଏବଂ ଶାଳକ ବିଜୁ ପଟେଲ ଉପସ୍ଥିତ ଥିଲେ। ରାତି ପ୍ରାୟ ୧ଟା ୩୦ରେ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ମଳୟଙ୍କ ଘରେ ପଶି ମାନସ ଓ ବିଜୁଙ୍କୁ ଭୁଜାଲି, ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ଉଭୟ ମାମୁ, ଭଣଜାଙ୍କୁ ବାନ୍ଧି ଏକ କୋଠରିରେ ବନ୍ଦ କରିବା ସହ ଅନ୍ୟ ଘରେ ଥିବା ଆଲମିରା, ଲକ୍କର ଭାଙ୍ଗି ଟଙ୍କା, ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ କରିଥିଲେ। ଏଥିସହ କୋଠରିରେ ଥିବା ଆଲମିରା, ପଲଙ୍କ ଓ ବାକ୍ସ ଭାଙ୍ଗି ଦେଇ ଫେରାର ହୋଇଯାଇଛନ୍ତି। ଉଭୟ ମାମୁ ଭଣଜା ବନ୍ଦ କୋଠରିର କବାଟ ଖୋଲି ବାହାରକୁ ଆସିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୫୨/୨୫) ରୁଜୁ ହୋଇଛି।

## କାୟସ୍ଥ କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା

ଝାରସୁଗୁଡ଼ା, ୨୩।୧୦
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରପରିଷଦସ୍ଥିତ କାଳୀମନ୍ଦିର ପରିସରରେ ଗୁରୁବାର କାୟସ୍ଥ କରଣ ସମାଜ ପକ୍ଷରୁ ଭଗବାନ ଚିତ୍ରଗୁପ୍ତଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିସହ କାୟସ୍ଥ କରଣ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡ. ଦିଲୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାୟସ୍ଥ କରଣ ସମାଜର ବିଭିନ୍ନ ଦିଗ ଓ ସମସ୍ୟା ସମାଧାନ ଉପରେ ଆଲୋଚନା ହୋଇଥିଲା। ଏଥିରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପ୍ରଶାନ୍ତ ମହାନ୍ତି, ପ୍ୟାରେଲାଲ ଶ୍ରୀବାସ୍ତବ, ନେତାଜୀ ପଟ୍ଟନାୟକ, ତାପସ ରାୟ ଚୌଧରୀ ଉପସ୍ଥିତ ଥିଲେ। କିଶୋର ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଦେବଗଡ଼, ୨୩।୧୦
(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ପାଳିତ ହେଉଥିବା ୭୧ ତମ ବନ୍ୟପ୍ରାଣୀ ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦେବଗଡ଼ ବନ ବିଭାଗ ବ୍ୟାରାକ ସମ୍ମିଳନୀ କକ୍ଷରେ ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମୀ ଜୀଙ୍କ ଅଧ୍ୟକ୍ଷତା ଓ ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀଙ୍କ ସଂଯୋଜନାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ଯୋଗଦେଇଥିଲେ। ଏହି ସପ୍ତାହ ପାଳନ ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଗଜସାଥୀ ଓ ବନ ସୁରକ୍ଷା ସମିତିଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମାଜିକ କର୍ମୀ ଅର୍ଣ୍ଣବ ପଣ୍ଡାଙ୍କୁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା।

# ବେଲପାହାଡ଼ରେ ଚିତ୍ରଗୁପ୍ତ ପୂଜା ଉତ୍ସବ

ବେଲପାହାଡ଼, ୨୩।୧୦
(ସୁବାସ ପ୍ରଧାନ)

ବେଲପାହାଡ଼ କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ଦେବଙ୍କ ପୂଜା ଉତ୍ସବ ଗୁରୁବାର ସ୍ଥାନୀୟ ଆର୍ଟ ଅଫ୍ ଲିଭିଂ ହଲ୍‌ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପାହାଡ଼, ଗୁମାଡେରା, ବ୍ରଜରାଜନଗର, ହେମଗିର ସମେତ ଝାରସୁଗୁଡ଼ା ଜିଲାର ଶତାଧିକ କରଣ ସମାଜର ପରିବାର ସାମିଲ ହୋଇଥିଲେ। ପୂର୍ବତନ ବିଧାୟିକା ଅଳକା ମହାନ୍ତି ଉତ୍ସବରେ ଯୋଗଦେଇ ଚିତ୍ରଗୁପ୍ତ ଦେବଙ୍କ ଦର୍ଶନ କରିଥିଲେ। ବେଲପାହାଡ଼ କରଣ ସମାଜର ସଂଯୋଜକ ଶୈଳେଶ ବହିଦାର, କାର୍ଯ୍ୟକାରୀ ସଭାପତି ଅନୀଲ ମହାନ୍ତି, ସମ୍ପାଦକ ବଳରାମ ପଟ୍ଟନାୟକ, କୋଷାଧକ୍ଷ ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଆୟୋଜନରେ ସହଯୋଗ କରିଥିଲେ।

## ସାମାଜିକ ଗଣମାଧ୍ୟମରେ ପିସିସି ସଭାପତିଙ୍କୁ ଅପମାନିତ କରିବା ଘଟଣା: ଥାନାରେ ଏତଲା

ଦେବଗଡ଼, ୨୩।୧୦
(ଶଶାଙ୍କ ଶେଖର ଝାଙ୍କର)

ସାମାଜିକ ଗଣମାଧ୍ୟମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରତି ଅଶାଳୀନ ଏବଂ କଟୁ ମନ୍ତବ୍ୟ ଦେଇ ଅପମାନିତ କରାଯାଇଛି। ଏଥିଯୋଗୁ ତାଙ୍କର ସମ୍ମାନହାନି ହେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଦେବଗଡ଼ ଥାନାରେ ଗୁରୁବାର ଏତଲା ଦିଆଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଏତଲା ପ୍ରଦାନବେଳେ ପୂର୍ବତନ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ପୂର୍ବତନ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା ଆଦିବାସୀ କଂଗ୍ରେସ ସଭାପତି ସୁଶୀଳ ଗୁଡିଆ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଶ୍ରୀତମ କୁମାର ସାହୁ ଓ ଅଲେଖ ଚନ୍ଦ୍ର ନାଏକଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଜୟ ମା' ଦୁର୍ଗା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଦେବଗଡ଼, ୨୩।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ତିଲେଇବଣି ବ୍ଲକ ବଡଛାପଲ ପଞ୍ଚାୟତ ସଦର ମହକୁମାରେ ଜୟ ମା' ଦୁର୍ଗା କ୍ଲବ ଆନୁକୂଲ୍ୟରେ ଜୟ ମା' ଦୁର୍ଗା ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଛି। କ୍ଲବ ସଭାପତି ବିରଞ୍ଚି ନାରାୟଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅକାଲୁ ଧଳ, ପ୍ରଦୀପ ବିଶ୍ୱାଳ, ଭଗବାନ ସ୍ୱାଇଁ ଯୋଗଦେଇଥିଲେ। କ୍ଲବ ସମ୍ପାଦକ କଳିଙ୍ଗ ଗୁମାନ ସିଂ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବଡଛାପଲର ଗଣେଶ କ୍ଲବ ଓ ମାଝୀ ବ୍ରଦର୍ସ ଫୁଟ୍‌ବଲ ଟିମ୍ ମଧ୍ୟରେ ହୋଇଥିଲା। ବିଜୟ କୁମାର ସାହୁ ଓ ତରଣୀସେନ ଭୋଇ ମ୍ୟାଚ୍ ପରିଚାଳନା, ଜ୍ଞାନେନ୍ଦ୍ର ପ୍ରଧାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜମି କିସମ ପରିବର୍ତ୍ତନକୁ ବିରୋଧ

ଝାରସୁଗୁଡ଼ା, ୨୩।୧୦
(ଆଶିଷ ରଞ୍ଜନ ଦାଶ)


ତହସିଲ କାର୍ଯ୍ୟାଳୟକୁ ଦାବିପତ୍ର ଦେବା ପାଇଁ ଆସିଥିବା ଗ୍ରାମବାସୀ।

ଝାରସୁଗୁଡ଼ା ଜିଲା କୋଲାବିରା ତହସିଲ ଅଧୀନ ପରମାଣପୁର ମୌଜାରେ ଥିବା ଗୋଚର ଓ ପତିତ କିସମର ପ୍ରାୟ ୫୮ ଏକର ସରକାରୀ ଜମି ହସ୍ତାନ୍ତର ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ କିସମ ପରିବର୍ତ୍ତନ ପାଇଁ ହୋଇଥିବା ନୋଟିସକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ପରମାଣପୁର, କାଳିବାହାଲ, ବୁଚାମୁଣ୍ଡା ଗ୍ରାମର ଶତାଧିକ ମହିଳା, ପୁରୁଷ ବୁଧବାର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଜମି ହସ୍ତାନ୍ତର ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ଦାବି କରିଥିଲେ। ଏଥିସହ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନା ଅନୁଯାୟୀ, ପରମାଣପୁର ମୌଜାର କାଳିବାହାଲ ନିକଟରେ ଖାତା ନଂ. ୨୬୫ରୁ ୪୬.୪୩୦ ଏକର ଗୋଚର ଜମି ଓ ଖାତା ନଂ. ୨୬୭ରୁ ୧୨ ଏକର ପତିତ କିସମ ଜମି ଇଡ୍‌କୋ, ଝାରସୁଗୁଡ଼ା ଗୋ ସୁରକ୍ଷା ସମିତି, କଲାମାଟିସ୍ଥିତ ୱେର ହାଉସ୍‌କୁ ହସ୍ତାନ୍ତର ନିମନ୍ତେ ଜମିର କିସମ ପରିବର୍ତ୍ତନ ପାଇଁ କୋଲାବିରା ତହସିଲଦାରଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ତେବେ ଉପରୋକ୍ତ ଜମିରେ ହଜାର ହଜାର ସଂଖ୍ୟାରେ ଶାଳ, ହରିଡ଼ା, କାଜୁ, ବାହାଡ଼ା, ଲିମ୍ବ ଭଳି ଅନେକ ପ୍ରକାର ଗଛ ରହିଛି । କାଳିବାହାଲ ସହ ଉପରୋକ୍ତ ସମସ୍ତ ଗ୍ରାମବାସୀ ଏହି ଜଙ୍ଗଲର ସୁରକ୍ଷା କରି ଆସୁଛନ୍ତି । ବହୁ ପରିବାର ଏହି ଜଙ୍ଗଲରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଗଛ ରହିବା ଦ୍ୱାରା ଅଞ୍ଚଳରେ ଉତ୍ତମ ପରିବେଶ ସୃଷ୍ଟି ହୋଇଛି । ତେବେ ପ୍ରଶାସନ ପକ୍ଷରୁ କୁଚକ୍ରାନ୍ତ କରାଯାଇ ଶିଳ୍ପ ନିର୍ମାଣ ଉଦ୍ଦେଶ୍ୟରେ ଜମିର କିସମକୁ ଗୋଚର ଓ ପତିତରୁ ଅବାଦଯୋଗ୍ୟ ଅନାବାଦୀ କିସମ ପରିବର୍ତ୍ତନ ପାଇଁ ନୋଟିସ ଜାରି କରାଯାଇଛି। ଏଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଜମି କାହାକୁ ହସ୍ତାନ୍ତର ନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସରପଞ୍ଚ ଜାହ୍ନବୀ ପ୍ରଧାନଙ୍କ ସମେତ ବହୁ ୱାର୍ଡ ସଭ୍ୟାସଭ୍ୟ ଓ ଜନସାଧାରଣ ତହସିଲ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ କୋଲାବିରା ତହସିଲଦାର ଡ. ମନୋଜ କୁମାର କୁଜୁରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ଯ ସେ ଫୋନ୍ ରିସିଭ୍ କରି ନ ଥିଲେ। ସୂଚନାଯୋଗ୍ୟ, ୨୦୨୩ ମସିହାରେ ଏହି ଜମି କମ୍ପାନୀ ହାତକୁ ଟେକି ଦେବା ପାଇଁ ନୋଟିସ ଜାରି କରାଯାଇଥିଲା। ହେଲେ ଗ୍ରାମବାସୀ ତୀବ୍ର ବିରୋଧ କରିବାରୁ ସେତେବେଳେ ତାହାକୁ ସ୍ଥଗିତ ରଖାଯାଇଥିଲା।


## ODISHA PUBLIC SERVICE COMMISSION
## CUTTACK
### NOTICE

**No. 7392 / P.S.C., Dt. 22.10.2025**
**(1R-07-24/25) (DR-V)**

**Assistant Professor (Stage-I) in English**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **212 (Two Hundred Twelve)** candidates having **PPSAN** mentioned below for the post of **Assistant Professor (Stage-I) in "English"**, pursuant to Advertisement No.27 of 2023/24 shall be held from **27.10.2025 to 04.11.2025 except 02.11.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 27.10.2025 | 10.30 AM | P240302783, P240289519, P230133924, P240304479, P240311908, P240302678, P230140397, P240307966, P240297923, P240297023, P240304249, P240265160, P240306448, P240299724 & P240248399 **= 15 Candidates** |
| | 2.30 PM | P240243752, P240308821, P240297882, P240298133, P240303068, P240300627, P240298481, P240297225, P240309792, P240301238, P240304881 & P240309179 **= 12 Candidates** |
| 28.10.2025 | 10.30 AM | P240309491, P240301198, P240304067, P240303069, P240313962, P240305045, P240247038, P240303059, P240302247, P240306525, P240300908, P230120728, P240304029, P240306544 & P240298065 **= 15 Candidates** |
| | 2.30 PM | P240306227, P240311020, P240307342, P240303144, P240306709, P230130301, P240299155, P240253048, P240302180, P240296317, P240303905 & P240300341 **= 12 Candidates** |
| 29.10.2025 | 10.30 AM | P240311702, P240308951, P240304790, P240299088, P220003302, P240310067, P240311878, P240308170, P240302660, P240307884, P240297217, P240307883, P240305613, P240311744 & P240296949 **= 15 Candidates** |
| | 2.30 PM | P240304649, P230195787, P230142913, P240306312, P240304526, P240279150, P240297158, P240300848, P240308256, P240306144, P240285665 & P240302539 **= 12 Candidates** |
| 30.10.2025 | 10.30 AM | P240307407, P240307465, P240302751, P240309555, P240309666, P230132015, P240297145, P240304880, P240303288, P230128589, P230120958, P240302816, P240302207, P240257134 & P240301612 **= 15 Candidates** |
| | 2.30 PM | P240302309, P240309674, P240299145, P240295672, P230207431, P240303132, P240299296, P240306752, P240308914, P240312788, P240303419 & P240311105 **= 12 Candidates** |
| 31.10.2025 | 10.30 AM | P240305338, P240307777, P240307845, P240304675, P240312867, P240308986, P230106771, P240296830, P240307245, P240301897, P240304219, P240302333, P230154690, P240284435 & P240273137 **= 15 Candidates** |
| | 2.30 PM | P230220043, P240251568, P240295401, P240309829, P230139888, P240305652, P220048460, P220047746, P230134856, P240308133, P240309840 & P240305425 **= 12 Candidates** |
| 01.11.2025 | 10.30 AM | P240308598, P240296609, P240304662, P220085463, P240304837, P240306975, P230148615, P240296797, P230148764, P240273795, P240300492, P230103095, P220078526, P240307764 & P230156031 **= 15 Candidates** |
| | 2.30 PM | P240273264, P230146200, P240302332, P240288668, P240296790, P240301079, P220059583, P220082165, P240297492, P240259999, P230126109 & P240286931 **= 12 Candidates** |
| 03.11.2025 | 10.30 AM | P240297075, P230141230, P240305607, P230145725, P240305795, P230156382, P240296343, P230123769, P240312099, P240263606, P240302081, P240296235, P240310657, P240269042 & P240306314 **= 15 Candidates** |
| | 2.30 PM | P240261464, P240311891, P240245624, P240308958, P240297521, P240297224, P230107513, P240305892, P240287465, P220053648, P240279057 & P240253435 **= 12 Candidates** |
| 04.11.2025 | 10.30 AM | P240307316, P240297110, P240311722, P240311942, P240312444, P240304901, P240306481, P240301679, P240236273, P240271872, P230105843, P220086244, P240297740, P230108604 & P240296900 **= 15 Candidates** |
| | 2.30 PM | P230105947, P240304077, P230121693, P230155545, P240263634, P220055796, P230113509 & P240274696 **= 08 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0330/2526** — **Sd./- Assistant Controller of Examination**

# ବାଧାବିଘ୍ନ ମଧ୍ୟରେ ଆଗକୁ ବଢ଼

## ଚିତ୍ରଗୁପ୍ତ ପୂଜା, କରଣ ସମାଜର ବାର୍ଷିକ ଉତ୍ସବ ପାଳିତ

**ସୋନପୁର,୨୩।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଆନୁକୂଲ୍ୟରେ କରଣ ସମାଜର ଇଷ୍ଟଦେବ ଶ୍ରୀଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ପୂଜା ଓ ଜିଲା କରଣ ସମାଜର ବାର୍ଷିକ ଉତ୍ସବ ଗୁରୁବାର ଆୟୋଜିତ ହୋଇଯାଇଛି। ଘୋଡାଘାଟପଡ଼ାସ୍ଥିତ ଚିତ୍ରଗୁପ୍ତ କଲ୍ୟାଣ ସମିତି ଗୃହ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ବୁଧବାର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଗୃହଠାରୁ ଏକ ବିରାଟ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ମହିଳାମାନେ ସହରର ଘୋଡାଘାଟପଡା ସ୍ଥିତ ମହାନଦୀର କଦମ୍ବଘାଟକୁ ଯାଇ ପୂର୍ଣ୍ଣ କଳସ ଜଳ ଆଣିଥିଲେ। ପୂଜକ ଦାମୋଦର ନାୟକଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। କର୍ତ୍ତାଭାବେ ପ୍ରଭାତ କିଶୋର ଦାନୀ ଓ ପତ୍ନୀ ମଲ୍ଲିକା କାର୍ଯ୍ୟନିର୍ବାହ କରିଥିଲେ। ସୁବର୍ଣ୍ଣପୁର ଜିଲାର ସମସ୍ତ ବ୍ଲକ ତଥା ପଡୋଶୀ ବୌଦ୍ଧ ଜିଲାରୁ ଶତାଧିକ କରଣ ସମାଜର ସଭ୍ୟାସଭ୍ୟ ଯୋଗଦେଇଥିଲେ। ଗୁରୁବାର ମଧ୍ୟାହ୍ନରେ କରଣ ସମାଜର ମହାସଭାରେ ସମାଜର ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ମହାନ୍ତି, ମୁଖ୍ୟବକ୍ତା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଯୁକ୍ତ ୨ ଇଂଲିଶ ବିଭାଗ ଅଧ୍ୟାପିକା ସରସ୍ୱତୀ ଦାସ ଯୋଗଦେଇ ଯେଉଁ ଜାତି ଯେତେ ଉଚ୍ଚ ହୋଇଥାଏ ସେଠାରେ ମହିଳାଙ୍କ ଭୂମିକା ମୁଖ୍ୟ ଥାଏ ବୋଲି କହିଥିଲେ । ମାଦଳା ପାଞ୍ଜିରେ କରଣ ଶବ୍ଦର ବହୁବାର ଉଲ୍ଲେଖ ରହିଛି। କରଣ ସମାଜର ଉତ୍ପତ୍ତି ଦୁଇ ହଜାର ବର୍ଷ ପୂର୍ବରୁ। ଜାତୀୟ ପତାକା ତଳେ ଯେପରି ଅଶୋକ ଚକ୍ର ଚିହ୍ନ ରହିଥାଏ କରଣ ସମାଜର ତଳେ କଲମ ଓ ଦୁଆତର ଚିହ୍ନ ଅଛି। ତେଣୁ ଯେତେ ବାଧା ବିଘ୍ନ, ପ୍ରତିବନ୍ଧକ ଆସିଲେ ମଧ୍ୟ ଆଗକୁ ବଢିବାକୁ ହେବ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। କରଣ ସମାଜ କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହିତ ଆସନ୍ତା ବର୍ଷର କର୍ତ୍ତା ଭାବେ ଶ୍ରୀକାନ୍ତ ମହାନ୍ତି ଓ ସନ୍ତୋଷିନୀ ପଟ୍ଟନାୟକଙ୍କୁ ଚୟନ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ଦେବାଶିଷ ପଟ୍ଟନାୟକ ସଂଯୋଜନା କରିଥିଲେ। ପୂଜାର ମହା ଆଳତୀ ପରେ ସାମୂହିକ ପ୍ରସାଦ ସେବନ ହୋଇଥିଲା। ପରେ ସମାଜ ତରଫରୁ ରଙ୍ଗୋଲି, ନୃତ୍ୟ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ ଓ କୌତୁକ ପୋଷାକ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧକ୍ଷା ଡ଼ କିରଣବାଳା ଦାସ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ କରଣ ସମାଜର ଗର୍ବ ଓ ଗୌରବ ସୋନପୁର ବ୍ଲକ ସିଆଳଜୁରି ଗ୍ରାମର କୃଷ୍ଣ ପ୍ରସାଦ ବହିଦାର ଓ ଶିକ୍ଷା କ୍ଷେତ୍ରରେ ଅର୍ପିତା ମହାନ୍ତିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା।



କରଣ ସମାଜ ମହାସଭାରେ ଅତିଥିମାନେ।

# ଶୁଭସ୍ତମ୍ଭ ସ୍ଥାପନ, କଂସ ବରଣ

## ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା

**ବିନିକା,୨୩।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧିନ ଅରିଗାଁଠାରେ ୨୧ତମ ଅରିଗାଁ ବିନିକା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ ଓ କଂସ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୧୦ ଡିସେମ୍ବରମ୍‌ରୁ ୨୦ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବ କମିଟି ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୌନ୍ତିଆ ସୁଘୋଷ ମିଶ୍ର କର୍ତ୍ତା ଏବଂ ଉମାକାନ୍ତ ପୁରୋହିତ ଓ ଚିତ୍ତରଞ୍ଜନ ଦାଶ ପୂଜକ ଦାୟିତ୍ୱ ତୁଲାଇଥିଲେ। ଇଷ୍ଟଦେବୀ ମା' ମାହେଶରୀଙ୍କ ମନ୍ଦିରରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ମା'ଙ୍କଠାରୁ ଆଜ୍ଞାମାଳ ନେଇ ସମ୍ପାଦକ ସୌମ୍ୟରଞ୍ଜନ ନାୟକ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବାପରେ ବିଧି ପୂର୍ବକ ଧନୁଯାତ୍ରା ପଡ଼ିଆରେ ଶୁଭସ୍ତମ ସ୍ଥାପନ କରାଯାଇଥିଲା। ପରେ ମା' ମାହେଶ୍ୱରୀ ମନ୍ଦିରରେ ଅଭିନେତା ରବୀନ୍ଦ୍ର ସାହୁଙ୍କୁ ଚଳିତବର୍ଷ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିବାପାଇଁ ବିଧିବଦ୍ଧଭାବେ ବରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ କମିଟିର ବରିଷ୍ଠ ପଦାଧିକାରୀ ପ୍ରତାପ ମିଶ୍ର, ମୁକେଶ କର୍ମୀ, ସୁବଳ କଳିତା, ରଶ୍ମୀରଞ୍ଜନ ଦାଶ, ହିମାଂଶୁ ପଣ୍ଡା, ରଞ୍ଜନ ପଧାନ, ମନବୋଧ ପ୍ରଧାନ, ସୁଦାମ ମାଝୀ, ହୀରାଲାଲ କଳତା, ପ୍ରତାପ କର୍ମୀ, ଚୈତନ୍ୟ ପୁଟେଲ, ଅରବିନ୍ଦ ଡାଙ୍ଗ, ଶିବବରଣ କମ୍ପ, ସର୍ଜନ ବିଶି, ଅଙ୍କିତ ଭୁଏ, ରାମଭଞ୍ଜନ ଦାଶ, ରାଜୀବ ଆଚାର୍ଯ୍ୟ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ରୂପାୟନ ପାଇଁ ଗ୍ରାମସଭା



ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ପାଇଁ ସ୍ୱତନ୍ତ୍ର ଗ୍ରାମସଭାରେ ଅତିଥିଗଣ।

**ବୀରମହାରାଜପୁର,୨୩।୧୦ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତର ଗୌଡ଼କେଲା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବରେ ଚୟନ ହେବା ପରେ ସ୍ୱତନ୍ତ୍ର ପଲ୍ଲୀସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଫୁଲା ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରୋହିତ୍ୟ ରେ ୨୧ ଜଣିଆ ଗ୍ରାମ୍ୟ ସ୍ତରୀୟ ଅଭିସରଣ କମିଟି ଗଠନ କରାଯାଇଛି। ବୀରମହାରାଜପୁର ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସତ୍ୟନାରାୟଣ ପଧାନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସରପଞ୍ଚ ଶ୍ରୀୟା କର୍ମୀ ଗୌକେଲା ରାଜସ୍ୱ ଗ୍ରାମରେ ପିଇବା ପାଣି ଯୋଗାଣ, ଗ୍ରାମ୍ୟ ସଂଯୋଗୀକରଣ, ଜୀବିକାର ମାନବୃଦ୍ଧି, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ଗୋଷ୍ଠୀ ସମସ୍ୟା, ସାମାଜିକ ସୁରକ୍ଷା ଓ ଗ୍ରାମୀଣ ଆବାସ ସମ୍ପର୍କିତ ସମସ୍ୟା ଓ ଉନ୍ନୟନ ପ୍ରସ୍ତାବ ଆଗତ କରିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ୱାର୍ଡସଭ୍ୟ ସୁଶାନ୍ତ ଜଗଦଲା ଓ ଗ୍ରାମବାସୀ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବ୍ଲକ ଏପିଓ ଅମୃତାଂଶୁ ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମିତାଞ୍ଜଳି ରଥ, ଏମପି ନୋମିନି ନଳିନି ପଣ୍ଡା, ଭାଜପା ଜିଲା ସଭାପତି ବେଣୁଧର ଦାସ ତାଙ୍କ ମତ ରଖିଥିଲେ। ଅଙ୍ଗନୱାଡ଼ି କର୍ମୀ, ଶିକ୍ଷକ, ମହିଳା ସ୍ୱୟଂ ସହାୟିକା ଦଳ ସଭ୍ୟା ଓ ଗ୍ରମବାସୀ ଆଲୋଚନାରେ ଅଂଶଗ୍ରହଣ କରି ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ମନୋନୀତ ଗୌଡକେଲା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଗଠନରେ ଭାଗିଦାରୀ ହୋଇଥିଲେ।

# ଜୋନ୍‌ସ୍ତରୀୟ ଖୋ ଖୋ, କବାଡି ଖେଳାଳି ଚୟନ



ସମଲେଶ୍ୱରୀ ହାଇସ୍କୁଲ ପଡ଼ିଆରେ ଖେଳାଳି ଚୟନ କରାଯାଉଛି।

**ଘଣ୍ଟାପଡ଼ା,୨୩।୧୦(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଜୋନ୍‌ର ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳିକା ବାଳକ ଖୋ ଖୋ ଓ କବାଡି ଖେଳାଳି ଚୟନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଘଣ୍ଟାପଡ଼ା ସମଲେଶ୍ୱରୀ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ପିତବାସ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏହାପରେ ଖେଳାଳି ଚୟନ ଆରମ୍ଭ ହୋଇଥିଲା। ନୂଆଁପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତି, ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦାମ ମିଶ୍ର, ବରିଷ୍ଠ କ୍ରୀଡ଼ା ଶିକ୍ଷକ ପଞ୍ଚାନନ ପ୍ରଧାନ ଓ ଅରୁଣ ଖଟୁଆ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଘଣ୍ଟାପଡ଼ା, ନୂଆଁପାଲି, ଆମ୍ବଗାଁ, ଉମା, ରିଙ୍ଗାପଡ଼ା, ବରଗାଁ, ଖୁଣ୍ଟିଗୋରା, ଦିଗୁନମାଲ ହାଇସ୍କୁଲର ମୋଟ ୧୯୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ମହେନ୍ଦ୍ର ସାହୁ, ଶଶୀଭୂଷଣ ପ୍ରଧାନ, ମନ୍ଦାକିନୀ ବଗର୍ତ୍ତୀ, ଅଜିତ ବିଶି, ପ୍ରଦୀପ ପ୍ରଧାନ, ପ୍ରଦୀପ୍ତ ରାଉତ, ସନ୍ତୋଷ ସାହୁ, ମୁରଲୀଧର ରଣା, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ଉତ୍କେଳା ବିମାନବନ୍ଦରକୁ ବିକ୍ରମକେଶରୀ ଦେଓଙ୍କ ନାମରେ ନାମିତ ଦାବି

**ଭବାନୀପାଟଣା,୨୩।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ସଦର ମହକୁମା ଭବାନୀପାଟଣା ଓ କେସିଙ୍ଗାକୁ ରେଳପଥ ଦ୍ୱାରା ସଂଯୋଗ କରାଗଲେ ଏହି ୩୫ କି.ମି. ରେଳପଥ ଦ୍ୱାରା ଉତ୍‌କେଳା ବିମାନବନ୍ଦରକୁ ଯାତ୍ରୀଙ୍କ ଯାତାୟାତ ସୁବିଧା ହୋଇପାରିବ। ଏ ନେଇ ଏକ ଡିପିଆର୍ ରେଳ ମନ୍ତ୍ରଣାଳୟରେ ବିଚାରାଧୀନ ରହିଛି। କଳାହାଣ୍ଡି ଲୋକ ସଭାର ପ୍ରଥମ ଭାଜପା ସାଂସଦ ସ୍ୱର୍ଗତ ବିକ୍ରମ କେଶରୀ ଦେଓ ଏହି ରେଳପଥ ପାଇଁ ଦାବି କରିଆସୁଥିଲେ। ଏହାସହିତ କଳାହାଣ୍ଡି ଜିଲାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କରିଥିଲେ। ତେଣୁ ଉତ୍‌କେଳା ବିମାନ ବନ୍ଦରକୁ ସ୍ୱର୍ଗତ ବିକ୍ରମ କେଶରୀ ଦେଓଙ୍କ ନାମରେ ନାମିତ କରିବା ପାଇଁ କୋଶଳ ଜନତା ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେଓ ଓ ରାଜ୍ୟ ସଭା ସାଂସଦ ସୁଜିତ କୁମାରଙ୍କୁ ମଧ୍ୟ ଏହାର ନକଲ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

# ବୌଦ୍ଧ ପୁସ୍ତକ ମେଳା ପ୍ରସ୍ତୁତି ବୈଠକ




ବୈଠକରେ ଜର୍ନାଲିଷ୍ଟ ଫୋରମ୍‌ର ସଦସ୍ୟ।

**ବୌଦ୍ଧ,୨୩।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ପୁସ୍ତକ ମେଳା ପାଇଁ ଜିଲା ଷ୍ଟାଡିୟମ ପରିସରରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଜର୍ନାଲିଷ୍ଟ ଫୋରମ ସଭାପତି ଦିବ୍ୟଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ବୟନିକା ସଭାପତି ପ୍ରଭାସ ଚନ୍ଦ୍ର ମେହେର, ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମାଲ, ଉପସଭାପତି ସତ୍ୟ ନାରାୟଣ ପାଣି, ଚିତ୍ତ ରଞ୍ଜନ ସିଂ, ଦିବ୍ୟ ରଞ୍ଜନ ପଟ୍ଟନାୟକ, ପ୍ରୀତିରଞ୍ଜନ ଦାସ, ଦେବାନନ୍ଦ ସାହୁ, ସୁଧାଂଶୁ ଶେଖର ମିଶ୍ର, ବାସୁଦେବ ସାହୁ, ଦେବାଶିଷ ମଲ୍ଲିକ, ସତ୍ୟଜିତ କୁମାର ପଣ୍ଡା, ସୁଶାନ୍ତ କୁମାର ବେହେରା, ବବଲୁ ପାଢୀ, ସୁମନ୍ତ ମେହେର, ପୂର୍ଣ୍ଣଚନ୍ଦ୍ର ସାହୁ, ରଞ୍ଜନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ବୌଦ୍ଧ କଚେରି ପଡିଆରେ ବିଂଶତମ ବୌଦ୍ଧ ପୁସ୍ତକ ମେଳା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଫୋରମ୍‌ର ବରିଷ୍ଠ ସଦସ୍ୟ ସୁକାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଚ, ଗୀତରେ ଦୁଲୁକିଲା ମଞ୍ଚ

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ଖପ୍ରାଖୋଲ,୨୩।୧୦(ଅଭୟ ତ୍ରିପାଠୀ)**

ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଉପ ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକଙ୍କ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ମୀନିକେତନ ବରିହା, ସ୍ଥାନୀୟ ସରପଞ୍ଚ ବେଟିଖାଇ ସେଦ୍ରିଆ ଯୋଗ ଦେଇଥିଲେ। ବ୍ଲକରେ ଥିବା ୧୪ଟି ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ସ୍ତରର ପ୍ରତିଯୋଗୀମାନଙ୍କୁ ନେଇ ଚିତ୍ରାଙ୍କନ, ଶ୍ରୁତ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ନାଚ ଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ନମିତା ମଣ୍ଡଳ, ଖୁସିରାମ ସାହୁ, ଶ୍ରୀପତି କୁମ୍ଭାର, ଚୂଡ଼ାମଣି ବରିହା, ଶାନ୍ତନୁ କୁମାର ମିଶ୍ର, ସୁବାଷ ଚନ୍ଦ୍ର ନାଗ, ଦୀନବନ୍ଧୁ ବାଗ, ମିତ୍ରଭାନୁ ପଧାନ, ଟୁନୁ ଶବର, ଉପେନ୍ଦ୍ର ସୁନା, ଚକ୍ରଧର ଭୋଇ, ସତ୍ୟବ୍ରତ ବେହେରା, ସୁନୀଲ ମହାନନ୍ଦ, ଗୋକୁଳାନନ୍ଦ ମେହେରଙ୍କ ସମେତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।



ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିଯୋଗୀ।


# ODISHA PUBLIC SERVICE COMMISSION CUTTACK

## NOTICE

**No. 7392 / P.S.C., Dt. 22.10.2025**
**(1R-07-24/25) (DR-V)**

**Assistant Professor (Stage-I) in English**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **212 (Two Hundred Twelve)** candidates having **PPSAN** mentioned below for the post of **Assistant Professor (Stage-I) in "English"**, pursuant to Advertisement No.27 of 2023/24 shall be held from **27.10.2025 to 04.11.2025 except 02.11.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 27.10.2025 | 10.30 AM | P240302783, P240289519, P230133924, P240304479, P240311908, P240302678, P230140397, P240307966, P240297923, P240297023, P240304249, P240265160, P240306448, P240299724 & P240248399 = 15 Candidates |
| | 2.30 PM | P240243752, P240308821, P240297882, P240298133, P240303068, P240300627, P240298481, P240297225, P240309792, P240301238, P240304881 & P240309179 = 12 Candidates |
| 28.10.2025 | 10.30 AM | P240309491, P240301198, P240304067, P240303069, P240313962, P240305045, P240247038, P240303059, P240302247, P240306525, P240300908, P230120728, P240304029, P240306544 & P240298065 = 15 Candidates |
| | 2.30 PM | P240306227, P240311020, P240307342, P240303144, P240306709, P230130301, P240299155, P240253048, P240302180, P240296317, P240303905 & P240300341 = 12 Candidates |
| 29.10.2025 | 10.30 AM | P240311702, P240308951, P240304790, P240299088, P220003302, P240310067, P240311878, P240308170, P240302660, P240307884, P240297217, P240307883, P240305613, P240311744 & P240296949 = 15 Candidates |
| | 2.30 PM | P240304649, P230195787, P230142913, P240306312, P240304526, P240279150, P240297158, P240300848, P240308256, P240306144, P240285665 & P240302539 = 12 Candidates |
| 30.10.2025 | 10.30 AM | P240307407, P240307465, P240302751, P240309555, P240309666, P230132015, P240297145, P240304880, P240303288, P230128589, P230120958, P240302816, P240302207, P240257134 & P240301612 = 15 Candidates |
| | 2.30 PM | P240302309, P240309674, P240299145, P240295672, P230207431, P240303132, P240299296, P240306752, P240308914, P240312788, P240303419 & P240311105 = 12 Candidates |
| 31.10.2025 | 10.30 AM | P240305338, P240307777, P240307845, P240304675, P240312867, P240308986, P230106771, P240296830, P240307245, P240301897, P240304219, P240302333, P230154690, P240284435 & P240273137 = 15 Candidates |
| | 2.30 PM | P230220043, P240251568, P240295401, P240309829, P230139888, P240305652, P220048460, P220047746, P230134856, P240308133, P240309840 & P240305425 = 12 Candidates |
| 01.11.2025 | 10.30 AM | P240308598, P240296609, P240304662, P220085463, P240304837, P240306975, P230148615, P240296797, P230148764, P240273795, P240300492, P230103095, P220078526, P240307764 & P230156031 = 15 Candidates |
| | 2.30 PM | P240273264, P230146200, P240302332, P240288668, P240296790, P240301079, P220059583, P220082165, P240297492, P240259999, P230126109 & P240286931 = 12 Candidates |
| 03.11.2025 | 10.30 AM | P240297075, P230141230, P240305607, P230145725, P240305795, P230156382, P240296343, P230123769, P240312099, P240263606, P240302081, P240296235, P240310657, P240269042 & P240306314 = 15 Candidates |
| | 2.30 PM | P240261464, P240311891, P240245624, P240308958, P240297521, P240297224, P230107513, P240305892, P240287465, P220053648, P240279057 & P240253435 = 12 Candidates |
| 04.11.2025 | 10.30 AM | P240307316, P240297110, P240311722, P240311942, P240312444, P240304901, P240306481, P240301679, P240236273, P240271872, P230105843, P220086244, P240297740, P230108604 & P240296900 = 15 Candidates |
Sd./- Deputy Director of Textiles, I/c
Sonepur
OIPR-31016/11/0007/2526

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର No.O-1089
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/37-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 37-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 1 No | Rs.478.73 Lakhs | "A" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding: From | Availability of tender online for bidding: To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/37-2025-26/BPR | 01.11.2025 at 10.00 A.M. | 15.11.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur
OIPR-25071/11/0152/2526

**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**
No. 4019 Date : 18.10.2025
**1ST CORRIGENDUM**

**No.O-1071** : In continuation to this office bid identification No. Online Tender 07/MOHANA/2025-26 Invited vide this office letter No. 3604 dtd 23.09.2025, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt.18.10.2025 at 11.00 A.M. to Dt.27.10.23025 Up to 5.00 P.M. | Dt.30.10.2025 at 11.00 A.M. to Dt.10.11.2025 Up to 5.00 P.M. |
| 2 | Date & time of seeking tender clarification if any | Dt.24.10.2025 up to 5.00 P.M. | Dt.06.11.2025 Up to 5.00 P.M. |
| 3 | Date & time of opening of tender (Price Bid) | Dt.28.10.2025 at 11.00 A.M. | Dt.11.11.2025 at 11.00 A.M. |

All other terms and conditions are remain unchanged.

Sd./- Executive Engineer
R.W. Division, Mohana
OIPR-25148/11/0052/2526

**ZILLA PARISHAD, SUBARNAPUR**
**No.5453 / Dt. 18.10.2025**
**EXPRESSION OF INTEREST**
**FOR SELECTION OF REGISTERED FIRMS/SERVICE PROVIDER AGENCIES FOR PROVIDING MANPOWER FOR**
**DPMU & BPMU UNDER ZILLA PARISHAD, SUBARNAPUR**

**No.CAD-2072** : Zilla Parishad, Subarnapur invites sealed tender from intending reputed and experienced Manpower Service Providing Agencies to provide services of different categories of manpower for DPMU & 06 BPMUs under Rural Housing Schemes for the period from 22.09.2025 to 21.09.2026. The details of the bidding process are as follows:

| Sl. No. | Bidding Schedule | Date and Time |
|---|---|---|
| 1 | Date of Issue | 18.10.2025 |
| 2 | Bid Due Date and Time | 12.11.2025 |
| 3 | Opening of Technical Bid | 13.11.2025 (3.00 PM) |
| 4 | Opening of Financial Bid | 13.11.2025 (5.00 PM) |

Bidders are required to submit the technical and financial bids separately. The bids in sealed Cover-I containing **"Technical Bid"** and sealed Cover-II containing **"Financial Bid"** should be placed in third sealed cover super-scribed **"Bid for Outsourcing of Manpower services for DPMU & BPMUs under Zilla Parishad,Subarnapur"** must reach the undersigned on or before **12.11.2025 by 5.30 PM** through **Speed Post/ Regd. Post** only.

The bid documents containing eligibility criteria and detail terms and conditions of the tender can be downloaded from the website **https: // subarnapur.nic.in.**

The sealed tender proposal shall be submitted along with non-refundable application fees of Rs.5,000/- (Rupees Five thousand) only in shape of Bank Draft drawn in favour of the CDO-cum-EO, Zilla Parishad, Subarnapur.

The last date and time for submission of tender document is **12.11.2025** by 5:30 PM. The Authority shall not be held responsible for postal delay, if any, in case of non-receipt of the same in time.

**Complete address for submission of Bid:**
**The CDO-Cum-EO, Zilla Parishad, Subarnapur, Pin-767017**
The Authority reserves every right to reject any or all the **Tender** without assigning any reason thereof.

OIPR-19251/11/0005/2526 Sd./- Collector, Subarnapur

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି**

ବିଜ୍ଞପ୍ତି ସଂଖ୍ୟା ୨୨୭୫ ସାମାଜିକ ସମୀକ୍ଷା ତାରିଖ 16.10.2025

No.i–348:ଏତଦ୍ୱାରା ମାଥିଲି ପଞ୍ଚାୟତ ସମିତି ଅନ୍ତର୍ଗତ ୨୦ ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୫–୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ)ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟରରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସଂପୃକ୍ତ ଗ୍ରାମ ପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବକାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବକାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲ୍‌ର ସଠିକତା ଯାଞ୍ଚ କରିବେ। ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିଆସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନବାଡି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ। ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା, ଡାକବାକି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଓ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1. | Mahupadar | 16.10.2025 | 29.10.2025 | 29.10.2025 | 25.03.2026 | AEE |
| 2. | Kamarpali | 16.10.2025 | 29.10.2025 | 29.10.2025 | | GPDO |
| 3. | Salimi | 16.10.2025 | 30.10.2025 | 29.10.2025 | | APO |
| 4. | Temurupali | 31.10.2025 | 13.11.2025 | 13.11.2025 | | APO |
| 5. | Kiango | 31.10.2025 | 13.11.2025 | 13.11.2025 | | GPDO |
| 6. | Udulibeda | 31.10.2025 | 13.11.2025 | 13.11.2025 | | APO |
| 7. | Kartanpali | 15.10.2025 | 17.11.2025 | 17.11.2025 | | APO |
| 8. | Dhungiaput | 15.11.2025 | 03.12.2025 | 03.12.2025 | | AEE |
| 9. | Kutunipali | 15.11.2025 | 03.12.2025 | 03.12.2025 | | GPDO |
| 10. | Mathili | 03.11.2025 | 16.12.2025 | 16.12.2025 | | AEE |
| 11. | Dalapatiguda | 03.12.2025 | 16.12.2025 | 16.12.2025 | | APO |
| 12. | Ambaguda | 03.12.2025 | 16.12.2025 | 16.12.2025 | | APO |
| 13. | Chedenga | 03.02.2026 | 17.02.2026 | 17.02.2026 | | GDPO |
| 14. | Chaulamendi | 03.02.2026 | 17.02.2026 | 17.02.2026 | | APO |
| 15. | Pangam | 03.02.2026 | 17.02.2026 | 17.02.2026 | | AEE |
| 16. | Mecca | 19.02.2026 | 05.03.2026 | 05.03.2026 | | GPDO |
| 17. | Bhejaguda | 19.02.2026 | 05.03.2026 | 05.03.2026 | | AEE |
| 18. | B.Pangam | 19.02.2026 | 05.03.2026 | 05.30.2026 | | APO |
| 19. | Nayakguda | 06.03.2026 | 19.03.2026 | 19.03.2026 | | APO |
| 20. | Katapali | 06.03.2026 | 19.03.2026 | 19.03.2026 | | GPDO |

ଯାଞ୍ଚ ହେବାକୁଥିବା ତଥ୍ୟ: (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟର ରୋଲରେ ଶ୍ରମିକମାନଙ୍କ କାର୍ଯ୍ୟପତ୍ର ସଂଖ୍ୟା ଉଲ୍ଲେଖ ଅଛି କି ନାହିଁ। (୩) ମଷ୍ଟରରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ। (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ସମାନ ଅଛି କି ନାହିଁ। (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ। (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ।

OIPR-19023/11/0011/2526 ସ୍ୱା./–ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ମାଥିଲି

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା**

ବିଜ୍ଞାପନ ସଂଖ୍ୟା–୩୮୭୫, ତାରିଖ–୧୮.୧୦.୨୦୨୫

No.i–346:ଏତଦ୍ୱାରା ପଞ୍ଚାୟତ ସମିତି, ଖଣ୍ଡପଡା ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫–୨୬ ଆର୍ଥିକ ବର୍ଷର ୦୧.୦୪.୨୦୨୫ରୁ ୩୦.୦୯.୨୦୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ୨୦୨୧–୨୨ ଠାରୁ ୨୦୨୪–୨୫ ମସିହା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ହିତାଧିକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ। ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ/ ଏ.ଡି.ଇ.ଓ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସୟଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା: ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା: ସାମାଜିକ ସମୀକ୍ଷା ଶେଷ ତାରିଖ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା: ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା: ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|
| ୧ | ବନମାଳୀପୁର,ବେଣାଗାଡିଆ, ବଳଭଦ୍ରପ୍ରସାଦ, କିଆଝର | ୦୧.୧୧.୨୦୨୫ | ୦୯.୧୧.୨୦୨୫ | ୧୦.୧୧.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ୨୭.୦୩.୨୦୨୬ |
| ୨ | ବୋଦସା,ଯୋଗିଆପଲ୍ଲୀ, ମର୍ଦ୍ଦରାଜପୁର,କୋସ୍କା, | ୧୮.୧୧.୨୦୨୫ | ୨୬.୧୧.୨୦୨୫ | ୨୭.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | |
| ୩ | ରାଣୀଛେଲୀ, ର.ଡୋଲମରା, ଗଡିଆସାହି,କଣ୍ଟିଲୋ | ୦୪.୧୨.୨୦୨୫ | ୧୨.୧୨.୨୦୨୫ | ୧୫.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | |
| ୪ | ଶାଳଝରିଆ, ସିଂଘାପଡା, ଖଳିସାହି, କୁମ୍ଭାରପଡା | ୨୩.୧୨.୨୦୨୫ | ୩୧.୧୨.୨୦୨୫ | ୦୨.୦୨.୨୦୨୬ | ୦୯.୦୨.୨୦୨୬ | ୦୯.୦୨.୨୦୨୬ | |
| ୫ | ଜଗନ୍ନାଥପ୍ରସାଦ,ବଡବାଣପୁର,ରାଣୀପଡା | ୧୦.୦୨.୨୦୨୬ | ୧୮.୦୨.୨୦୨୬ | ୧୯.୦୨.୨୦୨୬ | ୨୩.୦୨.୨୦୨୬ | ୨୩.୦୨.୨୦୨୬ | |
| ୬ | ସିଧାମୁଳା,ଗୁଣ୍ଠୁଣୀ, ଶିଖରପୁର | ୨୬.୦୨.୨୦୨୬ | ୦୬.୦୩.୨୦୨୬ | ୦୯.୦୩.୨୦୨୬ | ୧୬.୦୩.୨୦୨୬ | ୧୬.୦୩.୨୦୨୬ | |

OIPR-19151/11/0007/2526 ସ୍ୱା./–ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡ଼ା

## ପଦ୍ମପୁର, ସର୍ଗିବାହାଲ କାଳୀପୂଜାରେ ସାଇବର ସଚେତନତା

**ପଦ୍ମପୁର,୨୩।୧୦ (ପ୍ରଦୀପ୍ତ ଦାଶ):** ଦିନକୁ ଦିନ ସାଇବର ଠକେଇ ବଢ଼ି ବଢ଼ି ଚାଲିଛି। ଅନେକ ନିରୀହ ଲୋକ ଏହି ସାଇବର ଠକେଇର ଶିକାର ହେଉଛନ୍ତି। କିଏ ଭୁଲ ପାଇଁ କେତେବେଳେ କାହାର ଆକାଉଣ୍ଟରୁ ଆଖି ପିଛୁଳାକେ ଟଙ୍କା ଗାଏବ ହୋଇଯାଉଛି ତ ଆଉ କାହାର ଅଶ୍ଳୀଳ ଭିଡିଓ ଭାଇରାଲ ହୋଇ ବ୍ଲାକମେଲିଂର ଶିକାର ହେବାକୁ ପଡୁଛି। ଏମିତି ଅନେକ ପ୍ରକାରର ସାଇବର ଠକେଇର ଶିକାର ହେଉଛନ୍ତି ସାଧାରଣ ଜନତା ଓ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପଦ୍ମପୁର ଆଦର୍ଶ ଥାନା ଅଧିକାରୀ ମମତା ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ହନୁମାନ ପଡ଼ା କାଳୀପୂଜା ଓ ସର୍ଗିବାହାଲ କାଳୀପୂଜା ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଚେତନତା ସମୟରେ ଥାନା କର୍ମଚାରୀ ସମେତ ଶତାଧିକ ଶ୍ରଦ୍ଧାଳୁ ସାମିଲ ଥିଲେ।

# ରେଲୱେ ଓଭରବ୍ରିଜ୍ ପାଇଁ ପୁଣି ଉଚ୍ଛେଦ

**ବରପାଲି,୨୩।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲିର ଅର୍ଦ୍ଧନିର୍ମିତ ରେଲୱେ ଓଭରବ୍ରିଜ ଏବେ ସ୍ଥାନୀୟବାସୀଙ୍କ ପାଇଁ ଅଭିଶାପରେ ପରିଣତ ହୋଇଛି। ବରପାଲି ରାମପୁର ଜଗନ୍ନାଥ ସଡ଼କ ହାଇସ୍କୁଲ ନିକଟରେ ଥିବା ରେଳ ଫାଟକ ଟ୍ରେନ ଚଳାଚଳ ଯୋଗୁ ପ୍ରାୟ ସମୟ ଫାଟକ ବନ୍ଦ ରହୁଥିବାରୁ ଟ୍ରାଫିକ ବନ୍ଧକ ରାସ୍ତାରେ ଜନସାଧାରଣ ଅକଥନୀୟ ଅସୁବିଧାର ଶିକାର ହେଉଥିଲେ। ଯେତେବେଳେ ଏହି ବ୍ରିଜ ନିର୍ମାଣ ଆରମ୍ଭ ହେଲା ଲୋକେ ବହୁ ଖୁସିରେ ସବୁ ଦିନର ଦୁଃଖ ଗଲା ବୋଲି ଭାବି ଥିଲେ। ହେଲେ ବ୍ରିଜ କାମ ଦ୍ରୁତ ଗତିରେ ଚାଲିଥିବା ବେଳେ ବ୍ରିଜ ଓ ସର୍ଭିସ ରୋଡ ପାଇଁ କିଛି ମାସ ପୂର୍ବେ ସରକାରଙ୍କ ପକ୍ଷରୁ ଜବରଦଖଲ ତଥା ରୟତି ଜମି ନେଇ କ୍ଷତିପୂରଣ ଦିଆଯାଇଥିଲା। କିନ୍ତୁ ଜଗନ୍ନାଥ ନଗରବାସୀ ସରକାରଙ୍କ କଥାରେ ରାଜି ହୋଇ ନିଜ ଘର ଦ୍ୱାର ଭାଙ୍ଗିବାକୁ ରାଜି ହୋଇଥିଲେ। କେତେଜଣ ନିଜେ ନିଜେ ଭାଙ୍ଗି ଥିଲେ ମଧ୍ୟ ଅଧିକାଂଶ ଘର ନ ଭାଙ୍ଗି ପଡ଼ି ରହିଥିବା ବେଳେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ନିର୍ଦ୍ଦେଶ କ୍ରମେ ଗୁରୁବାର ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ରକ୍ମଣ ମେହେରଙ୍କ ତତ୍ତ୍ୱାବଧାନରେ ବାକି ରହିଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ଦେଓ, ରେଭିନ୍ୟୁ ଇନ୍ସପେକ୍ଟର ଗିକେଶ୍ୱର ମଲ୍ଲିକ, ସେବକ ବାଗ ଓ ବରପାଲି ପୋଲିସ ବିମଳ ଲାକ୍ରାଙ୍କ ସମେତ ତହସିଲ, ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଜବରଦଖଲ ଉଚ୍ଛେଦ କରାଯାଉଛି।

# ଖଇର, ସାବୁନ କାଠ ବୋଝେଇ ଗାଡ଼ି ଜବତ


ବନ ବିଭାଗ ପକ୍ଷରୁ ଜବତ ହୋଇଥିବା କାଠ ବୋଝେଇ ଗାଡ଼ି।

**ପଦ୍ମପୁର,୨୩।୧୦ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବନ ବିଭାଗ ଦ୍ୱାରା ଖଇରକାଠ ଓ ସାବୁନ କାଠ ଚାଲାଣ ଅଭିଯୋଗରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ପଦ୍ମପୁର ଥାନା ମହୁଲପାଲି ଗ୍ରାମରେ ୩୬ ଗଣ୍ଡି ସାବୁନ ଗଛ ବୋଝେଇ ହୋଇଥିବା ଅଭିଯୋଗରେ (ଓଆର୍୧୯ଜେ ୪୪୫୧)ଗାଡିକୁ ଜବତ କରାଯାଇଛି । ଏ ନେଇ (ନଂ.୫/୨୫) ଏକ ମାମଲା ରୁଜୁ ହୋଇଛି । ସେହିପରି ଜଗଦଲପୁର ଥାନା ଅନ୍ତର୍ଗତ ବୁକୁରାମୁଣ୍ଡା ପଲସାନୀ ଛକ ପାଖରେ ଖଇରକାଠ ବୋଝେଇ ହୋଇ ଚାଲାଣ ହେଉଥିବା ଅଭିଯୋଗରେ ଏକ ମହିନ୍ଦ୍ରା ପିକ୍ ଅପ୍ (ଓଡି୭ଏବି ୦୬୧୨) ଗାଡିକୁ ଜବତ କରାଯାଇଛି। ଗାଡ଼ିରେ ପ୍ରାୟ ୮୪ହଜାର ଟଙ୍କାର ଖଇରକାଠ ଚାଲାଣ ହେଉଥିଲା। ଏ ନେଇ (ନଂ.୬ /୨୫) ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ାଉରେ ଭାରପ୍ରାପ୍ତ ରେଞ୍ଜର ରଣଜିତ ସିଂ ବାବୁ, ଫରେଷ୍ଟର ସରୋଜ କୁମାର ସାହୁ, ସ୍କାଡ ମନୋରଞ୍ଜନ ଟେଠୁଆ, କେଶ ରଞ୍ଜନ ବୁଡେକ, ମନୋଜ ବଡ ଗୁଛିଆ, ତରଣୀ ଦାସ, ରତନ ବଏସାଁ, କୃଷ୍ଣ ବଡ଼ ଗୁଛିଆ ପ୍ରମୁଖ ସାମିଲ ହୋଇଥିଲେ ।

## ଖବରଦାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧର ବରିଷ୍ଠ ଖବରଦାତା ରମେଶ ବାରିକଙ୍କ ବିୟୋଗରେ ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ଓ ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡ଼ (ଜାବ) ତରଫରୁ ମିଳିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର କୁମାର ହୋତା, ଜର୍ଣ୍ଣାଲିଷ୍ଟ ଏସୋସିଏଶନ ଅଫ ବରଗଡ଼ (ଜାବ)ର ସଭାପତି ରବି ପଣ୍ଡା, ସାଧାରଣ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁ, ଉପସଭାପତି ବ୍ୟୋମକେଶ କର, ଦୀପକ ଶର୍ମା, ସତ୍ୟ ନାରାୟଣ ପ୍ରଧାନ, ଲଲାଟେନ୍ଦୁ ଦାଶ, ପ୍ରବୀଣ ସାହୁ , ପ୍ରଦୀପ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଦ୍ମପୁର ଉପଖଣ୍ଡର ସାମୁହିକ ଉନ୍ନତି, ଖବରଦାତା ମାନଙ୍କ ଏକତା ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ ବୋଲି ସମସ୍ତେ କହିଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ସାଙ୍ଗକୁ ସେଠାରୁ ବାଲକୋ କମ୍ପାନୀକୁ ହଟାଇବା ଆନ୍ଦୋଳନରେ ସ୍ୱର୍ଗତ ବାରିକ ସାମିଲ ହେବା ସହିତ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଥିଲେ ।

# ଭଟଲି କ୍ଲଷ୍ଟର ସ୍ତରୀୟ ସୁରଭି


ନୃତ୍ୟ ପରିବେଷଣ କରାଯାଉଛି।

**ଭଟଲି,୨୩।୧୦(ବିଜୟ ମେହେର)**

କଳା ସଂସ୍କୃତିର ସମୃଦ୍ଧିରେ ହିଁ ଓଡ଼ିଶା ସମୃଦ୍ଧ ହୋଇପାରିବ। ସେଥିପାଇଁ ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ କଳା ସଂସ୍କୃତି ସହିତ ଅନ୍ୟାନ୍ୟ ପ୍ରତିଭାର ବିକାଶ ହୋଇପାରିବ ଓ ୨୦୩୬ ଆମ ରାଜ୍ୟ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିବ ବୋଲି ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅବସରରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ଏବଂ ସିଆରସିସି ଲୋକନାଥ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରମୋଦିନି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ନରେନ୍ଦ୍ର ପଣ୍ଡା ଏବଂ ନୃତ୍ୟ ନିର୍ଦ୍ଦେଶକ ନରସିଂହ ମହାପାତ୍ର ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟର କଳା ସଂସ୍କୃତି ବିଷୟରେ ସୂଚନା ପ୍ରଦାନ କରିବା ସହ କଳା ସଂସ୍କୃତି ସହିତ ଜଡ଼ିତ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ, ବିତର୍କ, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ, ଗଣିତ ଦୌଡ଼, ଗଳ୍ପ କଥନ, ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଡାଲେଶ୍ୱରୀ ପଟେଲ, ଅନିମା ବାରିକ, ଜ୍ଞାନ ରଞ୍ଜନ ସାହୁ, କିଶୋର ପ୍ରଧାନ, ଜ୍ୟୋତ୍ସ୍ନାମୟୀ ମହାନନ୍ଦ, ଚିତ୍ତରଞ୍ଜନ ପ୍ରଧାନ, ବିକାଶ ରଞ୍ଜନ ପ୍ରଧାନ, ଉଚ୍ଛବ ଭୁଏ, ରିତାରାଣୀ ବେହେରା, ସିଆରସିସି ସୁଶାନ୍ତ ସୁନା, ବୀରେନ୍ଦ୍ର ପାଣ୍ଡେ, ସୁଜିତ ନନ୍ଦ, ଗୁପ୍ତଚନ୍ଦ୍ର ରଏ ପ୍ରମୁଖ ବିଭିନ୍ନ ବିଭାଗରେ ବିଚାରକ ଭାବେ ଯୋଗଦେଇଥିଲେ।

## ବ୍ଲକସ୍ତରୀୟ କାସ୍କେଡ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭଟଲି,୨୩।୧୦(ବିଜୟ ମେହେର)**

ଭଟଲି ବ୍ଲକ ଅନ୍ତର୍ଗତ ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଟଲିରେ ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ଶିକ୍ଷକମାନଙ୍କ ନିମନ୍ତେ କାସ୍କେଡ ନାମକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପେଡାଗୋଜି କୋର୍ଡିନେଟର୍ ପୁଷ୍ପାଞ୍ଜଳି ଦାଶ ଯୋଗଦେଇଥିଲେ। ଭଟଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଖାନ ଏକାଡେମୀ ପକ୍ଷରୁ ପ୍ରସ୍ତୁତ ପାଠ୍ୟକ୍ରମକୁ ଶିକ୍ଷାର୍ଥୀମାନଙ୍କ ନିକଟରେ ପହଞ୍ଚାଇବାକୁ ଶିକ୍ଷକମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ସାଧନ କର୍ମୀ ଭାବରେ ଏମ୍‌ପି ଜ୍ୟୋତି ପ୍ରକାଶ, ଲଳିତ ବିଶ୍ୱାଳ, ବିକାଶ ରଣା ଓ ମଣ୍ଟୁ ସୁନା ତାଲିମ ପ୍ରଦାନ କରିଥିବା ବେଳେ, ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ସମସ୍ତ ବିଜ୍ଞାନ ଓ ଗଣିତ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

# ବରଗଡ଼ରେ ଚିତ୍ରଗୁପ୍ତଙ୍କ ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧିଛକ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଜିଲା କରଣ ସମାଜ ପକ୍ଷରୁ ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ବାର୍ଷିକ ଉତ୍ସବ ଓ ପୂଜନୋତ୍ସବ ୨୦୨୫ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲିରେ ସଞ୍ଜୁବାଲା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁସୁମ ପଟ୍ଟନାୟକ ଦ୍ୱିତୀୟ ଏବଂ ସୀମା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବିଭାଗରେ ଅଂଶୁମାନ ପଟ୍ଟନାୟକ ପ୍ରଥମ, ସୌମ୍ୟ ରଞ୍ଜନ ପଟ୍ଟନାୟକ ଦ୍ୱିତୀୟ ଓ ସବ ଜୁନିୟର ବିଭାଗରେ ସାଇ ସାର୍ଥକ ସାହୁ ପ୍ରଥମ, ସଂପୂର୍ଣ୍ଣା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମମିତା ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଥିବାରୁ କରଣ ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଝରଣା ପଟ୍ଟନାୟକ, କବିତା ପଟ୍ଟନାୟକ, ସବିତା ପଟ୍ଟନାୟକ, ମମତା ପଟ୍ଟନାୟକ, ସୀମା ପଟ୍ଟନାୟକ, ମିନୁ ପଟ୍ଟନାୟକ, ମଧୁସ୍ମିତା ପଟ୍ଟନାୟକ, ମିଲି ପଟ୍ଟନାୟକ, ମିନୁ ସାହୁ ପ୍ରମୁଖ କଳସ ଯାତ୍ରାରେ ସାମିଲ ହୋଇଥିଲେ। ସଭାପତି ନେତ୍ରାନନ୍ଦ ବକ୍ସିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ପାରସ ପଟ୍ଟନାୟକ ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। କରଣ ସମାଜର କୂଳ ଦେବତା ଭଗବାନ ଶ୍ରୀ ଶ୍ରୀ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବକୁ ମହା ଆଡମ୍ବରରେ ପାଳନ କରାଯାଇଥିଲା। ରବିରତ୍ନ ସାହୁ, ଉମା ଶଙ୍କର ପଟ୍ଟନାୟକ, ପ୍ରମୋଦ କୁମାର ପଟ୍ଟନାୟକ, ବନ ବିହାରୀ ପଟ୍ଟନାୟକ, ଶିଶିର କୁମାର ପଟ୍ଟନାୟକ, ପ୍ରେମାନନ୍ଦ ପୃଶେଠ, ମନୋଜ ମହାପାତ୍ର, ପ୍ରତାପ ପଟ୍ଟନାୟକ, ସସବିତା ପଟ୍ଟନାୟକ, ଆଜାଦ ସାହୁ, ଶଙ୍କର ପଟ୍ଟନାୟକ, ଜ୍ଞାନ ପଟ୍ଟନାୟକ, ସଶଶିଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଛାତ୍ରବୃତ୍ତି ପାଇଁ ଓ.ଟି.ଆର ପଞ୍ଜୀକରଣ ଉପରେ ତାଲିମ

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ପ୍ରାକ-ମାଟ୍ରିକ ଏବଂ ପୋଷ୍ଟ-ମାଟ୍ରିକ ଛାତ୍ରବୃତ୍ତି ପାଇଁ ଏକକାଳୀନ ପଞ୍ଜୀକରଣ (ଓ.ଟି.ଆର) ପ୍ରକ୍ରିୟା ଉପରେ ଧ୍ୟାନ ଦେଇ ଜିଲା ମଙ୍ଗଳ ଅଧିକାରୀ, ବରଗଡ଼ଙ୍କ କାର୍ଯ୍ୟାଳୟ ଦ୍ୱାରା ଏକ ତାଲିମ ତଥା ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏବଂ ସୋହେଲା ବ୍ଲକ ଅଧୀନରେ ଥିବା ଅନୁଷ୍ଠାନ ଗୁଡ଼ିକର ସମସ୍ତ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷଙ୍କ ପାଇଁ ଏହି ଅଧିବେଶନ ସ୍ୱତନ୍ତ୍ର ଭାବରେ ଆୟୋଜିତ ହୋଇଥିଲା। ଅଧିବେଶନର ମୁଖ୍ୟ ସମ୍ବଳ ବ୍ୟକ୍ତି, ଜିଲା ଛାତ୍ରବୃତ୍ତି ସଂଯୋଜକ ବିବେକାନନ୍ଦ ସିଂ ଓଟିଆର ପ୍ରକ୍ରିୟା ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଯେଉଁଥିରେ ପ୍ରଭାବଶାଳୀ ଏବଂ ତ୍ରୁଟି ମୁକ୍ତ ଛାତ୍ର ପଞ୍ଜୀକରଣ ପାଇଁ ପର୍ଯ୍ୟାୟ କ୍ରମେ ନିର୍ଦ୍ଦେଶାବଳୀ ଏବଂ ଡକୁମେଣ୍ଟେଶନ ଆବଶ୍ୟକତା ଅନ୍ତର୍ଭୁକ୍ତ। ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି ପଞ୍ଜୀକରଣ ପ୍ରକ୍ରିୟାର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ସମୟୋଚିତ ଆବେଦନକୁ ସୁଗମ କରିବା ପାଇଁ ବିଦ୍ୟାଳୟ ମୁଖ୍ୟମାନଙ୍କୁ ଆବଶ୍ୟକ ବୈଷୟିକ ଜ୍ଞାନ ସହିତ ସଜ୍ଜିତ କରିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା। ଅଂଶଗ୍ରହଣକାରୀମାନେ ଅଧିବେଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ଛାତ୍ରବୃତ୍ତି ବିତରଣ ସମ୍ବନ୍ଧୀୟ ଅନେକ ପ୍ରକ୍ରିୟାଗତ ଦିଗ ସ୍ପଷ୍ଟ କରିଥିବାରୁ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।



ଛାତ୍ରବୃତ୍ତି ପାଇଁ ଓ.ଟି.ଆର ପଞ୍ଜୀକରଣ ଉପରେ ତାଲିମ କାର୍ଯ୍ୟକ୍ରମ।

# ଜିଲା ସ୍ତରୀୟ ସ୍କୁଲ ଫୁଟ୍‌ବଲ ଚାମ୍ପିୟନଶିପ



ଉପସ୍ଥିତ ଜିଲା ଶିକ୍ଷାଧିକାରୀ ଓ ଅନ୍ୟମାନେ।

**ବରପାଲି,୨୩।୧୦(ଚିତ୍ତରଞ୍ଜନ ସାହୁ)**

ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଗୁରୁବାର ଜିଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ସୁନିତା ମୁନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବରଗଡ଼, ପଦ୍ମପୁର ଓ ଝାରବନ୍ଧ ବ୍ଲକର ବିଇଓ ସୁରେନ୍ଦ୍ର ସାହୁ, ଲୋକନାଥ ଭୋଇ ଓ ଶ୍ରୀ ଶୁଭମ୍ ପତି ତଥା ଜର୍ଜ ଉଚ୍ଚ ବିଦ୍ୟାଳୟ, ବରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ ଓ ବରପାଲି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାସ, ଶାନ୍ତି ସୁନା, ସନୋଜ ସେଟ୍ଠୀ ଓ ନାରାୟଣ ଭୁଏ ଯୋଗ ଦେଇଥିଲେ। ଜ୍ୟୋତିଷ ପ୍ରଧାନ ଓ ବରପାଲି ବିଇଓ ମୁକୁନ୍ଦ ମହାରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରଗଡ ଜିଲାର ୩୮୪ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବାଳକ ବିଭାଗରେ ପଦ୍ମପୁର ଓ ବରପାଲି ମଧ୍ୟରେ ହୋଇ ବରପାଲି ଦଳ ବିଜୟୀ ହୋଇଥିଲା। ପ୍ରଧାନ ଶିକ୍ଷକ ଅଶୋକ କୁମାର ପଣ୍ଡାଙ୍କ ଦ୍ୱାରା ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା ବେଳେ ସନୋଜ ସେଟ୍ଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀପାବଳିରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

**ପଦ୍ମପୁର,୨୩।୧୦(ପ୍ରଦୀପ୍ତ ଦାଶ)**

### ଅଶୋକ ଚାରା ଉପହାର

ପଦ୍ମପୁର ଉପଖଣ୍ଡର ନୂଆଁପାଲି ଗ୍ରାମର ଜଣାଶୁଣା ପରିବେଶବିତ୍ ମୀନକେତନ ସାହୁ ଏବଂ ପ୍ରକୃତିବନ୍ଧୁ କେଦାରନାଥ ସାହୁ ଏକ ନିଆରା ଭାବରେ ଦୀପାବଳି ପାଳନ କରି ସମାଜକୁ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଛନ୍ତି । ସମାଜର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଦୀପାବଳି ଉପହାର ଭାବରେ ଦୁର୍ଲଭ ଅଶୋକଚାରାକୁ ପ୍ରଦାନ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରଥମେ ପଦ୍ମପୁର ଯୁବରାଜ ପ୍ରତାପ ସିଂ ବରିହା, ଓମ୍‌ପ୍ରକାଶ ଅଗ୍ରୱାଲ, ଡା. ମାନଭଞ୍ଜନ ପଣ୍ଡା, ଡା. ରଜତ ସାହୁ, ପ୍ରଫେସର ଚିତ୍ତରଞ୍ଜନ ଦାଶ, ଅବସରପ୍ରାପ୍ତ ବିଚାରପତି ହରିହର ଶତପଥୀ, ସାମାଜିକ କର୍ମୀ ନିରୋଜ ଦୋରା, ଅବସରପ୍ରାପ୍ତ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଡା. ସୁଦୀପ୍ତ ଦାଶ, ସାମାଜିକ କର୍ମୀ ରାଧେଶ୍ୟାମ ପାତ୍ର, ରାଜକୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତାରାଚାନ୍ଦ ସାହୁ, ଭାସ୍କର ଦାଶ, ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ସୁବୋଧ କୁମାର ତ୍ରିପାଠୀ, ଶିକ୍ଷକ ସତ୍ୟମୟ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ଚୂଡ଼ାମଣି ସାହୁ, ଭଗବାନ ମଲ୍ଲିକ, ରବୀନ୍ଦ୍ର ବରିହା ପ୍ରମୁଖଙ୍କ ବାସଭବନକୁ ଯାଇ ଅଶୋକଚାରା ଉପହାର ଦେଇ ଦୀପାବଳିର ଶୁଭକାମନା ଜଣାଇବା ସହ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ପ୍ରକୃତିବନ୍ଧୁଙ୍କ ଏହି ନିଆରା ଦୀପାବଳି ପାଇଁ ଅଞ୍ଚଳର ବିଭିନ୍ନ ବର୍ଗରୁ ପ୍ରଶଂସା ମିଳିଥିବା ଜଣାଯାଏ ।

# ସାମାଜିକ କର୍ମୀ ଇନ୍ଦ୍ରମଣିଙ୍କ ପରଲୋକ

**ପାଇକମାଳ,୨୩।୧୦(ବଡ଼ ଶତପଥୀ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁର ବିଶିଷ୍ଟ ସାମାଜିକ କର୍ମୀ ତଥା ବ୍ୟବସାୟୀ ଇନ୍ଦ୍ରମଣି ସାହୁ(୭୦)ଙ୍କ ଗୁରୁବାର ସକାଳେ ନୂଆପଡାସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ କଂଗ୍ରେସ ନେତା ଟଙ୍କଧର ସାହୁଙ୍କ ବାପା ତଥା ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ଭାଇ ଥିଲେ। ସେ ମାଣ୍ଡୋସିଲ ଅଞ୍ଚଳର ଜଣେ ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଥିଲେ। ଗାଁ ଜଗନ୍ନାଥ ମନ୍ଦିରର ଜଣେ ସକ୍ରିୟ ସଦସ୍ୟ ଥାଇ ମନ୍ଦିର ମୁଖ୍ୟ ଦାୟିତ୍ୱ ତୁଲାଉଥିଲେ। ମାଣ୍ଡୋସିଲ ତାଙ୍କ ପୈତୃକ ଗାଁରେ ତାଙ୍କୁ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ଟଙ୍କଧର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ରାଷ୍ଟ୍ରପ୍ରବକ୍ତା ଡ. ହମିଦ ହୁସେନ, ପ୍ରଦେଶ କଂଗ୍ରେସ କମିଟି ମିଡିଆ ଚେୟାରମ୍ୟାନ ଅରବିନ୍ଦ ଦାସ, ବିଧାୟକ ସାଗର ଦାସ, ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ନୂଆପଡ଼ା ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ, ରବି ମଙ୍ଗରାଜ, ସୁଧୀର ମିଶ୍ର, ଆଲୋକ ଗୁରୁ, ଗୋପାଳ ସାହୁ, ଭାଜପା ନେତା ମୁରଲୀଧର ସୁନା, କଂଗ୍ରେସ ନେତା ଗୌନ୍ତିଆ ସାହୁ, ବିନୋଦ କାଳିଆ, ମନୋଜ ତ୍ରିବେଦୀ, ବିଜୟାନନ୍ଦ ପଟ୍ଟନାୟକ, ମହେନ୍ଦ୍ର ଖୁଣ୍ଟିଆ, ମୁଜାଫର ହୁସେନ, ପ୍ରଦୀପ ବେହେରା, ଗଜାନନ ଶର୍ମା, ଦିଲ୍ଲୀପ ଦାନି, ସାହୁ ସମାଜର ସଭାପତି ଲକ୍ଷ୍ମଣ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।



**ଆଜି ବିଶ୍ୱ ପୋଲିଓ ଦିବସ**



# ପୋଲିଓକୁ ପରାସ୍ତ କରନ୍ତୁ

ପୋଲିଓମାଇଲାଇଟିସ୍ ରୋଗକୁ ସଂକ୍ଷେପରେ ପୋଲିଓ ବୋଲି କୁହାଯାଏ। ଏହା ଏକ ଭୂତାଣୁ ଜନିତ ରୋଗ। ପୋଲିଓ ଭାଇରସ୍ ନାମକ ଭୂତାଣୁ ସଂକ୍ରମଣ ଯୋଗୁ ଏହି ରୋଗ ଜାତ ହୁଏ। ଭୂତାଣୁ ବା ଭାଇରସ୍ ମୁଖ୍ୟତଃ ସଂକ୍ରମଣ କରିଥାଏ ମଣିଷର ପରିପାକ ତନ୍ତ୍ରକୁ। ଖୁବ୍ କମ୍ କ୍ଷେତ୍ରରେ ଏହା କେନ୍ଦ୍ରୀୟ ସ୍ନାୟୁତନ୍ତ୍ରକୁ ସଂକ୍ରମଣ କରି ଜାତ କରିପାରେ ପକ୍ଷାଘାତ ବା ପାରାଲିସିସ୍। ଅତି ବିରଳ କ୍ଷେତ୍ରରେ ରୋଗୀର ମୃତ୍ୟୁ ଘଟିଥାଏ। ଭାଇରସ୍ ଥାଏ ସଂକ୍ରମିତ ରୋଗୀର ମଳରେ ଏବଂ ଲାଳରେ। ୩-୪ ମାସ ପର୍ଯ୍ୟନ୍ତ ଏହା ରହିଯାଏ ମଳରେ। ସବୁ ବୟସର ବ୍ୟକ୍ତି ପୋଲିଓ ଦ୍ୱାରା ଆକ୍ରାନ୍ତ ହୋଇପାରୁଥିଲେ ମଧ୍ୟ ଏହା ବେଶି ଆକ୍ରାନ୍ତ କରିଥାଏ ପିଲାମାନଙ୍କୁ।

ଭାଇରସ୍ ଦ୍ୱାରା ସଂକ୍ରମିତ ଜଳ, ଖାଦ୍ୟ, କ୍ଷୀର ଖାଇଲେ ଏହି ରୋଗ ଜାତ ହୁଏ। ଭଲ ଭାବରେ ହାତ ନ ଧୋଇ ଖିଆପିଆ କଲେ ସୁଗମ ହୋଇଯାଏ ରୋଗ ସଂକ୍ରମଣ। ସଂକ୍ରମିତ ବାସନକୁସନ ସଂସ୍ପର୍ଶରେ ଆସିଲେ ଏବଂ ମାଛି ଦ୍ୱାରା ମଧ୍ୟ ରୋଗ ବ୍ୟାପେ। ରୋଗୀର ମଳ ହିଁ ସଂକ୍ରମଣର ପ୍ରଧାନ ଉତ୍ସ। ରୋଗ ସଂକ୍ରମଣ ହାର ବଢ଼ିଯାଏ ବର୍ଷା ଋତୁରେ। କାରଣ ବର୍ଷା ଯୋଗୁ ଜଳ ଉତ୍ସ ମଳ ସହ ମିଶିଯିବା ସୁଗମ ହୋଇଥାଏ। ପୋଲିଓ ଦମନ ପାଇଁ ସାର୍ବଜନୀନ ପୋଲିଓ ପ୍ରତିଷେଧକ ଟିକାର ପ୍ରଦାନ ସାରା ବିଶ୍ୱରେ କାର୍ଯ୍ୟକାରୀ ହେଉଛି। ଆମ ଦେଶ ଭାରତ ସମ୍ପୂର୍ଣ୍ଣ ପୋଲିଓମୁକ୍ତ। ୨୦୧୪ ମାର୍ଚ୍ଚ ୨୭ରୁ ଆମ ଦେଶକୁ ସମ୍ପୂର୍ଣ୍ଣ ପୋଲିଓମୁକ୍ତ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ ଆମ ଦେଶର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବାର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ପୋଲିଓ ରୋଗ ସମ୍ପର୍କରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୪ରେ ପାଳିତ ହୋଇଆସୁଛି 'ବିଶ୍ୱ ପୋଲିଓ ଦିବସ'। ପୋଲିଓ ଟିକାର ଉଦ୍ଭାବକ ଜୋନାସ୍ ସାକ୍‌ଙ୍କ ଜନ୍ମ ତିଥି (ଅକ୍ଟୋବର ୨୪)କୁ ସ୍ମରଣ କରିବା ଲାଗି ଏହି ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି- 'ଏଣ୍ଡ ପୋଲିଓ : ଏଭ୍ରି ଚାଇଲ୍ଡ, ଏଭ୍ରି ଭ୍ୟାକ୍‌ସିନ୍, ଏଭ୍ରି ହୋୟାର' (ସର୍ବତ୍ର ପ୍ରତି ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇ ପୋଲିଓକୁ ସମାଧି ଦେବା।) ପୋଲିଓକୁ ପରାସ୍ତ କରି ତା'ର ଅନ୍ତ ଘଟାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,**
**'ଅଭୀପ୍‌ସା'ସେକ୍ଟର-୬, ପ୍ଲଟ ନଂ- ୧୧୩୧, ଅଭିନବ ବିଡ଼ାନାସୀ, କଟକ**

# ଅନ୍ତର୍ଜାତୀୟ ସହଯୋଗକୁ ଗୁରୁତ୍ୱ


**ଜାତିସଂଘ ଦିବସ**

୧୯୪୫ ମସିହାରେ ଜାତିସଂଘ ପ୍ରତିଷ୍ଠାକୁ ସ୍ମରଣ କରି ପ୍ରତିବର୍ଷ ଅକ୍ଟୋବର ୨୪ରେ 'ଜାତିସଂଘ ଦିବସ' ପାଳନ କରାଯାଏ। ଚଳିତ ବର୍ଷ ଜାତିସଂଘର ୮୦ ତମ ବାର୍ଷିକୀ ପାଳିତ ହେଉଛି। ଏହି ଦିବସ ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବାରେ ଜାତିସଂଘର ଭୂମିକା ଏବଂ ଶାନ୍ତି, ମାନବାଧିକାର ଏବଂ ସ୍ଥାୟୀ ବିକାଶ ଦିଗରେ ଏହାର ପ୍ରୟାସକୁ ଆଲୋକପାତ କରିଥାଏ। ଜାତିସଂଘ ଏହି ଦିବସ ପାଇଁ କୌଣସି ନିର୍ଦ୍ଦିଷ୍ଟ ଥିମ୍ ପ୍ରକାଶ କରୁନଥିଲେବି ଏହା ଶାନ୍ତି, ଏକତା ଓ ବିଶ୍ୱ ସହଭାଗିତାକୁ ପ୍ରୋତ୍ସାହନ ଏବଂ ଶିକ୍ଷା ଉପରେ ଗୁରୁତ୍ୱ ଦେଇଆସୁଛି।

# ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

ଭାରତୀୟ ହକିକୁ ଯେଉଁ ମହାନ୍ ବ୍ୟକ୍ତିମାନେ ମହତ୍ତ୍ୱର ଅବଦାନ ଦେଇଛନ୍ତି, ସେମାନଙ୍କୁ ମନେ ପକାଇବା ଅବସରରେ ଭାଗ (୧)ରେ ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦ, ଭାଗ (୨)ରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂ କୁଲର ଏବଂ ଭାଗ (୩)ରେ ରିଚାର୍ଡ୍‌ସ କ୍ରେମ୍‌ସ ଅଲେର୍ନ ତଥା ରଣଧୀର ସିଂ ଜେଣ୍ଟଲ୍‌ଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହିକ୍ରମରେ ଏଥର ୪ର୍ଥ ଭାଗରେ କୁଅଁର ଦିଗ୍‌ବିଜୟ ସିଂ 'ବାବୁ'।

(ଭାଗ-୪)

## କୁଅଁର ଦିଗ୍‌ବିଜୟ ସିଂ 'ବାବୁ'

ଭାରତୀୟ ହକିର ଇତିହାସରେ ଯଦି କଳାତ୍ମକ ଶୈଳୀରେ ଡ୍ରିବଲ୍ କରି ପ୍ରତିପକ୍ଷ ଦଳକୁ ପରାସ୍ତ କରିବା କ୍ଷେତ୍ରରେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ସମକକ୍ଷ ହୋଇପାରିଥିବା ଖେଳାଳିଙ୍କ କଥା ବିଚାରକୁ ନିଆଯାଏ, ତେବେ କୁଅଁର ଦିଗ୍‌ବିଜୟ ସିଂଙ୍କ ନାମ ସର୍ବପ୍ରଥମେ ମନକୁ ଆସେ। ଶ୍ରଦ୍ଧାରେ ଲୋକମାନେ ତାଙ୍କୁ 'ବାବୁ' ବୋଲି ଡାକୁଥିଲେ। ଉତ୍ତର ପ୍ରଦେଶର ବାରବାଙ୍କି ଜିଲାରେ ଗୋଟିଏ ସମ୍ଭ୍ରାନ୍ତ



କୁଅଁର ଦିଗ୍‌ବିଜୟ ସିଂ 'ବାବୁ'

ତାଲୁକଦାର ପରିବାରରେ ତାଙ୍କର ଜନ୍ମ ୧୯୨୨ ଫେବୃଆରୀ ୨ ତାରିଖରେ। ତାଙ୍କ ପିତା ରାୟବାହାଦୁର ଠାକୁର ରଘୁନାଥ ସିଂଙ୍କର ସେଥିଲେ ପଞ୍ଚମ ପୁତ୍ର। ତାଙ୍କର ଦୁଇଜଣ ବଡ ଭାଇ ମଧ୍ୟ ଉତ୍ତରପ୍ରଦେଶ ରାଜ୍ୟ ହକି ଦଳ ପାଇଁ ଖେଳୁଥିଲେ। ପିତା ରଘୁନାଥ ସିଂ ଥିଲେ ଜଣେ ଭଲ ଟେନିସ୍ ଖେଳାଳି, ଓକିଲ ଏବଂ ସମାଜସେବୀ। ତେଣୁ ଗୋଟିଏ କ୍ରୀଡ଼ାବିତ୍ ପରିବାରରେ ଜନ୍ମିତ ଦିଗ୍‌ବିଜୟଙ୍କର ଅତି ପିଲାଦିନୁ ଖେଳିବା ପାଇଁ ଥିଲା ପ୍ରବଳ ଆଗ୍ରହ। ହକି ଥିଲା ତାଙ୍କର ପ୍ରଥମ ପସନ୍ଦ। ତାଙ୍କୁ ଯେତେବେଳେ ମାତ୍ର ୩ ବର୍ଷ ବୟସ ହୋଇଥିଲା, ସେତେବେଳଠାରୁ ସେ ତାଙ୍କର ପ୍ରିୟ ହକି ଷ୍ଟିକ୍ ଟିକୁ ଧରି ଶେଯରେ ବହୁ ସମୟରେ ଶୋଇଥିଲେ। ସେ ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ହକି ଦେୱା ମେଳାରେ ଖେଳିଥିଲେ।

୧୯୩୭ରେ ମାତ୍ର ୧୫ ବର୍ଷ ବୟସରେ ସେ ଆନ୍ତଃ ମହାବିଦ୍ୟାଳୟ ହକି ପ୍ରତିଯୋଗିତାରେ ତାଙ୍କ ମହାବିଦ୍ୟାଳୟ ହକିଟିମ୍ ପାଇଁ ଖେଳିବା ଆରମ୍ଭ କଲେ। ୧୯୩୮ରେ ସେ ଲକ୍ଷ୍ନୌ ୟଙ୍ଗ୍ ମେନ୍‌ସ ଆସୋସିଏଶନ (ଏଲ୍‌ୱାଇଏ) କ୍ଲବ୍ ତରଫରୁ ଦିଲ୍ଲୀରେ ଅନୁଷ୍ଠିତ ଟ୍ରେଡର୍ସ କପ୍ ପ୍ରତିଯୋଗିତାରେ ହକି ଖେଳିଥିଲେ। ଏହି ପ୍ରତିଯୋଗିତାରେ ତତ୍କାଳୀନ ଶକ୍ତିଶାଳୀ ଦିଲ୍ଲୀ ହକି ଦଳ ବିରୋଧରେ ସେ ଖେଳିଥିଲେ। ୧୯୩୬ରେ ବର୍ଲିନ ଅଲିମ୍ପିକ୍ କ୍ରୀଡ଼ାରେ ଭାରତ ପାଇଁ ଖେଳିଥିବା ହକି ଖେଳାଳି ମହମ୍ମଦ ହୁସେନ୍ ମଧ୍ୟ ଏଥିରେ ଦିଲ୍ଲୀ ଦଳ ପାଇଁ ପଡିଆକୁ ଓହ୍ଲେଇ ଥିଲେ। ତାଙ୍କର କଳାତ୍ମକ ଡ୍ରିବଲ ଓ ପାଶ୍ ଦେବା ଦକ୍ଷତାରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ହୁସେନ। ଆନନ୍ଦରେ ସେ କହିଥିଲେ ଯେ "ଏଇ ପିଲାଟିଦିନେ ନା ଦିନେ ଜଣେ ପ୍ରସିଦ୍ଧ ହକି ଖେଳାଳି ଭାବେ ନିଶ୍ଚିତ ସୁନାମ ଅର୍ଜନ କରିବ"। ତାଙ୍କର ଏହି ଭବିଷ୍ୟତ ବାଣୀ ପରବର୍ତ୍ତୀ ସମୟରେ ସତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବାରବାଙ୍କିର କମ୍ରେଡ୍‌ସ କ୍ଲବ୍ ପାଇଁ ଖେଳିଥିବା ଦିଗ୍‌ବିଜୟ ଉତ୍ତର ପ୍ରଦେଶ ରାଜ୍ୟ ହକି ଦଳ ପାଇଁ ୧୯୩୯ରୁ ୧୯୫୯ ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ଭାବେ ସର୍ବଭାରତୀୟ ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଇଥିଲେ।



କେ.ଡି.ସିଂ ବାବୁ ଷ୍ଟାଡିୟମ

ଭାରତୀୟ ହକି ଦଳର ଖେଳାଳି ଭାବେ ତାଙ୍କର ପ୍ରଥମ ମନୋନୟନ ହୁଏ ୧୯୪୬-୪୭ରେ ଯେତେବେଳେ ସେ ଆଫଗାନିସ୍ତାନ ଗସ୍ତ କରିଥିବା ଭାରତୀୟ ହକି ଦଳର ସଦସ୍ୟହେଲେ। ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଅତିଶୀଘ୍ର ସେ ବିଶ୍ୱ ହକି ଜଗତର ଜଣେ ଦୁର୍ଦ୍ଧର୍ଷ ଫରୱାର୍ଡ ଖେଳାଳି ଭାବେ ଗଣ୍ୟ ହେଲେ। ୧୯୪୭ରେ ଭାରତୀୟ ହକି ଦଳର ପୂର୍ବ ଆଫ୍ରିକା ଗସ୍ତ ସମୟରେ ସେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ସହିତ ମିଶି ଖେଳିବାର ସୁଯୋଗ ପାଇଥିଲେ। ନିଜର ଅପୂର୍ବ ଷ୍ଟିକ୍ ଚାଳନା, କ୍ଷୀପ୍ରଗତି ଓ ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ଏହି ଗସ୍ତ ସମୟରେ ସେ ମୋଟ ୭୦ଟି ଗୋଲ ଦେଇଥିଲେ। ଯେତେବେଳେ କି ଧ୍ୟାନଚାନ୍ଦ ଦେଇଥିଲେ ୬୨ଟି ଗୋଲ। ଏହି ଗସ୍ତ ସମୟରେ ପ୍ରଶଂସକ ମାନେ ଧ୍ୟାନଚାନ୍ଦଙ୍କ ସହିତ ତାଙ୍କର ତୁଳନା କରିବା ଆରମ୍ଭ କରିଥିଲେ ଓ ହକିର ଜାତୀୟ ମନୋନୟନ କମିଟି ୧୯୪୮ର ଲଣ୍ଡନ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳର ଉପ ଅଧିନାୟକ ଭାବେ ତାଙ୍କ ନାମରେ ମୋହର ମାରି ଥିଲେ। ସ୍ୱାଧୀନତା ପ୍ରାପ୍ତିପରେ ଏହାଥିଲା ଭାରତର ପ୍ରଥମ ଅଲିମ୍ପିକ୍‌ରେ ଅଂଶଗ୍ରହଣ। ଏହି ଅଲିମ୍ପିକ୍‌ରେ ହକିରେ ମୋଟ ୧୩ ଗୋଟି ଦେଶ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଇଂଲଣ୍ଡକୁ ୪-୦ ଗୋଲରେ ପରାସ୍ତ କରି ଭାରତ ଏକ ସ୍ୱାଧୀନ ଦେଶ ଭାବେ ପ୍ରଥମ ଓ ମୋଟରେ ଚତୁର୍ଥ ସ୍ୱର୍ଣ୍ଣପଦକ ହାସଲ କଲା ହକି ଖେଳରେ। ଭାରତ ୧୯୨୮, ୧୯୩୨ ଓ ୧୯୩୬ ମସିହାରେ ଅନୁଷ୍ଠିତ ଅଲିମ୍ପିକ୍‌ରେ ହକିରେ କ୍ରମାଗତ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲା ସତ କିନ୍ତୁ ଏହି ପଦକ ଥିଲା ଅତି ସ୍ୱତନ୍ତ୍ର। ୧୯୪୮ ଅଲିମ୍ପିକ୍‌ରେ ତାଙ୍କର କ୍ରୀଡ଼ା ଦକ୍ଷତାକୁ ପ୍ରଶଂସା କରି ଗୋଟିଏ ଅଗ୍ରଣୀ ବ୍ରିଟିଶ ଖବରକାଗଜ ଲେଖିଥିଲା- "ବାବୁଙ୍କର ପାରଦର୍ଶିତା ଯେତେଦୂର ସମ୍ଭବ ଅତ୍ୟନ୍ତ ନିଖୁଣ ଥିଲା। ଚମକେଇ ଦେଲା ଭଳି ଡ୍ରିବଲିଙ୍ଗ ଓ ସୁଯୋଗ ଦେଖି ସାଥୀ ଖେଳାଳିଙ୍କୁ ପାଶ୍ ଦେବାର ଦକ୍ଷତା ଥିଲା ତାଙ୍କ କ୍ରୀଡ଼ାର ବିଶେଷତ୍ୱ। ଇଂଲଣ୍ଡର ରକ୍ଷଣ ଭାଗକୁ ବିଧ୍ୱସ୍ତ କରିଦେବା ପାଇଁ ତାଙ୍କର ଉଦ୍ୟମ ଥିଲା ଅକଳ୍ପନୀୟ। ଭାରତୀୟ ଆକ୍ରମଣର ସେ ଥିଲେ ମାର୍ଗଦର୍ଶକ। ସେ ହେଉଛନ୍ତି ଧ୍ୟାନଚାନ୍ଦଙ୍କ ଭଳି ଅବିଶ୍ୱନୀୟ ଖେଳାଳି।"

୧୯୪୯ରେ ସେ ଭାରତୀୟ ହକି ଦଳର ଅଧିନାୟକ ଭାବେ ମନୋନୀତ ହେଲେ। ୧୯୫୨ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଭାରତୀୟ ଦଳକୁ ସୁସଙ୍ଗଠିତ କରିବାର ଲକ୍ଷ୍ୟ ଦିଆଯାଇଥିଲା ତାଙ୍କୁ। ସେ ମନପ୍ରାଣ ଦେଇ ଏହି ଦାୟିତ୍ୱ ସମ୍ପାଦନ କରିବାରେ ଲାଗି ପଡିଲେ। ଫଳସ୍ୱରୂପ ଏହି ୧୯୪୯ ମସିହାରେ ବିଭିନ୍ନ ପ୍ରତିଯୋଗିତାରେ ଦଳ ଦେଇଥିଲା ମୋଟ ୨୩୬ ଗୋଲ ଏବଂ ତନ୍ମଧ୍ୟରୁ ସେ ଦେଇଥିଲେ ସର୍ବାଧିକ ୯୯ ଗୋଲ୍। ଏହାପରେ ୧୯୫୨ରେ ଫିନ୍‌ଲାଣ୍ଡର ହେଲସିଙ୍କିରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଭାରତୀୟ ହକି ଦଳର ଅଧିନାୟକ ହେଲେ ଦିଗ୍‌ବିଜୟ। ଭାରତ ଫାଇନାଲରେ ହଲାଣ୍ଡକୁ ୬-୧ ଗୋଲ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କଲା। ପ୍ରାକ୍ତନ ନ୍ୟୁଜିଲାଣ୍ଡ ଅଧିନାୟକ ସିରିଲ ୱାଲଟର ତାଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ- "ମୁଁ 'ବାବୁ'ଙ୍କର ସମ୍ଭାଷଣ ପାଇଁ ଉପଯୁକ୍ତ ବିଶେଷଣ ଖୋଜି ପାଉନାହିଁ। ତାଙ୍କୁ ଉଚ୍ଚକୋଟୀର ଡ୍ରିବ୍‌ଲିଙ୍ଗ ଏବଂ ଗାଣିତିକ ଢଙ୍ଗରେ ସମୟଉପଯୋଗୀ ପାସ ଦେବାର କଳା ଅତ୍ୟନ୍ତ ଚିତ୍ତାକର୍ଷକ। ତାଙ୍କର କ୍ରୀଡ଼ା ଦକ୍ଷତା ହେଉଛି ଗୋଟିଏ ଗତିଶୀଳ କବିତା କହିଲେ ଅତ୍ୟୁକ୍ତି ହେବନି।"




କୁଅଁର ଦିଗ୍‌ବିଜୟ ସିଂ "ବାବୁ" ପ୍ରକୃତରେ ଥିଲେ ଜଣେ ବିଚକ୍ଷଣ ଖେଳାଳି। ତାଙ୍କର ଅପୂର୍ବ ଷ୍ଟିକ୍ ଚାଳନା, ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ପ୍ରତିପକ୍ଷଙ୍କୁ ଚକ୍‌ମା ଦେଇ ଆଗକୁ ବଢ଼ିବା ଓ ସୁବିଧା ଦେଖି ଭୂମିର ସମାନ୍ତରାଳ ଭାବେ ଛୋଟ ଛୋଟ ପାସ୍ ଦେଇ ଗୋଲ୍ ଦେବାରେ ନିଜ ଦଳ ଖେଳାଳିଙ୍କୁ ସାହାଯ୍ୟ କରିବାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କର ଦକ୍ଷତା ପାଇଁ ଧ୍ୟାନଚାନ୍ଦଙ୍କ ସହିତ ତାଙ୍କୁ ତୁଳନା କରାଯାଉଥିଲା। ୧୯୫୫ରେ ସେ ନ୍ୟୁଜିଲାଣ୍ଡ ଗସ୍ତ କରିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ଭଲ ଫର୍ମରେ ଥିବା ସତ୍ତ୍ୱେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ନିମନ୍ତେ ୧୯୫୬ର ମେଲ୍‌ବୋର୍ନ ଅଲିମ୍ପିକ୍ସ ଓ ୧୯୫୮ ଏସୀୟ କ୍ରୀଡ଼ା ପାଇଁ ମନୋନୀତ ହେବା ସତ୍ତ୍ୱେ ନିଜ ଆଡୁ ଓହରି ଯାଇଥିଲେ, ଯାହାକି ଅତ୍ୟନ୍ତ ବିରଳ ଘଟଣା। ଇନ୍‌ସାଇଡ୍ ରାଇଟ୍ ପୋଜିଶନ୍‌ରେ ଖେଳୁଥିବା 'ବାବୁ' ୮୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରି ୧୭୫ଟି ଗୋଲ୍ ଦେଇଥିଲେ।

ଖେଳାଳି ଜୀବନରୁ ଅବସର ନେଲା ପରେ କେ.ଡି. ସିଂ ବାବୁ ୧୯୫୬-୫୭ରେ ଗଠିତ ଉତ୍ତର ପ୍ରଦେଶ ସ୍ପୋର୍ଟ୍ସ କାଉନ୍‌ସିଲର ସଂଗଠନ ସମ୍ପାଦକ ଭାବେ କାର୍ଯ୍ୟ କଲେ। ତାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଉତ୍ତରପ୍ରଦେଶ କ୍ରୀଡ଼ା ନିର୍ଦ୍ଦେଶାଳୟ ଗଠିତ ହେଲା ୧୯୬୪ରେ ଓ ସେ ଏହାର ପ୍ରଥମ ନିର୍ଦ୍ଦେଶକ ଦାୟିତ୍ୱ ବହନ କଲେ। ସେ ପଢୁଥିବା ବାରବାଙ୍କୀ ସରକାରୀ ଉଚ୍ଚବିଦ୍ୟାଳୟ ଓ ଲକ୍ଷ୍ନୌର କାନ୍ୟକୁବ୍‌ଜ ଇଣ୍ଟର କଲେଜ ସମୟର ତାଙ୍କର ଅନୁଭୂତିକୁ ପାଥେୟ କରି ରାଜ୍ୟରେ କ୍ରୀଡ଼ା ଛାତ୍ରାବାସ ଓ କ୍ରୀଡ଼ା ମହାବିଦ୍ୟାଳୟ ମାନ ପ୍ରତିଷ୍ଠା କରିବାରେ ଅଗ୍ରଣୀ ଭୂମିକା ନେଲେ। ଉନ୍ନତ ପ୍ରଶିକ୍ଷଣ ଓ ତାଲିମ ଦ୍ୱାରା ଅନେକ ଖାତନାମା ଖେଳାଳି ସୃଷ୍ଟି ହେଲେ। ସେମାନଙ୍କ ମଧ୍ୟରେ ସୟଦ ଅଲ୍ଲୀ, ରବୀନ୍ଦ୍ର ପାଲ ସିଂ, ମହମ୍ମଦ ସାହିଦ୍, ଜଗ୍‌ବୀର ସିଂ ଓ ସକୀଲ୍ ଅହମ୍ମଦଙ୍କ ଭଳି ଅଲିମ୍ପିଆନ୍ ପ୍ରମୁଖ ଥିଲେ। ତାଙ୍କର ଏହି କ୍ରୀଡ଼ା ଛାତ୍ରାବାସ ଓ କ୍ରୀଡ଼ା ମହାବିଦ୍ୟାଳୟ ସ୍ଥାପନ ଯୋଜନାକୁ ଅନ୍ୟରାଜ୍ୟମାନେ ଅନୁକରଣ କରିଥିଲେ। ସେ ମଧ୍ୟ ପରବର୍ତ୍ତୀ ସମୟରେ ବହୁବାର ଭାରତୀୟ ହକିଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍‌ରେ ବ୍ରୋଞ୍ଜପଦକ ହାସଲ କରିଥିବା ଭାରତୀୟ ଦଳକୁ ସେ ପ୍ରଶିକ୍ଷଣ ଦେଇଥିଲେ। ହକି ଥିଲା ତାଙ୍କର ପ୍ରଥମ ପ୍ରେମ, ତାଙ୍କର ଜୀବନ, ନିଃଶ୍ୱାସ ଓ ସ୍ୱପ୍ନ। ଏହାବ୍ୟତୀତ ସେ ଗଲ୍ଫ, ଫୁଟବଲ, ଟେନିସ୍, କ୍ରିକେଟ ଓ ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ମଧ୍ୟ ରୁଚି ରଖୁଥିଲେ। ସେ ମଧ୍ୟ ଜଣେ ଦକ୍ଷ ଶିକାରୀ ଥିଲେ। ସେ ଅଖିଳ ଭାରତୀୟ କ୍ରୀଡ଼ା ପରିଷଦ, ରେଳବାଇ ବୋର୍ଡ, ଭାରତୀୟ ରାଇଫଲ ସଂଘ ଓ ବନ୍ୟପ୍ରାଣୀ ସଂରକ୍ଷଣ କମିଟି (ଉତ୍ତର ପ୍ରଦେଶ) ସହିତ ଜଡ଼ିତ ଥିଲେ।

ଦିଗ୍‌ବିଜୟ ଅନେକ ସମ୍ମାନର ଅଧିକାରୀ ହୋଇଥିଲେ। ତନ୍ମଧ୍ୟରେ ୧୯୫୮ରେ ଭାରତର ସମ୍ମାନଜନକ ପଦ୍ମଶ୍ରୀ ଏବଂ ୧୯୫୩ରେ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ମାନସୂଚକ ହେମ୍ସ ଟ୍ରଫି ଅନ୍ୟତମ। ହେମ୍ସ ଟ୍ରଫି ଆମେରିକାର କ୍ରୀଡ଼ା କ୍ଷେତ୍ରରେ ନୋବେଲ ପ୍ରାଇଜ୍ ଭାବେ ପରିଗଣିତ ହୁଏ। ସେ ୧୯୫୨ରେ ବିଶ୍ୱର ସର୍ବଶ୍ରେଷ୍ଠ ହକିଖେଳାଳି ଏବଂ ୧୯୫୩ରେ ଏସିଆ ମହାଦେଶର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଏହି ପୁରସ୍କାର ହାସଲ କରିଥିଲେ। ଏ କ୍ଷେତ୍ରରେ ସେ ଥିଲେ ପ୍ରଥମ ଭାରତୀୟ। ତାଙ୍କ ସମ୍ମାନାର୍ଥେ ଲକ୍ଷ୍ନୌ ଓ ବାରବାଙ୍କିରେ କେ.ଡି.ସିଂହବାବୁ ଷ୍ଟାଡିୟମ୍ ନାମିତ ହୋଇଛି। ବାରବାଙ୍କୀ ସହରରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟ ତାଙ୍କ ନାମରେ ନାମିତ ହୋଇଛି "କେଡିସିଂହ ବାବୁ ମାର୍ଗ ନାମରେ।"

ତାଙ୍କର ଜୀବନୀ ଉପରେ ଆଧାରିତ କ୍ରୀଡ଼ା-ନାଟକ ଚଳଚ୍ଚିତ୍ର "ଗୋଲ୍ଡ" ୨୦୧୮ରେ ନିର୍ମିତ ହୋଇଥିଲା, ଯେଉଁଥିରେ କି ଅମିତ ସାଦ୍ ତାଙ୍କ ଚରିତ୍ର (ଭାରତୀୟ ଦଳର ଉପଅଧିନାୟକ- ୧୯୪୮ ଅଲିମ୍ପିକ୍ କ୍ରୀଡ଼ା)ରେ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ହକିର ଅଧଃପତନ ତାଙ୍କୁ ଗଭୀର ମର୍ମାହତ କରିଥିଲା ବୋଲି ତାଙ୍କ ବନ୍ଧୁ ଅଲିମ୍ପିଆନ୍ ଅଶ୍ୱିନୀ କୁମାର ପ୍ରକାଶ କରିଥିଲେ। ୧୯୭୮ ମାର୍ଚ୍ଚ ୨୭ରେ ସେ ନିଜର ବନ୍ଧୁକ ସଫା କରୁଥିବା ବେଳେ ଅସାବଧାନତା ବଶତଃ ସେଥିରୁ ଗୁଳି ଫୁଟି ତାଙ୍କର ଦୁଃଖଦ ବିୟୋଗ ଘଟିଥିଲା।




୧୯୫୨ ଅଲିମ୍ପିକ୍ସରେ କେ.ଡି. ସିଂ ବାବୁଙ୍କ ନେତୃତ୍ୱରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ହକି ଦଳ।

# ଓଡ଼ିଆ ଆଥଲେଟ୍‌ଙ୍କ ଚମକ

**ଅକ୍ଟୋବର ୧୦ରୁ ୧୪ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଘରୋଇ ପରିବେଶରେ ପ୍ରତିଯୋଗିତା ହେଉଥିଲେ ହେଁ ଅଂଶଗ୍ରହଣ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ତେବେ ୬ ପ୍ରତିଯୋଗୀ ୭ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି...**

ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଗତ ୧୪ ତାରିଖରେ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣର ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷ ଜନକ ନ ଥିଲେ ମଧ୍ୟ କେତେକ ପ୍ରତିଯୋଗୀ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ୨୦୦ ଓ ୧୦୦ ମିଟର ରେସ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। କୁନି ରାଜଗଣ୍ଡ (୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ) ଓ ଛବୀନ୍ଦ୍ର ବେହେରା (୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ-ବି) ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବାବେଳେ ଓମ୍ ପ୍ରକାଶ ନନ୍ଦ (୨୦ ବର୍ଷରୁ କମ୍ ଶଟ୍‌ପୁଟ୍), ଆଲୋକିକା ସ୍ୱାଇଁ (୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ) ଓ ଅନି ସାଲବାମ୍ (୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର)ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପାଖାପାଖି ୨୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ।

**ତାମିଲନାଡୁ-ହରିୟାଣା ଟକ୍କର**

ପ୍ରତିଯୋଗିତା ଓଡ଼ିଶାରେ ହୋଇଥିଲେ ମଧ୍ୟ ଘରୋଇ ପ୍ରତିଯୋଗିମାନେ ତା'ର ବିଶେଷ ଫାଇଦା ନେଇପାରି ନ ଥିଲେ। ଟାଇଟଲ ପାଇଁ ତାମିଲନାଡୁ ଓ ହରିୟାଣା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଶେଷରେ ତାମିଲନାଡୁ ୨୮୯ ପଏଣ୍ଟ ସହିତ ଓଭରଅଲ୍ ଚାମ୍ପିୟନ ହୋଇଥିବାବେଳେ ହରିୟାଣା ମାତ୍ର ୨ ପଏଣ୍ଟ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ତିମ ଦିବସରେ ପର୍ଯ୍ୟନ୍ତ ତାମିଲନାଡୁ ଓ ହରିୟାଣା ମଧ୍ୟରେ କେଉଁ ଦଳ ଓଭରଅଲ୍ ଚାମ୍ପିୟନ ହେବ ତା'କୁ ନେଇ ଉତ୍ସାହ ଲାଗି ରହିଥିଲା। ମାତ୍ର ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳା ୪x୪୦୦ ମିଟର ରିଲେରେ ତାମିଲନାଡୁ ଦଳ ମିଟ୍ ରେକର୍ଡ ହାସଲ କରିବାରୁ ହରିୟାଣା ପଛରେ ପଡ଼ି ଯାଇଥିଲା। ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ଇଭେଣ୍ଟ ଗୁଡ଼ିକରେ ତାମିଲନାଡୁକୁ ଓଭରଅଲ୍ ଟିମ୍ ଟାଇଟଲ ମିଳିଥିଲା। ୧୮ ବର୍ଷରୁ କମ୍ ବାଳିକା ଓ ବାଳକ ଗ୍ରୁପ୍‌ରେ କିନ୍ତୁ ହରିୟାଣା ଆଗରେ ରହିଥିଲା। ଟିମ୍ ଚାମ୍ପିୟନଶିପ୍ କ୍ଷେତ୍ରରେ ୧୪ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୧୭ ଓ ବାଳକରେ ତେଲେଙ୍ଗାନାକୁ ୧୯, ୧୬ ବର୍ଷରୁ କମ୍ ବାଳିକାରେ ତାମିଲନାଡୁକୁ ୩୦ ଓ ବାଳକରେ ୨୪, ୧୮ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୨୬ ଓ ବାଳକରେ ୧୮ ପଏଣ୍ଟ ମିଳିଥିଲା। ସେହିପରି ୨୦ ବର୍ଷରୁ କମ୍ ବାଳିକାରେ ହରିୟାଣାକୁ ୫୮ ଓ ବାଳକରେ ତାମିଲନାଡୁକୁ ୫୨ ପଏଣ୍ଟ ପ୍ରାପ୍ତ ହୋଇଥିଲା। ୧୬ ବର୍ଷରୁ କମ୍ ବାଳିକାରେ କେରଳର ଜିଲଶା ଜିନ୍‌ଲି ଓ ବାଳକରେ ତାମିଲନାଡୁର ଅଭିନାଥ ଏ.ବି., ୧୮ ବର୍ଷରୁ କମ୍ ବାଳକରେ ହରିୟାଣାର ନିଶ୍ଚୟ ଓ ବାଳିକାରେ ମହାରାଷ୍ଟ୍ରର ସୌର୍ଯ୍ୟା ଆମ୍ବୁରେ, ୧୪ ବର୍ଷରୁ କମ୍ ବାଳିକାରେ ହରିୟାଣାର ଆରାଧ୍ୟା ସିଂ ଏବଂ ୨୦ ବର୍ଷରୁ କମ୍ ମହିଳାରେ ଉତ୍ତର ପ୍ରଦେଶର ନିରୁ ପାଠକ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲେ।




### ପଦକ ବିଜେତା ଓଡ଼ିଶା ଖେଳାଳି

**ପ୍ରତୀକ ମହାରଣା:** ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ। ୨୧.୨୪ ସେକେଣ୍ଡ ସମୟ ନେଇ ସେ ଆମେରିକାରେ ହେବାକୁଥିବା ବିଶ୍ୱ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ। ଏହା ବ୍ୟତୀତ ସେ ନୂଆ ମିଟ୍ ରେକର୍ଡର ମଧ୍ୟ ଅଧିକାରୀ ହେଲେ। ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ୧୦.୭୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ବିଜୟୀ।

**କୁନି ରାଜଗଣ୍ଡ:** ୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ।

**ଛବୀନ୍ଦ୍ର ବେହେରା:** ୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ-ବି ଇଭେଣ୍ଟରେ ରୌପ୍ୟ।

**ଓମ୍ ପ୍ରକାଶ ନନ୍ଦ:** ୨୦ ବର୍ଷରୁ କମ୍ ଶଟ୍‌ପୁଟ୍ ଇଭେଣ୍ଟରେ ୧୮.୨୪ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ।

**ଆଲୋକିକା ସ୍ୱାଇଁ:** ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ବ୍ରୋଞ୍ଜ (୪୭.୫୬ ମିଟର) ପଦକ।

**ଅନି ସାଲବାମ୍:** ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ଇଭେଣ୍ଟରେ ୧:୧୯.୯୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ।

### ବିଗ୍ ଡିଫରେଣ୍ଟ

ଟିମ୍ ଇଣ୍ଡିଆର ଭାଇସ୍ କ୍ୟାପ୍‌ଟେନ
ସ୍ମୃତି ରଚିଛନ୍ତି ସ୍ମୃତି
ଫାଷ୍ଟ କ୍ରିକେଟର ଭାବେ ସେ ୱିମେନ
ୱାନ୍‌ଡେରେ ରଚିଲେ କିର୍ତ୍ତୀ
କମ୍ ଇନିଂସ ଖେଳି ଖ୍ୟାତି
ବର୍ଷକରେ ୱାନ୍ ଥାଉଜେଣ୍ଡ ରନ୍
ଏଠି ଇତିହାସ ସାଥୀ।




ସ୍ନାଚ ହେଉ କିମ୍ବା କ୍ଲିନ୍ ଆଣ୍ଡ ଜର୍କରେ
ଓଜନ ଉଠାଇ ଭାଇ
ଫୋର୍ଡେପରେ ଷ୍ଟାର ଭାରଉତ୍ତୋଳିକା
ଭାରତର ମୀରାବାଈ
ସିଲଭର ପଦକ ପାଇ
ପଦକ ବିଜେତା ମଧ୍ୟରେ ନିଜକୁ
ସାମିଲ କରିଛି ନେଇ।

ଗୋଆଠି ଓଡ଼ିଶା ପାରା ଆଥଲେଟ୍
ଖେଳି ଦମୟନ୍ତୀ ଓଝା
ପର୍ପଲ ଫେଷ୍ଟରେ ସିଲଭର ପଦକ
ଜିତିଅଛି ବଜା ବାଜା
କିଏ ଖାଏ ରୋଲ୍, ପିଜା
ବିଗ୍ ଡିଫରେଣ୍ଟ ୟୁଥ୍ କ୍ରାଇମ୍ କରି
କାଟନ୍ତି ଜେଲ୍‌ରେ ସଜା।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୪/୨୦୨୫ Bhubaneswar, Friday, October 24/ 2025

# ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

**ଆଡିଲେଡ୍, ୨୩।୧୦**

ମାଥ୍ୟୁ ଶର୍ଟ ଓ କୁପର କନୋଲିଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ୨ ଉଇକେଟରେ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ଅଷ୍ଟ୍ରେଲିଆ ଦଳ ୨-୦ରେ ଆଗୁଆ ଜିତିଛି। ଭାରତ ପକ୍ଷରୁ

**ପୁଣି ଫେଲ୍ ମାରିଲେ କୋହଲି**

ଧାର୍ଯ୍ୟ ୨୬୫ ରନର ଚ୍ୟାଲେଞ୍ଜିଂ ଟାର୍ଗେଟକୁ ଅଷ୍ଟ୍ରେଲିଆ ୪୬.୨ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ଗତ ୧୭ ବର୍ଷରେ ଆଡିଲେଡ୍‌ରେ ଏହା ଭାରତୀୟ ଦଳର ପ୍ରଥମ ପରାଜୟ। ମ୍ୟାଚ୍‌ରେ ପୂର୍ବତନ ଅଧିନାୟକ ରୋହିତ ଶର୍ମା ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ବ୍ୟାଟିଂ ଷ୍ଟାର ବିରାଟ କୋହଲି ପୁଣି ଥରେ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ୪ ଉଇକେଟ ନେଇଥିବା


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆଡାମ ଜାମ୍ପା (ମଝି)ଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

ଆଡାମ ଜାମ୍ପାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଅନ୍ତିମ ତଥା ତୃତୀୟ ମ୍ୟାଚ୍ ଆସନ୍ତା ୨୫ ତାରିଖରେ ସିଡ୍‌ନୀଠାରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଆରମ୍ଭରୁ ଅଧିନାୟକ ଶୁବମନ ଗିଲ (୯) ଓ କୋହଲି (୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ରୋହିତ ଓ ଉପ ଅଧିନାୟକ ଶ୍ରେୟସ ଆୟାର ତୃତୀୟ ଉଇକେଟରେ ୧୧୮ ରନର ପାର୍ଟନରଶିପ୍ କରିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ରୋହିତ ୭୩ (୭ ଚୌକା ଓ ୨ ଛକା) ଏବଂ ଶ୍ରେୟସ ୬୧ (୭ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଲୋକେଶ ରାହୁଲ (୧୧), ୱାଶିଂଟନ ସୁନ୍ଦର (୧୨), ଅକ୍ଷର ପଟେଲ (୪୪ ରନ୍, ୫ ଚୌକା) ଓ ନୀତୀଶ ରେଡ୍ଡୀ (୮)ଙ୍କ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ହର୍ଷିତ ରାଣା (୨୪ ରନ, ୩ ଚୌକା) ଓ ଅର୍ଶଦୀପ ସିଂ (୧୩ ରନ୍, ୨ ଚୌକା) ୯ମ ଉଇକେଟ ପାଇଁ ଦଳୀୟ ସ୍କୋରରେ ଦ୍ରୁତ ୩୭ ରନ ଯୋଡ଼ିଥିଲେ। ଫଳରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୬୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୪, ଜାଭିଅର ବାର୍ଟଲେଟ୍ ୩ ଓ ମିଚେଲ ଷ୍ଟାର୍କ ୨ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଇନିଂସ ଆରମ୍ଭରୁ ଅଧିନାୟକ ମିଚେଲ ମାର୍ଶ (୧୧) ଓ ଟ୍ରାଭିସ ହେଡ୍ (୨୮)ଙ୍କ ଉଇକେଟ ହରାଇଥିଲା। ହେଲେ ମଧ୍ୟ କ୍ରମରେ ମାଥ୍ୟୁ ଶର୍ଟ ୭୪ (୪ ଚୌକା ଓ ୨ ଛକା) ଓ ମ୍ୟାଟ ରେନଶ ୩୦ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। କନୋଲି ଓ ମିଚେଲ ଓଓ୍ୱେନ (୩୬ ରନ୍, ୨ ଚୌକା ଓ ୩ ଛକା) ଷଷ୍ଠ ଉଇକେଟରେ ୫୯ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଶେଷ ଆଡ଼କୁ ଭାରତୀୟ ବୋଲରମାନେ ୩ ଉଇକେଟ ହାତେଇଥିଲେ। ହେଲେ ତାହା ଦଳକୁ ଜିତାଇବା ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା। କନୋଲି ୫୩ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ଅପରାଜିତ ୬୧ ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଅଷ୍ଟ୍ରେଲିଆ ୪୬.୨ ଓଭରରେ ୮ ଉଇକେଟ ହରାଇ ୨୬୫ ରନ କରି ନେଇଥିଲା। ଭାରତ ଲାଗି ଅର୍ଶଦୀପ, ହର୍ଷିତ ଓ ସୁନ୍ଦର ୨ ଲେଖାଏ ଏବଂ ମହମ୍ମଦ ସିରାଜ ଓ ଅକ୍ଷର ୧ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୨୬୪/୯(ରୋହିତ ଶର୍ମା-୭୩, ଶ୍ରେୟସ ଆୟାର-୬୧, ଅକ୍ଷର ପଟେଲ-୪୪, ଆଡାମ ଜାମ୍ପା-୪/୬୦, ଜାଭିଅର ବାର୍ଟଲେଟ-୩/୩୯, ମିଚେଲ ଷ୍ଟାର୍କ-୨/୬୨)। ଅଷ୍ଟ୍ରେଲିଆ: ୪୬.୨ ଓଭରରେ ୨୬୫/୮(ମାଥ୍ୟୁ ଶର୍ଟ-୭୪, କୁପର କନୋଲି-୬୧*, ମିଚେଲ ଓଓ୍ୱେନ-୩୬, ୱାଶିଂଟନ ସୁନ୍ଦର-୨/୩୭, ଅର୍ଶଦୀପ ସିଂ-୨/୪୧, ହର୍ଷିତ ରାଣା-୨/୫୯)।




## ମାରାଥନ ବିଶ୍ୱ ରେକର୍ଡଧାରୀ ୩ବର୍ଷ ବାସନ୍ଦ

**ମୋନାକୋ, ୨୩।୧୦ (ଏପି)**

ଡୋପିଙ୍ଗ ନିୟମ ଉଲ୍ଲଂଘନ କରିଥିବା ସ୍ୱୀକାର ପରେ ମହିଳା ମାରାଥନ ବିଶ୍ୱ ରେକର୍ଡଧାରୀ ରୁଥ୍ ଚେପଙ୍ଗିଚ୍ ୩ ବର୍ଷ ବାସନ୍ଦ ହୋଇଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡର ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଗୁରୁବାର ପ୍ରକାଶ କରିଛି। ଚେପଙ୍ଗିଚ୍‌ଙ୍କଠାରୁ ମାର୍ଚ୍ଚ ୧୪ରେ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଡ୍ୟୁରେଟିକ୍ ହାଇଡ୍ରୋକ୍ଲୋରୋଥାଇଜେଡ ଅବା ଏଚ୍‌ସିଟିଜେଡ୍ ଠାବ କରାଯାଇଥିଲା, ଯାହାକି ଶକ୍ତିବର୍ଦ୍ଧକ ଡ୍ରଗ୍ସ ଭାବେ ବ୍ୟବହାର କରାଯାଇଥାଏ। ଏହା ଜଣାପଡ଼ିବା ପରେ ଜୁଲାଇରେ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଗତବର୍ଷ ଚିକାଗୋ ମାରାଥନରେ କେନିଆର ଏହି ଧାବିକା ୨ଘଣ୍ଟା, ୯ ମିନିଟ, ୫୬ ସେକେଣ୍ଡ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରିବା ସହ ପାଖାପାଖି ୨ମିନିଟ ବ୍ୟବଧାନରେ ବିଶ୍ୱ ରେକର୍ଡ କରିଥିଲେ।

## ଆର୍ଯ୍ୟନ, ଗୌରୀଶଙ୍କର ସମ୍ବର୍ଦ୍ଧିତ


ଲାମ୍ବାଚ ଇନ୍ସୁରାନ୍ସ ବ୍ରେକର୍ସ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ।

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରଥମ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କୁ ଲାମ୍ବାଚ ଇନ୍ସୁରାନ୍ସ ବ୍ରେକର୍ସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଆର୍ଯ୍ୟନଙ୍କ କୋଚ୍ ତଥା ବାପା ଗୌରୀଶଙ୍କର ମିଶ୍ର, ସୁରୋଜିତ ବେହେରା, ସ୍ୱସ୍ତିକ ମହାପ୍ରସାଦ ପତିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଆର୍ଯ୍ୟନ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଯୋଗ ଓ ନେଚରୋପାଥିର ପ୍ରଥମ ବର୍ଷ ଛାତ୍ର। ଲାମ୍ବାଚ ଇନ୍ସୁରାନ୍ସ ବ୍ରେକର୍ସର ନିର୍ଦ୍ଦେଶକ ଅଭିଜିତ ମହାନ୍ତି ଓ ଆର୍ଯ୍ୟା ଡିଜାଇନ ଷ୍ଟୁଡିଓର ଏମ୍‌ଡି ଆର୍ଯ୍ୟସ ଦାସ ଉପସ୍ଥିତ ରହି ୪ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆଗକୁ ରାଜ୍ୟରେ ହ୍ୟାଣ୍ଡବଲ କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ଲାମ୍ବାଚ ପକ୍ଷରୁ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିକଟରେ ପ୍ରଥମ ରାଜ୍ୟ ଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଆର୍ଯ୍ୟନ ଅଂଶଗ୍ରହଣ କରି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି ପ୍ରଥମ ଯୁବ ଏସିଆନ୍ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଭାରତୀୟ ଦଳର କୋଚ ଭାବେ ଗୌରୀଶଙ୍କର ମିଶ୍ର ଜୋର୍ଡାନ ଗସ୍ତ କରିଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପ୍ରଶିକ୍ଷଣ ଦେବାର ଅନୁଭୂତିକୁ ସ୍ୱୀକୃତି ଜଣାଇ ଲାମ୍ବାଚ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ସୌରାଷ୍ଟ୍ର ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ବିସିସିଆଇର ଘରୋଇ କ୍ରିକେଟ ଅନ୍ତର୍ଗତ ୧୯ ବର୍ଷରୁ କମ୍ ମହିଳା ଟି୨୦ ପ୍ରତିଯୋଗିତାର ଏଲିଟ ଗ୍ରୁପ୍ 'ବି' ମ୍ୟାଚ ଚଳିତ ମାସ ୨୬ରୁ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳ ଗୁରୁବାର ଛତିଶଗଡ଼ର ରାୟପୁର ଯାତ୍ରା କରିଛି। ଓଡ଼ିଶା ଦଳ ୨୬ରେ ସୌରାଷ୍ଟ୍ର ବିପକ୍ଷ ମ୍ୟାଚରୁ ଅଭିଯାନ ଆରମ୍ଭ କରିବ। ଏହାପରେ ୨୭ରେ ଭିଲାଇଠାରେ ଉତ୍ତର ପ୍ରଦେଶ, ୨୯ରେ ରାୟପୁରଠାରେ ଝାଡ଼ଖଣ୍ଡ, ୩୧ରେ ଭିଲାଇଠାରେ ଗୁଜରାଟ ଏବଂ ନଭେମ୍ବର ୨ରେ ରାୟପୁରଠାରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ପ୍ରିୟଙ୍କରି ମୁଦୁଲି (ଅଧିନାୟିକା), ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ, ଅନୁଷ୍କା ମହାନ୍ତି, ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପ୍ସିତା ପରିଡ଼ା, ଜସମୁନି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂ, ସ୍ୱାତିକା ବେହେରା, ଯୁବଲିପି ପରିଡ଼ା। କୋଚ୍: କାଦମ୍ବିନୀ ମହାକୁଡ଼, ମ୍ୟାନେଜର: ତିଳୋତ୍ତମା ସାହୁ।


ଓଡ଼ିଶା ମହିଳା ଦଳ।

## ଭୁବନେଶ୍ୱର ଭେଟେରାନ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ।

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ-୧ ଏକାଡେମୀ ଖେଳ ପଡ଼ିଆରେ ୪ଟି ଭେଟେରାନ ଫୁଟବଲ ଦଳକୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଭେଟେରାନ ଟାଇବ୍ରେକର ୫-୪ ଗୋଲରେ ବିଡ଼ାନାସୀ ଦଳକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ଦଳ କଟକର ରେଭେନ୍‌ଶା ମର୍ନିଂ କ୍ଲବକୁ ଟାଇବ୍ରେକର ୩-୨ ଏବଂ ଦ୍ୱିତୀୟ ସେମିରେ ବିଡ଼ାନାସୀ ଦଳ ୬-୧ ଗୋଲରେ ଜାଗମରା ଦଳକୁ ହରାଇ ଦେଇଥିଲା। ରଞ୍ଜନ ଭୋଇ ଶ୍ରେଷ୍ଠ ଗୋଲରକ୍ଷକ, ରମେଶ ଟାଟର ଶ୍ରେଷ୍ଠ ରକ୍ଷଣଭାଗ, ଅକ୍ଷୟ ଦାସ ଶ୍ରେଷ୍ଠ ମଧ୍ୟଭାଗ ଓ କେ.ସି. ବେହେରା ଶ୍ରେଷ୍ଠ ଫରୱାର୍ଡ ଖେଳାଳି ବିବେଚିତ ହୋଇଥିଲେ। ଅନୁଗୋଳ-ସୁକିନ୍ଦା ରେଲୱେର ଏମ୍‌ଡି ଦିଲୀପ କୁମାର ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଶୋକ କୁମାର ପଟ୍ଟନାୟକ, ଆୟୋଜକ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରୁପ୍ 'ଏ'ରେ ଓଡ଼ିଶା


ଓଡ଼ିଶା ସବ୍‌ଜୁନିୟର ବାଳକ ଫୁଟବଲ ଦଳ।

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ପଞ୍ଜାବର ଅମୃତସରଠାରେ ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚଳିତ ମାସ ୨୭ରୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଗ୍ରୁପ୍ 'ଏ'ରେ ମଣିପୁର,

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

ମିଜୋରାମ ଓ ବିହାର ସହିତ ସ୍ଥାନ ପାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ୪ ଅଫିସିଆଲଙ୍କ ସହ ମୋଟ ୨୦ ଜଣିଆ ଓଡ଼ିଶା ଦଳ ଗୁରୁବାର ଅମୃତସର ଯାତ୍ରା କରିଛି। ଓଡ଼ିଶା ଦଳକୁ ବିଦାୟ ଦେବା ପୂର୍ବରୁ ଅନୁଷ୍ଠିତ ଫଟୋ ସେସନରେ ଫୁଟବଲ ଆସୋସିଏଶନ (ଫାଓ) ଉପସଭାପତି ସହଦେବ ରାଉତ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ସଦସ୍ୟ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଫାଓ ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ୨୭ ତାରିଖରେ ମିଜୋରାମ ସହିତ ଖେଳିବ। ଏହାପରେ ୨୯ରେ ମଣିପୁର ଓ ୩୧ରେ ବିହାର ବିପକ୍ଷରେ ମୁକାବିଲା କରିବ।

## ୫,୦୦୦ ମିଟର ଚାଲିରେ ରଞ୍ଜନାଙ୍କୁ ରୌପ୍ୟ

**ରିଫା, ୨୩।୧୦ (ପି.ଟି.):** ସ୍ଥାନୀୟ ବାହାରିନ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସର ୫,୦୦୦ ମିଟର ବାଳିକା ଚାଲିରେ ଭାରତର ରଞ୍ଜନା ଯାଦବ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ରଞ୍ଜନା ୨୩ ମିନିଟ୍ ୨୫.୮୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ଚାଇନାର ଲିୟୁ ଶିଓ୍ୱଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ମନ୍ଧାନା, ପ୍ରତୀକାଙ୍କ ଶତକ

**ନଭି ମୁମ୍ବାଇ, ୨୩।୧୦**

ଚଳିତ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଛନ୍ତି। ସ୍ମୃତି ମନ୍ଧାନା ଓ ପ୍ରତୀକା ରାଓ୍ୱଲଙ୍କ ଶତକ ଏବଂ ଓପନିଂ ଉଇକେଟ ପାଇଁ ୨୧୨ ରନର ଭାଗୀଦାରିତା ଯୋଗୁ ଭାରତୀୟ ଦଳ ୩୪୦ ରନର ସ୍କୋର ଛିଡ଼ା କରିଛି। ଏହା

**ମହିଳା କ୍ରିକେଟ୍ ବିଶ୍ୱକପ୍**

ମହିଳା ବିଶ୍ୱକପ୍‌ରେ ଭାରତୀୟ ଦଳ ଲାଗି ସର୍ବାଧିକ ଦଳଗତ ସ୍କୋର। ବର୍ଷା କାରଣରୁ ଡିଏଲ୍‌ଏସ୍ ମେଥଡରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୪୪ ଓଭରରେ ୩୨୫ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଛି। ଜବାବରେ ନ୍ୟୁଜିଲାଣ୍ଡ ୧୦ ଓଭର ଶେଷ ସୁଦ୍ଧା ୨ ଉଇକେଟ ହରାଇ ୫୧ ରନ କରିଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡେଭିନ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ





ଶତକ ହାସଲ ପରେ ସ୍ମୃତି ମନ୍ଧାନା ଓ ପ୍ରତୀକା ରାଓ୍ୱଲ।

କରିଥିବା ଭାରତୀୟ ଦଳକୁ ମନ୍ଧାନା ଓ ପ୍ରତୀକା ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୩୩.୨ ଓଭରରେ ୨୧୨ ରନର ଭାଗୀଦାରିତା କରିଥିଲେ। ଏହା ମହିଳା ବିଶ୍ୱକପ୍ ଇତିହାସରେ ଭାରତୀୟ ଦଳ ଲାଗି ଯେକୌଣସି ଉଇକେଟ ପାଇଁ ସର୍ବାଧିକ। ଏଥିପୂର୍ବରୁ ଏହି ରେକର୍ଡ ମନ୍ଧାନା ଓ ହରମନପ୍ରୀତ କୌରଙ୍କ ନାମରେ ଥିଲା। ଦୁହେଁ ୨୦୨୨ ଦିନିକିଆ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ୧୮୪ ରନର ପାର୍ଟନରଶିପ୍ କରିଥିଲେ। ମନ୍ଧାନା ୯୫ ବଲରେ ୧୦ ଚୌକା ଓ ୪ ଛକା ସହିତ ୧୦୯ ରନର ଇନିଂସ ଖେଳି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ୧୪ତମ ଓ ଚଳିତ ବର୍ଷର ପଞ୍ଚମ ଶତକ ଥିଲା। ସେ ଏବେ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ୧୫ ଶତକ କରିଥିବା ମେଗ ଲାନିଂଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୩ୟ କ୍ରମରେ ଆସିଥିବା ଜେମିମା ରୋଡ୍ରିଗ୍ସଙ୍କ ସହ ପ୍ରତୀକା ଦ୍ୱିତୀୟ ଉଇକେଟରେ ୭୬ ରନ ଯୋଡ଼ିଥିଲେ। ପ୍ରତୀକା ୧୩୪ ବଲରେ ୧୨୨ ରନ କରି ଆଉଟ୍ ହୋଇଥିଲା। ତାଙ୍କ ଇନିଂସରେ ୧୩ ଚୌକା ଓ ୨ ଛକା ସାମିଲ ଥିଲା। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଦିନିକିଆ ଓ ପ୍ରଥମ ବିଶ୍ୱକପ୍ ଶତକ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ଜେମିମା ଦଳୀୟ ସ୍କୋରକୁ ଏକାକୀ ଆଗେଇ ନେଇଥିଲେ। ସେ ୫୫ ବଲରେ ୧୧ ଚୌକା ସହାୟତାରେ ୭୬ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ହରମନପ୍ରିତ କୌର ୧୦ ଓ ରିଚା ଘୋଷ ୪ ରନ କରିଥିଲେ। ବର୍ଷା କାରଣରୁ ଭାରତୀୟ ଦଳର ଇନିଂସକୁ ୪୯ ଓଭରରେ ସୀମିତ ରଖାଯାଇଥିଲା। ଭାରତ ନିର୍ଦ୍ଧାରିତ ୪୯ ଓଭରରେ ୩ ଉଇକେଟ ହରାଇ ୩୪୦ ରନ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୯ ଓଭରରେ ୩୪୦/୩ (ପ୍ରତୀକା ରାଓ୍ୱଲ-୧୨୨, ସ୍ମୃତି ମନ୍ଧାନା-୧୦୯, ଜେମିମା ରୋଡ୍ରିଗ୍ସ-୭୬*, ସୁଜି ବେଟ୍ସ-୧/୪୦, ରୋଜମେରୀ ମେର-୧/୫୨)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ